# ଧରିତ୍ରୀ DHARITRI

ଭୁବନେଶ୍ୱର, ରବିବାର, ଏପ୍ରିଲ ୫/୨୦୨୬ (୧୬ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, April 5/2026 | Page 16 | ₹ 7.00

୫୨ଶ ଭାଗ ୧୩୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 130 | ମୂଲ୍ୟ ₹୭/-







ମାଲଦାରେ ତୃଣମୂଳ କଂଗ୍ରେସର ନିର୍ବାଚନ ପ୍ରଚାର ବେଳେ କଳାକାରଙ୍କ ସହ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ। (ଫଟୋ: ପି.ଟି.)

# ତ୍ରିଭାଷୀ ସୂତ୍ର ହିନ୍ଦୀ ଲଦିବା ପାଇଁ ପରିବର୍ତ୍ତିତ ବ୍ୟବସ୍ଥା: ଷ୍ଟାଲିନ୍

ଚେନ୍ନାଇ/ନୂଆଦିଲ୍ଲୀ,୪।୪(ପି.ଟି.)


ଏମ୍.କେ. ଷ୍ଟାଲିନ୍

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍ଇ) ନୂଆ ପାଠ୍ୟକ୍ରମ ଜାରି କରିଥିବାବେଳେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ଶନିବାର ଏହାକୁ ସମାଲୋଚନା କରିଛନ୍ତି। ସେ କହିଛନ୍ତି, ତଥାକଥିତ ତ୍ରିଭାଷୀ ସୂତ୍ର ବାସ୍ତବରେ ଅଣହିନ୍ଦୀ ଭାଷାଭାଷୀ ଅଞ୍ଚଳଗୁଡ଼ିକରେ ହିନ୍ଦୀର ପ୍ରସାର ପାଇଁ ଏକ ପରିବର୍ତ୍ତିତ ବ୍ୟବସ୍ଥା। ଶିକ୍ଷାବୋର୍ଡ ଦ୍ୱାରା ପ୍ରସ୍ତୁତ ପାଠ୍ୟକ୍ରମ ଢାଞ୍ଚା ଜାତୀୟ ଶିକ୍ଷାନୀତି,୨୦୨୦ ଅନୁଯାୟୀ ହୋଇଛି, ଯାହା ଏକ ସାଧାରଣ ଶିକ୍ଷା ସଂସ୍କାର ନ ଥିଲା ବୋଲି ଡିଏମ୍କେ ଅଧ୍ୟକ୍ଷ ଷ୍ଟାଲିନ୍ ଅଭିଯୋଗ କରିଛନ୍ତି। ଭାଷାକୁ ଜବରଦସ୍ତ ଲଦିଦେବା ପାଇଁ ଏହା ଏକ ମାପଚୁପ ଏବଂ ଗଭୀର ଚିନ୍ତାଜନକ ଉଦ୍ୟମ, ଯାହା ଆମର ଦୀର୍ଘଦିନର ଆଶଙ୍କାକୁ ସତ୍ୟ ପ୍ରମାଣିତ କରିଛି। ଭାରତୀୟ ଭାଷାକୁ ପ୍ରୋତ୍ସାହିତ କରିବା ଆଳରେ ଭାଜପା ନେତୃତ୍ୱାଧୀନ ଏନ୍ଡିଏ ସରକାର ହିନ୍ଦୀ ଭାଷାକୁ ସ୍ୱତନ୍ତ୍ର ପ୍ରାଧାନ୍ୟ ଦେଇ ଭାରତର ସମୃଦ୍ଧ ତଥା ବିବିଧ ଭାଷା ଐତିହ୍ୟକୁ ବ୍ୟବସ୍ଥିତ ଭାବେ ଅବହେଳା କରିବା ସହ କେନ୍ଦ୍ରୀକରଣ ନୀତିକୁ ଜୋର୍ସୋରରେ ଆଗେଇ ନେଉଛନ୍ତି। ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକରେ ଏହି ପରିବର୍ତ୍ତିତ ପାଠ୍ୟକ୍ରମ ଅର୍ଥ ହିନ୍ଦୀ ଶିକ୍ଷାକୁ ବାଧ୍ୟତାମୂଳକ କରିବା ବୋଲି ଷ୍ଟାଲିନ୍ ଅଭିଯୋଗ କରିଛନ୍ତି।

ଅନ୍ୟପକ୍ଷରେ ଷ୍ଟାଲିନ୍ଙ୍କ ତ୍ରିଭାଷୀ ସୂତ୍ର ସମାଲୋଚନାକୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନିନ୍ଦା କରିଛନ୍ତି। ରାଜନୈତିକ ବିଫଳତାକୁ ଲୁଚାଇବା ପାଇଁ 'ଭାଷା ଲଦିଦେବା' ଅଭିଯୋଗ ଏକ କ୍ଳାନ୍ତ ପ୍ରୟାସ ବୋଲି ସେ କହିଛନ୍ତି। ହିନ୍ଦୀକୁ ବାଧ୍ୟତାମୂଳକ କରାଯାଉଛି କହି ଆପଣ ତାମିଲ ଭାଷାକୁ ରକ୍ଷା କରୁନାହାନ୍ତି, ବରଂ ପିଲାଙ୍କୁ ବହୁଭାଷୀ ବିଶ୍ୱନେତା ହେବା ସୁଯୋଗରୁ ବଞ୍ଚିତ କରୁଛନ୍ତି ବୋଲି ଧର୍ମେନ୍ଦ୍ର କହିଛନ୍ତି।

## ସଂକ୍ଷେପରେ

### ଇରାନ ତୈଳ ଜାହାଜ ଚାଇନା ମୁହାଁଇବା ପଛରେ ଦେୟ ସମସ୍ୟା ଅଭିଯୋଗକୁ ଭାରତର ଖଣ୍ଡନ

ନୂଆଦିଲ୍ଲୀ,୪।୪: ଇରାନରୁ ଅଶୋଧିତ ତୈଳ ଆମଦାନୀରେ ଦେୟ ପୈଠଜନିତ କୌଣସି ସମସ୍ୟା ନାହିଁ ବୋଲି ଭାରତ କହିଛି। ସେଠାରୁ ଭାରତୀୟ ତୈଳ ବିଶୋଧନକାରୀ କମ୍ପାନୀଗୁଡ଼ିକ ଇରାନ ସମେତ ବିଭିନ୍ନ ଦେଶରୁ କ୍ରୁଡ୍ ଆମଦାନୀ ଜାରି ରଖିଥିବା ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଇରାନରୁ ଅଶୋଧିତ ତୈଳ ଆଣି ଭାରତ ଆସୁଥିବା ଏକ ଜାହାଜ ମଝିରୁ ଚାଇନା ଆଡ଼କୁ ମୁହାଁଇବା ପଛରେ ଦେୟ ପୈଠ ସମସ୍ୟା ରହିଥିବା ଖବର ପ୍ରକାଶ ପାଇଥିଲା। ମନ୍ତ୍ରଣାଳୟ ଏହାକୁ ଖଣ୍ଡନ କରିଛି। ଯାତ୍ରା ସମୟରେ ପଣ୍ୟବାହୀ ଜାହାଜଗୁଡ଼ିକ ଗତିପଥ ପରିବର୍ତ୍ତନ କରିଥାନ୍ତି। କମ୍ ଖର୍ଚ୍ଚରେ ଅଧିକ ଲାଭ ପାଇବା ପାଇଁ ବାଣିଜ୍ୟିକ ପ୍ରକ୍ରିୟାକୁ ସର୍ବୋତ୍ତମ ଉପାୟରେ ପରିଚାଳନା କରିବା ଏକ ସାଧାରଣ ଉଦ୍ୟୋଗିକ କାର୍ଯ୍ୟଧାରା ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

### ୟୁକ୍ରେନ୍ ଉପରେ ରୁଷିଆର ଡ୍ରୋନ୍ ଆକ୍ରମଣ: ୫ ମୃତ

କିଭ୍,୪।୪ : ୟୁକ୍ରେନ୍ର ନିକୋପୋଲ୍ ସହର ଅନ୍ତର୍ଗତ ଏକ ବଜାର ଉପରେ ଶନିବାର ସକାଳେ ରୁଷିଆ ଡ୍ରୋନ୍ ମାଡ଼ କରିବାରୁ ଅନ୍ୟୂନ ୫ ଜଣଙ୍କ ମୃତ୍ୟୁ ଘଟିବା ସହ ୧୯ ଜଣ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ୩ ଜଣ ମହିଳା ଓ ୨ ଜଣ ପୁରୁଷ ରହିଥିବା ଆଞ୍ଚଳିକ ଗଭର୍ନର ଓଲେକ୍ସାଣ୍ଡର ଗାଞ୍ଜା ଗଣମାଧ୍ୟମକୁ କହିଛନ୍ତି। ୧୯ ଆହତଙ୍କ ମଧ୍ୟରୁ ଜଣେ ନାବାଳିକା ସଙ୍କଟାପନ୍ନ ଥିବା ଜଣାପଡ଼ିଛି। ନିକୋପୋଲ ରୁଷିଆ ଅଧିକୃତ ଅଞ୍ଚଳର ନିକଟତର ହୋଇଥିବାରୁ ଏହା କ୍ରମାଗତ ଭାବେ ଆକ୍ରମଣର ଶିକାର ହୋଇଆସୁଛି। ପୂର୍ବରୁ ରୁଷିଆ ରାତି ସମୟରେ ଆକ୍ରମଣ କରୁଥିଲାବେଳେ ଏବେ ଦିନବେଳା ଆକ୍ରମଣ ବୃଦ୍ଧି ପାଇଛି।

### ୬୦ ଫୁଟ୍ ଉଚ୍ଚର ଦୋଳି ଭୁଶୁଡ଼ି ୩୦ ଆହତ

ଲକ୍ଷ୍ନୌ,୪।୪ : ଉତ୍ତର ପ୍ରଦେଶର କୁଶିନଗର ଅନ୍ତର୍ଗତ ଖାଡ୍ଡା ଅଞ୍ଚଳରେ ଚୈତବରନି ମେଳା ଚାଲିଥିବାବେଳେ ୬୦ ଫୁଟ୍ ଉଚ୍ଚର ଏକ ଦୋଳି ଭୁଶୁଡ଼ି ୩୦ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧୦ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ଦୋଳିରେ ପ୍ରାୟ ୮୦ ଜଣ ବସିଥିବାରୁ ଏହା ଅଧିକ ଗହଳି ହୋଇଥିଲା। ୨ ଥର ବୁଲିବା ପରେ ଏକ ଶବ୍ଦ ହୋଇଥିଲା ଓ ଦୋଳି ଏହାର ବେସ୍ରୁ ଉପୁଡ଼ି ପଡ଼ିଥିଲା। ଫଳରେ ଦୋଳିରେ ବସିଥିବା ଲୋକମାନେ ଛିଟିକି ପଡ଼ିଥିଲେ ଓ କେତେଜଣ ଏହା ତଳେ ଚାପିହୋଇ ଯାଇଥିଲେ। ମେଳାରେ ଉପସ୍ଥିତ ପୋଲିସ ଓ ସ୍ଥାନୀୟ ଲୋକେ ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇଥିଲେ। ଆହତମାନଙ୍କୁ ୬ଟି ଆମ୍ବୁଲାନ୍ସ ସହାୟତାରେ ହସ୍ପିଟାଲ ପଠାଯିବା ପରେ ଗୁରୁତରଙ୍କୁ ଜିଲା ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି।

# ଡିଲ୍ କର, ନଚେତ୍ ହର୍ମୁଜ୍ ଖୋଲ

କାଏରୋ/ତେହରାନ୍/ୱାଶିଂଟନ୍, ୪।୪ (ଏ.ପି./ଅଲ୍ଜଜିରା)

## ୪୮ ଘଣ୍ଟିଆ ମହଲତ ଦେଲେ ଟ୍ରମ୍ପ



ସମୟ ଯେତିକି ଗଡ଼ିଚାଲିଛି ମଧ୍ୟପ୍ରାଚ୍ୟ ଯୁଦ୍ଧର ମୋଡ଼ ସେତିକି ବଦଳିବାରେ ଲାଗିଛି। ଇରାନ୍ ପକ୍ଷରୁ ଇସ୍ରାଏଲ୍ ସମେତ ଉପସାଗରୀୟ ଅଞ୍ଚଳରେ ଥିବା ଆମେରିକୀୟ ସେନା ଘାଟିଗୁଡ଼ିକ ଉପରେ ଘନଘନ ଆକ୍ରମଣ ଜାରି ରହିଥିବାବେଳେ ଶୁକ୍ରବାର ୨ ୟୁଏସ୍ ଏୟାରକ୍ରାଫ୍ଟ ଖସିପଡ଼ିବା ଘଟଣା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ବ୍ୟଥିତ କରିଛି। ଟ୍ରମ୍ପ ଶନିବାର ଇରାନ୍କୁ ୪୮ ଘଣ୍ଟିଆ ମହଲତ ଦେଇ କହିଛନ୍ତି, ଏହି ଅବଧି ଭିତରେ ତେହରାନ୍ ଶାନ୍ତି ପାଇଁ ଡିଲ୍ କରୁ, ନଚେତ୍ ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍କୁ ଜାହାଜ ଚଳାଚଳ ପାଇଁ ଅବରୋଧ ମୁକ୍ତ କରୁ। ଅନ୍ୟଥା ଆମେରିକା ଯେଉଁ କାର୍ଯ୍ୟାନୁଷ୍ଠାନ ନେବାକୁ ଯାଉଛି ତାକୁ ସାମ୍ନା କରିବାକୁ ପଡ଼ିବ। ପୂର୍ବରୁ ସେ ଏଥିପାଇଁ ୧୦ ଦିନର ମହଲତ ଦେଇଥିଲେ। କିନ୍ତୁ ଏଥର ଆଉ ଅଧିକ ସମୟ ଦେବେ ନାହିଁ ବୋଲି ଟ୍ରୁଥ୍ ସୋସିଆଲରେ ଟ୍ରମ୍ପ ଉଲ୍ଲେଖ କରିଛନ୍ତି।

ଏହା ପୂର୍ବରୁ ଇରାନ୍ ବହିର୍ବ୍ୟାପାର ମନ୍ତ୍ରୀ ଅବ୍ବାସ ଅରାଘଚି କହିଥିଲେ, ପାକିସ୍ତାନ ମଧ୍ୟସ୍ଥତାରେ ଚାଲିଥିବା ଶାନ୍ତି ଆଲୋଚନାକୁ ତେହରାନ୍ ଅଗ୍ରାହ୍ୟ କରିନାହିଁ। ପାକିସ୍ତାନ ପ୍ରତି ଆମେ କୃତଜ୍ଞ। କିନ୍ତୁ ଆମେରିକା ଆମ ଉପରେ ଲଦି ଦେଇଥିବା ବେଆଇନ ଯୁଦ୍ଧର ଚୂଡ଼ାନ୍ତ ନିଷ୍କର୍ଷ ବାହାରିବା ଆବଶ୍ୟକ। କେବଳ ଏହି ବିଷୟକୁ ନେଇ ତେହରାନ୍ ଚିନ୍ତିତ ବୋଲି Xରେ ସେ ଉଲ୍ଲେଖ କରିଥିଲେ। ଏଥିସହ ଇରାନ୍ର ଆଭିମୁଖ୍ୟକୁ ଆମେରିକୀୟ ଗଣମାଧ୍ୟମ ଭୁଲ୍ ଭାବେ ଉପସ୍ଥାପନ କରୁଥିବା ସେ ଅଭିଯୋଗ ଆଣିଥିଲେ। ପାକିସ୍ତାନ ମଧ୍ୟ ଆମେରିକା-ଇରାନ୍ ମଧ୍ୟରେ ଶାନ୍ତି ଆଲୋଚନା ବନ୍ଦ ହୋଇଯାଇଥିବା ନେଇ ପ୍ରକାଶିତ ରିପୋର୍ଟକୁ ଖଣ୍ଡନ କରିଛି। ବୁଝାମଣା ଓ ବିଚାରବିମର୍ଶ ଜାରି ରହିଥିବା ପାକିସ୍ତାନ ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ତାହିର ଅନ୍ଦ୍ରାବି ଏକ ବିବୃତିରେ ସୂଚନା ଦେଇଛନ୍ତି।

ସେପଟେ ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍ ଖୋଲିବା ନେଇ ଦେଶଗୁଡ଼ିକ ପକ୍ଷରୁ ଆଇନଗତ ପଦକ୍ଷେପ ଲାଗି ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍ଏସ୍ସି)ରେ କ୍ଷମତା ପ୍ରଦାନ ସଂକ୍ରାନ୍ତ ସଂକଳ୍ପନାମା ଶନିବାର ଅଣାଯିବାକୁ ସ୍ଥିର ହୋଇଥିଲା। କିନ୍ତୁ ୟୁଏନ୍ଏସ୍ସିର ସ୍ଥାୟୀ ସଦସ୍ୟ ରୁଷିଆ ଓ ଚାଇନା ସମେତ ଫ୍ରାନ୍ସର

### ତେହରାନ୍: ଆଲୋଚନାକୁ ଆଗ୍ରହ କିନ୍ତୁ ସତର୍କ

ବିରୋଧ ଯୋଗୁ ଏହି ରିଜୋଲ୍ୟୁଶନ୍ ଉପରେ ମତଦାନକୁ ବାହାରିନ୍ ପକ୍ଷରୁ ସାମୟିକ ଭାବେ ସ୍ଥଗିତ ରଖାଯାଇଛି।

ଇରାନ୍ରେ ଖସିପଡ଼ିଥିବା ଆମେରିକୀୟ ଏଫ୍-୧୫ ଯୁଦ୍ଧବିମାନର କ୍ରିଉ ମେମ୍ବରଙ୍କୁ ଖୋଜି ବାହାର କରିବା ପାଇଁ ତେହରାନ୍ ଜନସାଧାରଣଙ୍କୁ ନିର୍ଦ୍ଦେଶ ଦେଇଛି। ଏପରି କି ଯିଏ କ୍ରିଉଙ୍କ ସମ୍ପର୍କରେ ସୂଚନା ଦେବେ ତାଙ୍କୁ ପୁରସ୍କାର ଦିଆଯିବ ବୋଲି ଇରାନ୍ ଘୋଷଣା କରିଛି।

# ୪ ମହଲା ଭୁଶୁଡ଼ି ଜଣେ ମୃତ, ୧୦ ଫସିଥିବା ଆଶଙ୍କା

ଅନୁପୁର,୪।୪

ମଧ୍ୟପ୍ରଦେଶର ଅନୁପୁର ଜିଲା ଅନ୍ତର୍ଗତ କୋଟମା ସହରରେ ଶନିବାର ସନ୍ଧ୍ୟାରେ ଏକ ୪ ମହଲା କୋଠା ଭୁଶୁଡ଼ିପଡ଼ିବାରୁ ଜଣେ ପ୍ରାଣ ହରାଇଥିବାବେଳେ ୭ରୁ ୧୦ ଜଣ ଭଗ୍ନାବଶେଷ ତଳେ ଫସିରହିଥିବା ଆଶଙ୍କା କରାଯାଉଛି। ବସ୍ଷ୍ଟାଣ୍ଡ ନିକଟରେ ଥିବା ଅଗ୍ରୱାଲ ଲଜ୍ ବିଲ୍ଡିଂ ଭୁଶୁଡ଼ିବା ସମୟରେ ବିସ୍ଫୋରଣ ଭଳି ଶବ୍ଦ ସୃଷ୍ଟି ହେବା ସହ ଧୂଳିର ବାଦଲ ଛାଇଯାଇଥିଲା। ଭଗ୍ନାବଶେଷ ତଳୁ ଗୋଟିଏ ମୃତଦେହ ମିଳିଥିବାବେଳେ ପୋତିହୋଇ ରହିଥିବା ଅନ୍ୟମାନଙ୍କୁ ବାହାର କରିବା ଲାଗି ଉଦ୍ୟମ ଜାରି ରହିଥିବା ଅନୁପୁର ଏସ୍ପି କହିଛନ୍ତି। ବିଲ୍ଡିଂଟି ପ୍ରାୟ ୧୦ ବର୍ଷ ପୁରୁଣା। ପାଖରେ ଚାଲିଥିବା ନିର୍ମାଣ କାର୍ଯ୍ୟ କୋଠା ଭୁଶୁଡ଼ିର କାରଣ ହୋଇପାରେ ବୋଲି ଏସ୍ପି ମୋତିଉର୍ ରହମାନ ଗଣମାଧ୍ୟମକୁ କହିଛନ୍ତି।

# ଦକ୍ଷିଣ ଭାରତରେ ଲୋକ ସଭା ଆସନ କମିବ ନାହିଁ: ମୋଦି

ଥିରୁଭାଲ୍ଲା,୪।୪

ସଫଳତାର ସହ ଜନସଂଖ୍ୟା ନିୟନ୍ତ୍ରଣ କରିଥିବା ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକରେ ଲୋକ ସଭା ଆସନ ସଂଖ୍ୟା କମିବ ନାହିଁ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କେରଳର ଥିରୁଭାଲ୍ଲାଠାରେ ଏକ ରାଲିକୁ ସମ୍ବୋଧନକରି କହିଛନ୍ତି। ସାରା ଦେଶରେ ଲୋକ ସଭା ଆସନ ସଂଖ୍ୟା ବଢ଼ିବାକୁ ଥିବାରୁ ରାଜ୍ୟଗୁଡ଼ିକୁ ଅଧିକ ଲାଭ ମିଳିବ। ଏନ୍ଡିଏର ଏକ ନିର୍ବାଚନୀ ରାଲିରେ ମୋଦି କହିଛନ୍ତି, ଲୋକ ସଭା ଏବଂ ରାଜ୍ୟ ବିଧାନସଭାଗୁଡ଼ିକରେ ମହିଳାମାନଙ୍କ ପାଇଁ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣକୁ ସୁନିଶ୍ଚିତ କରିବା ନିମନ୍ତେ ଆଇନରେ ସଂଶୋଧନ କରାଯିବ। ସେଥିପାଇଁ ଏପ୍ରିଲ ୧୬ରୁ ୧୮ ପାର୍ଲାମେଣ୍ଟର ସ୍ୱତନ୍ତ୍ର ଅଧିବେଶନ ଡକାଯାଇଛି। ଏହି ଅଧିବେଶନରେ ଲୋକ ସଭା ଆସନ ସଂଖ୍ୟା ୫୪୩ରୁ ୮୧୬କୁ ବୃଦ୍ଧି କରାଇବା ଏବଂ ମହିଳା ସଂରକ୍ଷଣକୁ କାର୍ଯ୍ୟକାରୀ କରିବା ଉପରେ ଆଲୋଚନା ହେବ। ପ୍ରଧାନମନ୍ତ୍ରୀ ରବିବାର ପଶ୍ଚିମବଙ୍ଗର କୁଚ୍ବିହାରରେ ଆନୁଷ୍ଠାନିକ ଭାବେ ଭାଜପାର ପ୍ରଚାର ଆରମ୍ଭ କରିବେ।

# ଟ୍ରମ୍ପ ପ୍ରଶାସନଠାରୁ ଇରାନ ହାଜତ ବେଶୀ ସୁରକ୍ଷିତ

ତେହରାନ୍,୪।୪

## ପାଇଲଟ୍ଙ୍କ ମା'ଙ୍କୁ କହିଲା ତେହରାନ୍

ଇରାନକୁ ଆକ୍ରମଣ କରିବାକୁ ଆସି ନିଖୋଜ ହୋଇଯାଇଥିବା ଏଫ୍-୧୫ଇ ଷ୍ଟାଇକ୍ ଇଗଲ୍ ଏୟାରକ୍ରାଫ୍ଟ କ୍ରିଉ ସଦସ୍ୟଙ୍କୁ କେବଳ ତେହରାନ୍ ଖୋଜୁନାହିଁ, ଆମେରିକା ଏୟାରଫୋର୍ସ ମଧ୍ୟ ତାଙ୍କୁ ସୁରକ୍ଷିତ ଉଦ୍ଧାର କରିବା ଲାଗି ପ୍ରୟାସ ଚଳାଇଛି। ଏଭଳି ସମୟରେ ଜଣେ ଆମେରିକୀୟ ମହିଳା Xରେ ଲୋକଙ୍କ ଉଦ୍ଦେଶ୍ୟରେ ପୋଷ୍ଟ କରିଛନ୍ତି, ଏଫ୍-୧୫ର ୨ ପାଇଲଟ୍ଙ୍କ ପାଇଁ ପ୍ରାର୍ଥନା କରନ୍ତୁ। ତାଙ୍କ ପୁଅ ମଧ୍ୟ ଜଣେ ପାଇଲଟ୍, ଯାହାଙ୍କ ସହ ଶୁକ୍ରବାର ପରଠୁ ଯୋଗାଯୋଗ ହୋଇପାରି ନାହିଁ। ଏହାକୁ ନେଇ ସେ ଚିନ୍ତିତ ହୋଇପଡ଼ିଛନ୍ତି। ତେଣୁ ସମସ୍ତ ପାଇଲଟ୍ ଓ ସେମାନଙ୍କ ପରିବାରର ସୁରକ୍ଷା ପାଇଁ ଭଗବାନଙ୍କ ନିକଟରେ ପ୍ରାର୍ଥନା କରିବାକୁ ସେ ନିବେଦନ କରିଛନ୍ତି। ପାକିସ୍ତାନସ୍ଥିତ ଇରାନୀୟ ଦୂତାବାସ ସୋସିଆଲ ମିଡିଆରେ ପ୍ରତିକ୍ରିୟା ରଖି ଉଲ୍ଲେଖ କରିଛି, ଆପଣଙ୍କ ପୁଅ ଟ୍ରମ୍ପ ପ୍ରଶାସନ ତୁଳନାରେ ଇରାନ ହାଜତରେ ଅଧିକ ସୁରକ୍ଷିତ ବୋଲି ନିଶ୍ଚିତ ରୁହନ୍ତୁ। ଆପଣ ଭଗବାନଙ୍କ ନିକଟରେ ପ୍ରାର୍ଥନା କରନ୍ତୁ ଯେ, ତାଙ୍କୁ ଆମେରିକୀୟ ରେସ୍କ୍ୟୁ ଟିମ୍ ଖୋଜି ନ ପାଆନ୍ତୁ। ଇରାନ ପାଇଲେ ସେ ନିରାପଦରେ ରହିବେ।

### ଶାହାଙ୍କ ରୋଡ୍ ଶୋ'ରେ ଟିଏମ୍ସି କର୍ମୀ ଧସେଇ ପଶିବା ଘଟଣା

## ୪ ପୋଲିସ ଅଫିସର ନିଲମ୍ବିତ

କୋଲକାତା,୪।୪: ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପାଇଁ ଭାଜପା ନେତା ଶୁଭେନ୍ଦୁ ଅଧିକାରୀଙ୍କ ନାମାଙ୍କନପତ୍ର ଦାଖଲ ବେଳେ ଆଇନଶୃଙ୍ଖଳା ବଜାୟ ରଖିବାରେ ବିଫଳ ହୋଇଥିବା କୋଲକାତାର ୪ ପୋଲିସ ଅଫିସରଙ୍କୁ ତୁରନ୍ତ ନିଲମ୍ବନ କରିବା ପାଇଁ ନିର୍ବାଚନ କମିଶନ (ଇସି) ଶନିବାର ରାଜ୍ୟ ମୁଖ୍ୟ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଗୁରୁବାର ଶୁଭେନ୍ଦୁ ନାମାଙ୍କନପତ୍ର ଦାଖଲ କରିବା ପାଇଁ ରୋଡ୍ ଶୋ'ରେ ଆସିଥିବାବେଳେ ତାଙ୍କ ସହ ସ୍ୱରାଷ୍ଟ୍ର ମନ୍ତ୍ରୀ ଓ ଅନ୍ୟ ନେତାମାନେ ରହିଥିଲେ। ଏହି ସମୟରେ ଟିଏମ୍ସିର କେତେଜଣ କର୍ମୀ ରୋଡ୍ ଶୋ' ମଧ୍ୟକୁ ଧସେଇ ପଶିଥିଲେ।

# ଭୂକମ୍ପରେ ପରିବାରର ୮ ମୃତ

କାବୁଲ,୪।୪

## ଇରାନ ଯୁଦ୍ଧରୁ ବର୍ତ୍ତିବା ପାଇଁ ଆଫଗାନିସ୍ତାନ ଯାଇଥିଲେ

ଇରାନ ଉପରେ ଆମେରିକା ଏବଂ ଇସ୍ରାଏଲ୍ର ଆକ୍ରମଣ ଜାରି ରହିଥିବାବେଳେ ଏଥିରୁ ବର୍ତ୍ତିବା ପାଇଁ ସେଠାର ଏକ ୯ ଜଣିଆ ପରିବାର ୧୫ ଦିନ ପୂର୍ବରୁ ଆଫଗାନିସ୍ତାନ ପଳାଇଆସିଥିଲେ। ହେଲେ ମୃତ୍ୟୁ ସେମାନଙ୍କ ପିଛା ଛାଡ଼ିଲା ନାହିଁ। ସେମାନେ ଆଫଗାନିସ୍ତାନ ରାଜଧାନୀ କାବୁଲ ଉପକଣ୍ଠରେ ଏକ ତମ୍ବୁ ତଳେ ଆଶ୍ରୟ ନେଇଥିବାବେଳେ ଶୁକ୍ରବାର ରାତିରେ ୫.୯ ତୀବ୍ରତାର ଭୂକମ୍ପ ଅନୁଭୂତ ହୋଇଥିଲା। ବର୍ଷା ଯୋଗୁ ଓଦା ଥିବା ପାଖ ଘରର କାନ୍ଥ ଭୂକମ୍ପ ପ୍ରଭାବରେ ଭୁଶୁଡ଼ି ତମ୍ବୁ ଉପରେ ପଡ଼ିବାରୁ ଏହା ତଳେ ଶୋଇଥିବା ପରିବାରର ୮ ଜଣଙ୍କ ଜୀବନ ଚାଲିଯାଇଛି। ମୃତକମାନେ ହେଲେ ମା'ବାପା, ୪ ଝିଅ ଏବଂ ୨ ପୁଅ। ଏକମାତ୍ର ସଦସ୍ୟ ୩ ବର୍ଷୀୟ ପୁଅ ଆରଶ ବଞ୍ଚିଯାଇଛନ୍ତି। ତାଙ୍କୁ ଆହତ ଅବସ୍ଥାରେ ଭଗ୍ନାବଶେଷ ତଳୁ ଉଦ୍ଧାର କରାଯାଇ କାବୁଲର ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତାଲିବାନ୍ ସ୍ୱାସ୍ଥ୍ୟମନ୍ତ୍ରୀ ଶରାଫତ ଜମାନ ଶନିବାର ହସ୍ପିଟାଲ ଯାଇ ଉକ୍ତ ଶିଶୁର ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ବୁଝିଛନ୍ତି। ମୁଣ୍ଡରେ ଗଭୀର କ୍ଷତ ହୋଇଥିବା ଶିଶୁକୁ ଚିକିତ୍ସା କରାଯାଉଛି। ପରିବାରର ମୁଖ୍ୟ ୫୦ ବର୍ଷୀୟ ନଜିବୁଲ୍ଲା ଅତ୍ୟନ୍ତ ଗରିବ ହୋଇଥିବାରୁ ପରିବାର ପାଇଁ ଘର ବ୍ୟବସ୍ଥା କରି ନ ପାରି ତମ୍ବୁ ତଳେ ରହୁଥିଲେ। ବର୍ଷା ଏବଂ ଅଧିକ ଥଣ୍ଡା ପଡ଼ିଥିବାରୁ ବାହାରେ ନ ରହି ଘରେ ରାତିକ ପାଇଁ ଆଶ୍ରୟ ନେବାକୁ ପଡ଼ୋଶୀ ମୋହିବୁଲ୍ଲା ନିଆଜି ଡାକିଥିଲେ ମଧ୍ୟ ସେମାନେ ଯାଇ ନ ଥିଲେ। କାନ୍ଥ ପଡ଼ିବା ବେଳେ ସେମାନଙ୍କ ଚିତ୍କାର ଶୁଣି ପାଖରେ ରହୁଥିବା ଲୋକେ ଉଦ୍ଧାର ପାଇଁ ଧାଇଁ ଯାଇଥିଲେ। ମାଟି କାଦୁଅ ତଳୁ ସେମାନଙ୍କୁ ବାହାର କରାଯାଇ ଗୁରୁତର ଅବସ୍ଥାରେ ଆମ୍ବୁଲାନ୍ସରେ ହସ୍ପିଟାଲ ନିଆଯାଇଥିଲାବେଳେ ସେଠାରେ ମୃତ ଘୋଷଣା କରାଯାଇଥିଲା।

# ସ୍କୁଲ ଚୟନ ଅଧିକାର ଶିକ୍ଷାଧିକାରରେ ନାହିଁ: ହାଇକୋର୍ଟ

ନୂଆଦିଲ୍ଲୀ,୪।୪

ଶିକ୍ଷା ଅଧିକାର ଆଇନ ଅନୁଯାୟୀ ଜଣେ ପିଲାର ଶିକ୍ଷା ଗ୍ରହଣ କରିବାର ଅଧିକାର ରହିଛି, କିନ୍ତୁ ନାମଲେଖା ପାଇଁ ଏକ ନିର୍ଦ୍ଦିଷ୍ଟ ସ୍କୁଲକୁ ଚୟନ କରିବା ଅଧିକାର ନାହିଁ ବୋଲି ଦିଲ୍ଲୀ ହାଇକୋର୍ଟ କହିଛନ୍ତି। ମୁଖ୍ୟ ବିଚାରପତି ଡି.କେ. ଉପାଧ୍ୟାୟ ଏବଂ ଜଷ୍ଟିସ୍ ତେଜସ କାରିଆଙ୍କ ଖଣ୍ଡପୀଠ କହିଛନ୍ତି, ଶିକ୍ଷା ଅଧିକାର ଏକ ଲାଭଦାୟକ ଆଇନ, ଯାହା ସାମାଜିକ ଅନ୍ତର୍ଭୁକ୍ତୀକରଣ ଏବଂ ସ୍କୁଲକୁ ଜାତି ଓ ଜାତିଆଣ ଗୋଷ୍ଠୀ ପ୍ରତିବନ୍ଧକରୁ ମୁକ୍ତ କରି ଏକ ସାଧାରଣ ସ୍ଥାନରେ ପରିଣତ କରିବା ଲକ୍ଷ୍ୟରେ ପ୍ରଣୟନ କରାଯାଇଥିଲା। ତେବେ ଏଭଳି ଉଦ୍ଦେଶ୍ୟ ରଖିଥିବା ଶିକ୍ଷା ଅଧିକାରକୁ ନିର୍ଦ୍ଦିଷ୍ଟ ସ୍କୁଲ୍ ଚୟନ କରିବା ଅଧିକାରରେ ପରିଣତ କରାଯାଇପାରିବ ନାହିଁ ବୋଲି ଅଦାଲତ କହିଛନ୍ତି। ୨୦୨୪-୨୫ ଶିକ୍ଷା ବର୍ଷରେ ଜଣେ ମା' ତାଙ୍କ ଶିଶୁଙ୍କୁ ଏକ ଘରୋଇ ବିଦ୍ୟାଳୟରେ ଇଡବ୍ଲ୍ୟୁଏସ୍ ବର୍ଗରେ ଦ୍ୱିତୀୟ ଶ୍ରେଣୀରେ ନାମ ଲେଖାଇବା ପାଇଁ କରିଥିବା ଆବେଦନ ଉପରେ ହାଇକୋର୍ଟ ଉପରୋକ୍ତ ରାୟ ଦେଇଛନ୍ତି।


କେରଳ ବିଧାନସଭା ନିର୍ବାଚନ ପୂର୍ବରୁ ଶନିବାର ଆଲାପୁଝାଠାରେ ଏକ ସାଧାରଣ ସଭାରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ, ଦଳୀୟ ଏମ୍ପି କେ.ସି. ବେଣୁଗୋପାଳ ଓ ଅନ୍ୟ ନେତାମାନେ ଯୋଗ ଦେଇଛନ୍ତି।

ଧରିତ୍ରୀ
DHARITRI
52 Years
ଭୁବନେଶ୍ୱର, ରବିବାର, ଏପ୍ରିଲ ୫/୨୦୨୬ Bhubaneswar, Sunday, April 5/2026




ଓଡ଼ିଆ ପକ୍ଷ ପାଳନ ଅବସରରେ ଭୁବନେଶ୍ୱର ରାଜଭବନ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶନିବାର ଆୟୋଜିତ ରାଜ୍ୟସ୍ତରୀୟ ବିଦ୍ୟାଳୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପିଲାଙ୍କ ହାତଧରି ସିଲଟରେ ଖଡ଼ି ଛୁଆଁଇବା ସହ ମା' ବାପା ଲେଖି ବିଦ୍ୟାରମ୍ଭ କରୁଛନ୍ତି। (ଫଟୋ: ବିକାଶ ନାୟକ)

# କୌଣସି ବି ଶିଶୁ ଶିକ୍ଷାରୁ ବଞ୍ଚିତ ହେବେ ନାହିଁ: ମୁଖ୍ୟମନ୍ତ୍ରୀ

## ରାଜ୍ୟସ୍ତରୀୟ ପ୍ରବେଶ ଉତ୍ସବ, ଖଡ଼ିଛୁଆଁ

**ଭୁବନେଶ୍ୱର,୪।୪(ସୁଚିସ୍ମିତା ସାହୁ)**

ଚଳିତ ଶିକ୍ଷାବର୍ଷରେ କୁନି କୁନି ପିଲା ନୂଆକରି ବିଦ୍ୟାଳୟ ପ୍ରବେଶ କରିଛନ୍ତି। ପିଲାଙ୍କ ହାତ ଧରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଖଡ଼ି ଛୁଆଁଇଛନ୍ତି। ଏନେଇ ଭୁବନେଶ୍ୱର ରାଜଭବନ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶନିବାର ଆୟୋଜିତ ରାଜ୍ୟସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ପିଲାଙ୍କୁ ଖଡ଼ି ଓ ସିଲଟରେ ମା' ବାପା ଶବ୍ଦ ଲେଖାଇ ବିଦ୍ୟାରମ୍ଭ କରିଛନ୍ତି। ଜଣେ ଅନୁଭବୀ ଶିକ୍ଷକ ଓ ମୁରବି ଭଳି ମୁଖ୍ୟମନ୍ତ୍ରୀ ପିଲାଙ୍କ ମନ ଜିଣିବା ସହ ମା'ଙ୍କ ନାଁ କ'ଣ? ବାପାଙ୍କ ନାଁ କ'ଣ? ମାମୁ ଘର କେଉଁଠି? କ'ଣ ଖାଇକି ଆସିଛ? ଇତ୍ୟାଦି ପଚାରିଥିଲେ। ମନକୁ ଛୁଇଁଲା ପରି କଥାବାର୍ତ୍ତା ଜରିଆରେ ମୁଖ୍ୟମନ୍ତ୍ରୀ ପିଲାଙ୍କ ମନରେ ଉତ୍ସାହ ବୃଦ୍ଧି କରିବା ସହ ବିଦ୍ୟାରମ୍ଭକୁ ସହଜ କରିଛନ୍ତି।

ମୁଖ୍ୟମନ୍ତ୍ରୀ ଉପସ୍ଥିତ ପିଲା ଓ ଅଭିଭାବକଙ୍କୁ ଅଭିନନ୍ଦନ ଜଣାଇ କହିଲେ, ରାଜ୍ୟର ପ୍ରତି ଗାଁରେ, ପ୍ରତି ସାହିଗଳିରେ ବିଦ୍ୟା ଆରମ୍ଭ ପର୍ବକୁ ଉତ୍ସବ ଭାବେ ପାଳନ କରାଯାଉଛି। ଏହାଦ୍ୱାରା ପିଲାଙ୍କ ନାମଲେଖା ପାଇଁ ମା'ବାପାମାନେ ଉତ୍ସାହିତ ହେଉଛନ୍ତି। ଖଡ଼ିଛୁଆଁ ଆମ ଓଡିଆ ସଂସ୍କୃତିରେ ଏକ ପବିତ୍ର ପରମ୍ପରା। ଗତବର୍ଷଠାରୁ ଏହି ପରମ୍ପରାକୁ ସରକାରୀସ୍ତରରେ କାର୍ଯ୍ୟକାରୀ କରାଯାଇଛି। ପିଲାଙ୍କ ନାମଲେଖା ହାରକୁ ବ୍ୟାପକ କରିବା ଲକ୍ଷ୍ୟରେ ଚଳିତବର୍ଷ ଆମେ ରାଜ୍ୟରେ ରେକର୍ଡ ସଂଖ୍ୟକ ପ୍ରାୟ ୫ ଲକ୍ଷ ନିମନ୍ତ୍ରଣପତ୍ର ବଣ୍ଟନ କରିଛୁ। ରାଜ୍ୟରେ କୌଣସି ବି ଶିଶୁ ଯେପରି ଶିକ୍ଷାରୁ ବଞ୍ଚିତ ନ ହୁଅନ୍ତୁ, ସେଥିପାଇଁ ଏହି ଉତ୍ସବର ଆରମ୍ଭ କରାଯାଇଛି। ଶିଶୁର ମନରେ ଶିକ୍ଷାପ୍ରତି ଯେପରି ଭୟ ନ ରୁହେ, ସେମାନେ କିପରି ଆଗ୍ରହ ଓ ଶ୍ରଦ୍ଧାର ସହିତ ପାଠପଢ଼ିବେ, ସେଥିପାଇଁ ସରକାର ପଦକ୍ଷେପ ନେଉଛନ୍ତି। ସରକାରଙ୍କ ଲକ୍ଷ୍ୟ ହେଉଛି ଶତପ୍ରତିଶତ ନାମଲେଖା। ଗଣମାଧ୍ୟମ ପ୍ରତିନିଧିଙ୍କୁ ଆହ୍ୱାନ ଦେଇ ମୁଖ୍ୟମନ୍ତ୍ରୀ କହିଲେ, ଆପଣମାନେ ସରକାରଙ୍କ ବିଭିନ୍ନ ଯୋଜନା ଓ ☞ପୃଷ୍ଠା-୨

### ଶିଶୁବାଟିକାରେ ମିଶିବ ଅଙ୍ଗନୱାଡି

ଶିଶୁବାଟିକାରେ ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକ ମିଶିବ। ପର୍ଯ୍ୟାୟକ୍ରମେ ଏହି ପ୍ରକ୍ରିୟା ଚାଲିବ ବୋଲି ପ୍ରବେଶ ଉତ୍ସବ ଏବଂ ଖଡିଛୁଆଁ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି। ସେ କହିଲେ, ପ୍ରାଥମିକ ଶିକ୍ଷାକୁ ଆହୁରି ସୁଦୃଢ଼ କରିବାକୁ ପ୍ରତି ଗାଁରେ ମଡେଲ ସ୍କୁଲ ଖୋଲିବ। ୫ ଏକର ଜାଗାରେ ଗୋଦାବରୀଶ ମିଶ୍ର ପ୍ରାଥମିକ ସ୍କୁଲ ନିର୍ମାଣ ହେବ। ୬ କୋଟି ଟଙ୍କା ବ୍ୟୟ ଅଟକଳରେ ଏହି ବିଦ୍ୟାଳୟଗୁଡ଼ିକ ନିର୍ମାଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

# ଇରାନ୍ ଖସାଇଲା ୨ ଆମେରିକୀୟ ଯୁଦ୍ଧବିମାନ

**ପଶ୍ଚିମ ଏସିଆରେ ଚାଲିଥିବା ଯୁଦ୍ଧ ନୂଆ ମୋଡ଼ ନେଇଛି। ୨୪ ଘଣ୍ଟା ମଧ୍ୟରେ ଇରାନର ପ୍ରତିରକ୍ଷା ବାହିନୀ ଆମେରିକାର ୨ଟି ଅତ୍ୟାଧୁନିକ ଯୁଦ୍ଧବିମାନ 'ଏଫ୍-୧୫ଇ ଷ୍ଟ୍ରାଇକ୍ ଇଗଲ' ଏବଂ 'ଏ-୧୦ ୱାର୍ଥୋଗ'କୁ ଖସାଇ ଦେଇଛି। ଏହି ୨ ଯୁଦ୍ଧବିମାନର କ୍ରୁ ସଦସ୍ୟଙ୍କ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଆମେରିକାର ୨ଟି 'ବ୍ଲାକ୍ ହକ୍' ହେଲିକପ୍ଟର ମଧ୍ୟ ଇରାନ ଆକ୍ରମଣର ଶିକାର ହୋଇଛି। ଏଫ୍-୧୫ଇ ବିମାନରେ ଥିବା ୨ ପାଇଲଟ୍‌ଙ୍କ ମଧ୍ୟରୁ ଜଣେ ଉଦ୍ଧାର ହୋଇଥିବାବେଳେ ଅନ୍ୟ ଜଣେ ନିଖୋଜ ଅଛନ୍ତି। ସେହିପରି ଏ-୧୦ ବିମାନ ଆକ୍ରମଣ ଶିକାର ହେବା ପରେ କୁଏଟ୍ ଅଞ୍ଚଳରେ ଖସିପଡ଼ିଛି। କିନ୍ତୁ ଏହାର ପାଇଲଟ୍ ପାରାଚ୍ୟୁଟ୍‌ରେ ଓହ୍ଲାଇ ଜୀବନ ବଞ୍ଚାଇଥିବା ଜଣାପଡ଼ିଛି। ଏହି ଘଟଣାରୁ ଇରାନ ଆକାଶମାର୍ଗରେ ଆମେରିକାର ସମ୍ପୂର୍ଣ୍ଣ ଆଧିପତ୍ୟ ଥିବା ନେଇ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କରିଥିବା ଦାବିକୁ ଶକ୍ତ ଧକ୍କା ଲାଗିଛି। ୨୦୨୬ ଫେବୃଆରୀ ୨୮ରେ ଆମେରିକା ଏବଂ ଇସ୍ରାଏଲ୍ ପକ୍ଷରୁ ଇରାନ୍ ଉପରେ ଅତର୍କିତ ଏୟାର ଷ୍ଟ୍ରାଇକ୍ କରାଯାଇଥିଲା। ସେତେବେଳେ ସାମରିକ ଓ ଅତ୍ୟାଧୁନିକ ଜ୍ଞାନକୌଶଳରେ ନିପୁଣ ଏହି ଦୁଇ ସହଯୋଗୀ ଭାବି ନ ଥିଲେ ଯୁଦ୍ଧ ଏତେଦିନ ଲମ୍ବିବ ଓ ନିଜକୁ କ୍ଷତିଗ୍ରସ୍ତ ହେବାକୁ ପଡ଼ିବ। ୫ ସପ୍ତାହର ଯୁଦ୍ଧ ଭିତରେ ଇରାନ୍ ନିଜ ସୁପ୍ରିମ ଲିଡରଙ୍କୁ ହରାଇବା ସହ ତେହରାନ୍‌କୁ ପ୍ରଭୂତ କ୍ଷତି ସହିବାକୁ ପଡ଼ିଛି। କିନ୍ତୁ ସାମ୍ପ୍ରତିକ ଘଟଣାବଳୀକୁ ଦେଖିଲେ ମନେହେଉଛି, ସତେଯେପରି ଆମେରିକା ରାଷ୍ଟ୍ରପତି ଟ୍ରମ୍ପ୍ ଓ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଯୁଦ୍ଧର ଜାଲରେ ଫସିଯାଇଛନ୍ତି। ଟ୍ରମ୍ପ୍ ଏବେ ଚାହିଁଲେ ବି ଯୁଦ୍ଧ ବନ୍ଦ କରିପାରୁ ନାହାନ୍ତି। ତାଙ୍କ ଦେଶର ଯୁଦ୍ଧବିମାନଗୁଡ଼ିକୁ ଇରାନ୍‌ର ଅର୍ଦ୍ଧସାମରିକ ବଳ 'ଇସ୍‌ଲାମିକ୍ ରିଭୋଲ୍ୟୁଶନାରି ଗାର୍ଡ କର୍' (ଆଇଆର୍‌ଜିସି) ଯେପରି ଖସାଇଚାଲିଛି, ସେଥିରୁ ଗୋଟିଏ କଥା ପ୍ରମାଣିତ ହୋଇଛି ଯେ, ଇରାନ୍‌ର ସାମରିକ ମେରୁଦଣ୍ଡ ମଜଭୁତ୍ ରହିଛି। ଇରାନୀୟ ତୈଳ ଲୋଭରେ ମାଡ଼ିଆସିଥିବା ଆମେରିକା ଏବେ ନିଜେ ତେହରାନ୍‌ର ଶିକାର ପାଲଟିଯାଇଥିବା କୁହାଯାଉଛି।**



ଇରାନ ପକ୍ଷରୁ ଜାରି କରାଯାଇଥିବା ଆମେରିକୀୟ ଯୁଦ୍ଧ ବିମାନର ଭଗ୍ନାବଶେଷ ।

**ଦୁବାଇ/ କାଏରୋ, ୪।୪ (ଏ.ପି./ ରଏଟର୍ସ/ ସିଏନ୍‌ଏନ୍)**

ଆମେରିକାର ବହୁରାଷ୍ଟ୍ରୀୟ ମିଡିଆ କମ୍ପାନୀ ସିଏନ୍‌ଏନ୍‌ରେ ଶନିବାର ପ୍ରକାଶିତ ରିପୋର୍ଟ ଅନୁସାରେ ଯୁଦ୍ଧ ଆରମ୍ଭ ହେବା ଦିନଠାରୁ ଅଦ୍ୟାବଧି ୩୬ ଦିନ ମଧ୍ୟରେ ଇରାନ୍‌ରେ ୟୁଏସ୍ ଅନ୍ୟୁନ ୭ଟି ଏୟାରକ୍ରାଫ୍ଟ ହରାଇଲାଣି। ସେଥିରୁ କେବଳ ଶୁକ୍ରବାର ୨ଟି ଯୁଦ୍ଧବିମାନକୁ ଇରାନ୍ ଖସାଇଛି। ଗୋଟିଏ ଆମେରିକା ବାୟୁସେନାର ଏଫ୍-୧୫ ଓ ଅନ୍ୟଟି ଏ-୧୦। ଏହା ପୂର୍ବରୁ ମାର୍ଚ୍ଚ ୨ରେ କୁଏଟ୍‌ର ଏୟାର ଡିଫେନ୍ସ ଭୁଲ୍‌ବଶତଃ ୩ ଆମେରିକୀୟ ଏଫ୍-୧୫କୁ ଖସାଇଥିଲା। ମାର୍ଚ୍ଚ ୧୨ରେ ଏକ କେସି-୧୩୫ ରିଫୁଏଲିଂ ଟ୍ୟାଙ୍କର ଇରାକ୍‌ରେ ଖସିପଡ଼ିବାରୁ ସେଥିରେ ଥିବା ୬ ଆମେରିକୀୟ ସୈନ୍ୟଙ୍କ ମୃତ୍ୟୁ ଘଟିଥିଲା। ଗତ ୨୭ରେ ଏକ ଇ-୩ ସେଣ୍ଟ୍ରି ଏୟାରକ୍ରାଫ୍ଟକୁ ଇରାନ୍ ଆକ୍ରମଣ କରି ସାଉଦି ଆରବର ପ୍ରିନ୍ସ ସୁଲତାନ୍ ଏୟାରବେସ୍‌ରେ ଖସାଇ ଦେଇଥିଲା। ଅନ୍ୟ ଏକ ଘଟଣାକ୍ରମେ ଆମେରିକାର ଏକ ଏଫ୍-୩୫ ଫାଇଟର ଜେଟ୍‌କୁ ଗତ ସପ୍ତାହରେ ଇରାନ୍ ଟାର୍ଗେଟ କରି ମଧ୍ୟପ୍ରାଚ୍ୟରେ ☞ପୃଷ୍ଠା-୨

### ହର୍ମୁଜ୍‌ରେ ଇସ୍ରାଏଲୀ ଜାହାଜକୁ ଆକ୍ରମଣ

ପଶ୍ଚିମ ଏସିଆ ଯୁଦ୍ଧ ଶନିବାର ୩୬ ଦିନରେ ପହଞ୍ଚିଥିବାବେଳେ ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌ରେ ଇସ୍ରାଏଲ୍ ସହ ସମ୍ପୃକ୍ତ ଏକ ଜାହାଜ ଉପରେ ଇରାନ ଆକ୍ରମଣ କରିଛି। ରିଭୋଲ୍ୟୁଶନାରି ଗାର୍ଡସ ନେଭି ସୂତ୍ରକୁ ଉଦ୍ଧାର କରି ଇରାନ ସରକାରୀ ଟିଭି ଉକ୍ତ ସୂଚନା ପ୍ରଦାନ କରିଥିବାବେଳେ ଇସ୍ରାଏଲ୍ ପକ୍ଷରୁ କୌଣସି ପ୍ରତିକ୍ରିୟା ଦିଆଯାଇ ନାହିଁ। ସେପଟେ ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌କୁ ସୋମବାର ସୁଦ୍ଧା ଖୋଲିବା ନିମନ୍ତେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ତେହରାନ୍‌କୁ ୪୮ ଘଣ୍ଟିଆ ମହଲତ ଦେଇଛନ୍ତି। ୪୮ ଘଣ୍ଟା ମଧ୍ୟରେ ଦାବି ପୂରଣ ନ ହେଲେ ଭୟାବହ ପରିଣତି ହେବ ବୋଲି ସେ ଚେତାବନୀ ଦେଇଛନ୍ତି।




# କୂଅରେ କାର୍ ଖସି ପରିବାରର ୯ ମୃତ

**ନାଶିକ୍,୪।୪**

ମହାରାଷ୍ଟ୍ରର ନାଶିକ ଜିଲାରେ ଏକ ଖୋଲା କୂଅ ମଧ୍ୟକୁ କାର୍ ଖସିପଡ଼ିବାରୁ ଗୋଟିଏ ପରିବାରର ୯ ସଦସ୍ୟଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ୬ ଜଣ ପିଲା ରହିଥିବା ପୋଲିସ ଶନିବାର କହିଛି। ଶୁକ୍ରବାର ରାତି ୧୦ଟା ବେଳେ ଡିଣ୍ଡୋରି ସହରର ଶିବାଜୀନଗର ଅଞ୍ଚଳରେ ଏହି ଦୁର୍ଘଟଣା ଘଟିଛି। ପିଲାମାନଙ୍କ ମୃତ୍ୟୁକୁ ନେଇ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ୍ ଦୁଃଖ ପ୍ରକାଶ କରିବା ସହ ସର୍ବସାଧାରଣ ସ୍ଥାନରେ ରହିଥିବା ଖୋଲା କୂପଗୁଡ଼ିକର ସୁରକ୍ଷା ଅଡିଟ୍ ତୁରନ୍ତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

ପୋଲିସ ସୂଚନା ଅନୁଯାୟୀ, ଗୋଟିଏ ପରିବାରର ଏହି ସଦସ୍ୟମାନେ ଉକ୍ତ ଅଞ୍ଚଳରେ ଥିବା ଏକ ହଲ୍‌ରେ ଅନୁଷ୍ଠିତ ଉତ୍ସବରେ ଯୋଗଦେଇ ଘରକୁ ଫେରୁଥିବାବେଳେ ସେମାନଙ୍କ କାର୍ ରାସ୍ତା ପାର୍ଶ୍ୱରେ ଥିବା ଖୋଲା କୂଅ ମଧ୍ୟରେ ଖସିପଡ଼ିଥିଲା। ଘଟଣାସ୍ଥଳରେ ସ୍ଥାନୀୟ ପୋଲିସ ଏବଂ ଜରୁରୀ ସେବା କର୍ମଚାରୀମାନେ ପହଞ୍ଚି ମଧ୍ୟରାତ୍ର ସୁଦ୍ଧା ୨ଟି କ୍ରେନ୍ ସହାୟତାରେ କୂଅ ମଧ୍ୟରୁ କାର୍ ଓ ଲୋକମାନଙ୍କୁ ବାହାର କରିଥିଲେ। ମୃତକମାନେ ଡିଣ୍ଡୋରି ତାଲୁକା ଅନ୍ତର୍ଗତ ଇନ୍ଦୋର ଗ୍ରାମର ଦାର୍‌ଗୁଡେ ପରିବାରର ସଦସ୍ୟ ବୋଲି ପୋଲିସ କହିଛି।




**ଆଜିର ସମ୍ପାଦକୀୟ**

**କେବଳ ଦର୍ଶକ**



# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଅଖିଳ ଭାରତ ଦଳିତ ଅଧିକାର ଆନ୍ଦୋଳନ ପକ୍ଷରୁ ରାଜ୍ୟସ୍ତରୀୟ କନ୍‌ଭେନ୍‌ଶନ୍, ସ୍ଥାନ: ସିପିଆଇ ରାଜ୍ୟ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଓପିଟିସିଏଲ୍ ଶ୍ରମିକ କର୍ମଚାରୀ ସଂଘ ପକ୍ଷରୁ ୮ମ ବାର୍ଷିକ ସମ୍ମିଳନୀ, ସ୍ଥାନ: ରେଡ କ୍ରସ ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ସୂର୍ଯ୍ୟଜ୍ୟୋତି କଳା କେନ୍ଦ୍ର ପକ୍ଷରୁ ୪ର୍ଥ ବାର୍ଷିକ ନୃତ୍ୟ ଉତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ଅପରାହ୍ନ ୫ଟା।
- ଶ୍ରୀ ନୀଳକଣ୍ଠେଶ୍ୱର ଦେବ ରାମଲୀଳା ପ୍ରଚାର ସମିତି ଆନୁକୂଲ୍ୟରେ ରାମ ନାଟକ ' ବାଳି ବଧ ଓ ସୁଗ୍ରୀବ ସହ ବନ୍ଧୁତା ସ୍ଥାପନ 'ସ୍ଥାନ:ବେଣ୍ଟପୁରସ୍ଥିତ ଶ୍ରୀ ରାମ ମନ୍ଦିର ସମ୍ମୁଖ ରାମଲୀଳା ପଡ଼ିଆ, ସମୟ: ରାତି ୧୧ ଟା।
- ସୀତା ରାମେଶ୍ୱର ରାମଲୀଳା ଗୀତିନାଟ୍ୟ ସଂଘ ପକ୍ଷରୁ ରାମଲୀଳାର ନାଟକ 'ବିରାଟ ବଧ', ସ୍ଥାନ: ଗୋତଳବିନ୍ଧାସ୍ଥିତ ସୀତାରାମେଶ୍ୱର ମନ୍ଦିର ପରିସର, ସମୟ: ରାତି ୧୧ଟା।
- ଶ୍ରୀ ସିଦ୍ଧେଶ୍ୱର ରାମଲୀଳା ପ୍ରଚାର ସମିତି ଆନୁକୂଲ୍ୟରେ ରାମ ନାଟକ ' ସୀତା ଠାବ ଓ ଲଙ୍କା ପୋଡ଼ି ', ସ୍ଥାନ: ବଇରୁଆ ଗାନ୍ଧୀ ଛକ ସ୍ଥିତ ରାଧା ଗୋବିନ୍ଦ ମନ୍ଦିର ପରିସର, ସମୟ: ରାତି ୧୧ଟା।
- ରାମଲୀଳା ର ନାଟକ ' ବାଳି ବଧ ' ପରିବେଷଣ, ସ୍ଥାନ: କାକରୁଦ୍ରପୁର ସ୍ଥିତ ଶ୍ରୀ ପତିତପାବନ ମନ୍ଦିର ପରିସର, ସମୟ: ରାତି ୧୧ ଟା।
- ପ୍ରୟାସ ପକ୍ଷରୁ ଆନୁଆଲ୍ ମିଟ୍ କାର୍ଯ୍ୟକ୍ରମ, ସ୍ଥାନ: ଲୋହିଆ ଏକାଡେମୀ, ୟୁନିଟ୍ ୯, ସମୟ: ପୂର୍ବାହ୍ନ ୧୧ଟା।

## କଟକ
- ଓଡ଼ିଆ ପକ୍ଷ ପାଳନ ଅବସରରେ ଐତିହ୍ୟ ଗଣଦୌଡ଼ ଶୁଭାରମ୍ଭ, ସ୍ଥାନ: ଇନ୍‌ଡୋର ଷ୍ଟାଡିୟମ, ସମୟ: ସକାଳ ୬ଟା ୩୦।
- ନାଦ ନିନାଦ ପକ୍ଷରୁ ଶାସ୍ତ୍ରୀୟ ସଙ୍ଗୀତ ସମାରୋହ, ସ୍ଥାନ: ଶ୍ରୀରାମଚନ୍ଦ୍ର ଭବନ, ସମୟ: ପୂର୍ବାହ୍ନ ୯ଟା ୩୦।
- କଟକ ବୈଶାଖୀ ବାଣିଜ୍ୟ ମେଳାର ଉଦ୍‌ଯାପନୀ ଦିବସ, ସ୍ଥାନ: ଉପର ବାଲିଯାତ୍ରା ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀ ଗଙ୍ଗାଧର ରଥ ଫାଉଣ୍ଡେଶନ ପକ୍ଷରୁ ସାହିତ୍ୟ ଭାରତୀ ସମ୍ମାନ ପ୍ରଦାନ ସମାରୋହ, ସ୍ଥାନ: କଳାବିକାଶ କେନ୍ଦ୍ର, ସମୟ: ସନ୍ଧ୍ୟା ୬ଟା ୩୦।
- ଚତୁଃଦିବସୀୟ ୫୫ତମ ନିଖିଳ ଉତ୍କଳ ଶ୍ରୀଅରବିନ୍ଦ ପାଠଚକ୍ର ସମ୍ମିଳନୀର ଦ୍ୱିତୀୟ ଦିବସ, ସ୍ଥାନ: ମାତୃଭବନ, ସମୟ: ସନ୍ଧ୍ୟା ୬ଟା

୩୦।
- ଅହମଦିଆ ମୁସଲିମ ସଙ୍ଗଠନ ପକ୍ଷରୁ ବିଶ୍ୱଶାନ୍ତି ଓ ତୃତୀୟ ବିଶ୍ୱ ଯୁଦ୍ଧ ନ ହେବା ଶୀର୍ଷକ ଆଲୋଚନାଚକ୍ର, ସ୍ଥାନ: ସଲାମତବାଗ, ପିଠାପୁର, ସମୟ: ସନ୍ଧ୍ୟା ୭ଟା।

## ପୁରୀ
- ଓଡ଼ିଆ ପକ୍ଷ ପାଳନ ପାଇଁ ଗଣଦୌଡ଼, ସ୍ଥାନ: ଗୁଣ୍ଡିଚା ମନ୍ଦିର ସମ୍ମୁଖ, ସମୟ: ସକାଳ ୬ଟା୩୦।
- ନୀଳାଚଳ ତତ୍ତ୍ୱ ସନ୍ଧାନ ପରିଷଦ ପକ୍ଷରୁ ଆଲୋଚନାଚକ୍ର, ସ୍ଥାନ: ଶ୍ରୀଜଗନ୍ନାଥବଲ୍ଲଭ ମଠ, ସମୟ: ପୂର୍ବାହ୍ନ ୧୧ଟା।
- ଗଙ୍ଗାଧର ମହାପାତ୍ରଙ୍କ ରାଜ୍ୟସ୍ତରୀୟ ବାର୍ଷିକ ଉତ୍ସବ, ସ୍ଥାନ: ସଂସ୍କୃତି ଭବନ, ସମୟ: ସନ୍ଧ୍ୟା ୬ଟା୩୦।

## ଖୋର୍ଦ୍ଧା
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ବାଲୁଙ୍କେଶ୍ୱର ମହାଦେବଙ୍କ ପୀଠ, କଣ୍ଟାବାଡ଼, ସମୟ: ସକାଳ ୮ଟା।
- ସର୍ବଭାରତୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ, ସ୍ଥାନ: କୁଶପଲ୍ଲା ଖେଳପଡ଼ିଆ, ସମୟ: ଅପରାହ୍ନ ୪ଟା।

## ବାଲେଶ୍ୱର
- ଐତିହ୍ୟ ଗଣଦୌଡ଼, ସ୍ଥାନ: ଶାନ୍ତିକାନନ, ବାଲେଶ୍ୱର, ସମୟ: ସକାଳ ୬ଟା।
- ମା' ଶୀତଳା ଦେବୀଙ୍କ ବାର୍ଷିକ ପୂଜା ଉତ୍ସବ ଦ୍ୱିତୀୟ ଦିବସ, ସ୍ଥାନ: ନୀଳବାଡ଼ି ଶୀତଳା ମଣ୍ଡପ, ବାଲେଶ୍ୱର, ସମୟ: ସକାଳ ୮ଟା।
- ମା' ଅମ୍ବିକା ସାହିତ୍ୟ ସଂସଦର ବସନ୍ତ ଆସର, ସ୍ଥାନ: ବିବେକାନନ୍ଦ ଶିକ୍ଷାକେନ୍ଦ୍ର, ଅଡ଼ା, ସିମୁଳିଆ, ସମୟ: ସକାଳ ୯ଟା।
- ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ: ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମ୍, ମାର୍କୋଣା, ସମୟ: ପୂର୍ବାହ୍ନ ୧୦ଟା।
- ଶିଳାନ୍ୟାସ ପର୍ବ, ସ୍ଥାନ: ମାର୍କୋଣା, ସିମୁଳିଆ, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଶା ଫାର୍ମାସୀ ଅଫିସର୍ସ ଏସୋସିଏଶନ୍‌ର ବାର୍ଷିକ ସମ୍ମିଳନୀ, ସ୍ଥାନ: ସିଦ୍ଧିକଲ୍ୟାଣ ମଣ୍ଡପ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ଶିବିର, ସ୍ଥାନ: ବିବେକାନନ୍ଦ ଶିକ୍ଷାକେନ୍ଦ୍ର, ବସ୍ତା, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ
- ଓଡ଼ିଆ ପକ୍ଷ ପାଳନ ଅବସରରେ ଐତିହାସିକ ଗଣଦୌଡ଼, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟରୁ ଗାନ୍ଧୀପଡ଼ିଆ, ଭଦ୍ରକ, ସମୟ: ସକାଳ ୬ଟା ୩୦।
- ଭଦ୍ରକ ପୋଲିସ ପକ୍ଷରୁ ମେଗା ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ରଘୁନାଥ କନଭେନସନ ହଲ୍, ଭଦ୍ରକ ନୂଆ ବସ୍‌ଷ୍ଟାଣ୍ଡ, ସମୟ: ସକାଳ ୮ଟା।
- ଚଞ୍ଚଳା ଦେବୀ ସାରସ୍ୱତ ଉତ୍ସବ-୨୦୨୬, ସ୍ଥାନ: ପ୍ରତାପପୁର, ନାଳଗୁଣ୍ଡା, ଚାନ୍ଦବାଲି, ସମୟ: ସକାଳ ୯ଟା।
- ନବଗ୍ରହ ମନ୍ଦିରର ବାର୍ଷିକ ଉତ୍ସବ, ସ୍ଥାନ: ମାଲୁସାହି, ବାସୁଦେବପୁର, ସମୟ: ସକାଳ ୯ଟା।
- ବେଳାଭୂମି ସାହିତ୍ୟ ପରିଷଦର ବାର୍ଷିକ ଉତ୍ସବ ଓ କବିତା ପାଠୋତ୍ସବ, ସ୍ଥାନ: ତେନ୍ତୁଲିଆ, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦୁଝର
- ରଘୁନାଥ ମହାତୋଙ୍କ ୧୪୮ତମ ଶହୀଦ ଦିବସ, ସ୍ଥାନ: ସାହାରପଡ଼ା ବ୍ଲକ୍ କରମ ତୀର୍ଥ ଧାନବେଣୀ: ସମୟ: ପୂର୍ବାହ୍ନ ୧୧ଟା।

## ମୟୂରଭଞ୍ଜ
- ଜିଲାସ୍ତରୀୟ ଖଡିଛୁଆଁ ଓ ପ୍ରବେଶ ଉତ୍ସବ, ସ୍ଥାନ: ପୂର୍ଣ୍ଣଚନ୍ଦ୍ରପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବାରିପଦା, ସମୟ: ସକାଳ ୯ଟା।
- ଅଷ୍ଟ ପ୍ରହର ନାମଯଜ୍ଞ ଓ ପ୍ରସାଦ ସେବନ, ସ୍ଥାନ: ସିଂହଟିଆ ବଡ଼ସାହି ବ୍ଲକ, ସମୟ: ଅପରାହ୍ନ ୨ଟା।

## ବ୍ରହ୍ମପୁର
- ଓଡ଼ିଆ ପକ୍ଷ ପାଳନ ଅବସରରେ ଗଣଦୌଡ, ସ୍ଥାନ: ମହାତ୍ମାଗାନ୍ଧୀ ଷ୍ଟାଡିୟମ, ସମୟ: ସକାଳ ୬ ଟା।

## ଢେଙ୍କାନାଳ
- ଓଡ଼ିଆ ପକ୍ଷ ଉପଲକ୍ଷେ ଐତିହ୍ୟ ଗଣଦୌଡ଼, ସ୍ଥାନ: ମିନି ଷ୍ଟାଡିୟମ, ସମୟ: ସକାଳ ୬ଟା ୩୦ ।

## ଅନୁଗୋଳ
- ଓଡ଼ିଆ ପକ୍ଷ ପାଳନ ଅବସରରେ 'ଆତିଥ୍ୟ ଗଣଦୌଡ଼', ସ୍ଥାନ: ଅନୁଗୋଳ ଷ୍ଟାଡିୟମ, ସମୟ: ସକାଳ ୬ଟା।

## ଜଗତ୍‌ସିଂହପୁର
- ୬୩ ତମ ଜାତୀୟ ନୌବାଣିଜ୍ୟ ଦିବସ କାର୍ଯ୍ୟକ୍ରମ, ସ୍ଥାନ: ଅଫିସର୍ସ କ୍ଲବ, ମଧୁବନ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା
- କେନ୍ଦ୍ରାପଡା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସ୍‌ଷ୍ଟାଣ୍ଡ, କେନ୍ଦ୍ରାପଡା ସହର, ସମୟ: ସକାଳ ୬ଟା ।
- ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପ୍ରମୁଖ ଜନ ସଂଗୋଷ୍ଠୀ, ସ୍ଥାନ: ସ୍ୱୟଂସିଦ୍ଧା ହୋଟେଲ, ଗରାପୁର, କେନ୍ଦ୍ରାପଡା ସହର, ସମୟ: ପୂର୍ବାହ୍ନ ୧୦ଟା।
- ପାଟକୁରା ପ୍ରତିଭା ସମ୍ମାନ ସମାରୋହ, ବାରୁଣୀ ପଡିଆ, କଳାବୋଦା, ଗରଦପୁର, ସମୟ: ପୂର୍ବାହ୍ନ ୧୦ଟା ।
- ସରପଞ୍ଚ ବିଦ୍ୟାଧର ସ୍ୱାଇଁଙ୍କ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ବିଜୁ ପଟ୍ଟନାୟକ ପବ୍ଲିକ ସ୍କୁଲ, ବଡତେରଗାଁ, ମହାକାଳପଡା, ସମୟ: ଅପରାହ୍ନ ୩ଟା ।
- ପାୟଲ ମ୍ୟୁଜିକର ବାର୍ଷିକ ଉତ୍ସବ, ସ୍ଥାନ: ସ୍କୁଲ ପରିସର, ଇନ୍ଦୁପୁର, କେନ୍ଦ୍ରାପଡା, ସମୟ: ଅପରାହ୍ନ ୪ଟା।
- ଗାୟତ୍ରୀ ପରିବାର ପକ୍ଷରୁ ପଂଚକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଓ ପ୍ରଜ୍ଞାପୁରାଣ କଥା ପ୍ରବଚନ, ଗାୟତ୍ରୀ ପୀଠ, ବାଲିସାହିପାଟଣା, ରାଜନଗର, ସମୟ: ସନ୍ଧ୍ୟା ୬ଟା ।

## ଯାଜପୁର
- ଓଡିଆ ପକ୍ଷ ପାଳନ ଅବସରରେ ଐତିହ୍ୟ ଗଣଦୌଡ, ସ୍ଥାନ : ଯାଜପୁର ବରାହପୀଠରୁ ହକି ପ୍ରଶିକ୍ଷଣ କେନ୍ଦ୍ର, ସମୟ: ସକାଳ ୬ଟା।
- ଯାଜପୁର ଜିଲା ଶୌଣ୍ଡିକ ସମାଜର ବାର୍ଷିକ ବନ୍ଧୁ ମିଳନ, ସ୍ଥାନ : ଧର୍ମଶାଳା ଭବନ, ସମୟ : ପୂର୍ବାହ୍ନ ୧୦ଟା।
- ଓଁକାର ସୋସିଆଲ ଅର୍ଗାନାଇଜେଶନର ଓଁକାର ସମ୍ମାନ ପ୍ରଦାନ ଉତ୍ସବ, ସ୍ଥାନ: ବରୀ ବ୍ଲକ୍ ଅଧୀନ କେନ୍ଦୁଆ, ନାଥପୁର, ସମୟ: ସନ୍ଧ୍ୟା ୭ଟା।
- ତରାପୁର ମା ହିଙ୍ଗୁଳାଙ୍କ ବାର୍ଷିକ ଯଜ୍ଞ ଓ ପୂର୍ଣ୍ଣାହୂତି ଉତ୍ସବ, ସ୍ଥାନ: ରସୁଲପୁର ବ୍ଲକ ତରାପୁର ମା' ହିଙ୍ଗୁଳା ମନ୍ଦିର ପରିସର, ସମୟ: ରାତି ୮ଟା।

## ନୟାଗଡ଼
- ନୀଳମାଧବଙ୍କ ଚନ୍ଦନ ଲାଗି ବେଶର ୩୩ ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ:ପ୍ରାତଃ ୫ଟା ।
- ସିଦ୍ଧ ବାସେଳୀଙ୍କ ଚଇତି ପର୍ବ ଉଦ୍‌ଯାପନ ଦିବସ, ସ୍ଥାନ:କଣ୍ଟିଲୋ ଫକିର ଅତବୁଦ୍ଧି ପାଟଣା, ସମୟ: ସକାଳ ୮ଟା ।
- ସିଦ୍ଧ ବାସେଳୀଙ୍କ ଚଇତି ପର୍ବ ଉଦ୍‌ଯାପନ, ସ୍ଥାନ:କଣ୍ଟିଲୋ କାଂସାରୀ ସାହିପାଟଣା, ସମୟ: ସକାଳ ୮ଟା ୩୦।
- ଜନଗଣନା ପାଇଁ ତାଲିମ ଶିବିରର ୨ୟ ଦିବସ, ସ୍ଥାନ: ନୟାଗଡ଼ ମ୍ୟୁନିସିପାଲିଟି ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୫ଟା ।
- ଜନଗଣନା ପାଇଁ ତାଲିମ ଶିବିରର ୨ୟ ଦିବସ, ସ୍ଥାନ: ନୟାଗଡ଼ ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୫ଟା ।
- ଶ୍ରୀ ଶ୍ରୀ ରଘୁନାଥ ଜୀଉଙ୍କର ବିଜେ ଓଡଗାଁଙ୍କର ନବଦିନ ସନ୍ଧ୍ୟାବେଶରେ ଯୁଦ୍ଧଯାତ୍ରା ବେଶ, ସ୍ଥାନ: ଓଡଗାଁ ରଘୁନାଥ ମନ୍ଦିର ଓଡଗାଁ, ସମୟ: ସନ୍ଧ୍ୟା ୬ଟା ।
- ଶ୍ରୀ ରଘୁନାଥ ଜୀଉଙ୍କର ନବଦିନ ସନ୍ଧ୍ୟାବେଶରେ ପ୍ରବଚନ, ସ୍ଥାନ: ନୟାଗଡ଼ ପୁରୁଣା ସହରର ଗୁଣ୍ଡିଚା ମଣ୍ଡପ ପରିସରସ୍ଥ ରଘୁନାଥ ମନ୍ଦିର, ସମୟ: ସନ୍ଧ୍ୟା ୮ଟା ।

## ରାୟଗଡ଼ା
- ଓଡ଼ିଆ ପକ୍ଷ ପାଳନ ଅବସରରେ ଐତିହ୍ୟ ଗଣଦୌଡ, ସ୍ଥାନ: କାଳୀପୂଜା ଛକ, ରାୟଗଡ଼ା, ସମୟ: ସକାଳ ୭ଟା।
- ଭାରତୀୟ ମଜଦୁର ସଂଘ ତରଫରୁ ବ୍ଲକ୍‌ସ୍ତରୀୟ ବୈଠକ, ସ୍ଥାନ: ମୁନିଖୋଲସ୍ଥିତ କନିକା ପରମେଶ୍ୱରୀ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।
- ଗୁଣପୁର ତାଲୁକ ଆଇନ ସେବା ସଂସ୍ଥା ପକ୍ଷରୁ ଆଇନ ସଚେତନତା ଶିବିର, ସ୍ଥାନ: ବ୍ଲକ ଅଫିସ୍ ଭିଡିଓ କନଫରେନ୍ସ ହଲ, ରାମନାଗୁଡା, ସମୟ: ପୂର୍ବାହ୍ନ ୧୦ଟା ୩୦ ।

## ନବରଙ୍ଗପୁର
- ଓଡ଼ିଆ ପକ୍ଷ ପାଳନ ଅବସରରେ ଐତିହ୍ୟ ଗଣ ଦୌଡ଼, ସ୍ଥାନ: ନବରଙ୍ଗପୁର, ସମୟ: ସକାଳ ୭ଟା।

## ସମ୍ବଲପୁର
- ହନୁମାନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବର ଅଙ୍କୁରାରୋପଣ ଓ ରତ୍ନମୁଦ ଉତ୍ସବ, ସ୍ଥାନ : କଚେରୀ ଛକ ନିକଟସ୍ଥ ହନୁମାନ ବାଟିକା, ସମୟ : ସକାଳ ୮ଟା ୩୦ ।
- ପ୍ରୟାସ ପରିବାର ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ : ଫ୍ରେଜର କ୍ଲବ, ସମୟ : ସକାଳ : ୮ଟା ୩୦ ।
- ଗୁଡିଆ ବାବାକି ଜୟ ପୁସ୍ତକର ଲୋକାର୍ପଣ ଉତ୍ସବ, ସ୍ଥାନ : ଓଡ଼ିଶା ସାଂସ୍କୃତିକ ସମାଜ ଭବନ, ସମୟ : ପୂର୍ବାହ୍ନ ୧୦ଟା ।
- ଚାଉଁରପୁର ନାମଯଜ୍ଞ କମିଟି ପକ୍ଷରୁ ୨୪ ପ୍ରହର ନାମଯଜ୍ଞର ପୂର୍ଣ୍ଣାହୁତି, ସ୍ଥାନ : ଚାଉଁରପୁର ଗ୍ରାମ, ସମୟ : ମଧ୍ୟାହ୍ନ ୧୨ଟା ।

## ବଲାଙ୍ଗୀର
- 'ନୀତି, ଅନୀତି ଓ ରାଜନୀତି' ଶୀର୍ଷକ ଆଲୋଚନାଚକ୍ର, ସ୍ଥାନ: ସାମ୍ବାଦିକ ଭବନ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା ।
- ଡୁଡୁକା ମା' ସମଲେଶ୍ୱରୀ ମନ୍ଦିର ପ୍ରତିଷ୍ଠା ଉତ୍ସବ ଉପଲକ୍ଷେ ମହିଷାସୁର ଦରବାରର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ଡୁଡୁକା,ଆଗଲପୁର ବ୍ଲକ, ସମୟ : ରାତି ୮ଟା ।

## ରାଉରକେଲା
- ନୃତ୍ୟ ମହୋତ୍ସବ ଉଦ୍‌ଯାପନୀ ସନ୍ଧ୍ୟା କାର୍ଯ୍ୟକ୍ରମ, ସ୍ଥାନ:ସିଭିକ ସେଣ୍ଟର, ସମୟ: ପୂର୍ବାହ୍ନ ୧୦ଟା।
- ପ୍ରଗତି ଉତ୍କଳ ସଂଘ ପକ୍ଷରୁ ପଖାଳ ଦିବସ ପାଳନ, ସ୍ଥାନ: ସେକ୍ଟର-୭, ସମୟ: ପୂର୍ବାହ୍ନ ୧୦ଟା ।
- ବସନ୍ତ କାବ୍ୟ ଉତ୍ସବ-୨୦୨୬, ସ୍ଥାନ: ଛେଣ୍ଡ, ଧାମରା ସଂଘ, ସମୟ: ପୂର୍ବାହ୍ନ ୧୦ଟା ।

## ସୁନ୍ଦରଗଡ଼
- ଐତିହ୍ୟ ଗଣ ଦୌଡ, ସ୍ଥାନ:ଜିଲାପାଳଙ୍କ କାର୍ଯ୍ୟାଳୟ ମୁଖ୍ୟ ଫାଟକ, ସମୟ: ସକାଳ ୬ଟା୩୦।

## ବରଗଡ଼
- ପଦ୍ମପୁର ମାରୱାଡି ଯୁବାମଞ୍ଚ ତରଫରୁ ରକ୍ତଦାନ ଶିବିର ଓ ସପଥ ଗ୍ରହଣ ସମାରୋହ, ସ୍ଥାନ: ମାରୱାଡି ଧର୍ମଶାଳା, ପଦ୍ମପୁର, ସମୟ:ସକାଳ ୮ଟା ୩୦।
- ମାଉସୀ ମାଁ ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ:ଗ୍ରୀଞ୍ଜାଲ ବଜାର ପ୍ରାଙ୍ଗଣ, ସୋହେଲା,ସମୟ: ସକାଳ ୮ଟା।
- ବାବା ସାହେବ ଡଃ ବି. ଆର୍ ଆମ୍ବେଡକରଙ୍କ ୧୩୫ତମ ଜନ୍ମବାର୍ଷିକୀ, ସ୍ଥାନ: ସମତା ଭବନ, ବରଗଡ଼, ସମୟ:ଅପରାହ୍ନ ୪ଟା।
- ମହାମାୟା ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ:ଲୌଡ଼ମାଳ, ପାଇକମାଳ, ସମୟ:ଅପରାହ୍ନ ୪ଟା।
- ରେଲ ଉପଭୋକ୍ତା ସଂଘର ତ୍ରୈମାସିକ ସାଧାରଣ ବୈଠକ, ସ୍ଥାନ:ଅଗ୍ରଗାମୀ ଯୁବକ ସଂଘ, ବରଗଡ଼,ସମୟ:ସନ୍ଧ୍ୟା ୫ଟା।
- ରାମଲୀଳା ମହୋତ୍ସବ, ସ୍ଥାନ:ନିଶାମଣି ସ୍କୁଲ ପଡ଼ିଆ, ବରଗଡ଼, ସମୟ:ସନ୍ଧ୍ୟା ୭ଟା।

## କଳାହାଣ୍ଡି
- ଓଡ଼ିଆ ପକ୍ଷ ପାଳନ ଅବସରରେ ଗଣଦୌଡ଼, ସ୍ଥାନ: ଭବାନୀପାଟଣାସ୍ଥିତ ମା'ମାଣିକେଶ୍ୱରୀ ମନ୍ଦିର ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ଭାଜପାର ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: ଧର୍ମଗଡ଼ ଚାରିଛକ, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ
- ଐତିହ୍ୟ ଗଣ ଦୌଡ଼, ସ୍ଥାନ: ଜିଲା ଷ୍ଟାଡିୟମ ବୌଦ୍ଧ, ସମୟ: ସକାଳ ୬ଟା।
- ବୌଦ୍ଧ ଗଡ଼ଜାତର ପବିତ୍ର ଗଣପର୍ବ ଶ୍ରୀରାମ ଲୀଳା ଯାତ୍ରାର ଦଶମ ଦିବସ,ସ୍ଥାନ:ଶ୍ରୀ ରଘୁନାଥ ଜିଉ ମନ୍ଦିର ମାରୁତି ମଣ୍ଡପ ବୌଦ୍ଧ, ସମୟ:ରାତି ୯ଟା।

## ଦେବଗଡ଼
- ଓଡ଼ିଆପକ୍ଷ ୨୦୨୬ ପାଳନ ଅବସରରେ ଐତିହ୍ୟ ଗଣଦୌଡ, ସ୍ଥାନ: ଉପଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ବସନ୍ତ ନିବାସ ପ୍ରଧାନପାଟ ପର୍ଯ୍ୟନ୍ତ, ସମୟ: ସକାଳ ୬ଟା ୩୦।
- ବାମଣ୍ଡା କଳାକାର ସଂଘ ପକ୍ଷରୁ ନାଟକ ପରିବେଷଣ, ସ୍ଥାନ: ଦେବଗଡ଼ ଟାଉନ ହଲ, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ତରଭା ବ୍ଲକ ରାଏକେଡାରେ ରାମଲୀଳାର ପୂର୍ଣ୍ଣାହୁତି, ସ୍ଥାନ: ଗ୍ରାମ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ତରଭା ସହର ଅନ୍ତର୍ଗତ ତ୍ରିନାଥ ମନ୍ଦିରରେ ପୁରାଣ ପଠନ ଓ ତ୍ରିନାଥ ମେଳା, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା ୩୦।

## ନୂଆପଡ଼ା
- ମାରାଗୁଡା ଲୋକ ମହୋତ୍ସବ ୫ମ ସନ୍ଧ୍ୟା ସାଂସ୍କୃତିକ ସଭା ଓ ଉଦ୍‌ଯାପନ, ସ୍ଥାନ: ନ୍ୟାଶନାଲ ମହାବିଦ୍ୟାଳୟ ପଡିଆ ନୂଆପଡା, ସମୟ: ସନ୍ଧ୍ୟା ୭ଟା ୩୦।

## ଝାରସୁଗୁଡ଼ା
- ଶିବ ମନ୍ଦିର ପ୍ରତିଷ୍ଠା ସକାଶେ କଳସ ଯାତ୍ରା, ସ୍ଥାନ: ଦୟାଡେରା, ଲଖନପୁର, ସମୟ: ସକାଳ ୯ଟା।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଛଟା ଶିଖିଥିଲି ପଣେ**
**ଯେ ଦିନୁ ଧଇଲି ଟାଙ୍ଗୁଆ ହାତ**
**ସବୁ ପାସୋରିଲି କ୍ଷଣେ ।**

ବାହାହୋଇ ଯେତେବେଳେ ଝିଅ ଶାଶୁଘରକୁ ବୋହୂ ହୋଇ ଯାଏ, ସେତେବେଳେ ତା'ର ଦାୟିତ୍ୱ ଓ କର୍ତ୍ତବ୍ୟ ବହୁ ପରିମାଣରେ ବଢ଼ିଯାଇଥାଏ । ଶାଶୁଘରର କର୍ମମୟ ଜଞ୍ଜାଳ ଭିତରେ ବୁଡ଼ିରହି ସେ ନିଜ ଅତୀତର ସୁମଧୁର ସ୍ମୃତିଗୁଡିକୁ ପାସୋରି ଦେଇଥାଏ । ଦାୟିତ୍ୱ ସମ୍ଭାଳୁଥିବା ବ୍ୟକ୍ତି ନିଜ ଅତୀତ ବା ପଛ କଥା ଭାବିବାକୁ ସମୟ ପାଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

**ଛନକା ପଶିଲା ଛାତିରେ,**
**ମୁଁ ଅନ୍ଧୁଣୀ, ପୁଅ ମୋ ବିଦେଶୀ**
**ବୋହୂ ବାହାରକୁ ଉଠେ ରାତିରେ।**

କେହି ପୁରୁଷ ସଦସ୍ୟ ଘରେ ନ ଥିଲେ ଘରଟା ନିରାପଦ ଲାଗି ନ ଥାଏ । ଏକ ଅଜଣା ଭୟ ମନକୁ ଶଙ୍କାଗ୍ରସ୍ତ କରିଦେଇଥାଏ । ବିଦେଶୀ ପୁଅର ଯୁବତୀ ପତ୍ନୀ ରାତିରେ ବାହାରକୁ ପାଦ କାଢ଼ିବା ଅନ୍ଧୁଣୀ ଶାଶୁ ପକ୍ଷେ ଦୁଶ୍ଚିନ୍ତାର କାରଣ ପାଲଟି ଯାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି ।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:



ଶନିବାର ଅପରାହ୍ଣ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଅବଶିଷ୍ଟାଂଶ

## ଇରାନ୍ ଖସାଇଲା...

ଥିବା ଏକ ଆମେରିକୀୟ ବେସ୍‌ରେ ଜରୁରୀ ଅବତରଣ କରାଇବାକୁ ବାଧ କରିଥିଲା। ଯୁଦ୍ଧରେ ଆମେରିକା ଓ ଇସ୍ରାଏଲ୍ ବ୍ୟୟବହୁଳ ଅସ୍ତ୍ରଶସ୍ତ୍ର ବ୍ୟବହାର କରୁଥିବାବେଳେ ଇରାନ୍ ଏହାର ଜବାବ ଦେବାକୁ ଯାଇ ଜୋର୍ଡାନ୍, ଇରାକ୍ ଓ ଆମେରିକୀୟ ସେନାଘାଟି ରହିଥିବା ଅନ୍ୟ ଗଲ୍ଫ ରାଷ୍ଟ୍ରରେ ଡ୍ରୋନ୍ ଏବଂ ମିଶାଇଲ୍ ଆକ୍ରମଣ କରୁଛି। କିନ୍ତୁ ଇରାନୀୟ ଅସ୍ତ୍ରଶସ୍ତ୍ର ସେତେ ଦାମୀ ନୁହେଁ ବୋଲି କୁହାଯାଉଛି। ୨ ଦିନ ତଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦେଶବାସୀଙ୍କୁ ସମ୍ବୋଧିତ କରି କହିଥିଲେ, ଇରାନ୍‌କୁ ଆମେରିକା ସମ୍ପୂର୍ଣ୍ଣ ଭାବେ ହରାଇସାରିଛି। ଏହା ପରେ ଶୁକ୍ରବାର ଆମେରିକାର ୨ଟି ଏୟାରକ୍ରାଫ୍ଟକୁ ଇରାନ୍ ଖସାଇଦେବା ଘଟଣା ଟ୍ରମ୍ପଙ୍କ ଦାବିକୁ ମିଛ ପ୍ରମାଣିତ କରିଛି ବୋଲି ତାଙ୍କ ଇରାନୀୟ ପ୍ରତିପକ୍ଷ ମସୌଦ ପେଜେସ୍କିଆନ୍ କହିଛନ୍ତି। ଇରାନୀୟ ସରକାରୀ ମିଡିଆ ଦାବି କରିଛି ଯେ, ଶୁକ୍ରବାର ପୃଥକ୍ ଭାବେ ଆମେରିକାର ଏକ ଏ-୧୦ ଆଟାକ୍ ଏୟାରକ୍ରାଫ୍ଟକୁ ଇରାନର ପ୍ରତିରକ୍ଷା ବଳ ଆକ୍ରମଣ କରିଥିଲା। ତାହା ପାରସ୍ୟ ଉପସାଗରୀୟ ଅଞ୍ଚଳରେ ଖସିପଡ଼ିଛି। ତେବେ ଉକ୍ତ ବିମାନଟି ଦୁର୍ଘଟଣାଗ୍ରସ୍ତ ହୋଇଛି ନା ତାକୁ ଖସାଇ ଦିଆଯାଇଛି ତାହା ସ୍ପଷ୍ଟ ହୋଇନାହିଁ ବୋଲି ଆମେରିକାର ଜଣେ ବରିଷ୍ଠ ଅଧିକାରୀ ଏକ ସମ୍ବେଦନଶୀଳ ସାମରିକ ସ୍ଥିତି ସମ୍ପର୍କରେ ଆଲୋଚନା ବେଳେ ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି।

୨ଟି ଯାକ ଆମେରିକୀୟ ଯୁଦ୍ଧବିମାନକୁ ଏକ ନୂଆ ଅତ୍ୟାଧୁନିକ ଡିଫେନ୍ସ ସିଷ୍ଟମ୍ ଜରିଆରେ ଖସାଯାଇଥିବା ଇରାନ୍ ଦାବି କରିଛି। ଏହାକୁ ଇରାନ କର୍ତ୍ତୃପକ୍ଷ ଏକ ବଡ଼ ସଫଳତା ବୋଲି ଘୋଷଣା କରିବା ପରେ ତେହେରାନ୍‌ରେ ନାଗରିକମାନେ ଉତ୍ସବ ମନାଉଥିବା ଦେଖିବାକୁ ମିଳିଛି। ଇରାନୀୟ ଅଧିକାରୀମାନେ କହିଛନ୍ତି, ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ଇରାନ୍‌ର ସାମରିକ ଭିତ୍ତିଭୂମିକୁ ଧ୍ୱସ୍ତବିଧ୍ୱସ୍ତ କରିଦେଇଥିବା ଦାବି କରୁଥିବାବେଳେ ଆମେରିକୀୟ ଏୟାରକ୍ରାଫ୍ଟଗୁଡ଼ିକୁ ଖସାଯିବା ଘଟଣାରୁ ମୁକାବିଲା ପାଇଁ ତେହରାନ୍ ଏବେ ବି ସକ୍ଷମ ବୋଲି ପ୍ରମାଣିତ ହୋଇଛି। ଇତିମଧ୍ୟରେ ୨ ଯୁଦ୍ଧବିମାନ ମଧ୍ୟରୁ ଗୋଟିଏର ଜଣେ କ୍ରିଉ ମେମ୍ବରଙ୍କୁ ଖୋଜି ସୁରକ୍ଷିତ ଭାବେ ଉଦ୍ଧାର କରିବା ପାଇଁ ଆମେରିକା ପକ୍ଷରୁ ଜୋର୍‌ଦାର ଉଦ୍ୟମ ଜାରି ରହିଛି। ତଲାସି ପାଇଁ ଆସିଥିବା ଏକ ୟୁଏସ୍ ବ୍ଲାକ୍ ହକ୍ ହେଲିକପ୍ଟରକୁ ମଧ୍ୟ ଇରାନ୍ ପକ୍ଷରୁ ଟାର୍ଗେଟ କରାଯାଇଥିଲା। ତେବେ ହେଲିକପ୍ଟରଟି ଖସିପଳାଇବାରେ ସକ୍ଷମ ହୋଇଥିବା ଆମେରିକୀୟ ଗଣମାଧ୍ୟମ ଦାବି କରିଛି। ଟ୍ରମ୍ପଙ୍କୁ ବିମାନ ଖସିବା ନେଇ ଅବଗତ କରାଯାଇଛି।

ପ୍ରକାଶ ଯେ, ଫେବୃଆରୀ ୨୮ରେ ଯୁଦ୍ଧ ଆରମ୍ଭ ହେବା ପରଠୁ ଅଦ୍ୟାବଧି ଅନ୍ୟୂନ ୨,୦୭୬ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୨୬,୫୦୦ ଜଣ ଆହତ ହୋଇଥିବା ଇରାନ୍ ପକ୍ଷରୁ ସୂଚନା ଦିଆଯାଇଛି। ଇରାନ୍‌ର ଅର୍ଦ୍ଧସରକାରୀ ନ୍ୟୁଜ୍ ଏଜେନ୍ସି ଫାର୍ସ ରିପୋର୍ଟ ଅନୁସାରେ ଆମେରିକା ପକ୍ଷରୁ ୪୮ ଘଣ୍ଟା ପାଇଁ ଅସ୍ତ୍ରବିରତି ପ୍ରସ୍ତାବ ଦିଆଯାଇଥିଲା, ଯାହାକୁ ତେହରାନ୍ ପ୍ରତ୍ୟାଖ୍ୟାନ କରିଦେଇଛି। ଆମେରିକାର ଛଳନାପୂର୍ଣ୍ଣ ଆଚରଣକୁ ଦେଖି କୂଟନୀତି ପ୍ରତି ୱାଶିଂଟନ୍‌ର ପ୍ରତିଶ୍ରୁତିବଦ୍ଧତା ଉପରେ ଇରାନ୍ ରାଷ୍ଟ୍ରପତି ପ୍ରଶ୍ନ କରିଛନ୍ତି। କେଉଁ ପକ୍ଷ ଆଲୋଚନା ପାଇଁ ଆଗ୍ରହୀ ଓ କିଏ ଆତଙ୍କବାଦକୁ ଆପଣାଇ ଆକ୍ରମଣ କରୁଛି ତାହା ବିଶ୍ୱ ସମୁଦାୟ ବିଚାର କରୁ ବୋଲି ସେ କହିଛନ୍ତି। ପେଜେସ୍କିଆନ୍ ଆହୁରି କହିଛନ୍ତି, ଇରାନ୍‌କୁ ପ୍ରସ୍ତର ଯୁଗକୁ ନେଇଯିବେ ବୋଲି ଟ୍ରମ୍ପଙ୍କ ଧମକ ପରେ ସେ ଫିନ୍‌ଲାଣ୍ଡ ରାଷ୍ଟ୍ରପତିଙ୍କ ସହ ଫୋନ୍‌ରେ କଥା ହୋଇଛନ୍ତି। ଟ୍ରମ୍ପଙ୍କ ଏଭଳି ଧମକକୁ ସେ ଏକ ବୃହତ୍ ଯୁଦ୍ଧ ଅପରାଧର ଆଖ୍ୟା ଦେଇଛନ୍ତି।

ସେପଟେ ଉପସାଗରୀୟ ଅଞ୍ଚଳ (ଗଲ୍ଫ)ରେ ମଧ୍ୟ ସ୍ଥିତି ଗମ୍ଭୀର ରହିଛି। ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ର ଆବୁଧାବିସ୍ଥିତ ଏକ ଗ୍ୟାସ୍ କମ୍ପ୍ଲେକ୍ସ ଉପରେ କ୍ଷେପଣାସ୍ତ୍ରେ ଭଗ୍ନାବଶେଷ ଖସିପଡ଼ିବାରୁ ଜଣେ ଇଜିପ୍ଟ ନାଗରିକଙ୍କ ମୃତ୍ୟୁ ଘଟିଥିବାବେଳେ ୪ ଆହତ ହୋଇଥିବା ସରକାରୀ ମିଡିଆ ଅଫିସ ସୂତ୍ରରୁ ପ୍ରକାଶ। କୁଏତ୍‌ର ଏକ ତୈଳ ବିଶୋଧନାଗାର ଉପରେ ଇରାନ୍ ଆକ୍ରମଣ କରିଛି। ବାହାରିନ୍‌ର ସିତ୍ରା ଅଞ୍ଚଳରେ ମଧ୍ୟ ଅନୁରୂପ ଘଟଣାରେ ୪ ଜଣ ଆହତ ହୋଇଥିବାବେଳେ ଅନେକ ଘର ଭାଙ୍ଗିଯାଇଛି।

## କୌଣସି ବି ଶିଶୁ ଶିକ୍ଷାରୁ ...

ଜନସାଧାରଣଙ୍କ ମଧ୍ୟରେ ଏକ ସେତୁ ଭଳି କାମ କରୁଛନ୍ତି। ଓଡିଶାର ପ୍ରତିଟି ଶିଶୁ ଆମର ଭବିଷ୍ୟତ। ତେଣୁ ଶିକ୍ଷା ହିଁ ପ୍ରକୃତ ସମ୍ପଦ ବୋଲି ଜନସଚେତନତା ସୃଷ୍ଟି କରନ୍ତୁ। ଆମର ଏହି ଶିକ୍ଷା ଅଭିଯାନକୁ ଆପଣମାନେ ରାଜ୍ୟବ୍ୟାପୀ ଏକ ଆନ୍ଦୋଳନରେ ପରିଣତ କରନ୍ତୁ। ଶିକ୍ଷୟିତ୍ରୀ ଶିକ୍ଷକମାନେ ପିଲାମାନଙ୍କୁ ନିଜ ପିଲାଭଳି ସ୍ନେହ କରନ୍ତୁ, ସେମାନଙ୍କ ପ୍ରତିଭାକୁ ଠିକ୍ ଭାବେ ନିରୂପଣ କରି ତା'ର ବିକାଶ ପ୍ରତି ଯତ୍ନବାନ୍ ହୁଅନ୍ତୁ ବୋଲି ସେ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ 'ନିପୁଣ ଓଡ଼ିଶା' ଓ 'ପଢ଼ିବା, ଗଢ଼ିବା ଓଡ଼ିଶା' ଅଭିଯାନରେ ବିଭିନ୍ନ ବିଦ୍ୟାଳୟରେ ପିଲାଙ୍କ ପାଇଁ ବିକଶିତ କରାଯାଇଥିବା ବିଷୟବସ୍ତୁ ଆଧାରିତ ଶିକ୍ଷଣୀୟ ସାମଗ୍ରୀ ପ୍ରଦର୍ଶନୀକୁ ବୁଲି ଦେଖିଥିଲେ। ପିଲାମାନଙ୍କୁ ଶିକ୍ଷା ସହାୟତା ସାମଗ୍ରୀ କିଟ୍ ପ୍ରଦାନ କରିଥିଲେ। ପିଲାଙ୍କ ଚିତ୍ରାଙ୍କନ ଷ୍ଟଲକୁ ବୁଲି ଦେଖିବା ସହିତ ସେମାନଙ୍କୁ ପ୍ରଶଂସା କରିଥିଲେ। ଛୋଟ ଛୋଟ ପିଲାମାନେ ଆଙ୍କିଥିବା ଚିତ୍ର ମୁଖ୍ୟମନ୍ତ୍ରୀଙ୍କୁ ଉପହାର ଦେଇଥିଲେ। ଏଥିସହ ମୁଖ୍ୟମନ୍ତ୍ରୀ ପତାକା ଦେଖାଇ ଶିକ୍ଷା ସଚେତନତା ରଥର ଶୁଭାରମ୍ଭ କରିଥିଲେ।

କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଏକାମ୍ର-ଭୁବନେଶ୍ୱର ବିଧାୟକ ବାବୁ ସିଂ, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦ୍ଦେବ, ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ସମାଜସେବୀ ଜଗନ୍ନାଥ ପ୍ରଧାନ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଶାସନ ସଚିବ ଏନ. ଥିରୁମାଲା ନାୟକ, ଓସେପାର ପ୍ରକଳ୍ପ ନିର୍ଦ୍ଦେଶିକା ଅନନ୍ୟା ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** - ଆଜିର ଗ୍ରହସ୍ଥିତି ଉନ୍ନତ ଚିନ୍ତା ସହ ବହୁବିଧ ଯୋଜନାରମ୍ଭର ମାର୍ଗଦର୍ଶନ କରାଇବେ । ବିଶେଷତଃ ଆପଣଙ୍କର ଅତି ନିକଟରେ ରହୁଥିବା ବନ୍ଧୁଟି ଦ୍ୱାରା କାମ ହାସଲ କରିପାରନ୍ତି । କର୍ମକ୍ଷେତ୍ରରେ ସ୍ୱାଧୀନ ଭାବରେ କାର୍ଯ୍ୟ କରିବାରେ ସୁଯୋଗ ମିଳିବ । ସ୍ୱାସ୍ଥ୍ୟ ଓ ପାରିବାରିକ ସ୍ଥିତିରେ ଆଂଶିକ ଉନ୍ନତି ଦେଖାଦେବାର ସମ୍ଭାବନା ରହିଛି ।

**ବୃଷ** - କାର୍ଯ୍ୟବ୍ୟସ୍ତତା ବୃଦ୍ଧି ପାଉଥିବାରୁ ମାନସିକ କ୍ଷେତ୍ର ଗରମ ରହିପାରେ । ଫଳରେ କେତେକ ବ୍ୟତିକ୍ରମ ସଦୃଶ ନିଜ ପରିସରର ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିଯିବ । ସାଧାରଣ କଥାରେ ସ୍ତ୍ରୀ ମୁହଁ ଫେରାଇ ନେଇପାରନ୍ତି । ଧନପ୍ରାପ୍ତି ସକାଶେ ଅନ୍ୟମାନଙ୍କ ଦ୍ୱାରସ୍ଥ ହେବାକୁ ପଡ଼ିପାରେ ।

**ମିଥୁନ** - ରାହୁଙ୍କ ପ୍ରଭାବରେ ମନ ଅଶାନ୍ତ ରହିବ ସିନା, କୌଣସି କାମ ସ୍ଥଗିତ ରହିବ ନାହିଁ । ଭଲ ସମ୍ପର୍କ ଥିବା ବନ୍ଧୁଟି ହଠାତ୍ ଭୁଲ୍ ବୁଝି ଅଭିମାନ କରିପାରନ୍ତି । ପରିସ୍ଥିତିର ତାଡ଼ନାରେ ଆକସ୍ମିକ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡ଼ିପାରେ । ଆଶା କରିଥିବା ଦିଗରୁ ଅର୍ଥ ପାଇବେ ଓ କାମଟି ବିଳମ୍ବରେ ସାଧନ ହେବ ।

**କର୍କଟ** - ଭାବପ୍ରବଣତାବଶତଃ କେତେକ ଭୁଲ୍ କରି ବିଭିନ୍ନ ପ୍ରକାରର ଦୁଶ୍ଚିନ୍ତା ସୃଷ୍ଟି ହେବ । କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ସାମାନ୍ୟ ତିକ୍ତତା ସୃଷ୍ଟି ହୋଇପାରେ । ବନ୍ଧୁଙ୍କୁ ଆପ୍ୟାୟିତ କରିବା ସକାଶେ ବିଭିନ୍ନ ପ୍ରକାରର ମନଗଢ଼ା କଥା କହିପାରନ୍ତି । କଳା, ସାହିତ୍ୟ, ସଂସ୍କୃତି ତଥା ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିଯୁକ୍ତ କରିପାରନ୍ତି ।

**ସିଂହ** - କେତୁଙ୍କ କୁପ୍ରଭାବରୁ ବିବାଦୀୟ ଚିନ୍ତା ମନରେ ସ୍ଥାନ ପାଇବ । ଆଲୋଚନା କାଳରେ କିଛି କହିବା ଅପେକ୍ଷା ବରଂ ନୀରବ ରହିପାରିଲେ ଭଲ ହେବ । ଶିଳ୍ପ, ବାଣିଜ୍ୟ ଓ ପରିବହନରେ ପ୍ରତିବନ୍ଧକ ଦୁଶ୍ଚିନ୍ତାର କାରଣ ହୋଇପାରେ । ସାମାଜିକ ଓ ଗଠନମୂଳକ କାମରେ, ସଭାସମିତିରେ ବନ୍ଧୁମାନଙ୍କ ଦ୍ୱାରା ପ୍ରଶଂସିତ ହୋଇପାରନ୍ତି ।

**କନ୍ୟା** - ପରୋକ୍ଷ ଶତ୍ରୁତାରୁ କାର୍ଯ୍ୟ କ୍ଷେତ୍ରରେ ଗୋଳମାଳିଆ ପରିସ୍ଥିତି ସୃଷ୍ଟି ହୋଇପାରେ । ବହୁତ ସମୟ ଧରି ଭ୍ରମଣ କାରଣରୁ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ । ନିଜ ପରିସରରେ ଛୋଟ ଘଟଣା ପ୍ରତି ଗୁରୁତ୍ୱ ଦିଅନ୍ତୁ ନାହିଁ ଯାହାକି ସମସ୍ୟା ଆନୟନ କରିବ । ଘରେ ବନ୍ଧୁମିଳନ ଓ ଆମୋଦପ୍ରମୋଦ ସକାଶେ ନୂତନ ଯୋଜନା କରିପାରନ୍ତି ।

**ତୁଳା** - ଆଜି କର୍ମାରମ୍ଭ ଓ ଯାତ୍ରା ପ୍ରଭୃତି ବିଶେଷ ପ୍ରତିକୂଳ ହେବନାହିଁ । କିନ୍ତୁ ସମସ୍ୟା ମଧ୍ୟରେ ବୁଡ଼ି ରହି ଆପଣଙ୍କ ଦୈନ୍ୟଯୁକ୍ତ କଥା ଭାବମୂର୍ତ୍ତିକୁ କ୍ଷୁଣ୍ଣ କରିପାରେ । ତଥାପି ଆଜି ପ୍ରଶାସନିକ କିମ୍ବା ରାଜନୈତିକ ସ୍ତରରେ ବହୁ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ହୋଇଯିବ । ବନ୍ଧୁଙ୍କ ଗହଣରେ ମଉଜିଆ କଥା କହି ଶତ୍ରୁଠାରୁ କାମ ହାସଲ କରିନେବେ ।

**ବିଛା** - ଆନୁଷଙ୍ଗିକ ସାହାଯ୍ୟ ସହଯୋଗ ମାଧ୍ୟମରେ ଦିନଟି ଭଲରେ କଟିବ । ଏକ ଭିନ୍ନ ପରିସ୍ଥିତିରେ ଦୂରେଇ ଯାଇଥିବା ଲୋକ ପାଖେଇ ଆସିପାରନ୍ତି । ବନ୍ଧୁଙ୍କ ପାରିବାରିକ ବିଷୟ ଚିନ୍ତାକରି ଭାବ ପ୍ରବଣତାରେ ନିଜେ ଚିନ୍ତିତ ରହିପାରନ୍ତି । ଅଟକି ରହିଥିବା କାମକୁ ପୂର୍ଣ୍ଣାଙ୍ଗ କରିବାରେ ସାମାନ୍ୟ ପ୍ରତିବନ୍ଧକର ସାମ୍ନା କରିବାକୁ ପଡ଼ିବ ।

**ଧନୁ** - ଆଜି କୌଶଳ ପ୍ରୟୋଗ କରି ଅନ୍ୟମାନଙ୍କଠାରୁ ଅର୍ଥ, କାମ ଆଦାୟ କରିବାରେ ସଫଳ ହେବେ । ମାତ୍ର ମତାନ୍ତରଜନିତ ପରିବାରରେ ହଠାତ୍ ସ୍ତ୍ରୀଙ୍କ ସହ ମନୋମାଳିନ୍ୟ ଘଟିବ । ସଭାସମିତିରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପଡ଼ିବେ । ଶାରୀରିକ ସୁସ୍ଥତା ରହିବା ସହ ଆଜିର ଯାତ୍ରା, ବାଣିଜ୍ୟ, ବନ୍ଧୁସମ୍ପର୍କ ଉତ୍ତମ ରହିବ ।

**ମକର** - ଆର୍ଥିକ ଉନ୍ନତି ଘଟିବ, କିନ୍ତୁ ସ୍ତ୍ରୀଙ୍କ ସହ ମତାନ୍ତର ସୃଷ୍ଟିର ଆଶଙ୍କା ରହିଛି । ବାଣିଜ୍ୟ ଓ ପରିବହନରେ ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି ପାଇପାରେ । ନିଜ ପରିସରରେ ସାଙ୍ଗମାନେ କିମ୍ବା ପଡ଼ୋଶୀମାନେ କଅଁଳିଆ କଥା କହି କାର୍ଯ୍ୟ ହାସଲ କରିବାର ଅପଚେଷ୍ଟା କରିବେ । ବିବାଦୀୟ ଘଟଣାରେ ମଧ୍ୟସ୍ଥତା କଲେ ସମାଲୋଚିତ ହେବାକୁ ପଡ଼ିପାରେ ।

**କୁମ୍ଭ** - ଗ୍ରହସ୍ଥିତିର ଅନୁକୂଳତା ପ୍ରାପ୍ତ ହୋଇ ପ୍ରତ୍ୟେକ କାମ ସୁରୁଖୁରୁରେ ସମ୍ପନ୍ନ କରିବେ । ସାଙ୍ଗଠନିକ କାମ, ପରିବହନ, ରାଜନୀତି, ଆଇନ ଓ ଆନୁଷ୍ଠାନିକ କାମରେ ଶୁଭ ଫଳ ମିଳିବ । କର୍ମକ୍ଷେତ୍ରରେ ଅନ୍ୟମନସ୍କ ହେତୁ ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ । ସମ୍ପର୍କୀୟମାନଙ୍କ ଈର୍ଷା ଓ ଅସୂୟା ଭାବ ଯୋଗୁ ବିଚଳିତବୋଧ କରିପାରନ୍ତି ।

**ମୀନ** - ସମସ୍ୟା ବିଜଡ଼ିତ ରହିବା କାରଣରୁ ଆପଣ ଦୈହିକ ଓ ମାନସିକ ସ୍ତରରେ ଦିଗହରା ହୋଇପାରନ୍ତି । ଆଲୋଚନା ଭିତରେ ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଭଲ ରହିବନାହିଁ । ଶ୍ରମ ଓ ଭ୍ରମଣଜନିତ ସାମୟିକ ଅସୁସ୍ଥତା କାରଣରୁ କେତେକ କାମରେ ଅବହେଳା କରିପାରନ୍ତି । ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା କ୍ଷେତ୍ରରେ ବେଶ୍ ଆଦୃତ ହେବେ ।

ଆଜି ଏପ୍ରିଲ ୫ ତାରିଖ, ସମତା ଦିବସ, ରାଷ୍ଟ୍ରୀୟ ନୌସେନା ଦିବସ, ରାଷ୍ଟ୍ରୀୟ ସାମୁଦ୍ରିକ ଦିବସ, ବାବୁ ଜଗଜ୍ଜୀବନରାମଙ୍କ ଜୟନ୍ତୀ, ବୈଶାଖ କୃଷ୍ଣ ତୃତୀୟା ଯୁକ୍ତ ଚତୁର୍ଥୀ ରବିବାର । ରାଶି ନକ୍ଷତ୍ର-ବିଶାଖା/ତୁଳା, ଚତୁର୍ଥୀର ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୪୦ ଗତେ ଘ.୦୯।୪୬ ମଧ୍ୟେ, ଘ.୦୧।୨ ଗତେ ଘ.୦୧।୫୨ ମଧ୍ୟେ ଶୁଦ୍ଧ ଶୁଭବେଳା । ଅପରାହ୍ନ ଘ.୦୪।୨୬ ଗତେ ଘ.୦୫।୫୮ ମଧ୍ୟେ ରାହୁକାଳ ।

ଧରିତ୍ରୀ
DHARITRI
ଧରିତ୍ରୀ 52 Years



# ଗଛ ଡାଳରେ ଚାପିହୋଇ ଜୀବନ ଗଲା

## ୨୦ ଫୁଟ ଉପରେ ଘଣ୍ଟାଏ ଝୁଲିରହିଲେ ଯୁବକ

ଉଦଳା,୪।୪(ସନ୍ତୋଷ କୁମାର ବାଛିନି)

ଗଛ ଉପରେ ଚଢ଼ି ଡାଳ କାଟୁଥିବା ବେଳେ ଲଦି ହୋଇଗଲା ଆଉ ଏକ ଗଛ। ଗଛ ଡାଳରେ ଚାପିହୋଇ ୨୦ ଫୁଟ ଉପରେ ୧ ଘଣ୍ଟା ଝୁଲିରହିଲେ ଯୁବକ। ଶେଷରେ ତାଙ୍କର ମୃତ୍ୟୁ ଘଟିଛି। ମୟୂରଭଞ୍ଜ ଜିଲା କପ୍ତିପଦା ଥାନା ଅଧୀନ କରୁଡ଼ିଆ ଗ୍ରାମରେ ଶନିବାର ସକାଳେ ଏଭଳି ଘଟଣା ଘଟିଛି। ମୃତକ ହେଲେ ଶାଣଦେଇ ଗ୍ରାମର କୁଅଁର ହାଁସଦା। ସୂଚନା ଅନୁଯାୟୀ, କୁଅଁର ସକାଳେ କରୁଡ଼ିଆ ଗ୍ରାମର ଜଣେ ବ୍ୟକ୍ତିଙ୍କ ବାଡ଼ିରେ ଗଛ ଉପରକୁ ଚଢ଼ି ଡାଳ କାଟୁଥିବାବେଳେ ହଠାତ୍ ଉକ୍ତ ଗଛ ଉପରେ ଆଉଜି ହୋଇ ରହିଥିବା ଅନ୍ୟ ଏକ ଗଛ ଡାଳ କୁଅଁରଙ୍କ ଉପରେ ପଡ଼ିଯାଇଥିଲା। ୧ଘଣ୍ଟା ଧରି ଝୁଲନ୍ତା ଅବସ୍ଥାରେ ରହିବା ପରେ କପ୍ତିପଦା ଦମକଳ ବାହିନୀ ପହଞ୍ଚି ତାଙ୍କୁ ଉଦ୍ଧାର କରି ଉଦଳା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।



ବ୍ୟାଙ୍କକ୍‌ରେ ଅନୁଷ୍ଠିତ ବିଶ୍ୱ ତୀରନ୍ଦାଜୀ ପାରା ସିରିଜ୍-୨୦୨୬ର ଶନିବାର ବ୍ୟକ୍ତିଗତ କମ୍ପାଉଣ୍ଡ ଇଭେଣ୍ଟ ଅବସରରେ ତୀରଚାଳନା କରୁଛନ୍ତି ଓଡ଼ିଶାର ପାୟଲ ନାଗ।

# ପାୟଲ ନୂଆ ବିଶ୍ୱବିଜେତା

## ବିଶ୍ୱର ନଂ.୧ ଶୀତଲ ଦେବୀଙ୍କୁ ହରାଇ ସ୍ୱର୍ଣ୍ଣ ଜିତିଲେ

ବଲାଙ୍ଗୀର,୪।୪(ବୀରେନ୍ଦ୍ର କୁମାର ଝାଙ୍କର)

**ବିଶ୍ୱ ତୀରନ୍ଦାଜୀ ପାରା ସିରିଜ୍-୨୦୨୬**

ବିଶ୍ୱ ତୀରନ୍ଦାଜୀ ପାରା ସିରିଜ୍ ୨୦୨୬ର ନୂଆ ବିଶ୍ୱ ବିଜେତା ସାଜିଛନ୍ତି ଓଡ଼ିଶା (ବଲାଙ୍ଗୀର)ର ବିସ୍ମୟ ପ୍ରତିଭା ପାୟଲ ନାଗ। ଥାଇଲାଣ୍ଡର ବ୍ୟାଙ୍କକ୍‌ଠାରେ ଅନୁଷ୍ଠିତ ବିଶ୍ୱ ତୀରନ୍ଦାଜୀ ପାରା ସିରିଜ୍ ୨୦୨୬ର ଅନ୍ତିମ ଦିବସରେ ଅନୁଷ୍ଠିତ ବ୍ୟକ୍ତିଗତ କମ୍ପାଉଣ୍ଡ ଇଭେଣ୍ଟରେ ବିଶ୍ୱର ନମ୍ବର ୧ ଖେଳାଳି ଭାରତର ଶୀତଲ୍ ଦେବୀଙ୍କୁ ୧୩୯-୧୩୬ ପଏଣ୍ଟରେ ପରାସ୍ତ କରି ସ୍ୱର୍ଣ୍ଣପଦକ ହାସଲ କରିବା ସହ ନୂଆ ଇତିହାସ ରଚିଛନ୍ତି ପାୟଲ। ଶୁକ୍ରବାର ପାୟଲ ଏବଂ ଶୀତଲ୍ ଦେବୀ କମ୍ପାଉଣ୍ଡ ଟିମ୍ ଇଭେଣ୍ଟ ଫାଇନାଲରେ ମିଳିତ ଭାବେ ସ୍ୱର୍ଣ୍ଣପଦକ ଜିତିଥିଲେ। ଉଭୟ ହାତ ଏବଂ ଗୋଡ଼ ନ ଥିବା ପାୟଲ ବିଶ୍ୱର ପ୍ରଥମ ପାରା ତୀରନ୍ଦାଜ ଭାବେ ଏହି ସଫଳତା ହାସଲ କରିଥିବାରୁ ତାଙ୍କ ପାଖକୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି।

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ୍ ଅନ୍ତର୍ଗତ ଯମୁନାବାହାଲ ଗାଁର ଏକ ଗରିବ ପରିବାରରେ ପାୟଲ ନାଗଙ୍କ ଜନ୍ମ। ୨୦୧୫ରେ ମାତ୍ର ୮ବର୍ଷ ବୟସରେ ପାୟଲ ତାଙ୍କ ମା' ଜନତା ନାଗ ଓ ପିତା ବିଜୟ ନାଗଙ୍କ ସହ ଛତିଶଗଡ଼ ରାଜଧାନୀ ରାୟପୁରକୁ ଦାଦନ ଖଟିବାକୁ ଯାଇଥିଲେ। ସେଠାରେ ଏକ ନିର୍ମାଣାଧୀନ କୋଠାରେ କାମ କଲାବେଳେ ଉଚ୍ଚଶକ୍ତିସମ୍ପନ୍ନ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଦୁଇ ହାତ ଓ ଦୁଇ ଗୋଡ଼ ହରାଇ ସମ୍ପୂର୍ଣ୍ଣ ଭିନ୍ନକ୍ଷମ ପାଲଟି ଯାଇଥିଲେ। ଏହାପରେ ତାଙ୍କ ଜୀବନ ଦୁର୍ବିଷହ ହୋଇପଡ଼ିଥିଲା। ତାଙ୍କୁ ବଲାଙ୍ଗୀରସ୍ଥିତ ପାର୍ବତୀ ଗିରି ବାଲ୍ ନିକେତନକୁ ଆଣି ରଖାଯାଇଥିଲା। ସେଠାରେ ରହଣି ସମୟରେ ପାୟଲଙ୍କ ଭିତରେ ଅଦ୍ଭୁତ ଚିତ୍ରକଳା ପ୍ରତିଭା ରହିଥିବା ଜଣାପଡ଼ିଥିଲା। ପାୟଲଙ୍କ ବିଚକ୍ଷଣ ପ୍ରତିଭା ଦେଖି ତତ୍କାଳୀନ ବଲାଙ୍ଗୀର ଜିଲାପାଳ ଚଞ୍ଚଳ ରାଣା ତାଙ୍କୁ ତୀରନ୍ଦାଜୀ ପ୍ରଶିକ୍ଷଣ ପାଇଁ ଜମ୍ମୁ-କଶ୍ମୀରର କଟ୍ରାସ୍ଥିତ ତୀରନ୍ଦାଜୀ ପ୍ରଶିକ୍ଷଣ କେନ୍ଦ୍ରକୁ ପଠାଇଥିଲେ। ସେଠାରୁ ଏକ ଭିନ୍ନ ପାୟଲଙ୍କ ଆବିର୍ଭାବ ହୋଇଥିଲା। କୋଚ୍ ଅଭିଳାଷା ଚୌଧୁରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପାୟଲ ବ୍ୟାଙ୍କକ୍‌ଠାରେ ବିଶ୍ୱ ତୀରନ୍ଦାଜୀ ପାରା ସିରିଜ୍‌ରେ ଭାଗ ନେଇଥିଲେ।

# ପୁରୀ ବିମାନବନ୍ଦରକୁ ଜଙ୍ଗଲ ଅନୁମୋଦନ

ପୁରୀରେ ଶ୍ରୀଜଗନ୍ନାଥ ଅନ୍ତର୍ଜାତୀୟ ବିମାନବନ୍ଦର ନିର୍ମାଣ ପାଇଁ ବାଟ ଖୋଲିଛି। ଏହି ମେଗା ପ୍ରକଳ୍ପ ନିମନ୍ତେ କେନ୍ଦ୍ର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଷ୍ଟେଜ୍-୧ ଜଙ୍ଗଲ ଅନୁମୋଦନ ଦେଇଥିବା ଶନିବାର ଜଣାପଡ଼ିଛି। ପୁରୀ ବନଖଣ୍ଡ ଅନ୍ତର୍ଗତ ପ୍ରାୟ ୨୭.୮୮୭ ହେକ୍ଟର ଡିଷ୍ଟ୍ରିକ୍ଟ ଲେଭଲ କମିଟି (ଡିଏଲ୍‌ସି) ଜଙ୍ଗଲ ଜମିକୁ ବିମାନବନ୍ଦର କାର୍ଯ୍ୟରେ ବ୍ୟବହାର ପାଇଁ କେନ୍ଦ୍ର ସରକାର ସମ୍ମତି ଦେଇଛନ୍ତି। ଜଙ୍ଗଲ ପରାମର୍ଶଦାତା କମିଟିର ବୈଠକ ପରେ ଏହି ନିଷ୍ପତ୍ତି ନିଆଯାଇଛି। ଏହି ଡିଏଲ୍‌ସି ଜଙ୍ଗଲ ଜମି ବଦଳରେ କାକଟପୁର ତହସିଲର ପ୍ରାୟ ୨୯.୯୩୯ ହେକ୍ଟର ଅଣ-ଜଙ୍ଗଲ ଜମିରେ ବନୀକରଣ କରାଯିବ। ଏହାସହ ପ୍ରାୟ ୬୦ ହେକ୍ଟର ଅବକ୍ଷୟ ଜଙ୍ଗଲର ପୁନରୁଦ୍ଧାର କରାଯିବ। ଏହି ବିମାନବନ୍ଦର ନିର୍ମାଣ ହେଲେ ବିଶ୍ୱର ବିଭିନ୍ନ ପ୍ରାନ୍ତରୁ ଆସୁଥିବା ଭକ୍ତ ଓ ପର୍ଯ୍ୟଟକମାନେ ଆଉ ଭୁବନେଶ୍ୱର ଉପରେ ନିର୍ଭର ନ କରି ସିଧାସଳଖ ପୁରୀରେ ଓହ୍ଲାଇ ପାରିବେ। ପର୍ଯ୍ୟଟନ ଶିଳ୍ପରେ ବଡ଼ ପରିବର୍ତ୍ତନ ଆସିବ ଏବଂ ସ୍ଥାନୀୟ ଲୋକଙ୍କ ପାଇଁ ରୋଜଗାରର ସୁଯୋଗ ସୃଷ୍ଟି ହେବ। ଷ୍ଟେଜ-୧ କ୍ଲିୟରାନ୍ସ ପରେ ପରବର୍ତ୍ତୀ ପଦକ୍ଷେପସ୍ୱରୂପ ରାଜ୍ୟ ସରକାରଙ୍କୁ କିଛି ସର୍ତ୍ତ ପୂରଣ କରିବାକୁ ପଡ଼ିବ। ସେଥିରେ ଜଙ୍ଗଲ ଜମିର ମୂଲ୍ୟ (ନେଟ୍ ପ୍ରେଜେଣ୍ଟ ଭାଲ୍ୟୁ) ପ୍ରଦାନ କରିବା ଏବଂ ପରିବେଶ ସୁରକ୍ଷା ପାଇଁ ନିର୍ଦ୍ଧାରିତ ପାଣ୍ଠି ଜମା କରିବା ଅନ୍ତର୍ଭୁକ୍ତ। ଏହି ସର୍ତ୍ତଗୁଡ଼ିକ ପୂରଣ ହେବା ପରେ ଷ୍ଟେଜ୍-୨ (ଚୂଡ଼ାନ୍ତ) ଅନୁମତି ମିଳିବ।

ପୁରୀ,୪।୪(ଅଜିତ୍ କୁମାର ମହାନ୍ତି)

## ■ ୨୭.୮୮୭ ହେକ୍ଟର ଡିଏଲ୍‌ସି ଜଙ୍ଗଲ ଜମି ବ୍ୟବହାର ଲାଗି ଅନୁମତି

୧,୧୬୪ ଏକର ଜମି ଉପରେ ନିର୍ମାଣ ହେବାକୁ ଥିବା ପୁରୀ ଅନ୍ତର୍ଜାତୀୟ ବିମାନବନ୍ଦର ମଧ୍ୟରେ ୯୪୩ ଏକର ସରକାରୀ ଜମି ଥିବାବେଳେ ୨୨୧ ଏକର ଘରୋଇ ଜମି ରହିଛି। ପୂର୍ବରୁ କେନ୍ଦ୍ର ସରକାରଙ୍କ ପରାମର୍ଶକ୍ରମେ ଭାରତୀୟ ବନ୍ୟଜନ୍ତୁ ପ୍ରତିଷ୍ଠାନ ବିଶେଷଜ୍ଞ ଟିମ୍‌ର ମତାମତ ଲୋଡ଼ିଥିଲେ ରାଜ୍ୟ ସରକାର। ପରେ ବନ୍ୟଜନ୍ତୁ ପ୍ରତିଷ୍ଠାନର ବିଶେଷଜ୍ଞ ଟିମ୍ କ୍ଷେତ୍ର ପରିଦର୍ଶନ କରି ବନ୍ୟଜନ୍ତୁ ପ୍ରଜାତି, ଇରାୱାଡି ଡଲଫିନ୍, ପ୍ରବାସୀ ଜଳପକ୍ଷୀ, ଅଲିଭ୍ ରିଡ୍‌ଲେକୁ ନେଇ ଅନୁଶୀଳନ କରିଥିଲେ। ବିଶେଷଜ୍ଞ ଟିମ୍ ଏନେଇ ଏକ ରିପୋର୍ଟ ପ୍ରସ୍ତୁତ କରି ସରକାରଙ୍କୁ ଦେଇଥିଲେ। ଉଭୟ ଜୈବବିବିଧତା ଓ ବନ୍ୟଜନ୍ତୁ ଅନୁଶୀଳନକୁ ନେଇ ଏହି ରିପୋର୍ଟ ପ୍ରସ୍ତୁତ ହୋଇଥିଲା। ଏବେ ଅନୁମତି ମିଳିବା ପରେ ପର୍ଯ୍ୟଟକ ଓ ସହରବାସୀ ବେଶ୍ ଖୁସିବ୍ୟକ୍ତ କରିଛନ୍ତି। ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା କହିଛନ୍ତି, ପୁରୀ ବିମାନବନ୍ଦରକୁ ନେଇ ୨ଟି ଆକ୍ଟିଭିଟି ଚାଲିଛି। ସେଥିମଧ୍ୟରେ ଷ୍ଟେଜ୍-୧ ଅନୁମତି ରହିଥିଲା, ଯାହା କେନ୍ଦ୍ର ସରକାର ପ୍ରଦାନ କରିଛନ୍ତି। ଗ୍ରୀନ୍‌ଫିଲ୍ଡ ଏୟାରପୋର୍ଟ ପାଇଁ ନିର୍ଦ୍ଦିଷ୍ଟ ସର୍ତ୍ତ ରହିଛି। ଏହି ସର୍ତ୍ତ ମୁତାବକ କାମ କରାଯାଇ ରିପୋର୍ଟ ଜାରି ହେବା ପରେ ଆଗକୁ ଆଉ ଅନୁମତି ମିଳିବ। ଦ୍ୱିତୀୟ ହେଉଛି ଲ୍ୟାଣ୍ଡ ବା ଜମି ଅଧିଗ୍ରହଣ। ଜମି ଅଧିଗ୍ରହଣ ପାଇଁ କାର୍ଯ୍ୟ ଜାରି ରହିଛି। ଏହାଶେଷ ହେବା ପରେ ଷ୍ଟେଜ୍-୨ ଅନୁମତି ମଧ୍ୟ ମିଳିଯିବ। ଜମି ଅଧିଗ୍ରହଣ ପ୍ରକ୍ରିୟା ପାଇଁ ମଧ୍ୟ ଜନଶୁଣାଣି ମାଧ୍ୟମରେ ଲୋକଙ୍କ ସହ ଆଲୋଚନା ଚାଲିଛି। ଅନୁମତି ଅନୁସାରେ ଜମି ନିର୍ଦ୍ଧାରଣ ହେବ। ଶୁଣାଣି ପରେ ଅନ୍ୟାନ୍ୟ କାର୍ଯ୍ୟ କରାଯାଇ କ୍ଷତିପୂରଣ ନିର୍ଦ୍ଧାରଣ କରାଯିବ। ସମସ୍ତ ସର୍ତ୍ତ ପୂରଣ ହେବା ପରେ ପରବର୍ତ୍ତୀ କାର୍ଯ୍ୟ କରାଯିବ ବୋଲି ଜିଲାପାଳ ପରିଡ଼ା କହିଛନ୍ତି।

ସାମାଜିକ କର୍ମୀ ହେକ୍ଟର ମିଶ୍ର କହିଛନ୍ତି, ପୁରୀରେ ଅନ୍ତର୍ଜାତୀୟ ବିମାନବନ୍ଦର ପାଇଁ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ପକ୍ଷରୁ ଅନୁମତି ମିଳିଛି। ପୂର୍ବାଞ୍ଚଳରେ ପ୍ରଥମ ଗ୍ରୀନ୍ ଫିଲ୍ଡ ହେବାକୁ ଯାଉଛି। ରାଜ୍ୟ ସରକାର, ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ଏବଂ ଡିଜିସିଏକୁ ଧନ୍ୟବାଦ ଜଣାଇବା ସହ ପୁନର୍ବାର ଟେଣ୍ଡର ଡାକି ୨୦୨୮ରେ ଯେଉଁ କାମ ଶେଷ ହେବାକୁ ଥିଲା, ତାହାକୁ ଶୀଘ୍ରସାରି କାର୍ଯ୍ୟକ୍ଷମ କରିବାକୁ ମିଶ୍ର ମତବ୍ୟକ୍ତ କରିଛନ୍ତି। ଜୀବନ ଜୀବିକା ଓ ପରିବେଶ ସୁରକ୍ଷା ଅଭିଯାନର ଆବାହକ ସୁରେନ୍ଦ୍ର କୁମାର ତପସୁ କହିଛନ୍ତି, ମନ୍ତ୍ରଣାଳୟ ପକ୍ଷରୁ ଯେଉଁ ଅନୁମତି ପ୍ରଦାନ କରାଯାଇଛି ତାହା ଇନ୍ ପ୍ରିନ୍ସିପୁଲ୍ ଆପ୍ରୁଭାଲ। ଯେଉଁଥିରେ ଅନେକ ସର୍ତ୍ତ ରହିଛି। ଏହା ଫାଇନାଲ ଅନୁମତି ନୁହେଁ। ବିମାନବନ୍ଦର ହେଲେ ଅନେକ କ୍ଷତି ହେବ। ଅନେକ ଗଛ ସହ ଜୀବଜନ୍ତୁ ସୁରକ୍ଷାକୁ ନେଇ ପ୍ରଶ୍ନ ସୃଷ୍ଟି କରିବ। ସମସ୍ତ ଜଳଚର ପ୍ରାଣୀ ବେଶ୍ ପ୍ରଭାବିତ ହେବେ। ମନ୍ଦିର ପ୍ରତି ମଧ୍ୟ ବିପଦ ରହିଛି। ଅନ୍ତର୍ଜାତୀୟ ବିମାନବନ୍ଦର ହେଲେ ବଡ଼ ବଡ଼ ବିମାନ ଆସିବ, ଯାହାର ପ୍ରଭାବ ମନ୍ଦିର ଉପରେ ପଡ଼ିବ। ଭୁବନେଶ୍ୱରଠାରେ ଏକ ବିମାନବନ୍ଦର ଥିବାବେଳେ ପୁରୀରେ ବିମାନବନ୍ଦରର ଆବଶ୍ୟକ ନାହିଁ। ଏୟାରପୋର୍ଟ ନାମରେ ପୁରୀ ଜମିକୁ ଅକ୍ତିଆର କରିବାକୁ ଚେଷ୍ଟା କରାଯାଉଛି। ପୁରୀ ଏକ ବାତ୍ୟାପ୍ରବଣ ଅଞ୍ଚଳ। ଆଜିପର୍ଯ୍ୟନ୍ତ ଶାମୁକା ପ୍ରକଳ୍ପ ହୋଇପାରୁ ନାହିଁ। ତେଣୁ ଏୟାରପୋର୍ଟ ହେବା ସମ୍ଭବ ନୁହେଁ ବୋଲି ତପସୁ କହିଛନ୍ତି।

# ଉଚ୍ଚଶିକ୍ଷା ନାମଲେଖା: ଏସ୍‌ଟି, ଏସ୍‌ସି, ଏସ୍‌ଇବିସିଙ୍କ ସଂରକ୍ଷଣ ବଢ଼ିଲା

## ରାଜ୍ୟ କ୍ୟାବିନେଟ୍ ନିଷ୍ପତ୍ତି

ଭୁବନେଶ୍ୱର,୪।୪(ସୁନିତ୍ ମିଶ୍ର)

ଓଡ଼ିଶାର ମେଡିକାଲ, ଇଞ୍ଜିନିୟରିଂ ଏବଂ ଅନ୍ୟାନ୍ୟ ଉଚ୍ଚଶିକ୍ଷା ଓ ପ୍ରଯୁକ୍ତିବିଦ୍ୟା ଶିକ୍ଷା ପାଠ୍ୟକ୍ରମ କ୍ଷେତ୍ରରେ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଏବଂ ପଛୁଆ ବର୍ଗମାନଙ୍କ ସଂରକ୍ଷଣ ବ୍ୟବସ୍ଥାରେ ପରିବର୍ତ୍ତନ କରାଯାଇଛି। ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ଉଚ୍ଚଶିକ୍ଷା ପାଠ୍ୟକ୍ରମରେ ନାମଲେଖା କ୍ଷେତ୍ରରେ ଏଣିକି ଅନୁସୂଚିତ ଜନଜାତି (ଏସ୍‌ଟି)ଙ୍କୁ ୨୨.୫୦%, ଅନୁସୂଚିତ ଜାତି (ଏସ୍‌ସି)ଙ୍କୁ ୧୬.୨୫% ଏବଂ ସାମାଜିକ ଓ ଶିକ୍ଷାଗତ ପଛୁଆ ବର୍ଗ (ଏସ୍‌ଇବିସି)ର ଛାତ୍ରୀଛାତ୍ରମାନଙ୍କ ଲାଗି ୧୧.୨୫ ପ୍ରତିଶତ ସଂରକ୍ଷଣ ମିଳିବ। ଶନିବାର ଲୋକସେବା ଭବନରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକ ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଘୋଷଣା କରିଛନ୍ତି। କ୍ୟାବିନେଟ୍ ବୈଠକରେ ୧୩ଟି ବିଭାଗରେ ମୋଟ୍ ୧୯ଟି ପ୍ରସ୍ତାବ ଆସିଥିବା ବେଳେ ସେଥିରୁ ୧୬ଟି ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି। ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ସରକାର ଆଣିଥିବା ସଂରକ୍ଷଣ ☞ପୃଷ୍ଠା-୧୦



ମୋହନ ଚରଣ ମାଝୀ

# ଆରମ୍ଭ ହେବ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା

ଭୁବନେଶ୍ୱର,୪।୪(ସୁନିତ୍ ମିଶ୍ର)

## ଅଧିକ ୫ କେଜି ଚାଉଳ ପାଇବେ ହିତାଧିକାରୀ

ଜାତୀୟ ଖାଦ୍ୟ ସୁରକ୍ଷା ଆଇନ (ଏନ୍‌ଏଫ୍‌ଏସ୍‌ଏ) ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା (ଏସ୍‌ଏଫଏସ୍‌ଏସ୍)ର ହିତାଧିକାରୀ ଏଣିକି ଅଧିକ ୫ କେଜି ଲେଖାଏ ଚାଉଳ ପାଇବେ। ହିତାଧିକାରୀମାନେ ଯେତିକି ଚାଉଳ ବର୍ତ୍ତମାନ ପାଉଛନ୍ତି ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା (ଏମ୍‌ଏପିୱାଇ)ରେ ସେମାନଙ୍କ କୋଟାରେ ଅତିରିକ୍ତ ୫ କେଜି ଚାଉଳ ପାଇବେ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଛନ୍ତି।

ଶନିବାର କ୍ୟାବିନେଟ୍ ବୈଠକ ଶେଷ ହେବାପରେ ମୁଖ୍ୟମନ୍ତ୍ରୀ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, ରାଜ୍ୟରେ ଖାଉଟିଙ୍କୁ ସେମାନଙ୍କ ଆବଶ୍ୟକତା ଅନୁଯାୟୀ ଚାଉଳ ଉପଲବ୍ଧ କରାଇ ଖାଦ୍ୟ ସୁରକ୍ଷାକୁ ଅଧିକ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ମାଧ୍ୟମରେ ଏନ୍‌ଏଫ୍‌ଏସ୍‌ଏ ଏବଂ ଏସ୍‌ଏଫ୍‌ଏସ୍‌ଏସ୍ ହିତାଧିକାରୀ ଅତିରିକ୍ତ ଚାଉଳ କୋଟା ପାଇବେ। ଏହି ଯୋଜନା ମାଧ୍ୟମରେ ରାଜ୍ୟର ଟାର୍ଗେଟେଡ୍ ପବ୍ଲିକ୍ ଡିଷ୍ଟ୍ରିବ୍ୟୁଶନ ସିଷ୍ଟମ ଅଧୀନ ସମସ୍ତ ହିତାଧିକାରୀ ପରିବାର ପାଇଁ ସେମାନଙ୍କ ମାସିକ ନିୟମିତ ଧାର୍ଯ୍ୟ ଚାଉଳ କୋଟା ବ୍ୟତୀତ ମୁଣ୍ଡ ପିଛା ୫ କେଜି ଲେଖାଏ ଅତିରିକ୍ତ ଚାଉଳ ମାଗଣାରେ ପାଇବେ। ରାଜ୍ୟରେ ବର୍ତ୍ତମାନ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଅଧୀନରେ ୯୭ ଲକ୍ଷ ୯୭ ହଜାର ୫୭୨ ପରିବାରର ୩ କୋଟି ୨୨ ଲକ୍ଷ ୮୯ ହଜାର ୬୯୨ ଜଣ ହିତାଧିକାରୀ ଉପକୃତ ହେଉଛନ୍ତି। ସେହିପରି ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଅଧୀନରେ ୨ ଲକ୍ଷ ୯୮ ହଜାର ୭୨୫ ପରିବାରର ୫ ଲକ୍ଷ ୬୨ ହଜାର ୭୩୭ ହିତାଧିକାରୀ ଉପକୃତ ହେଉଛନ୍ତି। ଏହିପରି ଉଭୟ ଯୋଜନାରେ ☞ପୃଷ୍ଠା-୧୦

କ୍ୟାବିନେଟ୍ ବୈଠକ ସମ୍ପର୍କିତ ଅଧିକ ଖବର ପୃଷ୍ଠା-୫

# ଏସ୍‌ଆଇଆର୍ ଦାୟିତ୍ୱରେ ଅବହେଳା: ବିଏଲ୍‌ଓ ନିଲମ୍ବିତ

ପାରଳାଖେମୁଣ୍ଡି,୪।୪(ଗିରିଧାରୀ ପରିଚ୍ଛା)

ଗଜପତି ଜିଲା ପାରଳାଖେମୁଣ୍ଡି-୧୩୭ ବିଧାନସଭାର କାଶୀନଗର ବ୍ଲକ ଅନ୍ତର୍ଗତ ଭୋଟଗ୍ରହଣ କେନ୍ଦ୍ରର ବୁଥସ୍ତରୀୟ ଅଧିକାରୀ (ବିଏଲ୍‌ଓ) ଭୋଟର ତାଲିକା ସଂଶୋଧନ (ଏସ୍‌ଆଇଆର୍) କାର୍ଯ୍ୟରେ ଅବହେଳା କରି ନିଲମ୍ବିତ ହୋଇଛନ୍ତି। ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ଶନିବାର ବିଏଲ୍‌ଓ ତଥା ସହକାରୀ ଶିକ୍ଷକ ରାମାନୁଜ ଦାସଙ୍କୁ ନିଲମ୍ବନ କରିଛନ୍ତି। ଜିଲା ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପତ୍ରସଂଖ୍ୟା ୨୩୯/ଇଲେକ୍ସନ ପ୍ରକାରେ ଭୋଟଗ୍ରହଣ କେନ୍ଦ୍ର ନଂ.୧୧୦-ସିଧାମଡାଙ୍ଗାର ବୁଥସ୍ତରୀୟ ଅଧିକାରୀ ତଥା ସହକାରୀ ଶିକ୍ଷକ ଦାସ ଲୋକ ପ୍ରତିନିଧିତ୍ୱ ଆଇନ ୧୯୫୦ ଏବଂ ଲୋକ ପ୍ରତିନିଧିତ୍ୱ ଆଇନ ୧୯୫୧ର ବ୍ୟବସ୍ଥା ଅନୁଯାୟୀ ଭୋଟର ତାଲିକାର ସଂଶୋଧନରେ ଅବହେଳା କରିଥିବାରୁ ତାଙ୍କ ପ୍ରତି ଏପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ପତ୍ରରେ ଦର୍ଶାଯାଇଛି। ଶିକ୍ଷକ ଦାସ କୌଣସି ବୈଧ କାରଣ ନ ଦର୍ଶାଇ ନ୍ୟସ୍ତ ଦାୟିତ୍ୱକୁ ନିର୍ବାହ କରିବାରେ ବିଫଳ ହୋଇଛନ୍ତି।

# ଘରୋଇ ସ୍କୁଲ ମନମାନି କଲେ କାର୍ଯ୍ୟାନୁଷ୍ଠାନ: ମନ୍ତ୍ରୀ

ଭୁବନେଶ୍ୱର,୪।୪(ସୁଚିସ୍ମିତା ସାହୁ)

## ଏନ୍‌ସିଇଆର୍‌ଟି ବହି ବିକ୍ରି ପ୍ରସଙ୍ଗ

ନୂତନ ଜାତୀୟ ଶିକ୍ଷାନୀତି ଅନୁସାରେ ପିଲାମାନେ ଏନ୍‌ସିଇଆର୍‌ଟି ବହି ପଢ଼ିବା ଆବଶ୍ୟକ, ଯାହା ସୁଲଭ ମୂଲ୍ୟରେ ଉପଲବ୍ଧ ହୋଇପାରୁଛି। କେତେକ ବେସରକାରୀ ଶିକ୍ଷାନୁଷ୍ଠାନ ଅଧିକ ଲାଭ ଆଶାରେ ନିଜସ୍ୱ ବହି ପଢ଼ିବାକୁ ପିଲାଙ୍କୁ ବାଧ କରୁଛନ୍ତି। ଏହା ଶିକ୍ଷାନୀତିର ନିୟମକୁ ଉଲ୍ଲଂଘନ କରୁଛି। ସମସ୍ତ ଘରୋଇ ସ୍କୁଲ ସରକାରୀ ନିୟମ ମାନିବା ଜରୁରୀ। ପିଲାଙ୍କୁ ଏନ୍‌ସିଇଆର୍‌ଟି ବହି ଦେବାକୁ ବାଧ୍। ଯଦି କୌଣସି ଘରୋଇ ସ୍କୁଲ ମନମାନି କରିବେ, ତେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି। ଶନିବାର ଭୁବନେଶ୍ୱର ରାଜଭବନ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆୟୋଜିତ ରାଜ୍ୟସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମରେ ମନ୍ତ୍ରୀ ଗଣ୍ଡ ଏ ସଂକ୍ରାନ୍ତ ଅଭିଯୋଗକୁ ଉତ୍ଥାପନ କରି କହିଲେ, ବହି ବିକ୍ରି ନାଁରେ ଅଭିଭାବକଙ୍କଠାରୁ ଅଧିକ ଟଙ୍କା ନେଉଥିବା ଘରୋଇ ସ୍କୁଲଗୁଡ଼ିକ ଉପରେ ନଜର ରହିଛି। ଏଭଳି କିଛି ଅଭିଯୋଗ ଆସିଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏଣିକି ଏଭଳି ମନମାନି ଉପରେ ଅଙ୍କୁଶ ଲଗାଇବାକୁ ବିଭାଗ ରୋଡ୍‌ମ୍ୟାପ ପ୍ରସ୍ତୁତ କରୁଛି ସେ ସୂଚନା ଦେଇଛନ୍ତି।

# ୱାଶିଂଟନ ଡିସି ମେୟର ଦୌଡ଼ରେ ତାମିଲନାଡୁ ଜନ୍ମିତ ରିନି ସମ୍ପଥ୍

ୱାଶିଂଟନ,୪।୪(ପି.ଟି.)

ୱାଶିଂଟନ ଡିସି ମେୟର ନିର୍ବାଚନ ପାଇଁ ଅନୁଷ୍ଠିତ ହେବାକୁ ଥିବା ପ୍ରାଇମେରି ନିମନ୍ତେ ବାଲଟ ପେପରରେ ପ୍ରଥମ ଦକ୍ଷିଣ ଏସୀୟ ଭାବେ ତାମିଲନାଡୁ ଜନ୍ମିତ ରିନି ସମ୍ପଥ୍‌ଙ୍କ ନାମ ରହିଛି। ଡେମୋକ୍ରାଟିକ୍ ପାର୍ଟିରୁ ଏହି ୩୧ ବର୍ଷୀୟା ସରକାରୀ ଠିକାଦାର ମୌଳିକ ନାଗରିକ ସେବା ଧାର୍ଯ୍ୟ କରିବା ଏବଂ ଏକ ନୂଆ ଡିସି ପ୍ରତିଶ୍ରୁତି ସହ ତାଙ୍କର ନିର୍ବାଚନ ପ୍ରଚାର ଆରମ୍ଭ କରିଛନ୍ତି।



ରିନି ସମ୍ପଥ

ତାମିଲନାଡୁର ଥେନିରେ ଜନ୍ମିତ ରିନି ୭ ବର୍ଷ ବୟସରେ ଆମେରିକା ଯାଇ ଏକ ଦଶନ୍ଧିରୁ ଉର୍ଦ୍ଧ୍ୱ ସମୟ ହେଲା ୱାଶିଂଟନ ଡିସିର ବାସିନ୍ଦା ରହିଆସିଛନ୍ତି। ୧୯୭୫ରେ ୱାଶିଂଟନ ଡିସି ମେୟର ପଦବୀ ସୃଷ୍ଟି ହେବା ପରେ ଏହା ଡେମୋକ୍ରାଟ ଅଧୀନରେ ରହିଆସିଛି। ଆଜି ପର୍ଯ୍ୟନ୍ତ କୌଣସି ରିପବ୍ଲିକାନ୍ ସେଠାରେ ମେୟର ହୋଇନାହାନ୍ତି। ଏହା ପୂର୍ବରୁ ରାଷ୍ଟ୍ରପତିଙ୍କ ଦ୍ୱାରା ନିଯୁକ୍ତ ବୋର୍ଡ ଅଫ୍ କମିଶନର୍ସ ୱାଶିଂଟନ ଡିସି ପ୍ରଶାସନ ଦାୟିତ୍ୱ ନେଉଥିଲା। ମେୟର ନିର୍ବାଚନ ପାଇଁ ଜୁନ୍ ୧୬ରେ ପ୍ରାଇମେରି ଅନୁଷ୍ଠିତ ହେବାକୁ ଥିବାବେଳେ ନଭେମ୍ବର ୩ରେ ନିର୍ବାଚନ ହେବ।



## କୋରାପୁଟ, ମାଲକାନଗିରି ଜିଲାରେ ମୃଦୁ ଭୂମିକମ୍ପ

**କୋରାପୁଟ,୪।୪(ଅମିତାଭ ବେହେରା):** କୋରାପୁଟ ଓ ମାଲକାନଗିରି ଜିଲାର ବିଭିନ୍ନ ସ୍ଥାନରେ ଶନିବାର ରାତି ପ୍ରାୟ ୧୧ଟା ୩୦ରେ ମୃଦୁ ଭୂମିକମ୍ପ ଅନୁଭୂତ ହୋଇଛି। କୋରାପୁଟ ସମେତ ଜୟପୁର, ପଟ୍ଟାଙ୍ଗି, ସୁନାବେଡ଼ା, ଲମତାପୁଟ ଓ ନନ୍ଦପୁର ଆଦି ଅଞ୍ଚଳରେ ପ୍ରଚଣ୍ଡ ଶବ୍ଦ ସହ ପ୍ରାୟ ୨ରୁ ୩ ସେକେଣ୍ଡ ପାଇଁ ରିକ୍ଟର ସ୍କେଲରେ ୪.୪ ତୀବ୍ରତାର ଭୂମିକମ୍ପ ଅନୁଭୂତ ହୋଇଥିଲା। ଭୂମିକମ୍ପ ଯୋଗୁ ଲୋକେ ଘରୁ ବାହାରକୁ ଚାଲି ଆସିଥିବା ଦେଖିବାକୁ ମିଳିଥିଲା। ଭୂମିକମ୍ପ ପ୍ରଭାବରେ କେତେକ ସ୍ଥାନରେ ଘର କାନ୍ଥ ଫାଟି ଯାଇଥିବା ସୂଚନା ମିଳିଛି।

# ଆରମ୍ଭ ହେବ ମୁଖ୍ୟମନ୍ତ୍ରୀ ହସ୍ତତନ୍ତ ବିକାଶ ଯୋଜନା

**ରାଜ୍ୟ କ୍ୟାବିନେଟ୍‌ର ପ୍ରମୁଖ ନିଷ୍ପତ୍ତି**

- ଭୁବନେଶ୍ୱର ମେଟ୍ରୋ ରେଲ ପ୍ରକଳ୍ପ ଖର୍ଚ୍ଚ ନେଇ ଆଇଏମ୍‌ସି ସୁପାରିସ୍‌କୁ ପ୍ରାଧାନ୍ୟ
- ଦିଲ୍ଲୀ ମେଟ୍ରୋ ରେଲ କର୍ପୋରେଶନ ଚୁକ୍ତିକୁ ସମାପ୍ତ କରିବାକୁ ନିଷ୍ପତ୍ତି
- ଅଙ୍ଗନୱାଡ଼ି କର୍ମୀ, ମହିଳା ପରିଦର୍ଶିକା ଏବଂ ବ୍ଲକ୍ କୋଅର୍ଡିନେଟର-ପୋଷଣଙ୍କୁ ପ୍ରତି ୪ ବର୍ଷରେ ସ୍ମାର୍ଟଫୋନ
- ୯୨୯.୯୬ କୋଟିରେ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟର ପୁନର୍ବିକାଶ ହେବ
- ବଡ଼ମ୍ବା ଚିନିକଲ ପୁନରୁଦ୍ଧାର ସମ୍ପର୍କିତ ପ୍ରସ୍ତାବକୁ ମଞ୍ଜୁରୀ



ଭୁବନେଶ୍ୱର,୪।୪(ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀ ହସ୍ତତନ୍ତ ବିକାଶ ଯୋଜନା (ଏମ୍ଏଚ୍‌ଡିୱାଇ) ରାଜ୍ୟରେ ଆରମ୍ଭ ହେବ। ଏହା ରାଜ୍ୟର ହସ୍ତତନ୍ତ କ୍ଷେତ୍ରର ଅନ୍ତର୍ଭୁକ୍ତିମୂଳକ ଓ ସାମଗ୍ରିକ ବିକାଶ ପାଇଁ ଏକ ପ୍ରମୁଖ ପଦକ୍ଷେପ ସ୍ୱରୂପ ହେବ, ଯାହା ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ, କଳାତ୍ମକ ଉତ୍କର୍ଷ ଓ କୁଶଳୀ କାରିଗରିକୁ ପ୍ରତିପାଦିତ କରିବ। ହଜାର ହଜାର ବୁଣାକାର ପରିବାରକୁ ଜୀବିକା ପ୍ରଦାନକରି ସାମାଜିକ-ଆର୍ଥିକ ସଶକ୍ତୀକରଣ ସହ ପାରମ୍ପରିକ କୌଶଳ ସଂରକ୍ଷଣ କରିବାରେ ଏହି କ୍ଷେତ୍ର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ବୋଲି ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କହିଛନ୍ତି।

ଶନିବାର ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଗୁରୁତ୍ୱପୂର୍ଣ୍ଣ କ୍ୟାବିନେଟ୍ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୯ଟି ପ୍ରସ୍ତାବ ମଧ୍ୟରୁ ୧୬ଟି ମଞ୍ଜୁର ହୋଇଛି। ବୈଠକ ପରେ ୧୪ଟି ପ୍ରସ୍ତାବ ଉପରେ ସୂଚନା ଦେଇ ଗର୍ଗ କହିଛନ୍ତି, ମୁଖ୍ୟମନ୍ତ୍ରୀ ହସ୍ତତନ୍ତ ବିକାଶ ଯୋଜନାକୁ କ୍ୟାବିନେଟ୍ ମଞ୍ଜୁରୀ ମିଳିଛି। ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପ ସମ୍ବନ୍ଧୀୟ ବ୍ୟୟ ପାଇଁ କ୍ୟାବିନେଟ୍‌ରେ ମଞ୍ଜୁରୀ ମିଳିଛି। ମେଟ୍ରୋ ରେଳ ପ୍ରକଳ୍ପ ସମ୍ବନ୍ଧରେ ଭବିଷ୍ୟତରେ ସୃଷ୍ଟିହେବାକୁ ଥିବା ସମ୍ଭାବ୍ୟ ଖର୍ଚ୍ଚ ସମ୍ପର୍କରେ ସୁପାରିସ କରିବା ପାଇଁ ଗଠିତ ଇଣ୍ଟର ମିନିଷ୍ଟେରିଆଲ କମିଟି(ଆଇଏମ୍‌ସି)କୁ ଏ ସମ୍ବନ୍ଧୀୟ ପ୍ରସ୍ତାବଗୁଡ଼ିକୁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ନିଷ୍ପତ୍ତି ପାଇଁ ସୁପାରିସ କରିବାର ଅଧିକାର ଦିଆଯାଇଛି। ରାଜ୍ୟ ସରକାର ଭୁବନେଶ୍ୱର ମେଟ୍ରୋ ରେଳ କର୍ପୋରେଶନ ଲିମିଟେଡ୍ (ବିଏମ୍ଆର୍‌ସିଏଲ୍)ର ଯାହା ଭୂମିକା ରହିଥିଲା, ପରିବର୍ତ୍ତନକରି ଏହାକୁ ଓଡ଼ିଶାରେ ଚାଲିଥିବା ସଷ୍ଟେନେବଲ ଅର୍ବାନ ମୋବିଲିଟି ଟ୍ରାଞ୍ଜିସନ ପ୍ଲାନ୍ ପାଇଁ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା ଲାଗି ଏକ ନୋଡାଲ ଏଜେନ୍ସି ଭାବେ ନିଯୁକ୍ତ କରୁଛନ୍ତି। ଏହି ସଂସ୍ଥାକୁ ଭବିଷ୍ୟତରେ ରାଜ୍ୟର ଅନ୍ୟାନ୍ୟ ଅର୍ବାନ ମୋବିଲିଟି ପ୍ରୋଜେକ୍ଟ ପାଇଁ ସ୍ପେଶିଆଲ ପର୍‌ପୋଜ ଭେହିକିଲ ଭାବେ ମଧ୍ୟ ବ୍ୟବହାର କରାଯାଇପାରିବ। ଦିଲ୍ଲୀ ମେଟ୍ରୋ ରେଳ କର୍ପୋରେଶନ ସହ ହୋଇଥିବା ଚୁକ୍ତିକୁ ସମାପ୍ତ କରିବାକୁ ନିଷ୍ପତ୍ତି ହୋଇଛି।

ସେହିପରି ପୋଷଣ ଅଭିଯାନ ଅଧୀନରେ ୭୯,୦୩୩ ସ୍ମାର୍ଟଫୋନ୍ କ୍ରୟ ପାଇଁ ଏକକ ଟେଣ୍ଡରକୁ କ୍ୟାବିନେଟ୍ ମଞ୍ଜୁରୀ ମିଳିଛି। ନିଷ୍ପତ୍ତି ଅନୁଯାୟୀ ଅଙ୍ଗନୱାଡ଼ି କର୍ମୀ, ମହିଳା ପରିଦର୍ଶିକା ଏବଂ ବ୍ଲକ୍ କୋଅର୍ଡିନେଟର ପୋଷଣଙ୍କୁ ପ୍ରତ୍ୟେକ ୪ ବର୍ଷରେ ଥରେ ସ୍ମାର୍ଟଫୋନ ଯୋଗାଇ ଦିଆଯିବ।

ଓଡ଼ିଶା ସୁପରିଅର ଜୁଡିସିଆଲ ସର୍ଭିସ୍ ଏବଂ ଓଡ଼ିଶା ଜୁଡିସିଆଲ ସର୍ଭିସ୍ ରୁଲ୍ସ, ୨୦୦୭କୁ ସଂଶୋଧନ କରାଯିବ। ଓଡ଼ିଶା ଶିକ୍ଷା ସେବା(ସହାୟକ ପରିଚାଳକ ଓ ସହାୟକ ନିର୍ଦ୍ଦେଶକମାନଙ୍କ ନିଯୁକ୍ତିର ବିଧି ମାନ୍ୟକରଣ) ଅଧିନିୟମ, ୨୦୧୫(୨୦୧୭ର ଓଡ଼ିଶା ଅଧିନିୟମ ୩)ରେ ସଂଶୋଧନ ନିମନ୍ତେ ଓଡ଼ିଶା ଶିକ୍ଷା ସେବା ସଂଶୋଧନ ବିଧେୟକ, ୨୦୨୬ କ୍ୟାବିନେଟ୍‌ରେ ଆଗତ କରାଯାଇ ଏହାକୁ ମଞ୍ଜୁରୀ ଦିଆଯାଇଛି। ଏହାଦ୍ୱାରା ୧୯୯୧ରୁ ୧୯୯୩ ମସିହା ମଧ୍ୟରେ ରାଜ୍ୟ ସରକାରଙ୍କ ଅଧୀନରେ ଷ୍ଟାଇପେଣ୍ଡାରି ଇଞ୍ଜିନିୟର ଭାବେ ଦୁଇଟି ଗୋଷ୍ଠୀ (୨୬ ଜଣ ଏବଂ ୮ ଜଣ) ନିଯୁକ୍ତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ୨୬ ଜଣଙ୍କ ଅସ୍ଥାୟୀ ନିଯୁକ୍ତିକୁ ବିଧିବଦ୍ଧ କରି ଏକ ଆଇନ ପ୍ରଣୟନ କରାଗଲା। ବର୍ତ୍ତମାନ ଆସିଥିବା ସଂଶୋଧନ ଫଳରେ ୮ ଜଣ ଓଡ଼ିଆ ଶିକ୍ଷା ସେବା କ୍ୟାଡର ଅଧିକାରୀଙ୍କ ଅସ୍ଥାୟୀ ସେବା ଅବଧିକୁ ୨୦୦୩ଠାରୁ ସେମାନଙ୍କ ସେବାର ନିୟମିତକରଣ କରିବାକୁ ବିଚାରକୁ ନିଆଯିବ।

ସମ୍ବଲପୁର ଜିଲାର ବୁର୍ଲାଠାରେ ଅବସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟର ପୁନର୍ବିକାଶ କାର୍ଯ୍ୟକୁ ୯୨୯.୯୬ କୋଟି ଟଙ୍କା ଖର୍ଚ୍ଚ କରାଯିବା ନେଇ କ୍ୟାବିନେଟ୍ ମଞ୍ଜୁରୀ ମିଳିଛି। ବ୍ୟାପକ ବନ୍ୟା ପରିଚାଳନା ଯୋଜନାକୁ ମଧ୍ୟ ମଞ୍ଜୁରୀ ମିଳିଛି। ଏହା ୨୭୮୧ କୋଟି ଟଙ୍କା ବ୍ୟୟରେ ରାଜ୍ୟର ନିଜସ୍ୱ ସମ୍ବଳରୁ କାର୍ଯ୍ୟକାରୀ କରାଯିବ। ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୨୧୩ର ଖଣ୍ଡ(୧) ଅନୁଯାୟୀ ଏକ ଅଧ୍ୟାଦେଶ ଜାରିକରି ଓଡ଼ିଶା ରାଜ୍ୟ ବୃତ୍ତି, ବ୍ୟାପାର, ଆଜୀବିକା ଏବଂ ନିଯୋଜନ କର ଅଧିନିୟମ ୨୦୦୦ର ନିରସନ କରିବାକୁ ନିଷ୍ପତ୍ତି ହୋଇଛି। ଖରିଫ ବିପଣନ ଋତୁ ୨୦୨୪-୨୫ ଆର୍ଥିକ ବର୍ଷର ବଳକା ଚାଉଳ ନିଲାମ କରାଯିବା ନେଇ କ୍ୟାବିନେଟ୍ ମଞ୍ଜୁରୀ ମିଳିଛି। ରାଜ୍ୟରେ ସରକାରଙ୍କ ପାଖରେ ସମ୍ପ୍ରତି ୨.୦୨ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ବଳକା ରହିଛି। ସରକାର ଖୋଲା ବଜାରରେ ୧ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ବିକ୍ରି କରିବାକୁ ନିଷ୍ପତ୍ତି ନେଇଛନ୍ତି।

ଗର୍ଗ ଆହୁରି କହିଛନ୍ତି, ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଅଧୀନରେ ରାଜ୍ୟର ୩୦ ଜିଲାର ସମସ୍ତ ହିତାଧିକାରୀଙ୍କୁ ୩ଟି ପର୍ଯ୍ୟାୟରେ ସେପ୍ଟେମ୍ବର, ଅକ୍ଟୋବର ଏବଂ ନଭେମ୍ବରରେ ଅତିରିକ୍ତ ୫ କେଜି ଲେଖା ଚାଉଳ ପ୍ରଦାନ କରିଥିଲେ। ଏଥିଲାଗି ରାଜ୍ୟ ସରକାର ସମସ୍ତ ଆର୍ଥିକ ଖର୍ଚ୍ଚ ବହନ କରିଥିଲେ। ଏହାକୁ କ୍ୟାବିନେଟ୍ ମଞ୍ଜୁରୀ ପ୍ରଦାନ କରାଯାଇଛି। ୧୯୭୦ରୁ ୧୯୯୮ ମଧ୍ୟରେ ସରକାରଙ୍କ ଅନୁମୋଦନକ୍ରମେ ଯଥା ଲିଜ୍‌ଦାତାଙ୍କ ସମ୍ମତିକ୍ରମେ ଲିଜ୍ ଜମି ହସ୍ତାନ୍ତର କରାଯାଇ ପରବର୍ତ୍ତୀ ସମୟରେ ଆବଶ୍ୟକ ତ୍ରିପାକ୍ଷିକ ଦଲିଲ ନିଷ୍ପାଦିତ ଏବଂ ପଞ୍ଜୀକରଣ କରାଯାଇଛି। ସେହି କ୍ଷେତ୍ରରେ ଲିଜ୍ ହସ୍ତାନ୍ତର ମାଧ୍ୟମରେ ଜମି ପ୍ରାପ୍ତ ହୋଇଥିବା ବ୍ୟକ୍ତିମାନେ ବା ସେମାନଙ୍କ ଉତ୍ତରାଧିକାରୀଙ୍କଠାରୁ ସମ୍ମତି ଶୁଳ୍କ ଆଦାୟ ନ କରାଯିବା ନେଇ ହୋଇଥିବା ନିଷ୍ପତ୍ତିକୁ କ୍ୟାବିନେଟ୍ ମଞ୍ଜୁରୀ ମିଳିଛି। ବଡ଼ମ୍ବା ଚିନିଶିଳ୍ପର ପୁନରୁଦ୍ଧାର ପାଇଁ ଏକ ପ୍ରୋତ୍ସାହନ ପ୍ୟାକେଜକୁ ଅନୁମୋଦନ ମିଳିବା ସମ୍ପର୍କିତ ପ୍ରସ୍ତାବକୁ କ୍ୟାବିନେଟ୍‌ରେ ମଞ୍ଜୁରୀ ମିଳିଛି। ୨୦୧୧ ମସିହାରୁ ବନ୍ଦ ଥିବା ବଡ଼ମ୍ବା ଚିନିଶିଳ୍ପକୁ ଇଣ୍ଡିଆନ ପୋଟାସ ଲିମିଟେଡ୍ (ଆଇପିଏଲ୍) ଦ୍ୱାରା ପୁନରୁଦ୍ଧାର କରାଯିବ। ଆଇପିଏଲ୍ ହେଉଛି ଏକ ପବ୍ଲିକ କମ୍ପାନ, ଯେଉଁଥିରେ ଇଫକୋ ଭଳି ସମବାୟ ସଂସ୍ଥାଗୁଡ଼ିକର ସଂଖ୍ୟାଗରିଷ୍ଠ ଅଂଶଧନ ରହିଛି।

## ପରଲୋକରେ ଚନ୍ଦ୍ରିକା ପଣ୍ଡା

ଭୁବନେଶ୍ୱର,୪।୪(ସୁଚିସ୍ମିତା ସାହୁ)



ରାଜ୍ୟ ସରକାରଙ୍କ ଅବସରପ୍ରାପ୍ତ ଶ୍ରମିକ କ୍ଷତିପୂରଣ କମିଶନର ଚନ୍ଦ୍ରିକା ପଣ୍ଡାଙ୍କର ମାର୍ଚ୍ଚ ୨୫ରେ ପରଲୋକ ହୋଇଯାଇଛି। କିଛିଦିନ ଧରି ସେ କିଡ୍‌ନୀଜନିତ ରୋଗରେ ପୀଡ଼ିତ ହୋଇ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ତାଙ୍କୁ ୭୭ ବର୍ଷ ବୟସ ହୋଇଥିଲା। ମୃତ୍ୟୁ ଶଯ୍ୟା ନିକଟରେ ସ୍ୱାମୀ ଇଂ. ହୃଷୀକେଶ ପଣ୍ଡା, କନ୍ୟା ଡ. ମୈତ୍ରେୟୀ ପଣ୍ଡା, ବସୁଧା ପଣ୍ଡା, ଜ୍ୱାଇଁ ଡ. ମୃତ୍ୟୁଞ୍ଜୟ ଦାଶ ଓ ଇଂ. ଶିବ ପ୍ରସାଦ ରଥ ଏବଂ ଦୁଇ ନାତି ଉପସ୍ଥିତ ଥିଲେ। ଚନ୍ଦ୍ରିକା ତାଙ୍କ ଚାକିରିକାଳରେ ରାଜ୍ୟର ଶ୍ରମ ବିଭାଗର ବିଭିନ୍ନ ପଦ ପଦବୀରେ ରହିଥିଲେ। ଶେଷରେ ଶ୍ରମିକ କ୍ଷତିପୂରଣ କମିଶନର ଭାବେ ଚାକିରିରୁ ଅବସର ନେଇଥିଲେ। ଶ୍ରମିକଙ୍କ କଲ୍ୟାଣ ପାଇଁ ସେ ଅନେକ କାର୍ଯ୍ୟ କରିଛନ୍ତି। ମୃତ ଶ୍ରମିକଙ୍କ ପରିବାରକୁ କ୍ଷତିପୂରଣ, ବିଧବା ସ୍ତ୍ରୀଙ୍କୁ ଭତ୍ତା ବ୍ୟବସ୍ଥା ସମେତ ନ୍ୟାୟ ପ୍ରଦାନ ପାଇଁ ପଦକ୍ଷେପ ନେଇଥିଲେ। ଭୁବନେଶ୍ୱରସ୍ଥିତ ରାଜ୍ୟ ମୁଖ୍ୟ ଶ୍ରମ କାର୍ଯ୍ୟାଳୟରେ ବହୁବର୍ଷ ଧରି କାର୍ଯ୍ୟରତ ପଣ୍ଡା ଜଣେ କର୍ତ୍ତବ୍ୟନିଷ୍ଠ ଓ ସଚ୍ଚୋଟ ଅଧିକାରୀ ଭାବେ ଖ୍ୟାତ ଥିଲେ। ସେ ମଧ୍ୟ ଓଡ଼ିଶା ଟେକ୍ସଟ୍ ବୁକ୍ ପ୍ରେସ୍‌ରେ କର୍ମଚାରୀ ମଙ୍ଗଳ ବିଭାଗର ଦାୟିତ୍ୱ ତୁଲାଇଥିଲେ। ଏଥିସହ ଚନ୍ଦ୍ରିକା ଜଣେ ସାରସ୍ୱତ ସାଧକ ଥିଲେ। ଅବସର ପରେ ସେ ଶିଶୁ ସାହିତ୍ୟରେ ଅଧିକାଂଶ ସମୟ ଦେଉଥିଲେ। ତାଙ୍କର ଅନେକ ଲେଖା ବିଭିନ୍ନ ଶିଶୁ ପତ୍ରିକାରେ ସ୍ଥାନ ପାଇଥିବାବେଳେ ଝୁମୁକା ସମ୍ମାନ ସମେତ ଅନେକ ପୁରସ୍କାର ପାଇଛନ୍ତି।

## କୁରୁମ୍ପୁରି-ରାଜଖରିଆର ରାସ୍ତା ପାଇଁ ୪୪୭ କୋଟି ମଞ୍ଜୁର

**ପ୍ରଧାନମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲେ ମୁଖ୍ୟମନ୍ତ୍ରୀ**

ଭୁବନେଶ୍ୱର,୪।୪(ସୁନିତ୍ ମିଶ୍ର)



ନୀତିନ ଗଡକରୀ

ଓଡ଼ିଶାର କୁରୁମ୍ପୁରି ଏବଂ ରାଜଖରିଆର ରାସ୍ତା ପାଇଁ କେନ୍ଦ୍ର ସରକାର ୪୪୭ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଏନେଇ କେନ୍ଦ୍ରମନ୍ତ୍ରୀ ନୀତିନ୍ ଗଡକରୀ ତାଙ୍କ 'X'ରେ ଉଲ୍ଲେଖ କରିଛନ୍ତି, ଓଡ଼ିଶାର କୁରୁମ୍ପୁରି ଏବଂ ରାଜଖରିଆର ସେକ୍ସନର ଉନ୍ନତୀକରଣ କରିବା ଲାଗି ସେ ୪୪୭.୧୧ କୋଟି ଟଙ୍କା ଅନୁମୋଦନ କରିଛନ୍ତି। ଏହାଦ୍ୱାରା ବଲାଙ୍ଗୀର ଓ ନୂଆପଡ଼ା ଜିଲାର ଏନ୍‌ଏଚ୍-୩୫୩ ଏବଂ ଏନ୍‌ଏଚ୍-୫୯ର ମୋଟ୍ ୧୦୩.୫୨ କି.ମି. ରାସ୍ତାର ଉନ୍ନତୀକରଣ ହେବ। ଏନ୍‌ଏଚ୍-୩୫୩ ଏବଂ ଏନ୍‌ଏଚ୍-୫୯ ଏକ ଗୁରୁତ୍ୱପୂର୍ଣ୍ଣ ଆନ୍ତଃ ରାଜ୍ୟ କରିଡରକୁ ସଂଯୋଗ କରାଉଛି। ଏହାଦ୍ୱାରା ଛତିଶଗଡ଼ର ରାୟପୁର ଏବଂ ମହାସମୁନ୍ଦ ରିଜନ୍ ସହ ଓଡ଼ିଶାକୁ ସଂଯୋଗ ହେଉଛି। ଏହା ସହ ବ୍ରହ୍ମପୁର ଏବଂ ଗୋପାଳପୁର ପୋର୍ଟ ଆଡ଼କୁ ମଧ୍ୟ ଏହି ରାସ୍ତା ପ୍ରଶସ୍ତୀକରଣ ହେବ। ଏହି ପ୍ରକଳ୍ପ ବହୁଳ ଭାବେ ଆଞ୍ଚଳିକ ଏବଂ ଆନ୍ତଃ ରାଜ୍ୟ ସଂଯୋଗୀକରଣକୁ ସୁଦୃଢ଼ କରିବ। ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ ଏବଂ ଗଞ୍ଜାମ ଜିଲାକୁ ଯାତାୟାତ ମଧ୍ୟ ସହଜ ହେବ। ଏହି ପ୍ରକଳ୍ପ ଦ୍ୱାରା ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଦାରିଙ୍ଗବାଡ଼ି, ସୁନାବେଡ଼ା ବନ୍ୟପ୍ରାଣୀ ଅଞ୍ଚଳ ଏବଂ ଅନ୍ୟ ହିଲ୍ ଷ୍ଟେଶନଗୁଡ଼ିକୁ ଯିବା ଆସିବା ଆହୁରି ସୁଗମ ହେବା ସହ ପର୍ଯ୍ୟଟନ ଏବଂ ଆଞ୍ଚଳିକ ଅର୍ଥନୀତିକୁ ବଳ ଦେବ ବୋଲି ଗଡକରୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏଥିଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କେନ୍ଦ୍ରମନ୍ତ୍ରୀ ନୀତିନ ଗଡକରୀଙ୍କୁ ଧନ୍ୟବାଦ ଦଣାଇଛନ୍ତି। ସେ ତାଙ୍କ 'X' ଆକାଉଣ୍ଟରେ ଉଲ୍ଲେଖ କରି କହିଛନ୍ତି, ଏହି ନିବେଶ ଏକ ଗୁରୁତ୍ୱପୂର୍ଣ୍ଣ ଆନ୍ତଃରାଜ୍ୟ କରିଡରକୁ ସୁଦୃଢ କରିବ। ରାଜ୍ୟର ମୁଖ୍ୟ ଜିଲାଗୁଡିକ ମଧ୍ୟରେ ସଂଯୋଗ ସ୍ଥାପନା ହେଇପାରିବ ବୋଲି ସେ କହିଛନ୍ତି।

## ଆଜିଠୁ ୨ ଦିନିଆ ଆସାମ ଗସ୍ତରେ ଯିବେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୪।୪(ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨ ଦିନିଆ ଆସାମ ଗସ୍ତରେ ଯାଇ ନିର୍ବାଚନୀ ପ୍ରଚାରରେ ସାମିଲ ହେବେ। ରବିବାର ମୁଖ୍ୟମନ୍ତ୍ରୀ ଆସାମ ଗସ୍ତ କରିବାକୁ ଥିବାବେଳେ ସୋମବାର ନିର୍ବାଚନ ପ୍ରଚାର ଶେଷକରି ଓଡ଼ିଶା ଫେରିବା କାର୍ଯ୍ୟକ୍ରମ ରହିଥିବା ଜଣାପଡ଼ିଛି। ଏହି ଅବସରରେ ସେ ଆସାମର ଜୋରାହାଟ ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ୨ଟି ବିଧାନସଭା ନିର୍ବାଚନମଣ୍ଡଳୀରେ ପ୍ରଚାର କରିବେ। ଜୋରାହାଟ ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ସୋନାରୀ ଏବଂ ମାରିୟାନୀ ବିଧାନସଭା ଆସନରେ ସାଧାରଣ ସଭାରେ ପ୍ରଚାର କରିବେ। ଆସାମ ନିର୍ବାଚନ ପ୍ରଭାରୀ ଭାବେ କେନ୍ଦ୍ରାପଡ଼ା ଏମ୍‌ପି ବୈଜୟନ୍ତ ପଣ୍ଡା ଦାୟିତ୍ୱରେ ରହିଛନ୍ତି।

## ଆହୁରି ୨୪ ଘଣ୍ଟା ପ୍ରବଳ ଗରମ, ଗୁଳୁଗୁଳି

**୪ ଦିନ ଯାଏ କାଳବୈଶାଖୀ**

ଭୁବନେଶ୍ୱର,୪।୪(ବନ୍ଦନା ସେଠୀ)

ଗତ କିଛିଦିନ ହେବ ପ୍ରବଳ ଗରମ ଓ ଗୁଳୁଗୁଳିରେ ଅସ୍ତବ୍ୟସ୍ତ ହେଉଛି ଜନଜୀବନ। ଦିନବେଳା ଅଗ୍ନିବର୍ଷା ହେଉଥିବାବେଳେ ସନ୍ଧ୍ୟା ହେଲେ କାଳବୈଶାଖୀ ଚିନ୍ତା ବଢ଼ାଉଛି। ରାଜ୍ୟରେ ଆହୁରି ୨୪ ଘଣ୍ଟା ଏଭଳି ଗ୍ରୀଷ୍ମ ପ୍ରବାହ ଜାରି ରହିବ। ଏଥିସହ ଆସନ୍ତା ୪ଦିନ ପର୍ଯ୍ୟନ୍ତ ବିଭିନ୍ନ ଜିଲାରେ କାଳବୈଶାଖୀ ବର୍ଷା ହେବ। ତେବେ ବର୍ଷା ପ୍ରଭାବରେ ଗ୍ରୀଷ୍ମ ଲହରିରୁ ସାମାନ୍ୟ ଆଶ୍ୱସ୍ତି ମିଳିବ ବୋଲି ବୋଲି ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି।

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ଶୁକ୍ରବାର ଅପେକ୍ଷା ଶନିବାର ଅଧିକାଂଶ ସ୍ଥାନରେ ତାପମାତ୍ରା ସାମାନ୍ୟ ହ୍ରାସ ପାଇଛି। ରାଜ୍ୟର ୩ଟି ସହରର ଦିନ ତାପମାତ୍ରା ୪୦ ଡିଗ୍ରୀ ଓ ତା'ଠାରୁ ଅଧିକ ରହିଛି। ୪୦.୨ ଡିଗ୍ରୀ ସହିତ ତାଳଚେର ସର୍ବାଧିକ ଉତ୍ତପ୍ତ ସହର ପାଲଟିଥିବାବେଳେ ଝାରସୁଗୁଡା ଓ ପାରଳାଖେମୁଣ୍ଡିରେ ୪୦ ଡିଗ୍ରୀ ରହିଥିଲା। ସେହିପରି ଅନୁଗୋଳରେ ୩୯.୭ ଡିଗ୍ରୀ, ଭଦ୍ରକ ୩୯.୩, ବାରିପଦା, ସୁନ୍ଦରଗଡ଼ ଓ ବରଗଡ଼ରେ ୩୯ ଏବଂ ଭୁବନେଶ୍ୱରରେ ୩୮.୮ ଡିଗ୍ରୀ ରେକର୍ଡ ହୋଇଛି।

ଅପରପକ୍ଷେ ଶନିବାର କଟକ, କେନ୍ଦ୍ରାପଡ଼ା ଜିଲାର ରାଜନଗର, ଯାଜପୁର ଜିଲାର ଚଣ୍ଡିଖୋଲ ସମେତ ରାଜ୍ୟର କେତେକ ସ୍ଥାନରେ କାଳବୈଶାଖୀ ବର୍ଷା ହୋଇଥିଲା।

ରବିବାର ଗଞ୍ଜାମ, ଗଜପତି ଏବଂ ରାୟଗଡା ଜିଲାରେ ଘଡ଼ଘଡ଼ି ସହିତ ପ୍ରବଳ ବର୍ଷା ପାଇଁ ୟେଲୋ ୱାର୍ନିଂ ଦିଆଯାଇଛି। ଏହି ସମୟରେ ପବନର ବେଗ ୪୦ ରୁ ୫୦ କି.ମି ରହିବ। ସେହିପରି ସୁନ୍ଦରଗଡ଼, ମୟୂରଭଞ୍ଜ, କେନ୍ଦୁଝର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ସୋନପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, କୋରାପୁଟ ଏବଂ ମାଲକାନଗିରିରେ ମଧ୍ୟ ବର୍ଷା ପବନ ସହିତ ଘଡ଼ଘଡ଼ି ପାଇଁ ସତର୍କତା ଜାରି କରାଯାଇଛି।




## ସରକାରୀ ଚାକିରି ଦେବା ନାଁରେ ଠକେଇ, ୫ ଗିରଫ

**ଜଗତ୍‌ସିଂହପୁର ସହରରେ ନକଲି ନିଯୁକ୍ତିଦାତା ରାକେଟ୍**

ଜଗତ୍‌ସିଂହପୁର,୪।୪(ପ୍ରମୋଦ କୁମାର ନାୟକ)

କେନ୍ଦ୍ର ସରକାରଙ୍କ ଅଧୀନରେ ଚାକିରି କରାଇ ଦେବା ବାହାନାରେ ଜଣକା ୨୦ ହଜାର ଟଙ୍କା ଲେଖାଏ ନେଇ ଏକ ବେସରକାରୀ କମ୍ପାନୀର ସାମଗ୍ରୀ ବିକ୍ରି ପାଇଁ ବାଧ୍ୟ କରିବା ଅଭିଯୋଗ ଉପରେ ଜଗତ୍‌ସିଂହପୁର ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଏ ନେଇ ପୋଲିସ ନଂ. ୨୯୬/୨୬ରେ ମାମଲା ରୁଜୁ କରିଛି। ଏହି ଘଟଣାରେ ପୋଲିସ ମୁଖ୍ୟ ଅଭିଯୁକ୍ତ ତଥା ଏରସମା ଥାନା କୁଞ୍ଜକୋଠୀର ମଦନ ଘଡେଇ (୩୦)ଙ୍କ ସମେତ ପଶ୍ଚିମବଙ୍ଗ ପୂର୍ବ ମେଦିନିପୁର ଜିଲା ଅନ୍ତର୍ଗତ ଖଜୁରି ଥାନା କଣ୍ଟିବାରି ଗ୍ରାମର ଶିବ ଶଙ୍କର ବେରା (୨୫), ଏହି ଜିଲା ତପଟିଘାଟ କୋଷ୍ଟାଲ ଥାନା ଅନ୍ତର୍ଗତ ସୁତ କୁମାରୀ ଗ୍ରାମର ଶଶାଙ୍କର କରଣ (୨୫), ଖଜୁରି ଥାନା ଅଜୟ ଗ୍ରାମର ରାଜକାନ୍ତ ମୈତି (୩୨) ଓ ସୋନପୁର ଜିଲା ଡୁଙ୍ଗୁରିପାଲିର ପୁରନ୍ଦର ବାଘ (୨୬)ଙ୍କୁ ଗିରଫ ପରେ ଶନିବାର କୋର୍ଟ ଚାଲାଣ କରିଛି। ଗିରଫ ପରେ ସେମାନଙ୍କ ନିକଟରୁ ମୋବାଇଲ ଫୋନ, ନକଲି କାଗଜାତ ଓ ନକଲି ଉତ୍ପାଦ (ସାମଗ୍ରୀ) ଜବତ ହୋଇଛି। ଏଥିସହ ସ୍ଥାନୀୟ ହାଟ ବଜାର-ଗାଲୁପଡ଼ା ନିକଟ ଏକ ୩ ତଳ ବିଶିଷ୍ଟ ବିଲ୍ଡିଂରୁ ୨୬ ଜଣଙ୍କୁ ଉଦ୍ଧାର କରାଯାଇ ସେମାନଙ୍କ ପରିବାରକୁ ଖବର ଦିଆଯାଇଛି। ଯେଉଁମାନଙ୍କ ମଧ୍ୟରୁ ୨ ଜଣ ନାବାଳକ ଥିବା ଶନିବାର ଜିଲା ପୋଲିସ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସ୍‌ପି ଅଙ୍କିତ କୁମାର ବର୍ମା ସୂଚନା ଦେଇଛନ୍ତି।

## ଖୁବ୍‌ଶୀଘ୍ର ବିଶ୍ୱବିଦ୍ୟାଳୟରେ କୁଳପତି ସହ ୧୪ଶହ ପଦବୀ ପୂରଣ ହେବ

ଭୁବନେଶ୍ୱର,୪।୪(ସୁଚିସ୍ମିତା ସାହୁ)

ରାଜ୍ୟ ସରକାର ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ଦିଗରେ ଗୁରୁତ୍ୱ ଦେଉଛନ୍ତି। ଏଣିକି ରାଜ୍ୟରେ ବିଶ୍ୱବିଦ୍ୟାଳୟଗୁଡିକର ଶୈକ୍ଷିକ ସ୍ଥିତି ସୁଧୁରିବ। ଖୁବ୍‌ଶୀଘ୍ର ସ୍ଥାୟୀ କୁଳପତି ନିଯୁକ୍ତି ସହିତ ଖାଲିଥିବା ପଦରେ ଅଧ୍ୟାପକ ଓ ଅଣଶିକ୍ଷକଙ୍କୁ ନିଯୁକ୍ତ କରାଯିବ। ଏଥିପାଇଁ ସମସ୍ତ ପ୍ରକ୍ରିୟା ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଥିବା ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଶନିବାର ସୂଚନା ଦେଇଛନ୍ତି। ଗଣମାଧ୍ୟମକୁ ସୂଚନା ଦେଇ ସେ କହିଛନ୍ତି, ରାଜ୍ୟର ୧୪ଟି ବିଶ୍ୱବିଦ୍ୟାଳୟରେ ଖୁବ୍‌ଶୀଘ୍ର ସ୍ଥାୟୀ କୁଳପତି ନିଯୁକ୍ତି କରାଯିବ। ଖାଲି ପଡ଼ିଥିବା ପ୍ରାୟ ୧୪୦୦ ଅଧ୍ୟାପକ ପଦ ପୂରଣ ପାଇଁ ସମସ୍ତ ବିଶ୍ୱବିଦ୍ୟାଳୟକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ନିଯୁକ୍ତି କ୍ଷେତ୍ରରେ ସୁପ୍ରିମକୋର୍ଟଙ୍କ ସଂରକ୍ଷଣ ନିୟମକୁ ଅନୁସରଣ କରାଯାଉଛି। ନିୟମିତ ସଂରକ୍ଷଣ ସହିତ ମହିଳା ଓ ଦିବ୍ୟାଙ୍ଗଙ୍କ ପାଇଁ ମଧ୍ୟ ସଂରକ୍ଷଣ ବ୍ୟବସ୍ଥା ରହିବ। ମାତ୍ର ସଂରକ୍ଷଣ ୫୦ ପ୍ରତିଶତରୁ ଅଧିକ ହେବନାହିଁ। ସେହିପରି ଅଣଶିକ୍ଷକ ପଦରେ ନିଯୁକ୍ତି ଦେବା ପାଇଁ ରାଜ୍ୟ ପ୍ରବରଣ ମଣ୍ଡଳୀ (ଓଏସ୍ଏସ୍‌ବି)କୁ ନିର୍ଦ୍ଦେଶ ଦିଆଯାଇଛି। ଏସ୍ଏସ୍‌ବି ପକ୍ଷରୁ ପ୍ରାୟ ୮୦୦ ପଦରେ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ଅବଶିଷ୍ଟ ଅଣଶିକ୍ଷକ ପଦ ପାଇଁ ମଧ୍ୟ ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ମନ୍ତ୍ରୀ କହିଛନ୍ତି।

## ସାମଗ୍ରିକ ବ୍ୟୟ ୮.୮% ବୃଦ୍ଧି

**ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ସଚିବସ୍ତରୀୟ ବୈଠକ**

ଭୁବନେଶ୍ୱର,୪।୪(ବନ୍ଦନା ସେଠୀ)

୨୦୨୫-୨୬ ଆର୍ଥିକ ବର୍ଷର ମାର୍ଚ୍ଚ ଶେଷ ସୁଦ୍ଧା ବଜେଟ ଅନୁମୋଦନ ଅନୁଯାୟୀ ସାମଗ୍ରିକ ବ୍ୟୟ ପୂର୍ବବର୍ଷ ତୁଳନାରେ ୮.୮% ବୃଦ୍ଧି ପାଇଛି। ସେହିଭଳି କାର୍ଯ୍ୟକ୍ରମ ବାବଦକୁ ବ୍ୟୟ ସାମଗ୍ରିକ ଭାବେ ୧୦% ବୃଦ୍ଧି ଘଟିଛି। କୃଷି, ସମବାୟ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ଏବଂ ଆନୁଷଙ୍ଗିକ କୃଷି କ୍ଷେତ୍ରରେ ସାମଗ୍ରିକ ଭାବେ ୧୩% ବୃଦ୍ଧି ପାଇଥିବା ବେଳେ ଭିତ୍ତିଭୂମି କ୍ଷେତ୍ରରେ ମଧ୍ୟ ସାମଗ୍ରିକ ବ୍ୟୟରେ ଅଭିବୃଦ୍ଧି ଘଟିଛି। ସାମାଜିକ କ୍ଷେତ୍ରରେ ୧୩ ପ୍ରତିଶତ, ହସ୍ତତନ୍ତ, ପର୍ଯ୍ୟଟନ, ଦକ୍ଷତା ବିକାଶ କ୍ଷେତ୍ରରେ ବ୍ୟୟ ଅଭିବୃଦ୍ଧି ହୋଇଛି ବୋଲି ସୂଚନା ଦିଆଯାଇଛି। ଶନିବାର ଖାରବେଳ ଭବନସ୍ଥିତ ସମ୍ମିଳନୀ କକ୍ଷରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ସଚିବସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଅର୍ଥବିଭାଗ ପକ୍ଷରୁ ମାର୍ଚ୍ଚ ୩୧ ସୁଦ୍ଧା ରାଜ୍ୟର ଆର୍ଥିକ ପ୍ରଦର୍ଶନ, ବ୍ୟୟ ଓ ରାଜସ୍ୱ ଆଦାୟ ସମ୍ପର୍କରେ ଉପସ୍ଥାପନ କରାଯିବା ସହ ବିଭିନ୍ନ ବିଭାଗର ବ୍ୟୟ ସ୍ଥିତି ସମୀକ୍ଷା କରାଯାଇଥିଲା। ବୈଠକରୁ ମିଳିଥିବା ତଥ୍ୟ ଅନୁସାରେ, ରାଜ୍ୟର ନିଜସ୍ୱ ଆୟ, ଅଣ ଟିକସ, କେନ୍ଦ୍ରୀୟ କର ବାବଦକୁ ରାଜ୍ୟକୁ ମିଳିଥିବା ଅନୁଦାନକୁ ମିଶାଇ ସାମଗ୍ରିକ ଭାବେ ୮୩.୪୨% ରାଜସ୍ୱ ଆଦାୟ ହୋଇଥିବା ସୂଚନା ଦିଆଯାଇଛି।

ଏଥିସହ ଚଳିତ ନୂଆ ଆର୍ଥିକ ବର୍ଷ ବଜେଟ ୨୦୨୬-୨୭ ପରିପ୍ରେକ୍ଷୀରେ ପ୍ରତି ୧୫ ଦିନରେ ଭିତ୍ତିଭୂମି ବିକାଶ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ରହୁଥିବା ବିଭିନ୍ନ ସମସ୍ୟା ଓ ସମାଧାନ ସମ୍ପର୍କରେ ସମୀକ୍ଷା କରିବାକୁ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ୨୦୩୬ ବିକଶିତ ଓଡ଼ିଶା ଏବଂ ଓ ୨୦୪୭ ବିକଶିତ ଭାରତ ଆଭିମୁଖ୍ୟକୁ ଲକ୍ଷ୍ୟ ରଖି ପର୍ଯ୍ୟଟନ କ୍ଷେତ୍ରର ବିକାଶ ପାଇଁ ବିଭାଗର କମିଶନର ତଥା ଶାସନ ସଚିବ ବଲୱନ୍ତ ସିଂ ପ୍ରସ୍ତାବ ଉପସ୍ଥାପନ କରିଥିଲେ। ମୁଖ୍ୟ ଶାସନ ସଚିବ ପର୍ଯ୍ୟଟନ କ୍ଷେତ୍ରକୁ ବିଶ୍ୱସ୍ତରୀୟ କରିବା ପାଇଁ ଆଲୋଚନା କରିବା ସହ ଥିଙ୍କ୍ ଇଣ୍ଡିଆ, ଥିଙ୍କ୍ ଓଡ଼ିଶା ଆଭିମୁଖ୍ୟ ନେଇ ଓଡ଼ିଶାରେ ପର୍ଯ୍ୟଟନର ବିକାଶ ପାଇଁ ଆହ୍ୱାନ ଦେଇଥିଲେ। ଏପ୍ରିଲ ୨ରୁ ୮ ପର୍ଯ୍ୟନ୍ତ ଚାଲିଥିବା 'ସାଧନା ସପ୍ତାହ' ଅବସରରେ ମିଶନ କର୍ମଯୋଗୀ ଅଧୀନରେ ନିଜନିଜ ବିଭାଗର ଅଧିକାରୀ ଓ କର୍ମଚାରୀମାନଙ୍କୁ ସପ୍ତାହରେ ଅନ୍ତତଃ ଗୋଟିଏ ଏଆଇ ପାଠ୍ୟକ୍ରମ ଓ ଗୋଟିଏ ଆଇ-ଗଟ୍ (ଆଇ-ଜିଓଟି) ଅନୁମୋଦିତ ଉପଲବ୍ଧ ମାର୍କେଟ ପ୍ଲେସ୍ ପାଠ୍ୟକ୍ରମ ପ୍ରଶିକ୍ଷଣ ପାଇଁ ବାଧ୍ୟତାମୂଳକ କରାଯାଇଛି। ପାଠ୍ୟକ୍ରମ ଶେଷ କରିବା ପରେ ସମସ୍ତେ ସୋସିଆଲ ମିଡିଆ #igotitOdishaରେ ତାହାକୁ ଶେୟାର କରିବାକୁ ପରାମର୍ଶ ଦିଆଯାଇଛି। ବୈଠକରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂ, ଗୋପବନ୍ଧୁ ପ୍ରଶାସନିକ ଏକାଡେମୀର ମହାନିର୍ଦ୍ଦେଶକ ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଚିତ୍ରା ଆରୁମୁଗମ, ଓପିଟିସିଏଲ୍‌ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଭାସ୍କର ଜ୍ୟୋତି ଶର୍ମା, ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।

## ଆଗାମୀ ପୌର ନିର୍ବାଚନରେ ଲଢ଼ିବ ଓଡ଼ିଶା ଜନତା କଂଗ୍ରେସ: ମୋକିମ




ସେମିଲିଗୁଡ଼ାରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ମହମ୍ମଦ ମୋକିମ ଓ ଦଳର କର୍ମକର୍ତ୍ତାମାନେ।

ସୁନାବେଡ଼ା/କୋରାପୁଟ,୪।୪ (କୃତ୍ତିବାସ ପ୍ରଧାନ/ଅମିତାଭ ବେହେରା)

କୋରାପୁଟ ଜିଲାର ୩ ପୌରାଞ୍ଚଳରେ ହେବାକୁ ଥିବା ଆଗାମୀ ପୌର ପରିଷଦ ନିର୍ବାଚନ ପାଇଁ ନୂତନ ଭାବେ ଗଠିତ ଓଡ଼ିଶା ଜନତା କଂଗ୍ରେସ ପ୍ରାର୍ଥୀ ଦେବ। ଏ ନେଇ ସେମିଲିଗୁଡ଼ାର ଏକ ହୋଟେଲ ସଭାଗୃହରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ଯୋଗଦେଇ ପୂର୍ବତନ କଟକ ବାରବାଟୀ ବିଧାୟକ ତଥା ଦଳ ମୁଖିଆ ମହମ୍ମଦ ମୋକିମ ସୂଚନା ଦେଇଛନ୍ତି। ତାଙ୍କୁ ଦଳୀୟ କର୍ମକର୍ତ୍ତା ଶୋଭାଯାତ୍ରା କରି ହୋଟେଲ ସଭାଗୃହକୁ ନେଇଥିଲେ। ମୋକିମ ଦଳରେ ନୂଆକରି ଯୋଗଦେଇଥିବା ସମସ୍ତ ସଦସ୍ୟଙ୍କୁ ଦଳୀୟ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। ଦଳର ଆଗାମୀ କାର୍ଯ୍ୟପନ୍ଥା ଓ ସାଙ୍ଗଠନିକ ପରିବର୍ତ୍ତନ ନେଇ କହିଥିଲେ। ଓଡ଼ିଶା ଜନତା କଂଗ୍ରେସର ଏହା ଗୁରୁତ୍ୱପୂର୍ଣ୍ଣ ବୈଠକ ହୋଇଥିବାରୁ ସର୍ବସମ୍ମତି କ୍ରମେ ଦଳର ସାଙ୍ଗଠନିକ ସ୍ଥିତି ମଜଭୁତ କରିବାକୁ ନିଷ୍ପତ୍ତି ନିଆଯାଇଛି। ଓଡ଼ିଶାର ସ୍ୱାର୍ଥ ରକ୍ଷା ଓ ଜନସାଧାରଣଙ୍କ ସମସ୍ୟାକୁ ସରକାରଙ୍କ ନିକଟରେ ପହଞ୍ଚାଇବା ପାଇଁ ଦଳ ସଂକଳ୍ପବଦ୍ଧ। କାର୍ଯ୍ୟକ୍ରମରେ ବିଭିନ୍ନ ଜିଲାର କର୍ମକର୍ତ୍ତାଙ୍କୁ ନୂତନ ଦାୟିତ୍ୱ ପ୍ରଦାନ ନେଇ ଆଲୋଚନା ହୋଇଥିଲା। ଦଳ ଗାଁ ଗାଁରେ ପହଞ୍ଚି ଲୋକଙ୍କ ସମସ୍ୟା ବୁଝିବା ସହ ସେମାନଙ୍କ ହକ୍ ପାଇଁ ଲଢ଼େଇ କରିବ ବୋଲି ମୋକିମ କହିଥିଲେ। ଓଡ଼ିଶାରେ ଏକ ସ୍ୱଚ୍ଛ ଓ ଦୃଢ଼ ବିକଳ୍ପ ରାଜନୈତିକ ଶକ୍ତି ଭାବେ ଦଳ ଉଭା ହେବ ବୋଲି ଆଶା ପ୍ରକଟ କରି ସେ ବିଜେଡି ଓ ଭାଜପା ଉପରେ ବର୍ଷିଥିଲେ। କାର୍ଯ୍ୟକ୍ରମରେ ନିକୁଞ୍ଜ ପଶାୟତ, କୃଷ୍ଣଚନ୍ଦ୍ର ପ୍ରଧାନ, ଜୀନୁ ସ୍ୱାଇଁ, ଆର୍ଯ୍ୟ ଲେଙ୍କା, ସୂର୍ଯ୍ୟକାନ୍ତ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଷ୍ଟେଶନରୁ ଦାମୀ ପୋଷାକ, ଜୋତା ଚୋରି: ଜଣେ ଗିରଫ

ଭୁବନେଶ୍ୱର,୪।୪(ତ୍ରିନାଥ ମହାନ୍ତି)

ଟଙ୍କା କି ସୁନା ନୁହେଁ। ରେଳ ଷ୍ଟେଶନରୁ ଜଣେ ଅଭିଯୁକ୍ତ କେବଳ ଦାମୀ ପୋଷାକ, ଜୋତା ଏବଂ ବ୍ୟାଗ୍ ଚୋରି କରୁଥିଲେ। ଚୋରି ଡ୍ରେସ୍ ପିନ୍ଧି ବୁଲୁଥିବାବେଳେ ଜିଆର୍‌ପି ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଲେ ରାଜମହଲ ନିକଟରେ ରହୁଥିବା ଗଣେଶ ପ୍ରଶାନ୍ତ ବେହେରା। ତାଙ୍କ ନିକଟରୁ ଦାମୀ ପୋଷାକ, ବ୍ୟାଗ୍ ଜବତ କରାଯାଇଛି।

ପୋଲିସ ସୂଚନା ଅନୁସାରେ, ଦୀପକ ଛତର ନାମକ ଯୁବକ ମୁମ୍ବାଇରୁ ଭୁବନେଶ୍ୱର ଷ୍ଟେଶନରେ ଶୁକ୍ରବାର ପହଞ୍ଚିଥିଲେ। ସେ ଶୁକ୍ରବାର ଭୋରୁ ପ୍ରତୀକ୍ଷାଳୟର ବାଥରୁମ୍ ଯାଇଥିବାବେଳେ ଅଭିଯୁକ୍ତ ତାଙ୍କ ବ୍ୟାଗ୍‌ରୁ ପୋଷାକ ଚୋରି କରି ନେଇଥିଲେ। ଦୀପକ ବାଥରୁମ୍‌ରୁ ଫେରିବାପରେ ନିଜ ପୋଷାକ ନ ପାଇ ଜିଆର୍‌ପିରେ ଅଭିଯୋଗ କରିଥିଲେ। ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପୋଲିସ ଷ୍ଟେଶନରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରିବାପରେ ଅଭିଯୁକ୍ତଙ୍କୁ ଖୋଜିଥିଲେ। ଅଭିଯୁକ୍ତ ଗଣେଶ ଚୋରି କରି ନେଇଥିବା ପୋଷାକ ଏବଂ ଜୋତାକୁ ପିନ୍ଧି ଷ୍ଟେଶନରେ ବୁଲୁଥିବାବେଳେ ଦୀପକ ନିଜ ପୋଷାକକୁ ଚିହ୍ନିପାରି ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ପହଞ୍ଚି ଅଭିଯୁକ୍ତଙ୍କୁ କାବୁ କରିବା ସହ ତାଙ୍କ ନିକଟରୁ ଚୋରି ପୋଷାକ ଜବତ କରାଯାଇଥିଲା। ଏପରିକି ଅଭିଯୁକ୍ତ କାନ୍ଧରେ ପକାଇ ବୁଲୁଥିବା ଏୟାରବ୍ୟାଗ୍ ମଧ୍ୟ ଚୋରି ବୋଲି ଜଣାପଡ଼ିଛି। ସେ ଷ୍ଟେଶନରୁ ଏକାଧିକ ଲୋକଙ୍କ ପୋଷାକ ଚୋରି କରିଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି।

# ଗଙ୍ଗାଧର ମେହେର ଓଡ଼ିଆ ଜାତିର ଗର୍ବ



ସ୍ୱଭାବ କବିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ କନକ ବର୍ଦ୍ଧନ ସିଂଦେଓଙ୍କ ସହ ଅନ୍ୟମାନେ।

### ସ୍ୱଭାବ କବିଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୪।୪ (ସୌମ୍ୟରଞ୍ଜନ ରାଉତ)

ସ୍ୱଭାବ କବି ଗଙ୍ଗାଧର ମେହେର ହେଉଛନ୍ତି ଓଡିଆ ଜାତିର ଗର୍ବ ଓ ଗୌରବ। ତାଙ୍କର ସାରସ୍ୱତ ସାହିତ୍ୟ କୃତି ଓଡିଆ ଭାଷା ଓ ସାହିତ୍ୟ ଜଗତକୁ ଋଦ୍ଧିମନ୍ତ କରିଛି। ଗଙ୍ଗାଧର ହେଉଛନ୍ତି ଆମ ସମସ୍ତଙ୍କ ପାଇଁ ଆଦର୍ଶ ବୋଲି ଅତିଥିମାନେ ମତପ୍ରକାଶ କରିଛନ୍ତି। ଓଡ଼ିଶା ବିଧାନସଭା ପରିସରରେ ଥିବା ଗଙ୍ଗାଧରଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶ୍ରଦ୍ଧା ସୁମନ ଅର୍ପଣ କରିବା ସହ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଏକାମ୍ର ବିଧାୟକ ବାବୁ ସିଂ, ସରକାରୀ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, ପୂର୍ବତନ ପ୍ରିୟଦର୍ଶୀ ମିଶ୍ର, ଖବରଦାତା ପ୍ରଦ୍ୟୁମ୍ନ ଶତପଥୀ, ଓଡ଼ିଶା ବିଧାନସଭା ସଚିବ ସତ୍ୟବ୍ରତ ରାଉତ, ସଂସ୍କୃତି ବିଭାଗର ଶାସନ ସଚିବ ରଶ୍ମିତା ପଣ୍ଡା, ଉପ ନିର୍ଦ୍ଦେଶକ ଡ଼. ଦେବଯାନୀ ଭୂୟାଁ ପ୍ରମୁଖ ଉପସ୍ଥିତ ରହି ସ୍ୱଭାବ କବିଙ୍କ ସ୍ମୃତି ଚାରଣ କରିଥିଲେ।

## ମନ୍ତ୍ରୀ କହୁଛନ୍ତି ସମସ୍ୟା ନାହିଁ, ରାସ୍ତାରେ ଲାଗୁଛି ସିଲିଣ୍ଡର ଧାଡ଼ି...



ଭୁବନେଶ୍ୱର ସାଲିଆ ସାହିରେ ଏଜେନ୍ସି ଗାଡିରୁ ଗ୍ୟାସ୍ ନେବାକୁ ଲୋକେ ରାସ୍ତାରେ ପ୍ରତିଦିନ ଏମିତି ଖରାରେ ସିଲିଣ୍ଡର ରଖି ଧାଡ଼ିରେ ଅପେକ୍ଷା କରୁଛନ୍ତି। (ଫଟୋ: ବିକାଶ ନାୟକ)

## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ପାଠାଗାର ଉଦ୍‌ଘାଟିତ



ଭୁବନେଶ୍ୱର,୪।୪(ସୁଚିସ୍ମିତା ସାହୁ)

ଲୋକସେବା ଭବନଠାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ନୂତନ ପାଠାଗାରକୁ ଶନିବାର ମନ୍ତ୍ରୀ ସୁରେଶ ପୂଜାରୀ ଉଦ୍‌ଘାଟନ କରିଛନ୍ତି। ପାଠାଗାରରେ ଥିବା ସମ୍ବିଧାନ ପୁସ୍ତକର କିଛି ପୃଷ୍ଠା ପଢିବା ସହ ପାଠାଗାରର ପ୍ରଥମ ପାଠକ ଭାବେ ରେଜିଷ୍ଟରରେ ମନ୍ତବ୍ୟ ଲେଖି ଦସ୍ତଖତ କରିଥିଲେ। ରାଜସ୍ୱ ବିଭାଗରେ ଏହି ପାଠାଗାର ବିଭାଗୀୟ ଅଧିକାରୀଙ୍କ ଦକ୍ଷତା ବିକାଶ କରିବା ସହ ଉଭୟ ବ୍ୟକ୍ତିଗତ ଏବଂ ପ୍ରଶାସନିକସ୍ତରରେ ଖୁବ ଉପଯୋଗୀ ହେବ ବୋଲି ରାଜସ୍ୱ ମନ୍ତ୍ରୀ କହିଛନ୍ତି।

ଏହି ପାଠାଗାରରେ କମ୍ପ୍ୟୁଟର ମାଧ୍ୟମରେ ଡିଜିଟାଲ ପାଠାଗାର ସୁବିଧା ଉପଲବ୍ଧ ହେବା ସହ ଓଡିଆ ଭର୍ଚୁଆଲ ଏକାଡେମୀ ମାଧ୍ୟମରେ ବିଭିନ୍ନ ଅନ୍ୟା ଓଡ଼ିଆ ସାହିତ୍ୟ ପୁସ୍ତକ ଉପଲବ୍ଧ କରାଯାଇଛି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ବିଭିନ୍ନ ଆବଶ୍ୟକ ସୂଚନା, ପୁସ୍ତକ ତଥା ପ୍ରଶାସନିକ ବିଷୟ ସମ୍ବନ୍ଧିତ ଗୁରୁତ୍ୱପୂର୍ଣ୍ଣ ସର୍କୁଲାର୍ ବିଭାଗୀୟ ଅଧିକାରୀଙ୍କ ପାଇଁ ଉପଲବ୍ଧ ହେବା ସହ ପ୍ରଶାସନିକ କାର୍ଯ୍ୟରେ ସହାୟକ ହେବ ବୋଲି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢୀ ସୂଚନା ଦେଇଛନ୍ତି। ଏଥିସହ ଅଧିକାରୀମାନେ ସ୍ୱ ଲିଖିତ ପୁସ୍ତକ ସହ ଅନ୍ୟାନ୍ୟ ଉପାଦେୟ ପୁସ୍ତକ ମଧ୍ୟ ପାଠାଗାରକୁ ପ୍ରଦାନ କରିପାରିବେ। ପାଠାଗାରରେ ଶୃଙ୍ଖଳା ବଜାୟ ରଖିବା ସହ ଏହାର ସର୍ବୋତ୍ତମ ବ୍ୟବହାର ନିମନ୍ତେ ସେଠାରେ ମୋବାଇଲ ଫୋନର ବ୍ୟବହାର ଉପରେ ନିଷେଧାଦେଶ ଜାରି କରାଯାଇଛି। ନୂଆ ପାଠାଗାର ଉଦ୍‌ଘାଟନ ଅବସରରେ ସ୍ୱତନ୍ତ୍ର ରିଲିଫ କମିଶନର୍ ରାଜେଶ ପ୍ରଭାକର ପାଟିଲ ଏବଂ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

## ଶିକ୍ଷା ପ୍ରତ୍ୟେକ ଶିଶୁଙ୍କ ମୌଳିକ ଅଧିକାର

### ୟୁନିଟ୍-୯ ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରବେଶ ଉତ୍ସବ

ଭୁବନେଶ୍ୱର,୪।୪(ସୁଚିସ୍ମିତା ସାହୁ)

ୟୁନିଟ୍-୯ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ନୂତନ ଶିକ୍ଷାବର୍ଷର ଶୁଭାରମ୍ଭ ଅବସରରେ ପ୍ରବେଶ ଉତ୍ସବ ଓ ଖଡ଼ି ଛୁଆଁ କାର୍ଯ୍ୟକ୍ରମ ଶନିବାର ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧ୍ୟକ୍ଷା ବବିତା ପାତ୍ର, ସମ୍ମାନିତ ଅତିଥି ଭାବେ ସଦସ୍ୟା ଚନ୍ଦନା ଦାସ, ସୁଜାତା ନାୟକ, କସ୍ତୁରୀ ମିଶ୍ର ଓ ମନସ୍ମିତା ଖୁଣ୍ଟିଆ ଯୋଗଦେଇ କୋମଳମତି ଶିଶୁଙ୍କ ବିଦ୍ୟାରମ୍ଭ କରିଥିଲେ। ନୂତନ ଶିକ୍ଷାବର୍ଷରେ ପିଲାଙ୍କ ଶିକ୍ଷା ଯାତ୍ରାକୁ ଅଧିକ ରୁଚିପୂର୍ଣ୍ଣ କରିବା ପାଇଁ ଅତିଥିମାନେ ସେମାନଙ୍କୁ ଉତ୍ସାହିତ କରିବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଶିକ୍ଷା ହେଉଛି ପ୍ରତ୍ୟେକ ଶିଶୁର ମୌଳିକ ଅଧିକାର। ଆମେ ସମସ୍ତେ ମିଶି ପ୍ରତ୍ୟେକ ଶିଶୁଙ୍କୁ ଶିକ୍ଷାର ଆଲୋକରେ ଆଗକୁ ନେବା ପାଇଁ ପ୍ରତିବଦ୍ଧ ହେବା ଉଚିତ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଭୁବନେଶ୍ୱର ବିଇଓ, ପ୍ରଧାନଶିକ୍ଷୟିତ୍ରୀ, ଶିକ୍ଷୟିତ୍ରୀଶିକ୍ଷକ ଏବଂ ଅନ୍ୟ ବିଭାଗୀୟ ପଦାଧିକାରୀ ଉପସ୍ଥିତ ରହି ଶିଶୁଙ୍କ ମନରେ ବିଦ୍ୟାଳୟ ପ୍ରତି ଉତ୍ସାହ ଭରିଦେଇଥିଲେ।

## ଡିଷ୍ଟ୍ରିବ୍ୟୁଟରଙ୍କୁ ୭୩.୫ ଲକ୍ଷ ଚୂନ ମାରିଲେ ବ୍ୟବସାୟୀ

■ଇଲେକ୍ଟ୍ରୋନିକାଲ ସାମଗ୍ରୀ ଆଣି ଜାଲ୍ ଚେକ୍ ଧରାଇଦେଲେ
■ଥାନାରେ ଅଭିଯୋଗ ପରେ ଅଭିଯୁକ୍ତ ଫେରାର

ଭୁବନେଶ୍ୱର,୪।୪(ତ୍ରିନାଥ ମହାନ୍ତି)

ଏକାଧିକ ଡିଷ୍ଟ୍ରିବ୍ୟୁଟରଙ୍କ ଠାରୁ ଲକ୍ଷାଧିକ ଟଙ୍କାର ଇଲେକ୍ଟ୍ରୋନିକାଲ ସାମଗ୍ରୀ ଆଣି ୭୩ଲକ୍ଷ ୫୩ ହଜାର ଟଙ୍କା ଠକେଇ କରିଛନ୍ତି ବ୍ୟବସାୟୀ। ଏନେଇ ଲକ୍ଷ୍ମୀସାଗର ଥାନାରେ ଡିଷ୍ଟ୍ରିବ୍ୟୁଟର ପ୍ରମୋଦ କୁମାର ପାତ୍ର ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଛି। ଥାନାରେ ମାମଲା ହେବା ଜାଣି ଅଭିଯୁକ୍ତ ତ୍ରିଲୋଚନ ସାହୁ ଫେରାର ହୋଇଯାଇଥିବା ଜଣାପଡ଼ିଛି।

ଅଭିଯୋଗ ଅନୁସାରେ, ନୟାପଲ୍ଲୀ ଲେନ୍ ନଂ -୩ ରେ ନୟାଗଡ଼ ଅଞ୍ଚଳର ତ୍ରିଲୋଚନ ସାହୁ ଦୋକାନ କରିବା ସହ ସପରିବାର ସହ ନୀଳାଦ୍ରି ବିହାରରେ ରହୁଛନ୍ତି। ନୟାପଲ୍ଲୀରେ ତ୍ରିନାଥ ଇଲେକ୍ଟ୍ରିକାଲ ନାମକ ଏକ ସଂସ୍ଥା କରି ଇଲେକ୍ଟ୍ରିକାଲ ସାମଗ୍ରୀର ବ୍ୟବସାୟ କରୁଥିଲେ। ଦୀର୍ଘ ୮ ବର୍ଷ ଧରି ବ୍ୟବସାୟ କରି ଭୁବନେଶ୍ୱରର ବିଭିନ୍ନ ଅଞ୍ଚଳରେ ଇଲେକ୍ଟ୍ରିକାଲ ଡିଷ୍ଟ୍ରିବ୍ୟୁଟରଙ୍କ ସଂସ୍ପର୍ଶରେ ଆସି ସେମାନଙ୍କଠାରୁ ବିଭିନ୍ନ ସମୟରେ ଫ୍ୟାନ୍, କୁଲର ଓ ଅନ୍ୟାନ୍ୟ ସରଞ୍ଜାମ ଆଣି ବ୍ୟବସାୟ କରନ୍ତି। ଗତ ମାର୍ଚ୍ଚ ମାସରେ ବିଭିନ୍ନ ଡିଷ୍ଟ୍ରିବ୍ୟୁଟରଙ୍କ ଠାରୁ ଲକ୍ଷାଧିକ ଟଙ୍କାର ସରଞ୍ଜାମ ଉଠାଇଥିଲେ। ପ୍ରତିବଦଳରେ ସମସ୍ତଙ୍କୁ କିଣିଥିବା ଜିନିଷର ମୂଲ୍ୟାୟନ କରି ସମସ୍ତଙ୍କୁ ଚେକ୍ ପ୍ରଦାନ କରିଥିଲେ। ସେମାନଙ୍କ ମଧ୍ୟରୁ ପ୍ରମୋଦ ପାତ୍ରୋ ନାମକ ଡିଷ୍ଟ୍ରିବ୍ୟୁଟର ମାଲିକ ଚେନ୍ ନେଇ ବ୍ୟାଙ୍କରେ ଲଗାଇଥିଲେ। ବ୍ୟାଙ୍କରେ ଚେକ୍ ଲଗାଇଲା ପରେ ଉକ୍ତ ଆକାଉଣ୍ଟ ବନ୍ଦ ହୋଇଯାଇଥିବା ଜାଣିବାକୁ ପାଇଥିଲେ। ପ୍ରମୋଦଙ୍କ ସନ୍ଦେହ ହେବାରୁ ତାଙ୍କ ଘର ଏବଂ ଦୋକାନକୁ ଯାଇ ଖୋଜିବା ପରେ ତାଲା ପଡ଼ିଥିବା ଦେଖିବାକୁ ପାଇଥିଲେ। ଶେଷରେ ଠକାମିର ଶିକାର ହୋଇଥିବା ଜାଣି ଥାନାରେ ଅଭିଯୋଗ କରିଥିଲେ। ପ୍ରମୋଦଙ୍କ ଭଳି ଏକାଧିକ ଡିଷ୍ଟ୍ରିବ୍ୟୁଟରଙ୍କୁ ପାଖାପାଖି ୭୩.୫୩ଲକ୍ଷ ଟଙ୍କାର ଠକେଇ କରିଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଛନ୍ତି।

## ଶହୀଦ ରଘୁ, ଦିବାକରଙ୍କ ଶ୍ରାଦ୍ଧଦିବସରେ ମାଲ୍ୟାର୍ପଣ



ଭୁବନେଶ୍ୱର,୪।୪ (ସୌମ୍ୟରଞ୍ଜନ ରାଉତ)

ରଣପୁର ପ୍ରଜାମଣ୍ଡଳ ଆନ୍ଦୋଳନରେ ଅଦମ୍ୟ ସାହସ ଓ ଅପରିମିତ ତ୍ୟାଗର ପରିଚୟ ଦେଇ ଇଂରେଜ ଶାସନ ବିରୋଧରେ ସଂଗ୍ରାମ କରି ଜୀବନ ବଳିଦାନ ଦେଇଥିବା ଅମର ଶହୀଦ ରଘୁନାଥ ମହାନ୍ତି ଓ ଦିବାକରଙ୍କ ଶ୍ରାଦ୍ଧଦିବସ ଶନିବାର ୟୁନିଟ୍-୯ସ୍ଥିତ ପ୍ରତିମୂର୍ତ୍ତି ସ୍ଥଳରେ ପାଳିତ ହୋଇଯାଇଛି। ତାଙ୍କର ତ୍ୟାଗ ଓ ଦେଶପ୍ରେମ ଆଜି ମଧ୍ୟ ସମାଜକୁ ପ୍ରେରିତ କରୁଥିବାରୁ ତାଙ୍କ ଆଦର୍ଶ ସଦା ପଥପ୍ରଦର୍ଶକ ହୋଇ ରହିବ ବୋଲି ମତ ପ୍ରକାଶ ପାଇଛି। ଏହି ଅବସରରେ ଅତିଥିମାନେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। କାର୍ଯ୍ୟକ୍ରମରେ ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ (ବୈଷୟିକ) ଗୁରବୀର ସିଂ, ଉପ ନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ, ସହକାରୀ ନିର୍ଦ୍ଦେଶକ ଦୀପକ କୁମାର ସାହୁ, ରଘୁଦିବାକର ସ୍ମୃତି ପରିଷଦର ସାଧାରଣ ସମ୍ପାଦକ ବ୍ରଜବନ୍ଧୁ ପରିଡ଼ାଙ୍କ ସମେତ ଅନ୍ୟମାନେ ପ୍ରମୁଖ ଯୋଗଦେଇ ମାଲ୍ୟାର୍ପଣ କରିଥିଲେ।

## ବାଲିଅନ୍ତା ବ୍ଲକସ୍ତରୀୟ ଖଡ଼ିଛୁଆଁ, ପ୍ରବେଶ ଉତ୍ସବ

ବାଲିଅନ୍ତା,୪।୪(ନୀଳମାଧବ ସାହୁ)

ବାଲିଅନ୍ତା ବ୍ଲକର ବେଣ୍ଣୁପୁରସ୍ଥିତ ପିଏମ୍‌ଶ୍ରୀ ଆଚାର୍ଯ୍ୟ ହରିହର ସରକାରୀ ଉଚ୍ଚ ବିଦ୍ୟାଳୟରେ ଶିଶୁବାଟିକା ପିଲାଙ୍କ ପାଇଁ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକସ୍ତରୀୟ ଏହି କାର୍ଯ୍ୟକ୍ରମକୁ ଶିକ୍ଷା ଅଧିକାରୀ ଭକ୍ତବତ୍ସଳ ମହାପାତ୍ର ଉଦ୍‌ଘାଟନ କରିଥିଲେ। ପ୍ରଥମେ ଶିଶୁବାଟିକାର ୧୦ ଛାତ୍ରୀଛାତ୍ରଙ୍କୁ ଫୁଲ ଚନ୍ଦନ ଦେଇ ପାରମ୍ପରିକ ଭାବେ ପୂଜାର୍ଚ୍ଚନା କରାଯାଇଥିଲା। ପୁରୋହିତଙ୍କ ମନ୍ତ୍ର ଉଚ୍ଚାରଣପୂର୍ବକ ଅଗ୍ରପୂଜ୍ୟ ଗଣେଶ ଓ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଫଟୋରେ ମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ ଏକ ସଭା ପ୍ରଧାନଶିକ୍ଷକ ଗଣେଶ କରଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରୀ ମହାପାତ୍ର, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ହୃଷୀକେଶ ପାତ୍ର, ଆଲୁମ୍ନି କମିଟିର ସମ୍ପାଦକ ନୃସିଂହ ଚରଣ ଜେନା, ବାଲିଅନ୍ତା ହାଇସ୍କୁଲ ପ୍ରଧାନଶିକ୍ଷକ ଧ୍ରୁବଚରଣ ତ୍ରିପାଠୀ, ପତିତପାବନ ହାଇସ୍କୁଲର ପ୍ରଧାନଶିକ୍ଷକ କ୍ଷୀରୋଦ ଚନ୍ଦ୍ର ନାୟକ, ଶ୍ରୀଜୟଦେବ ହାଇସ୍କୁଲ ପ୍ରଧାନଶିକ୍ଷକ ମନୋରଞ୍ଜନ ପ୍ରହରାଜ ପ୍ରମୁଖ ଯୋଗଦେଇଥିଲେ। ବରିଷ୍ଠ ଶିକ୍ଷକ ଜନ୍ମେଶ୍ୱର ରଥ ଧନ୍ୟବାଦ ଦେଇଥିଲେ। ସଭାକୁ ପ୍ରମୋଦ କୁମାର ଖୁଣ୍ଟିଆ ପରିଚାଳନା କରିଥିଲେ। ସମସ୍ତ ନୂତନ ଛାତ୍ରୀଛାତ୍ରଙ୍କୁ ସ୍କୁଲ ବ୍ୟାଗ୍ ଓ ଶିକ୍ଷଣ ସାମଗ୍ରୀ ବଣ୍ଟନ କରାଯାଇଥିଲା। ଏହି ଅବସରରେ ଖଡ଼ିଛୁଆଁ କୋଣ, ଖେଳ ଘର, ରଙ୍ଗ ପସରା ଓ ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ ବିଷୟକୁ ନେଇ ଏକ ନିଆରା ପ୍ରଦର୍ଶନୀ ଷ୍ଟଲ୍ ଖୋଲାଯାଇଥିଲା। ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ଏହି ପ୍ରଦର୍ଶନୀ ବୁଲି ଦେଖିଥିଲେ। ଏହି କାର୍ଯ୍ୟକ୍ରମକୁ ସିଆର୍‌ସିସି ଗୀତାଞ୍ଜଳି ମାଝୀ, ଶିକ୍ଷୟିତ୍ରୀ ଆଦ୍ୟାଶା ଖୁଣ୍ଟିଆ, ଶ୍ରଦ୍ଧାଞ୍ଜଳି ସାହୁ, ସୀମା ପଣ୍ଡା ଓ ଶିକ୍ଷକ ମାନସ ରଞ୍ଜନ ଦାସ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ରୋମାନିଆରେ ସାନ୍ତାଳୀ ନୃତ୍ୟ ପରିବେଷଣ କଲେ କିସ୍ ଛାତ୍ରୀଛାତ୍ର

ଭୁବନେଶ୍ୱର,୪।୪(ଅନୁରାଧା ମହାରଣା)




କିସ୍‌ର ୧୦ଜଣ ଛାତ୍ରୀଛାତ୍ର ରୋମାନିଆ ଗସ୍ତରେ ଯାଇ ସେଠାରେ ଆୟୋଜିତ ଏକ ଅନ୍ତର୍ଜାତୀୟ ସାଂସ୍କୃତିକ ମହୋତ୍ସବରେ ଓଡ଼ିଶାର ଆଦିବାସୀ ସାନ୍ତାଳୀ ନୃତ୍ୟ ପରିବେଷଣ କରିଛନ୍ତି। ସେଠାରେ ସେମାନେ ଓଡ଼ିଶାର ଆଦିବାସୀ ଭାଷାରେ ସେକ୍ସପିଅରଙ୍କ ନାଟକ ମଧ୍ୟ ପରିବେଷଣ କରିବେ। ମହୋତ୍ସବରେ ୩୦ଟି ଦେଶର ପ୍ରାୟ ୧୫୦ରୁ ଅଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଛନ୍ତି। କିସ୍ ଛାତ୍ରୀଛାତ୍ର ସହ ପ୍ରଥମେ ରୋମାନିଆର କ୍ରାୟୋଭା ବିଶ୍ୱବିଦ୍ୟାଳୟରେ ପହଞ୍ଚିବା ପରେ ସେଠାରେ ଅବସ୍ଥାପିତ ଭାରତର ରାଷ୍ଟ୍ରଦୂତ ଡ. ମନୋଜ ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସେମାନେ ରହଣି କରିବା ସହ କ୍ରାୟୋଭା ବିଶ୍ୱବିଦ୍ୟାଳୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏରାସମସ୍ ଷ୍ଟୁଡେଣ୍ଟ ମୋବିଲିଟି କାର୍ଯ୍ୟକ୍ରମ ସହାୟତାରେ ଛାତ୍ରୀଛାତ୍ରମାନେ ଏହି ୨ମାସିଆ ଶୈକ୍ଷିକ ଓ ସାଂସ୍କୃତିକ ଇଣ୍ଟର୍ନସିପ୍‌ରେ ଅଂଶଗ୍ରହଣ କରିଛନ୍ତି। ସେମାନଙ୍କ ସହ କିଟ୍ ଛାତ୍ରୀଛାତ୍ର ମଧ୍ୟ ପ୍ରଥମଥର ଏକାଠି ରୋମାନିଆ ଭଳି ଏକ ୟୁରୋପୀୟ ଦେଶକୁ ଗସ୍ତ କରି ଅନ୍ତର୍ଜାତୀୟ ସାଂସ୍କୃତିକ କାର୍ଯ୍ୟକ୍ରମରେ ସାମିଲ୍ ହୋଇଛନ୍ତି। କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଛନ୍ତି, କିସ୍ ଛାତ୍ରୀଛାତ୍ର ପୂର୍ବରୁ କ୍ରୀଡ଼ା ଓ ଶିକ୍ଷା ଆଦି କ୍ଷେତ୍ରରେ ଦେଶ ବିଦେଶ ଯାଇ ସୁନାମ ଆଣୁଥିଲେ। ଏବେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରି ଅନ୍ତର୍ଜାତୀୟସ୍ତରରେ ସୁନାମ ଆଣିବେ। ଏହା ସମସ୍ତଙ୍କ ପାଇଁ ଖୁସିର ବିଷୟ।

## କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲରେ ଅଟିଜମ୍ ସଚେତନତା ଦିବସ

ଭୁବନେଶ୍ୱର,୪।୪(ଅନୁରାଧା ମହାରଣା)



କିଟ୍ ଇଣ୍ଟରନ୍ୟାଶନାଲ୍ ସ୍କୁଲ୍ 'ସେନ୍ ଗ୍ଲୋବ' ପକ୍ଷରୁ ବିଶ୍ୱ ଅଟିଜିମ୍ ସଚେତନତା ଦିବସ ପାଳିତ ହୋଇଯାଇଛି। ସ୍ୱାଗତ ଭାଷଣ ଦେଇ କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲର ଚେୟରାପର୍ସନ ଡ. ମୋନାଲିସା ବଳ କହିଲେ, ଗତ ୧୨ ବର୍ଷ ଧରି କିଟ୍ ଇଣ୍ଟରନ୍ୟାଶନାଲ୍ ସ୍କୁଲ୍ ସେନ୍ ଗ୍ଲୋବ୍ ଅତି ନିଷ୍ଠାର ସହ ପରିଚାଳନା ହେଉଛି। ୩ଜଣ ସ୍ୱତନ୍ତ୍ର ଛାତ୍ରୀଛାତ୍ରଙ୍କ ମାନସିକ ଅବସ୍ଥାରେ ପରିବର୍ତ୍ତନ ପରେ ସେମାନଙ୍କୁ ସାଧାରଣ ସ୍କୁଲରେ ଅନ୍ୟ ପିଲାଙ୍କ ସହ ପାଠ ପଢ଼ିବାରେ ସକ୍ଷମ ହୋଇପାରିଥିବା ଡ. ବଳ ସୂଚନା ଦେଇଥିଲେ। ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜାତି ଓ ଜନଜାତି ବିକାଶ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, ଏଭଳି ସ୍ୱତନ୍ତ୍ର ଛାତ୍ରୀଛାତ୍ରଙ୍କ ବିକାଶରେ ହିଁ ରାଷ୍ଟ୍ରର ସାମଗ୍ରିକ ବିକାଶ ସମ୍ଭବ ହୋଇପାରିବ। ଏହା ଏକ ରୋଗ ନୁହେଁ ବରଂ ଏକ ଅବସ୍ଥା ବୋଲି କୁହାଯାଇପାରେ। ସେମାନଙ୍କଠାରେ ଅନେକ ଅନ୍ତର୍ନିହିତ ଗୁଣ ଲୁକ୍କାୟିତ ଭାବେ ରହିଛି। ସମସ୍ତଙ୍କ ମିଳିତ ସହଯୋଗ ରହିଲେ ସେମାନଙ୍କ ଏହି ଗୁଣର ପରିପ୍ରକାଶ ହୋଇପାରିବ। ସେମାନଙ୍କ ବିକାଶ ଦିଗରେ ରାଜ୍ୟ ସରକାର ମଧ୍ୟ ଅନେକ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ସେମାନଙ୍କୁ ସମାନ ସମ୍ମାନ ଓ ଅଧିକାର ଦେବାକୁ ପ୍ରତ୍ୟେକ ନାଗରିକ ସଚେତନ ହେବା ଆବଶ୍ୟକ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଯୋଗଦେଇ କହିଲେ, ଏହି ପିଲାଙ୍କୁ ଯେତେ ସମୟ ଓ ଧୈର୍ଯ୍ୟ ଦେବେ ସେହି ଅନୁସାରେ ସେମାନଙ୍କଠାରେ ଉନ୍ନତି ପରିଲକ୍ଷିତ ହେବ। କିଟ୍ ଇଣ୍ଟରନ୍ୟାଶନାଲ୍ ସ୍କୁଲ୍-ସେନ୍ ଗ୍ଲୋବର ୱେବ୍‌ସାଇଟ୍ ଉନ୍ମୋଚନ ହେବା ସହ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସ୍କୁଲର ଅଧ୍ୟକ୍ଷ ଡ.ସଞ୍ଜୟ ସୁଆର ଧନ୍ୟବାଦ ଅର୍ପଣ ଦେଇଥିଲେ।

**ବିଦେଶୀ ମଦ ସହ ବାଇକ୍ ଜବତ, ଜଣେ ଗିରଫ**

ଟାଙ୍ଗୀ/ନିରାକାରପୁର,(ରଘୁନାଥ ସାହୁ/ମାନସ ଚନ୍ଦ୍ର ପଟ୍ଟନାୟକ): ଟାଙ୍ଗୀ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ୧୭.୨୮ଲିଟର ବିଦେଶୀ ମଦ ସହ ଏକ ବାଇକ୍ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତି ନେଇ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ନିରାକାରପୁର ଥାନା ଲେଣ୍ଡୋ ପଞ୍ଚାୟତ ଅଧୀନ ସାନଗୋବିନ୍ଦପୁର ଗ୍ରାମର ରବୀନ୍ଦ୍ର ଚମ୍ପତି(୪୫)। ଏନେଇ ଏକ ମାମଲା ରୁଜୁ ପରେ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଅବକାରୀ ସବ୍ଇନ୍ସପେକ୍ଟର ରମେଶ ଚନ୍ଦ୍ର ବାରିକ କହିଛନ୍ତି। ସୂଚନା ମୁତାବକ, ଟାଙ୍ଗୀ ଅବକାରୀ ବିଭାଗ ଅଧିକାରୀ ଅଜିତ କୁମାର ପାତ୍ରଙ୍କ ନିର୍ଦ୍ଦେଶକ୍ରମେ ନିରାକାରପୁର ଥାନା ମିରିଗଦୟଣୀ ରାସ୍ତାରେ ଚଢ଼ାଉ କରାଯାଇ ଅଭିଯୁକ୍ତଙ୍କୁ ଧରାଯିବା ସହ ମଦ ଜବତ ହୋଇଥିଲା।

# 'ରଘୁ-ଦିବାକରଙ୍କ ଆଦର୍ଶରେ ଯୁବପିଢ଼ି ଅନୁପ୍ରାଣିତ ହୁଅନ୍ତୁ'

ଖୋର୍ଦ୍ଧା,୪।୪(ପ୍ରଭାତ ପାଣିଗ୍ରାହୀ)


ଶହୀଦ ରଘୁ-ଦିବାକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ଅତିଥି ଏବଂ ଛାତ୍ରୀଛାତ୍ର।

ରଣପୁର ପ୍ରଜା ଆନ୍ଦୋଳନର ମହାନ୍ ବିପ୍ଳବୀ ରଘୁନାଥ ମହାନ୍ତି ଏବଂ ଦିବାକର ପରିଡ଼ାଙ୍କ ପାଇଁ କେବଳ ରଣପୁର ନୁହେଁ, ଖୋର୍ଦ୍ଧା ମାଟି ମଧ୍ଯ ଗୌରବାନ୍ୱିତ ହୋଇଛି। ଶହୀଦ ରଘୁ-ଦିବାକର ଖୋର୍ଦ୍ଧା ହାଇସ୍କୁଲର ଛାତ୍ର ଥିଲେ। ଏହି ପରିପ୍ରେକ୍ଷୀରେ ଶନିବାର ଉଭୟଙ୍କ ଫାଶୀ ଦିବସ ଖୋର୍ଦ୍ଧା ବିଜେବି ହାଇସ୍କୁଲ ପରିସରରେ ପ୍ରଧାନ ଶିକ୍ଷକ ବିଭୁପ୍ରସାଦ ସେନାପତି ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧା ବିଜେବି ହାଇସ୍କୁଲ ଏବଂ ଶହୀଦ ରଘୁ-ଦିବାକର ସ୍ମୃତି କମିଟି ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ହାଇସ୍କୁଲ ପରିସରରେ ଥିବା ରଘୁ-ଦିବାକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ସ୍ମୃତିଚାରଣ କରାଯାଇଥିଲା। ସ୍ମୃତି କମିଟିର ଉପଦେଷ୍ଟା ଐତିହ୍ୟ ଗବେଷକ ସତ୍ୟବାଦୀ ବଳିୟାରସିଂହ ରଘୁ-ଦିବାକରଙ୍କ ସଂଗ୍ରାମୀ ପୃଷ୍ଠଭୂମି ଉପରେ ଆଲୋକପାତ କରିଥିଲେ। ସେ କହିଥିଲେ, ୨ ବନ୍ଧୁ ରାଜ ଶାସନର ଅନ୍ୟାୟ, ଅନୀତି, ଶୋଷଣ କଷଣ ତଥା ପ୍ରଜା ପୀଡ଼ନ କାର୍ଯ୍ୟ ବିରୋଧରେ ପ୍ରଜା ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ପ୍ରଜା ଆନ୍ଦୋଳନକୁ ଦମନ କରିବାକୁ ରଣପୁର ଆସି ୨୬ଟି ଗଡ଼ଜାତର ପଲିଟିକାଲ ଏଜେଣ୍ଟ ମେଜର ଆର୍.ଏଲ୍. ବେଜଲଗେଟ୍ ପ୍ରଜାଙ୍କ ଠେଙ୍ଗାମାଡ଼ରେ ନିହତ ହୋଇଥିଲେ। ଏହି ଘଟଣା ବ୍ରିଟିଶ ଶାସିତ ଭାରତରେ ଚହଳ ପକାଇଥିଲା। ଏହାର ବିଚାର କରାଯାଇ ସଂଗ୍ରାମୀ ଜନତାର ନେତା ରଘୁ-ଦିବାକରଙ୍କୁ ୧୯୪୧ ଏପ୍ରିଲ ୪ରେ ବିହାରର ଭାଗଲପୁର ଜେଲରେ ଫାଶୀ ଦିଆଯାଇଥିଲା। ଏହି ୨ ଶହୀଦଙ୍କ ଜୀବନୀ ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କୁ ଦେଶପ୍ରେମରେ ଉଦ୍‌ବୁଦ୍ଧ କରିବ ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ କଳିଙ୍ଗ ପାଇକ ସଙ୍ଗଠନର ସଭାପତି ଭୀମସେନ ପ୍ରଧାନ ବକ୍ତବ୍ୟ ରଖି ଶହୀଦଙ୍କ ଆଦର୍ଶରେ ଯୁବପିଢ଼ି ଅନୁପ୍ରାଣିତ ହେବାକୁ ଆହ୍ୱାନ କରିଥିଲେ। ପୂର୍ବତନ ରେଲ୍‌ୱେ ଆରକ୍ଷୀ ଅଧୀକ୍ଷକ ରାଜେନ୍ଦ୍ର କୁମାର ନରେନ୍ଦ୍ର, ଲକ୍ଷ୍ମୀଧର ସାମନ୍ତରାୟ, କଳିଙ୍ଗ ପାଇକ ସଙ୍ଗଠନର ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ହରିଚନ୍ଦନ, ପ୍ରଫୁଲ୍ଲ କୁମାର ସାମନ୍ତରାୟ, ଅବସରପ୍ରାପ୍ତ ଫ୍ଲାଇଟ ଲ୍ୟୁଟେନାଣ୍ଟ ବିଦ୍ୟାଧର ଲେଙ୍କା, ଉପେନ୍ଦ୍ର କୁମାର ସ୍ୱାଇଁ, ଭଗବନା ପଶ୍ଚିମକବାଟ, ବିକ୍ରମ ଚମ୍ପତି, ବଂଶୀଧର ଦାସ, ଇତିଶ୍ରୀ ସାହୁ, ମଧୁସୂଦନ ସ୍ୱାଇଁ, ଗୋବିନ୍ଦ ଚନ୍ଦ୍ର ମହାରଣା, ସ୍ତମ୍ଭକାର ସମରେନ୍ଦ୍ର ବଳିୟାରସିଂହଙ୍କ ସମେତ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ। ବିମଳ କୁମାର ଷଡ଼ଙ୍ଗୀ ଧନ୍ୟବାଦ ଦେଇଥିଲେ।

# ୧୫ ଗ୍ୟାସ୍ ସିଲିଣ୍ଡର ଜବତ



## ଯୋଗାଣ ବିଭାଗର ଚଢ଼ାଉ

ଖୋର୍ଦ୍ଧା,୪।୪(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା ଯୋଗାଣ ବିଭାଗ ପକ୍ଷରୁ ପୁରୁସାହି ଛକଠାରେ ଗ୍ୟାସ୍ ଉପକରଣ ଦୋକାନ ମାଲିକ ସଞ୍ଜୟ କୁମାର ସାହୁଙ୍କ ପୁରୁସାହିର ଆଦିବାସୀ ସାହିସ୍ଥିତ ବାସଭବନରୁ ୧୫ଟି ଏଲ୍‌ପିଜି ସିଲିଣ୍ଡର ଜବତ କରାଯାଇଛି। ତନ୍ମଧ୍ୟରୁ ୭ଟି ଗ୍ୟାସ୍ ଭର୍ତ୍ତି ସିଲିଣ୍ଡର ଏବଂ ୮ଟି ଖାଲି ସିଲିଣ୍ଡର ରହିଥିଲା। ଅନୁସନ୍ଧାନରୁ ଜଣାପଡିଛି ଯେ, ଦୋକାନ ମାଲିକ ସାହୁ କେତେଜଣ ଗ୍ୟାସ୍ କାର୍ଡଧାରୀଙ୍କୁ ହାତ କରି ସେମାନଙ୍କଠାରୁ କାର୍ଡ ରଖି ସେମାନଙ୍କ ଖାତାରେ ସିଲିଣ୍ଡର ଉଠାଇ କଳାବଜାର କରୁଥିଲେ। ଯୋଗାଣ ଅଧିକାରୀ ଜ୍ଞାନେନ୍ଦ୍ରିୟ ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ସହକାରୀ ଯୋଗାଣ ଅଧିକାରୀ ହିମାଂଶୁ ଭୂଷଣ ସାହୁ, ବିପିନ ବିହାରୀ ମହାପାତ୍ର, ଇନ୍ଦୁ ରେଖା ସାହୁଙ୍କ ସହ ବୋଲଗଡ଼ ଏବଂ ବେଗୁନିଆ ବ୍ଲକର ଯୋଗାଣ ନିରୀକ୍ଷକଙ୍କୁ ନେଇ ଗଠିତ ଟିମ୍ ଚଢ଼ାଉ କରିଥିଲେ। ଆଗାମୀ ଦିନରେ ମଧ୍ୟ ଏହିଭଳି ଚଢ଼ାଉ ଜାରି ରହିବ ବୋଲି ଯୋଗାଣ ଅଧିକାରୀ ମିଶ୍ର ପ୍ରକାଶ କରିଛନ୍ତି।

# ୫୨ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ, ୨ ବେପାରୀ ଗିରଫ

ଟାଙ୍ଗୀ,୪।୪(ରଘୁନାଥ ସାହୁ)

## ୨ କାର୍, ୪ ବାଇକ୍ ଓ ଟଙ୍କା ଜବତ

ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ଅନ୍ତର୍ଗତ ହଜ ଗାଁ ନିକଟସ୍ଥ ଜଙ୍ଗଲରେ ପୋଲିସ ଚଢ଼ାଉକରି ୨ଜଣ ବ୍ରାଉନ୍‌ସୁଗାର ବେପାରୀଙ୍କୁ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ହଜ ଗ୍ରାମର ସନ୍ତୋଷ ବଳିୟାରସିଂହ ଏବଂ ମଳିପଡ଼ାର ଅନୀଲ ବଳିୟାରସିଂହ। ଏମାନଙ୍କ ନିକଟରୁ ୫୨ଗ୍ରାମ୍ ବ୍ରାଉନ୍‌ସୁଗାର, ଦୁଇଟି କାର୍, ଚାରିଟି ବାଇକ୍ ସହ ୨୮,୪୦୦ ଟଙ୍କା ଜବତ କରାଯାଇଛି। ଜବତ ବ୍ରାଉନ୍‌ସୁଗାରର ଆନୁମାନିକ ମୂଲ୍ୟ ୫ଲକ୍ଷ ଟଙ୍କା ହେବ। ସୂଚନା ମୁତାବକ, ଉକ୍ତ ଜଙ୍ଗଲରେ ବ୍ରାଉନ୍‌ସୁଗାର କାରବାର ହେଉଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ଏସ୍‌ପି ବିବେକାନନ୍ଦ ଶର୍ମାଙ୍କ ନିର୍ଦ୍ଦେଶକ୍ରମେ ଜଙ୍କିଆ ଥାନା ଅଧିକାରୀ ସୁଶାନ୍ତ କୁମାର ବେହେରାଙ୍କ ନେତୃତ୍ୱରେ ଏକ ୮ଜଣିଆ ଟିମ୍ ଗଠନ କରାଯାଇ ଅତର୍କିତ ଭାବେ ଉକ୍ତ ଜଙ୍ଗଲରେ ଚଢ଼ାଉ କରାଯାଇ ବେପାରୀଦ୍ୱୟଙ୍କୁ ଗିରଫ କରାଯିବା ସହ ଉପରୋକ୍ତ ସାମଗ୍ରୀ ଓ ଟଙ୍କା ଜବତ କରାଯାଇଥିଲା।

# ଓଡ଼ିଆରେ ନାମଫଳକ ଲେଖିବା ପାଇଁ ସଚେତନତା

ବାଣପୁର,୪।୪(ଦିଲୀପ କୁମାର ସ୍ୱାଇଁ)




ବାଣପୁରର ସାହିତ୍ୟ ସିନ୍ଧୁରା ଏବଂ ବରିଷ୍ଠ ନାଗରିକ ସଂଘ ମିଳିତ ଆନୁକୂଲ୍ୟରେ ଶନିବାର ଓଡ଼ିଆରେ ନାମଫଳକ ଲେଖିବା ନିମନ୍ତେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟ ସିନ୍ଧୁରାର ପ୍ରତିଷ୍ଠାତା ଗୋଲକ ବିହାରୀ ପରିଡ଼ା ଓ ବାଣପୁର ବରିଷ୍ଠ ନାଗରିକ ସଂଘର ସଭାପତି ଡ. ଚିନ୍ତାମଣି ମିଶ୍ରଙ୍କ ନେତୃତ୍ୱରେ ମା' ଟିକିରାଇ ମନ୍ଦିର ପ୍ରାଙ୍ଗଣରୁ ଏକ ଶୋଭାଯାତ୍ରା ବାହାରି ବିଶରପାଟଣା ଛକଠାରେ ଶେଷ ହୋଇଥିଲା। ଓଡ଼ିଆରେ ସରକାରୀ ଓ ବେସରକାରୀ ଅନୁଷ୍ଠାନଗୁଡ଼ିକ ନାମଫଳକଗୁଡ଼ିକୁ ଓଡ଼ିଆ ଭାଷାରେ ଲେଖିବା ପାଇଁ ଏହି ଶୋଭାଯାତ୍ରାର ଉଦ୍ଦେଶ୍ୟ ଥିଲା। ଉକ୍ତ ଶୋଭାଯାତ୍ରାରେ ବରିଷ୍ଠ ଆଇନଜୀବୀ ରବୀନ୍ଦ୍ରନାଥ ମାନସିଂ, କବି ଦିଗମ୍ବର ବିଶ୍ୱାଳ, ଲକ୍ଷ୍ମୀଚରଣ ପ୍ରଧାନ, ବିଷ୍ଣୁପ୍ରିୟା ବାରିକ, ନବ କିଶୋରଙ୍କ ସମେତ ୨୫ରୁ ଊର୍ଦ୍ଧ୍ୱ ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମ ଆଗକୁ ଜାରି ରହିବ ବୋଲି ସାହିତ୍ୟ ସିନ୍ଧୁରା ପ୍ରତିଷ୍ଠାତା ପରିଡ଼ା ଏବଂ ବରିଷ୍ଠ ନାଗରିକ ସଂଘ ସଭାପତି ଡ. ମିଶ୍ର ପ୍ରକାଶ କରିଛନ୍ତି।

# ଭିଡିଓ ଭାଇରାଲ ନେଇ ପ୍ରତିକ୍ରିୟା ରଖିଲେ ଜଗଦ୍ଦେବ

ଖୋର୍ଦ୍ଧା,୪।୪(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ପ୍ରଶାନ୍ତ ଜଗଦ୍ଦେବ ଏକ ହୁକା ବାର୍‌ରେ ହୁକା ଟାଣିବା ସହ ମଦ ପିଇ ଝିଅମାନଙ୍କ ସହ ନୃତ୍ୟ କରୁଥିବା ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଏନେଇ କଂଗ୍ରେସ ମୁଖପାତ୍ର ସୋନାଲି ସାହୁ ଏକ ଖବରଦାତା ସମ୍ମିଳନୀରେ ବିଧାୟକ ଜଗଦ୍ଦେବଙ୍କ ଆଚରଣ, ଉଚ୍ଚାରଣକୁ ଭାଜପା କିଭଳି ସମର୍ଥନ ଦେଉଛି ବୋଲି ପ୍ରଶ୍ନ କରିଛନ୍ତି। ସେ କହିଛନ୍ତି, ଜଣେ ଜନପ୍ରତିନିଧି ଭାବେ ତାଙ୍କର ଏଭଳି ଆଚରଣ ଯୋଗୁ ମହିଳାମାନେ ନିଜକୁ ସୁରକ୍ଷିତ ମଣୁନାହାନ୍ତି। ଏପରିକି ସେ ଭାଜପାର ସ୍ୱଚ୍ଛତା ଉପରେ ମଧ୍ୟ ପ୍ରଶ୍ନ ଉଠାଇଥିଲେ। ଅନ୍ୟପକ୍ଷରେ ଏହି ପ୍ରସଙ୍ଗରେ ଶୁକ୍ରବାର ଭୁବନେଶ୍ୱରସ୍ଥିତ ବାସଭବନରେ ବିଧାୟକ ଜଗଦ୍ଦେବ ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି, ଜଗଦ୍ଦେବ ଯେଉଁଠି, ବିବାଦ ସେଇଠି ରହିଛି। ମୋତେ ଟାର୍ଗେଟ କରିବା ପାଇଁ ସେମାନଙ୍କ ଷ୍ଟାଣ୍ଡାର୍ଡ ନାହିଁ।

ପ୍ରକାଶ ଯେ, ଗତ ୨ତାରିଖରେ ଏକ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ଏମ୍‌ପି ଅପରାଜିତା ଷଡ଼ଙ୍ଗୀଙ୍କ ଉପସ୍ଥିତିରେ ଦଳର ବରିଷ୍ଠ କର୍ମୀ ରାଜୀବ ଲୋଚନ ଷଡ଼ଙ୍ଗୀଙ୍କୁ ବିଧାୟକ ଜଗଦ୍ଦେବ ଦୁର୍ବ୍ୟବହାର କରିବା ସହ ଧକ୍କା ମାରିବାର ଭିଡିଓ ମଧ୍ୟ ଭାଇରାଲ ହୋଇଥିଲା।

# ପାଠପଢ଼ି ଭଲ ମଣିଷ ହେବାକୁ ପରାମର୍ଶ

ନିରାକାରପୁର,୪।୪(ମାନସ ଚନ୍ଦ୍ର ପଟ୍ଟନାୟକ)

ରେଙ୍ଗଟା ସରକାରୀ ପ୍ରାଥମିକ ବିଦ୍ୟାଳୟର ପଞ୍ଚଦଶତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଧାନ ଶିକ୍ଷକ ଅମର କୁମାର ଜୟସିଂହ ସଭାପତିତ୍ୱ କରିଥିଲେ। ଅତିଥିଭାବେ ଖବରଦାତା ଉମେଶ ଚନ୍ଦ୍ର ପଟ୍ଟନାୟକ, ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି ସୁବାସ ଚନ୍ଦ୍ର ଦାଶ, ପୂର୍ବତନ ଭାଜପା ମଣ୍ଡଳ ସଭାପତି ସନାତନ ବାରିକ, ଖବରଦାତା ହିମାଂଶୁ ଭୂଷଣ ଚମ୍ପତି, ଶିକ୍ଷାବିତ୍ ରବି ଭୋଇ, ସାମାଜିକ କର୍ମୀ ଭାସ୍କର ସ୍ୱାଇଁ, ୱାର୍ଡ ସଭ୍ୟା ଝୁନା ମହାପାତ୍ର, ପରିଚାଳନା କମିଟି ସଭାପତି ତ୍ରିବେଣୀ ପ୍ରଧାନ, ପୂର୍ବତନ ୱାର୍ଡସଭ୍ୟା ଝୁନାରାଣୀ ଦେଈ ପ୍ରମୁଖ ଯୋଗଦେଇଥିଲେ। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ପୂର୍ବତନ ସିଆର୍‌ସିସି ପୂର୍ଣ୍ଣଚନ୍ଦ୍ର ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସ୍କୁଲର ସହ ଶିକ୍ଷୟିତ୍ରୀ ଉନ୍ନିତା ହରିଚନ୍ଦନ ଧନ୍ୟବାଦ ଅର୍ପଣ କରିଥିଲେ।

# 'ଖଡ଼ିଛୁଆଁ ଦିବସରେ ଶିଶୁ ହୁଏ ଶିକ୍ଷାର୍ଥୀ'


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ଖୋର୍ଦ୍ଧା,୪।୪(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ବ୍ଲକସ୍ତରୀୟ ଖଡ଼ିଛୁଆଁ, ପ୍ରବେଶ ଉତ୍ସବ ଓ ଶିକ୍ଷାରଥ ପରିଭ୍ରମଣ କାର୍ଯ୍ୟକ୍ରମ ଶନିବାର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମକୁନ୍ଦପ୍ରସାଦଠାରେ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଶ୍ରୀ ଯାଜ୍ଞସେନୀ ସାହୁ ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟ ଅତିଥିଭାବେ ଜିଲା ପରିଷଦ ଅଧ୍ୟକ୍ଷା ରୂପଶ୍ରୀରାଣୀ ଗୁମାନସିଂହ, ସମ୍ମାନିତ ଅତିଥିଭାବେ ପୌର ପରିଷଦ ଅଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି ଯୋଗଦେଇ ସରକାରଙ୍କ ଆଭିମୁଖ୍ୟକୁ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ପାଇଁ ପରାମର୍ଶ ଦେଇଥିଲେ। ଶିଶୁବାଟିକା ଓ ପ୍ରଥମ ଶ୍ରେଣୀରେ ନାମ ଲେଖାଇବା ପାଇଁ ଆସିଥିବା କୁନି ଛାତ୍ରୀଛାତ୍ରଙ୍କୁ ଚନ୍ଦନ, ପୁଷ୍ପ ଦେଇ ସ୍ୱାଗତ କରାଯିବା ସହ ଖଡ଼ିଛୁଆଁ ପୂର୍ବକ ବିଦ୍ୟା ଆରମ୍ଭ କରାଇଥିଲେ। ପିଲାଙ୍କୁ ଆକୃଷ୍ଟକରିବା ପାଇଁ ବିଦ୍ୟାଳୟ ପରିସରରେ ରଙ୍ଗ ପସରା ଷ୍ଟଲ, ଖେଳ ଘର ଷ୍ଟଲ ଓ ଗପ ରାଇଜ ଷ୍ଟଲ ହୋଇଥିଲା। ମଣ୍ଡଳ ସାଧନକେନ୍ଦ୍ର ସଂଯୋଜିକା ସନ୍ଧ୍ୟାବତୀ ଲେଙ୍କା ଏବଂ ସହଗୋଷ୍ଠୀ ଶିକ୍ଷା ଅଧିକାରୀ ଭରତ ଚନ୍ଦ୍ର ପ୍ରଧାନ କହିଥିଲେ ଯେ, ଆଜିର ଶିଶୁ କାଲିର ଭବିଷ୍ୟତ। ସରକାରୀ ବିଦ୍ୟାଳୟରେ ଶିଶୁମାନଙ୍କ ପଢ଼ିବା ପାଇଁ ସରକାର ସମସ୍ତ ପ୍ରକାର ବ୍ୟବସ୍ଥା କରିଛନ୍ତି। ଉନ୍ନତମାନର ଶ୍ରେଣୀଗୃହ ସହିତ ସମସ୍ତ ପ୍ରକାର ପାଠ୍ୟ ଉପକରଣ ଯୋଗାଇ ଦେଉଛନ୍ତି। ତେଣୁ ସମସ୍ତେ ପଢ଼ନ୍ତୁ ଉନ୍ନତ ଦେଶ ଗଠନରେ ସହାୟକ ହୁଅନ୍ତୁ ବୋଲି କହିଥିଲେ। ଏହି ଅବସରରେ ଅତିଥିମାନେ ପତାକା ଦେଖାଇ ଶିକ୍ଷା ରଥର ଉଦ୍‌ଘାଟନ କରିଥିଲେ। ବ୍ଲକର ସମସ୍ତ ସିଆର୍‌ସିସି, ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରଶ୍ମି ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ସାମ୍ବତ୍ସରିକ ଉତ୍ସବ, ବିଶ୍ୱଶାନ୍ତି ମହାଯଜ୍ଞ


ବିଶ୍ୱଶାନ୍ତି ମହାଯଜ୍ଞ ଉପଲକ୍ଷେ ବାହାରିଥିବା କଳସ ଶୋଭାଯାତ୍ରା।

ଖୋର୍ଦ୍ଧା,୪।୪(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ପୌରାଞ୍ଚଳ ଅନ୍ତର୍ଗତ ଠେଙ୍ଗାହାଟ ମେଳଣ ପଡ଼ିଆଠାରେ ମା'ଗୋଠେଶ୍ୱରୀ ଶ୍ରୀରାମଚରିତ ମାନସ ପରିଷଦ ଦ୍ୱାରା ଊନବିଂଶତମ ସାମ୍ବତ୍ସରିକ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ମାନସିକଧାରୀ ମହିଳା ଓ ପୁରୁଷମାନେ କଳସ ଶୋଭାଯାତ୍ରା ପରିକ୍ରମା କରି ଯଜ୍ଞ ମଣ୍ଡପ ନିକଟରେ ପହଞ୍ଚିଥିଲେ। ୭ଦିନ ବ୍ୟାପୀ ହେବାକୁ ଥିବା ଏହି ଉତ୍ସବରେ ପ୍ରତ୍ୟେହ ସୂର୍ଯ୍ୟପୂଜା, ପାରାୟଣ, ସାନ୍ଧ୍ୟ ପ୍ରବଚନ ଓ ଜ୍ଞାନ ଯଜ୍ଞ ଅନୁଷ୍ଠିତ ହେବ। ଆୟୋଜକ କମିଟି ପକ୍ଷରୁ ଦୀନବନ୍ଧୁ ବିଶ୍ୱାଳ, ଶ୍ରୀନିବାସ ବିଶ୍ୱାଳ, ଲଳିତ ମୋହନ ପଣ୍ଡା, ପ୍ରକାଶ ଦାସ, ଲଳିତ ମୋହନ ମହାପାତ୍ର, ଅଶୋକ ମହାପାତ୍ର, ସୁବ୍ରତ ବାରିକ, ଆଶୀର୍ବାଦ ବେହେରା, ଜିତେନ୍ଦ୍ର ସାହୁ, ଗୋପାଳ କୃଷ୍ଣ ମହାନ୍ତି, ମହେନ୍ଦ୍ର ମିଶ୍ର, ବାବୁ ବେହେରା, ରାକେଶ ସାହୁ, ବିରେନ୍ଦ୍ର ବେହେରା, ପପୁ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରୁଥିବା ବେଳେ ବ୍ୟାସ ପଣ୍ଡିତ ସନ୍ତୋଷ କୁମାର ବାହିନିପତି, ଆଚାର୍ଯ୍ୟ ସୁଦର୍ଶନ ମିଶ୍ର, ବକ୍ତାଭାବେ ପଣ୍ଡିତ ଗୋବିନ୍ଦ ଦାଶଜୀ ମହାରାଜ ପାରାୟଣ ଓ ପ୍ରବଚନର ଦାୟିତ୍ୱ ତୁଲାଉଛନ୍ତି।

# ସରସ୍ୱତୀ ଶିଶୁମନ୍ଦିରର ବାର୍ଷିକୋତ୍ସବ



ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

ବାଘମାରୀ,୪।୪(ମିହିର ରଞ୍ଜନ ମହାପାତ୍ର)

ପୋଡ଼ାଡ଼ିହ ପଞ୍ଚାୟତ ଅନ୍ତର୍ଗତ ତୁଳସୀପୁରସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରର ୨୨ତମ ବାର୍ଷିକୋତ୍ସବ ଶୁକ୍ରବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତିରାଜକିଶୋର ପାଲ ପୌରୋହିତ୍ୟ କରିଥିଲେ। ମୁଖ୍ୟ ଅତିଥିଭାବେ ବାଙ୍କୀ ଡମପଡା ବ୍ଲକ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଫୁଲ୍ଲ କୁମାର ବେହେରା, ମୁଖ୍ୟବକ୍ତା ସମ୍ପାଦକ ଶିକ୍ଷା ବିକାଶ ସମିତି ପୂର୍ବ ସମ୍ଭାଗ ପଙ୍କଜ କୁମାର କର, ତୁଳସୀପୁର ସରପଞ୍ଚ ଶରତ ଚନ୍ଦ୍ର ପ୍ରଧାନ, ସମିତିସଭ୍ୟ ନାରାୟଣ ଜେନା, ବେଗୁନିଆ ୨୨ନମ୍ବର ଜିଲା ପରିଷଦ ସଭ୍ୟ ପ୍ରକାଶ କୁମାର ସାହୁ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ମତବ୍ୟକ୍ତ କରିଥିଲେ। ଶିକ୍ଷାବିକାଶ ସମିତିର ସଂଯୋଜକ ପୂର୍ବ ସଂଭାଗ ଶିରୀଶ କୁମାର ହାତୀ, ଖୋର୍ଦ୍ଧା ବିଭାଗ ନିରୀକ୍ଷକ ପ୍ରସନ୍ନ କୁମାର ମହାନ୍ତି, ବାଙ୍କୀ ସଂକୁଳ ପ୍ରମୁଖ ଧରଣୀଧର ସାହୁ, ଖୋର୍ଦ୍ଧା ସଂକୁଳ ପ୍ରମୁଖ ନଳିନୀକାନ୍ତ ପଣ୍ଡା ଛାତ୍ରୀଛାତ୍ରଙ୍କୁ ଦିଗ୍‌ଦର୍ଶନ ଦେଇଥିଲେ। ଗୁରୁମା ଶୁଭଶ୍ରୀ ବେହେରା ଅତିଥିଙ୍କୁ ସ୍ୱାଗତ କରିଥିଲେ। ସମ୍ପାଦକ ହରିବନ୍ଧୁ ତ୍ରିପାଠୀ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ରମେଶ ଚନ୍ଦ୍ର ଦାଶ ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷା, କ୍ରୀଡ଼ା ଆଦି ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ବିଦ୍ୟାଳୟ ପକ୍ଷରୁ ଅତିଥିମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ସୁରେନ୍ଦ୍ର କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ସହସମ୍ପାଦକ ତପନ କୁମାର ତ୍ରିପାଠୀ, କୋଷାଧ୍ୟକ୍ଷ ମାୟାଧର ସାହୁଙ୍କ ସମେତ ସମସ୍ତ ଗୁରୁଜୀ, ଗୁରୁମା, କର୍ମଚାରୀ ସହଯୋଗ କରିଥିଲେ।

# ଶ୍ରୀଜଗନ୍ନାଥ ଚେତନା ପରିଷଦ 'ମୁକ୍ତି ପସରା'ର ବାର୍ଷିକୋତ୍ସବ

ବେଗୁନିଆ,୪।୪(ହର ପ୍ରସନ୍ନ ପଣ୍ଡା)



ବେଗୁନିଆ ନୂଆସାହିସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଶ୍ରୀଜଗନ୍ନାଥ ଚେତନା ପରିଷଦ 'ମୁକ୍ତି ପସରା'ର ସପ୍ତବିଂଶତମ ବାର୍ଷିକ ଉତ୍ସବ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ରସାୟନବିତ୍ ଡ. ହରିପ୍ରସାଦ ଦାସ ଉଦ୍‌ଘାଟକ ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଅନୁଷ୍ଠାନର ସଭାପତି ଦୀନବନ୍ଧୁ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମିତିସଭ୍ୟ ପ୍ରକାଶ ଚନ୍ଦ୍ର ବଳିୟାରସିଂହ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ପ୍ରବକ୍ତା କାଶୀନାଥ ପଟ୍ଟନାୟକଙ୍କ ସଂଯୋଜନାରେ ସମ୍ପାଦକ ଭାଗୀରଥି ପରିଡ଼ା ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ତତ୍ତ୍ୱ ଓ ଚେତନା ଉପରେ ଆଲୋକପାତ କରାଯାଇଥିଲା। ସକାଳେ ନଗର ପରିକ୍ରମା, ନାମ ସଂକୀର୍ତ୍ତନ, ବିଷ୍ଣୁ ସହସ୍ର ପାଠ, ଭଗବତ ଗୀତା, ବେଦପାଠ କରାଯାଇଥିଲା। ଛାତ୍ରୀଛାତ୍ରଙ୍କୁ ନେଇ ଆୟୋଜିତ ଭଜନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରବଚକ ନବୀନ ଜି ହରିକଥା ଉପରେ ଆଲୋଚନା କରିଥିଲେ।

# ଅହିଂସା, ଶାନ୍ତି ଦ୍ୱାରା ରାମରାଜ୍ୟ ଗଠନ ହୋଇପାରିବ

ବେଗୁନିଆ,୪।୪(ସନ୍ଧ୍ୟାରାଣୀ ମିଶ୍ର)

ବାଘମାରୀ ଗ୍ରାମସ୍ଥିତ ତଳସାହିର ରଘୁନାଥ ଦେବ ନାଟ୍ୟ ଅନୁଷ୍ଠାନ ପକ୍ଷରୁ ଚାଲିଥିବା ରାମଲୀଳା ନାଟକର ଉଦ୍‌ଯାପନୀ ଉତ୍ସବ ଅବସରରେ ରାବଣପୋଡ଼ି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଦାଶରଥି ପଣ୍ଡାଙ୍କ ଅଧ୍ୟକ୍ଷତା ଏବଂ କବି ଗୋପୀନାଥ ସେଠୀଙ୍କ ସଂଯୋଜନାରେ ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟ ଅତିଥି, ସାମାଜିକର୍ମୀ ମାନସ ବେହେରା, ସରପଞ୍ଚ ମାନସ ରଞ୍ଜନ ବିଶ୍ୱାଳ, ସମିତି ସଭ୍ୟା ନବନିତା ମହାନ୍ତି, ୱାର୍ଡସଭ୍ୟା ସୁନିତା ରାଣୀ ସେଠୀ, ଜିଲାପରିଷଦ ସଭ୍ୟ ପ୍ରକାଶ ଚନ୍ଦ୍ର ସାହୁ, ମଧୁସୂଦନ ସୁବୁଦ୍ଧି, ନାରାୟଣ ବେହେରା ପ୍ରମୁଖ ଅତିଥିଭାବେ ଯୋଗଦେଇ ଅହିଂସା ଓ ଶାନ୍ତି ଦ୍ୱାରା ରାମରାଜ୍ୟ ଗଠନ ହୋଇପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସଭାର ପ୍ରାରମ୍ଭରେ ସମ୍ପାଦକ ପ୍ରତାପ ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିଲେ। ପରେ ଖୋର୍ଦ୍ଧା ମହାବୀର ଡ୍ୟାନ୍ସ ଗ୍ରୁପ ଓ ନୃତ୍ୟ ନୟନା ଏକାଡେମୀ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିବା ବେଳେ ୭୦ଫୁଟ ରାବଣ ପ୍ରତିମୂର୍ତ୍ତିରେ ଅଗ୍ନି ସଂଯୋଗ କରାଯାଇଥିଲା। କାର୍ଯ୍ୟକ୍ରମକୁ ଆର୍ତ୍ତବନ୍ଧୁ ସେଠୀ, ଦୀନବନ୍ଧୁ ବେହେରା, ବିନୋଦ ମହାପାତ୍ର, ନାରାୟଣ ସେଠୀ, ସୁଧାଂଶୁ ମୋହନ ସେଠୀ ପ୍ରମୁଖ ପରିଚାଳନା କରିଥିଲେ।

# ଶହୀଦ ରଘୁଦିବାକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ

ଖୋର୍ଦ୍ଧା,୪।୪(ପ୍ରଭାତ ପାଣିଗ୍ରାହୀ)

ରଣପୁର ପ୍ରଜା ଆନ୍ଦୋଳନର ମହାନ୍ ବିପ୍ଳବୀ ରଘୁନାଥ ମହାନ୍ତି ଏବଂ ଦିବାକର ପରିଡ଼ାଙ୍କ ଫାଶୀ ଦିବସ ଏଆଇଡିଏସ୍‌ଓ ପକ୍ଷରୁ ବିଜେବି ଉଚ୍ଚ ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ପ୍ରଥମେ ଶହୀଦଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଡିଏସ୍‌ଓ ଲୋକାଲ କମିଟି ସଭାପତି ଶ୍ରୀକାନ୍ତ ନାୟକ, ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ଆଞ୍ଚଳିକ କମିଟି ସମ୍ପାଦକ ଅଶୋକ ସାହୁ, ଶିକ୍ଷାବିତ୍ ଡ.ପ୍ରଫୁଲ୍ଲ ସାମନ୍ତରାୟ, ଆଇନଜୀବୀ ବିକ୍ରମ ଚମ୍ପତି, ଛାତ୍ରନେତା ରାକେଶ କାଣ୍ଡି ପ୍ରମୁଖ ଶହୀଦ ରଘୁନାଥ ଓ ଦିବାକରଙ୍କ ଜୀବନ ସଂଗ୍ରାମ ଉପରେ ଆଲୋଚନା କରିଥିଲେ। ଏଥିରେ ବହୁ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ମା'ମଙ୍ଗଳା କ୍ଲବ୍-ବଜରଙ୍ଗବାଲୀ ସ୍ପୋର୍ଟିଂ କ୍ଲବ୍ ଫାଇନାଲ

ବେଗୁନିଆ,୪।୪
(ହର ପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)


ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି ଏବଂ ଅନ୍ୟମାନେ।

ବେଗୁନିଆ ବ୍ଲକ କୁଶପଲ୍ଲା ଗ୍ରାମ ସ୍ଥିତ ମିନି ଷ୍ଟାଡିୟମରେ ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ସର୍ବଭାରତୀୟ ଫୁଟ୍‌ବଲ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍ ରବିବାର ମା'ମଙ୍ଗଳା କ୍ଲବ କଟକ ଏବଂ ବଜରଙ୍ଗବାଲୀ ସ୍ପୋର୍ଟିଂ କ୍ଲବ ଘାଟିକିଆ ମଧ୍ୟରେ ହେବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି। ଶନିବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ମା'ମଙ୍ଗଳା କ୍ଲବ କଟକ ଏବଂ ରାଞ୍ଚିର ଆକ୍ୱା ଫୁଟ୍‌ବଲ କ୍ଲବ ମଧ୍ୟରେ ହୋଇଥିଲା। ମ୍ୟାଚ୍ ସଂଘର୍ଷପୂର୍ଣ୍ଣ ହୋଇଥିବା ବେଳେ ନିର୍ଦ୍ଧାରିତ ସମୟରେ ଉଭୟ ଟିମ୍ ପରସ୍ପରକୁ ୨ଟି ଲେଖାଏ ଗୋଲ ଦେଇଥିଲେ।

ଫଳରେ ଟାଇବ୍ରେକରରେ ୭-୬ ଗୋଲରେ ମା'ମଙ୍ଗଳା କ୍ଲବ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ମୁଖ୍ୟ ପରିଚାଳକ ଅବଦୁଲ ଦୟାନ ଖାଁଙ୍କ ଅଧ୍ୟକ୍ଷତାରେ ରାଜୁ ମହାନ୍ତି, ପ୍ରିୟବ୍ରତ ବାହିନୀପତି, ପ୍ରଫୁଲ୍ଲ ବେହେରା, ସାଗିର ଅହମ୍ମଦ ପ୍ରମୁଖ ମ୍ୟାଚ୍ ପରିଚାଳନା କରିଥିଲେ। ବିଜୟୀ ଟିମ୍‌ର ୧୮ନଂ. ଖେଳାଳି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଭାରତୀୟ ଜନତା ଦଳର ଯୁବମୋର୍ଚ୍ଚା ସେଲ୍ ଅଧ୍ୟକ୍ଷ ମାନସ କୁମାର ବେହେରା, ସାମାଜିକ କର୍ମୀ ଶ୍ରୀନିବାସ ରାଏ, ପୂର୍ବତନ ଫୁଟ୍‌ବଲ ଖେଳାଳି ଡାନିଏଲ ନାୟକ, ନଉସଦ୍ଧ ଖାନ ପ୍ରମୁଖ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

**ସମୁଦ୍ରରେ ଭାସି ଯାଉଥିବା ପର୍ଯ୍ୟଟକ ଉଦ୍ଧାର**

ପୁରୀ,(ଅଜିତ୍ କୁମାର ମହାନ୍ତି) - ସମୁଦ୍ରରେ ସ୍ନାନ କରୁଥିବା ବେଳେ ଭାସିଯାଉଥିବା ଜଣେ ନାବାଳକ ପର୍ଯ୍ୟଟକଙ୍କୁ ଲାଇଫଗାର୍ଡମାନେ ସମୁଦ୍ରରୁ ଉଦ୍ଧାର କରିଛନ୍ତି। ଉଦ୍ଧାର ପର୍ଯ୍ୟଟକ ହେଲେ ଖୋର୍ଦ୍ଧା ଅଞ୍ଚଳର ସମୀର୍ଦ୍ଧ ସାହୁ (୧୪)। ସୂଚନା ଅନୁଯାୟୀ, ଶନିବାର ଅପରାହ୍ନରେ ସେକ୍ଟର ୩ ଓ ୪ ଅଞ୍ଚଳରେ ଗାଧୋଉଥିବା ବେଳେ ହଠାତ୍ ଉଚ୍ଚ ଲହଡ଼ି ମାଡ଼ରେ ସମୁଦ୍ର ମଧକୁ ଭାସି ଯାଇଥିଲେ। ସେଠାରେ ନିୟୋଜିତ ଥିବା ଲାଇଫଗାର୍ଡ ଜେଟସ୍କି ମାଧମରେ ସମୁଦ୍ର ମଧକୁ ଯାଇ ପର୍ଯ୍ୟଟକଙ୍କୁ ଉଦ୍ଧାର କରିଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୪।୪।୨୦୨୬

| | |
|---|---|
| | ୬,୫୫,୩୪୨ ଟଙ୍କା |
| ସୁନା | ୪.୭୦୦ ଗ୍ରାମ୍ |
| ରୁପା | ୧୩.୩୦୦ ଗ୍ରାମ୍ |

# ନିମାପଡ଼ାରେ ଗିରିଗୋବର୍ଦ୍ଧନ ପୂଜା, ଗୋଧନବାହୁଡ଼ା ଯାତ୍ରା

**ଶୋଭାଯାତ୍ରା, ଆତସବାଜି, ମେଲୋଡିରେ ପ୍ରକମ୍ପିତ ହେଲା ଅଞ୍ଚଳ**

ନିମାପଡ଼ା,୪।୪(ବିଚିତ୍ରାନନ୍ଦ ସାହୁ)



ଦୁଇଟି ସୁସଜ୍ଜିତ ବିମାନରେ ଦୁଇ ଠାକୁର ନଗର ପରିକ୍ରମା କରି ଭକ୍ତଙ୍କ ଦୁଆରେ ଭୋଗ ଖାଉଛନ୍ତି।

ନିମାପଡ଼ାର ଗଣପର୍ବ ଭାବେ ପରିଚିତ ପ୍ରସିଦ୍ଧ ଗିରି ଗୋବର୍ଦ୍ଧନ ପୂଜା ଓ ଗୋଧନ ବାହୁଡ଼ା ଯାତ୍ରା ଏକ ବହୁ ପୁରାତନ ନିଆରା ପରମ୍ପରା। କେଉଁ ଆବାହମାନ କାଳରୁ ଏହି ଯାତ୍ରା ଅନୁଷ୍ଠିତ ହୋଇଆସୁଛି। ଶନିବାର ଗିରିଗୋବର୍ଦ୍ଧନ ପୂଜା କମିଟି ଓ ନିମାପଡ଼ା ଥାନା ପକ୍ଷରୁ ଥାନା ପଡ଼ିଆରେ ମହାସମାରୋହରେ ଏହି ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଥାନପତି ଠାକୁର ଗୋପୀନାଥ ଦେବ ଏବଂ ମଦନମୋହନ ଦେବ ରାସବାଡ଼ିମଠ ରାସକୁଞ୍ଜରୁ ଦୁଇଟି ସୁସଜ୍ଜିତ ବିମାନରେ ବାହାରି ନଗର ପରିକ୍ରମା କରିବା ସହ ଗୋପୀନାଥପାଟଣା, ନିମାପଡ଼ା ବଡ଼ବଜାର, ପତିତପାବନ ପାଟଣା, ଶ୍ୟାମସୁନ୍ଦରପୁର, ଜଇନାବାଦ ଗ୍ରାମରେ ଶ୍ରଦ୍ଧାଳୁଙ୍କ ଦାଣ୍ଡଦୁଆରେ ଭୋଗ ଓ ପଣା ଖାଇ ଜଇନାବାଦ ଗ୍ରାମ ପୂଜାମଣ୍ଡପରେ ଅଧିଷ୍ଠିତ ହୁଅନ୍ତି। ସେଠାରେ ଉଭୟ ଠାକୁଆରଙ୍କ ଯମୁନା ଗାଧୁଆ ହୁଏ। ସ୍ନାନ ପରେ ଠାକୁରଙ୍କ ନୀତିକାନ୍ତି ଓ ପୂଜାର୍ଚ୍ଚନା କରାଯାଇଥାଏ। ଏହା ଦେଖିବାକୁ ଜଇନାବାଦ ଗ୍ରାମ ପୂଜାମଣ୍ଡପ ଠାରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ସନ୍ଧ୍ୟାରେ ଥାନାର ନିମନ୍ତ୍ରଣକ୍ରମେ ଦୁଇଟି ସୁସଜିତ ବିମାନରେ ଦୁଇ ଠାକୁରଙ୍କୁ ଏକ ବିଶାଳ ଶୋଭାଯାତ୍ରାରେ ଜଇନାବାଦ ଗ୍ରାମଠାରୁ ନିମାପଡ଼ା ଥାନା ପର୍ଯ୍ୟନ୍ତ ଅଣାଯାଇ ଥାନା ସମ୍ମୁଖସ୍ଥ ଗୋଧନବାହୁଡା ପୂଜାମଣ୍ଡପରେ ଉପବିଷ୍ଟ କରାଯାଇଥିଲା। ଠାକୁରଙ୍କ ପୂଜାର୍ଚ୍ଚନା ପରେ ଗିରିଗୋବର୍ଦ୍ଧନ ପୂଜା ଓ ଗୋଧନବାହୁଡା ଯାତ୍ରା ଅନୁଷ୍ଠିତ ହୋଇଥଲା। ଏହି ପୂଜା ଓ ଯାତ୍ରାରେ ଥାନା ଆଇଆଇସି ସମରେନ୍ଦ୍ର ପାଇକରାୟ କର୍ତ୍ତାଭାବେ ଦାୟିତ୍ୱ ତୁଲାଇଥିଲେ। ଏସ୍‌ଡିପିଓ ଜନାର୍ଦ୍ଦନ ପାଢ଼ୀ, ଅତିରିକ୍ତ ଏସ୍‌ପି ସଚିନ ପଟେଲ ପ୍ରମୁଖ ଠାକୁରଙ୍କ ଦର୍ଶନ ଓ ପୂଜାର୍ଚ୍ଚନା କରିଥିଲେ। ବାଜା, ବାଣ. ଘଣ୍ଟଘଣ୍ଟା, ଭେରି ତୁରୀ ଧ୍ୱନିରେ ଓ ଆକର୍ଷଣୀୟ ଆତସବାଜି ପ୍ରଦର୍ଶନରେ ଯାତ୍ରାସ୍ଥଳ ପ୍ରକମ୍ପିତ ହୋଇଉଠିଥିଲା। ମେଲୋଡି ଧମାକାରେ ଦର୍ଶକ ମତୁଆଲା ହୋଇପଡ଼ିଥିଲେ। ଏହି ଯାତ୍ରାରେ ପ୍ରାୟ ୨୦ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ନିମାପଡ଼ା ଥାନା ରଙ୍ଗିନ ଆଲୋକମାଳା ଓ ଆକର୍ଷଣୀୟ ତୋରଣରେ ନବବଧୂ ପରି ସଜେଇ ହୋଇଥିଲା।

## ଜାତୀୟ କନିଷ୍ଠ ମୁଷ୍ଟିଯୁଦ୍ଧରେ ପୁରୀରୁ ୪

ପୁରୀ,୪।୪(ଅଜିତ୍ କୁମାର ମହାନ୍ତି)

ଭାରତୀୟ ମୁଷ୍ଟିଯୁଦ୍ଧ ସଂଘ ଦ୍ୱାରା ଆୟୋଜିତ ସପ୍ତମ ୧୭ ବର୍ଷରୁ କମ୍ କନିଷ୍ଠ ବାଳକ ମୁଷ୍ଟିଯୁଦ୍ଧ ପ୍ରତିଯୋଗିତା-୨୦୨୬ରେ ଭାଗନେବା ପାଇଁ ରାଜ୍ୟ ଦଳରେ ପୁରୀ ଜିଲାର ୪ ଜଣ ମୁଷ୍ଟିଯୋଦ୍ଧା ସ୍ଥାନିତ ହୋଇଛନ୍ତି। ପ୍ରତିଯୋଗିତା ଏପ୍ରିଲ୍ ୫ରୁ ୧୧ ତାରିଖ ପର୍ଯ୍ୟନ୍ତ ମହାରାଷ୍ଟ୍ରର ନାଗପୁରସ୍ଥିତ ଡିଭିଜନାଲ୍ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଅନୁଷ୍ଠିତ ହେବ। ପ୍ରତିଯୋଗିତାରେ ଖେଳାଳିମାନେ ଅଂଶଗ୍ରହଣ କରିବା ନିମନ୍ତେ ଟ୍ରେନ୍ ଯୋଗେ ଯାତ୍ରା ଆରମ୍ଭ କରିଛନ୍ତି। ପୁରୀରୁ ସାମିଲ ହୋଇଥିବା ଖେଳାଳିମାନେ ହେଲେ ଆଶିଷ କୁମାର ବେହେରା (୪୪-୪୬ କେଜି), ବୁଦ୍ଧିମାନ ଦାସ (୬୦-୬୩ କେଜି), ମନୋଜ କୁମାର ସାହୁ (୬୩-୬୬ କେଜି) ଓ ଲିକୁ ଖାଁ (୮୦+ କେଜି) ଓଜନ ବର୍ଗରେ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରିବେ। ସମସ୍ତ ଖେଳାଳି ପୁରୀ ବକ୍ସିଂ ଏକାଡେମୀର ଛାତ୍ର। ଗତ ମାର୍ଚ୍ଚ ୨୫ ଓ ୨୬ରେ ରାଉରକେଲାଠାରେ ରାଜ୍ୟ ଦଳ ଚୟନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସେଥିରେ ଉକ୍ତ ଖେଳାଳିମାନେ ଉଚ୍ଚତର ଖେଳ କୌଶଳ ପ୍ରଦର୍ଶନ କରି ରାଜ୍ୟ ଦଳରେ ସ୍ଥାନିତ ହୋଇଛନ୍ତି। ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ରାଜ୍ୟ ଅଲମ୍ପିକ୍ସ ସଂଘ କୋଷାଧକ୍ଷ ରବି ଶଙ୍କର ପ୍ରତିହାରୀ, ରାମ ଦାସ ମହାପାତ୍ର, ଅନିଲ ଗୋଚ୍ଛିକାର, ବିନୋଦ ସିଂ, ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ, ବିଶ୍ୱଭୂଷଣ ପଣ୍ଡା, ସଞ୍ଜୟ କୁମାର ଅଗ୍ରୱାଲ, ପ୍ରଦୀପ ଦାସ, ସ୍ମିତାଞ୍ଜଳି ପତି, ସନ୍ତୋଷ ମିଶ୍ର ଏବଂ ପୁରୀ ବକ୍ସିଂ ଏକାଡେମୀର ପ୍ରତିଷ୍ଠାତା ସୁଦର୍ଶନ ସାହୁ ପ୍ରମୁଖ ଖେଳାଳିଙ୍କ ସଫଳତା କାମନା କରି ଶୁଭେଚ୍ଛା ଜଣାଇଛନ୍ତି।

**ସଂକ୍ଷେପରେ**

## ପୁରୀବାସୀଙ୍କୁ ଶ୍ରୀମନ୍ଦିର ପ୍ରବେଶ ପାଇଁ ସ୍ୱତନ୍ତ୍ର ଦାବି

- ସଚେତନତା ଯାତ୍ରାର ତୃତୀୟ ଦିନ

ପୁରୀ,୪।୪(ଅଜିତ୍ କୁମାର ମହାନ୍ତି)

ପୁରୀ ସହର ଓ ସଦରବାସୀଙ୍କୁ ପୂର୍ବପରି ଶ୍ରୀମନ୍ଦିର ପ୍ରବେଶ ଓ ଦର୍ଶନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଦାବି ନେଇ ସଚେତନତା ଯାତ୍ରା ତୃତୀୟ ଦିବସରେ ପହଞ୍ଚିଛି। ପୂର୍ବ ନିଷ୍ପତ୍ତି ଅନୁଯାୟୀ, ବଳଗଣ୍ଡି ଭକ୍ତ ସାଲବେଗ ପୀଠରୁ ଶୋଭାଯାତ୍ରା ଆରମ୍ଭ ହୋଇ ଶ୍ରୀମନ୍ଦିର ନିକଟରେ ଶେଷ ହୋଇଛି। ସଚେତନତା ଯାତ୍ରାରେ ହରିଶଙ୍କର ମିଶ୍ର, ଚକ୍ରଧର ମହାପାତ୍ର, ପ୍ରୀୟାନ୍ସି ଦାସ, ସରସ୍ୱତୀ ପାତ୍ର, ସୂର୍ଯ୍ୟ ରଥ, ବର୍ଷା ଦାସ, କିଶୋର ଦାସ, ବିଶ୍ୱନାଥ ମିଶ୍ର, ନିରଞ୍ଜନ ସିଂ, ଅମୂଲ୍ୟ ଦାସ, ଦେବରାଜ ଦାସ, ଅବାହକ ସ୍ୱାଧୀନ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ।

## ନାମ ଲେଖାଇଲେ ୫୪୫ ଛାତ୍ରୀଛାତ୍ର

ଗୋପ,୪।୪(ଭାରତୀ ଭୂଷଣ ଉପାଧ୍ୟାୟ)

ନିଗମାନନ୍ଦ ସ୍ମାର୍ଟସ୍କୁଲ ପରିସରରେ ଶନିବାର ବିଦ୍ୟାର୍ଥୀଙ୍କ ଖଡ଼ିଛୁଆଁ ଓ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗୋପ ବ୍ଲକରେ ଥିବା ୨୦ଟି କ୍ଲଷ୍ଟର୍‌ର ଶିଶୁବାଟିକାରେ ୩୫୪ ଜଣ ଓ ପ୍ରଥମ ଶ୍ରେଣୀରେ ୧୯୧ ଜଣ ନାମ ଲେଖାଇଥିବା ଜଣାପଡ଼ିଛି। ମୋଟ ୫୪୫ ଜଣ ନାମ ଲେଖାଇଥିବା ବ୍ଲକ ଶିକ୍ଷାଧିକାରୀ ଅମିତା ସେନାପତି ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ଅତିରିକ୍ତ ତହସିଲ୍‌ଦାର ହରପ୍ରିୟା ମଲ୍ଲିକ, ବ୍ଲକ ଅଧକ୍ଷା ଝୁନୁ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

## ପିଲାଙ୍କ 'ପ୍ରବେଶ ଉତ୍ସବ', 'ଖଡ଼ିଛୁଆଁ'

ପୁରୀ,୪।୪(ଅଜିତ୍ କୁମାର ମହାନ୍ତି)

ମାର୍କଣ୍ଡେଶ୍ୱର ସାହି ବାଳିକା ଉଚ୍ଚବିଦ୍ୟାଳୟ ପରିସରରେ ଶିଶୁ ବାଟିକା ଶ୍ରେଣୀ ପାଇଁ 'ପ୍ରବେଶ ଉତ୍ସବ' ଓ ପାରମ୍ପରିକ 'ଖଡ଼ିଛୁଆଁ' କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପୁରୀ ଟାଉନ୍ ଥାନାଧିକାରୀ ଗୋକୁଳ ରଞ୍ଜନ ଦାସ, ସମ୍ମାନିତ ଅତିଥି ଭାବେ ପୁରୀ ପୌରସଂସ୍ଥାର ପୂର୍ବତନ କାଉନ୍‌ସିଲର ଭକ୍ତ ଚରଣ ଦାସ ଓ ସିଆର୍‌ସିସି ପ୍ରସନ୍ନ କୁମାର ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଶିଶୁଙ୍କୁ ଖଡ଼ି ଧରାଇ ଶିକ୍ଷାର ଶୁଭାରମ୍ଭ କରାଯାଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ମଞ୍ଜୁଲତା ସାମନ୍ତରାୟ ଓ ଶିକ୍ଷୟିତ୍ରୀ ସୁଜାତା ଧଳ ଉପସ୍ଥିତ ଥିଲେ।

# ଓଡ଼ିଆ ନାମଫଳକ ଲିଖନ ଅଭିଯାନ ସଚେତନତା

ପୁରୀ,୪।୪(ଅଜିତ୍ କୁମାର ମହାନ୍ତି)

ଓଡ଼ିଆ ପକ୍ଷ- ୨୦୨୬ ପାଳନ ଅବସରରେ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ, ଓଡ଼ିଶା ସରକାର ଏବଂ ଜିଲା ପ୍ରଶାସନ ପକ୍ଷରୁ ପୁରୀ ଜିଲାର ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନ ସମ୍ମୁଖରେ ଓଡ଼ିଆ ଭାଷାରେ ନାମଫଳକ ପ୍ରଦର୍ଶନ ସୁନିଶ୍ଚିତ କରିବା ସମ୍ପର୍କରେ ଶନିବାର ଜିଲାପାଳଙ୍କ କାର୍ଯ୍ୟାଳୟରୁ ଏକ ସଚେତନତା ପଦଯାତ୍ରା ଆରମ୍ଭ ହୋଇଥିଲା। ଏହାକୁ ପତାକା ଦେଖାଇ ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା ଉଦ୍‌ଘାଟନ କରିଥିଲେ। ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ, ଏପ୍ରିଲ ୧ରୁ ୧୪ ତାରିଖ ପର୍ଯ୍ୟନ୍ତ ଓଡ଼ିଆ ପକ୍ଷ ପାଳନ ହେଉଛି। ପ୍ରତିଦିନ ବିଭିନ୍ନ ବିଭାଗର କାର୍ଯ୍ୟକ୍ରମ ଧାର୍ଯ୍ୟ କରାଯାଇଛି। ଅତିରିକ୍ତ ଜିଲାପାଳ ବେହେରା ଜିଲା ଶ୍ରମ ବିଭାଗ ପକ୍ଷରୁ ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ ଓ କାର୍ଯ୍ୟାଳୟଗୁଡ଼ିକରେ ଓଡ଼ିଆ ନାମଫଳକ ପ୍ରଦର୍ଶନ କରିବା ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ ରହିଛି। ଆମେ ଓଡ଼ିଆ, ଆମର ଭାଷା, ଖାଦ୍ୟପେୟ, ପରିଧାନ ଅତ୍ୟନ୍ତ ଆକର୍ଷଣୀୟ। ତେଣୁ ଆମ ମହାନ୍ ଐତିହ୍ୟ ଓ ପରମ୍ପରା ଅକ୍ଷୁର୍ଣ୍ଣ ରଖିବା ସହ ଓଡ଼ିଆ ଭାଷାକୁ ଉପଯୁକ୍ତ ସମ୍ମାନ ଜଣାଇ ନାମ ଫଳକକୁ ସର୍ବାଗ୍ରେ ଓଡ଼ିଆ କରିବାକୁ ବେହେରା ଅନୁରୋଧ କରିଥିଲେ। ଏହି ଶୋଭାଯାତ୍ରା ଜିଲାପାଳଙ୍କ କାର୍ଯ୍ୟାଳୟରୁ ବାହାରି ସମୁଦ୍ରକୂଳସ୍ଥିତ ଶ୍ରୀଚୈତନ୍ୟ ଛକ ପର୍ଯ୍ୟନ୍ତ ଯାଇଥିଲା ଏବଂ ଶୋଭାଯାତ୍ରାରେ ନାମଫଳକ ଲେଖିବା ସମ୍ବନ୍ଧରେ ପ୍ଲାକାର୍ଡ ଓ ସ୍ଲୋଗାନ ମାଧମରେ ସଚେତନତା କରାଯିବା ସହ ଲିଫ୍‌ଲେଟ ବଣ୍ଟନ କରାଯାଇଥିଲା।

କାର୍ଯ୍ୟକ୍ରମରେ ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ବିଭାଗୀୟ ଶ୍ରମ ଆୟୁକ୍ତ ଚୌଧୁରୀ ସୁବ୍ରତ କୁମାର ଜେନା, ସହକାରୀ ଶ୍ରମ ଅଧିକାରୀ ପ୍ରିୟଙ୍କା ପ୍ରିୟଦର୍ଶିନୀ, ବିକ୍ରମ କେଶରୀ ପ୍ରଧାନ, ଆଶିଷ କୁମାର ମାଝୀ, ପଲ୍ଲବୀ ସାହୁ, ଚିନ୍ମୟ ପ୍ରିୟଦର୍ଶୀ ଓ ଆଶୁତୋଷ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏତଦ୍‌ବ୍ୟତୀତ ପୁରୀ ଜିଲାର ସାମ୍ବାଦିକ, ବିଭିନ୍ନ ଅଟୋ ଚାଳକ ସଂଘ, ନିର୍ମାଣ ଶ୍ରମିକ ସଂଘ, ଦୋକାନ ଓ ବାଣିଜ୍ୟ ସଂଘ ଓ ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା ଉକ୍ତ ପଦଯାତ୍ରାରେ ଅଂଶଗ୍ରହଣ କରିଥିଲେ।



ସଚେତନତା ରଥକୁ ପତାକା ଦେଖାଇ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ବେହେରା ଉଦ୍‌ଘାଟନ କରୁଛନ୍ତି ।

## ବୃଦ୍ଧଙ୍କ ସନ୍ଦେହଜନକ ମୃତ୍ୟୁ

ବଳଙ୍ଗା,୪।୪(କେଦାରେଶ୍ୱର ନନ୍ଦ)

ବଳଙ୍ଗା ଥାନା ଅନ୍ତର୍ଗତ ବାଙ୍ଗୁରଷ ଶାସନ ଗ୍ରାମରେ ଜଣେ ବୃଦ୍ଧଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତକ ହେଲେ ୮୫ ବର୍ଷୀୟ ରମେଶ ଚନ୍ଦ୍ର ଦାସ। ସୂଚନା ମୁତାବକ, ଶୁକ୍ରବାର ରାତିରେ ରମେଶଙ୍କ ପରିବାରଲୋକେ ଖାଇପିଇ ଶୋଇପଡ଼ିଥିଲେ। ଶନିବାର ଭୋର ସମୟରେ ଗାଁର କେତେଜଣ ମହିଳା ଦାଣ୍ଡ ଓଳାଉଥିବା ବେଳେ ରମେଶଙ୍କ ଦାଣ୍ଡପଟ ବାଡ଼ିରେ ଥିବା ଏକ ଡିମିରି ଗଛରେ ତାଙ୍କ ମୃତଦେହ ଝୁଲୁଥିବା ଦେଖି ଡାକ ପକାଇଥିଲେ। ପରିବାର ଲୋକେ ରମେଶଙ୍କୁ ଉଦ୍ଧାର କରି ପିପିଲି ମେଡିକାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ପରିବାର ଲୋକେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ଜବତ ସହ ତଦନ୍ତ ଜାରି ରଖିଛି। ରମେଶଙ୍କ ମୃତ୍ୟୁର କାରଣ ଅସ୍ପଷ୍ଟ ଥିବାବେଳେ କୌଣସି କାରଣରୁ ସେ ଆତ୍ମହତ୍ୟା କରିଥିବା କୁହାଯାଉଛି।

## ରଙ୍ଗତୋଟା ଗ୍ରାମରେ କ୍ରିକେଟ୍ ଟୁର୍ନାମେଣ୍ଟ

ଯୋଗେଶ୍ୱରପୁର,୪।୪(ରଶ୍ମିରଞ୍ଜନ ସାହୁ)

ରଙ୍ଗତୋଟା ଗ୍ରାମରେ ହବିବ୍ କ୍ରିକେଟ୍ କ୍ଲବ ପକ୍ଷରୁ ୧୦ମ ବାର୍ଷିକ ଦିବାରାତ୍ର କ୍ରିକେଟ ଟୁର୍ନାମେଣ୍ଟ ଶନିବାରଠାରୁ ଆରମ୍ଭ ହୋଇଛି। ଏହା ୨ଦିନ ଧରି ଚାଲିବ। ନୟାହାଟ ଫାଣ୍ଡି ଅଧିକାରୀ ଶ୍ରୀଧର ମଲିକ ଓ ସମାଜସେବୀ ଅଭିମନ୍ୟୁ ସିଂ ଏହାକୁ ଉଦ୍‌ଘାଟନ କରିଥିଲେ। ଖେଳ ଦ୍ୱାରା ଭାଇଚାରା ସୃଷ୍ଟି ହୁଏ ଓ ଶରୀର ସୁସ୍ଥ ରହେ ବୋଲି ଅତିଥି ଦ୍ୱୟ କହିଥିଲେ। ଅତିଥି ଭାବେ ନାଏବ ସରପଞ୍ଚ ଅଶୋକ ସାହୁ, ଧୂମାଳ ପଞ୍ଚାୟତର ସଭାପତି ଦିଲ୍ଲୀପ ରାୟ, ସମ୍‌ସୁଲ୍ ଆର୍ଫିନ, ରଙ୍ଗତୋଟା ଗ୍ରାମ ସଭାପତି ଗୋଲାମ ମୁସ୍ତାଫା, ଶେଖ୍ ସିକନ୍, ସେକ୍ ବେଲାଲ ଉପସ୍ଥିତ ଥିଲେ। ଟୁର୍ନାମେଣ୍ଟରେ ୧୨ଟି ଦଳ ଭାଗନେବେ ଓ ପ୍ରତ୍ୟେକ ମ୍ୟାଚ୍ ୮ ଓଭର ବିଶିଷ୍ଟ ଖେଳାଯିବ। ମହଦେବସ୍ତ ଏବଂ ଓଡ଼ଗାଁ ମଧ୍ୟରେ ପ୍ରଥମ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଚାମ୍ପିୟନ ଦଳକୁ ୧୮ ହଜାର ଓ ରନର ଅପ୍ ଦଳକୁ ୧୦ ହଜାର ଟଙ୍କା ପୁରସ୍କାର ଦିଆଯିବ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି।





କ୍ରିକେଟ ଟୁର୍ନାମେଣ୍ଟ ଅବସରରେ ଉପସ୍ଥିତ ଅତିଥି।

## ବିପୁଳ ପରିମାଣର ଗଞ୍ଜେଇ ଜବତ

ପୁରୀ,୪।୪(ଅଜିତ୍ କୁମାର ମହାନ୍ତି)

ପୁରୀ ରେଲ୍‌ୱେ ଷ୍ଟେଶନ ପରିସରରୁ ପୋଲିସ ବିପୁଳ ପରିମାଣର ଗଞ୍ଜେଇ ଜବତ କରିଛି। ଷ୍ଟେଶନ ପ୍ଲାଟଫର୍ମ ମଧ୍ୟରେ ଥିବା ସିମେଣ୍ଟ ବେଞ୍ଚ୍ ନମ୍ବର ୧୨୨ ତଳେ ସନ୍ଦେହଜନକ ଭାବେ ଏକ ପ୍ଲାଷ୍ଟିକ୍ ଗନି ବ୍ୟାଗ ପଡ଼ିଥିବା ଦେଖିବାକୁ ମିଳିଥିଲା। ରେଲ୍‌ୱେ ପୋଲିସ ଉକ୍ତ ବ୍ୟାଗ ମଧ୍ୟରୁ ଗଞ୍ଜେଇ ଜବତ କରିଥିଲା। ଉକ୍ତ ବ୍ୟାଗକୁ ଓଜନ କରିବାରେ ବ୍ୟାଗ ସହ ୩୧ କିଗ୍ରା ୩୦୦ ଗ୍ରାମ ଗଞ୍ଜେଇ ଜବତ ହୋଇଛି। ଜବତ ହୋଇଥିବା ଗଞ୍ଜେଇ ଏବଂ ଜରୁରୀ କାଗଜପତ୍ର ସହ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଜିଆରଏସ୍ ପୁରୀକୁ ଆସି ହସ୍ତାନ୍ତର କରିଛନ୍ତି। ଏ ନେଇ ଜିଆରଏସ୍ କେସ ନମ୍ବର ୩୪।୨୬ ଏନ୍‌ଡିପିଏସରେ ଏକ ମାମଲା ରୁଜୁ କରିଛି।

## ପୁରୀରୁ ୨ ଅଭିଯୁକ୍ତ ଗିରଫ

**ଭଣ୍ଡବାବାଙ୍କ ପ୍ରରୋଚନାରେ ସ୍ୱାମୀଙ୍କୁ ଲୁଟ୍ ମାମଲା**

ବଳଙ୍ଗା,୪।୪(କେଦାରେଶ୍ୱର ନନ୍ଦ)

ବଳଙ୍ଗା ଥାନା ଅଞ୍ଚଳରେ ଭଣ୍ଡବାବା ଓ ତାଙ୍କ ସାଥୀ ଜଣେ ମହିଳାଙ୍କୁ ପ୍ରତାରିତ କରି ତାଙ୍କ ସ୍ୱାମୀଙ୍କଠାରୁ ୩୦ ଲକ୍ଷ ଟଙ୍କା ଓ ୨୫୦ ଗ୍ରାମ୍ ସୁନା ଅଳଙ୍କାର ଲୁଟିନେବା ମାମଲାରେ ବଳଙ୍ଗା ପୋଲିସ ୨ ଅଭିଯୁକ୍ତଙ୍କୁ ଶନିବାର ପୁରୀରୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ପୁରୀ ସଦର ଥାନା ଅନ୍ତର୍ଗତ ଦୈଳିବାଟିର ପ୍ରତାପ କୁମାର ମହାନ୍ତି ଏବଂ ବଳିପୁଟର ରଶ୍ମିରଞ୍ଜନ ପରିଡ଼ା।

ପୋଲିସ ସୂଚନା ଅନୁଯାୟୀ, ଅଭିଯୁକ୍ତ ପ୍ରତାପ ବାଲିପୁଟସ୍ଥିତ ଶନି ମନ୍ଦିରରେ ରହି ନିଜକୁ ଜଣେ ବାବା ଭାବେ ପରିଚୟ ଦେଉଥିବାବେଳେ ରଶ୍ମି ମନ୍ଦିର ନିକଟରେ ଜନସେବା କେନ୍ଦ୍ର ଖୋଲିଛନ୍ତି। ରଶ୍ମି ଓ ବଳଙ୍ଗା ଅଞ୍ଚଳର ଜଣେ ବିବାହିତା ମହିଳାଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ସୃଷ୍ଟି ହୋଇଥିଲା। ମହିଳାଙ୍କ ସ୍ୱାମୀଙ୍କ ପାଖରେ ପ୍ରବଳ ଟଙ୍କା ଓ ସୁନା ଅଳଙ୍କାର ଥିବା ରଶ୍ମି ଜାଣିବାକୁ ପାଇଥିଲେ। ମହିଳାଙ୍କର ଏକ ଶିଶୁପୁତ୍ର ଥିବାବେଳେ ତା'ର ସ୍ୱାସ୍ଥ୍ୟଜନିତ ସମସ୍ୟା ଦେଖାଦେବାରୁ ରଶ୍ମିଙ୍କ କହିବା ଅନୁସାରେ ମହିଳା ତାଙ୍କ ଶିଶୁପୁତ୍ରକୁ ନେଇ ଅଭିଯୁକ୍ତ ପ୍ରତାପଙ୍କ ନିକଟକୁ ଯାଇଥିଲେ। ସେଠାରେ ପ୍ରତାପ ଓ ରଶ୍ମି ମହିଳାଙ୍କ ସ୍ୱାମୀଙ୍କ ଜୀବନ ପ୍ରତି ବିପଦ ଥିବା ଦର୍ଶାଇ ତାଙ୍କୁ ଭୟଭୀତ କରି ମହିଳାଙ୍କଠାରୁ ୨୫୦ଗ୍ରାମ୍‌ର ସୁନା ଅଳଙ୍କାର ସହ ୩୦ଲକ୍ଷ ଟଙ୍କା ନେଇଯାଇଥିଲେ। ପରେ ପୁନର୍ବାର ମହିଳା ଜଣଙ୍କ ତାଙ୍କ ସ୍ୱାମୀଙ୍କ ନାମରେ ଥିବା ବ୍ୟାଙ୍କ୍‌ରୁ ୫୦ଲକ୍ଷ ଟଙ୍କା ଉଠାଇବାକୁ ଯାଇ ବିଫଳ ହୋଇଥିଲେ। ଏହି ଘଟଣା ମହିଳାଙ୍କ ସ୍ୱାମୀ ଜାଣିବା ପରେ ତାଙ୍କ ସ୍ୱାମୀଙ୍କୁ ମିଛ ମାମଲାରେ ଫସାଇ ଦେବାକୁ ଅଭିଯୁକ୍ତ ଦ୍ୱୟ ଧମକ ଦେଇଥିଲେ। ଫଳରେ ମହିଳାଙ୍କ ସ୍ୱାମୀ ଏ ନେଇ ବଳଙ୍ଗା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରିଥିଲା। ନୂତନ ଥାନା ଅଧିକାରିଣୀ ସସ୍ମିତା ସାହୁ ଖୋଳତାଡ଼ କରି ଶନିବାର ପୁରୀରେ ଚଢ଼ଉ କରି ୨ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ତଦନ୍ତ ସମୟରେ ଅଭିଯୁକ୍ତ ପ୍ରତାପଙ୍କ ନାମରେ ପୁରୀ ସଦର ଥାନାରେ ୬ଟି ଓ କୁମ୍ଭାରପଡ଼ା ଥାନାରେ ଗୋଟିଏ ମାମଲା ରହିଥିବା ଜଣାପଡ଼ିଛି।

# ଡ୍ରପଆଉଟ୍ କମାଇବ ଖଡ଼ିଛୁଆଁ, ପ୍ରବେଶ ଉତ୍ସବ

ସାକ୍ଷୀଗୋପାଳ,୪।୪(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର/ଭରତ ରାଉତ)

ସତ୍ୟବାଦୀ ବ୍ଲକର ବିଭିନ୍ନ ବିଦ୍ୟାଳୟରେ ଶନିବାର ଖଡ଼ିଛୁଆଁ ଓ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଥିଲା। ବୀରଗୋବିନ୍ଦପୁର ନୋଡାଲ୍ ସ୍କୁଲରେ ଆୟୋଜିତ ଉତ୍ସବରେ ବ୍ଲକ ଶିକ୍ଷାଧିକାରୀ କୈଳାସ ଚନ୍ଦ୍ର ପାଢ଼ୀ ସଭାପତିତ୍ୱ କରିଥିବା ବେଳେ ଅତିଥି ଭାବେ ବିଡିଓ ଦେବଶିଷ ନାୟକ, ସତ୍ୟବାଦୀ ମହିଳା ଓ ଶିଶୁ ବିକାଶ ବିଭାଗ ଅଧିକାରୀ ରାଜଲକ୍ଷ୍ମୀ ଦାଶ, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଛାଟୋଇ ମୋତିଲାଲ୍, ସହଶିକ୍ଷାଧିକାରୀ ପ୍ରଭାସ ଚନ୍ଦ୍ର କରଣ, ପ୍ରଧାନ ଶିକ୍ଷୟତ୍ରୀ ଅମୃତା ମିଶ୍ର, ସରପଞ୍ଚ ଚିନ୍ମୟୀ କ୍ରିଷ୍ଣ ମଞ୍ଜୁରୀ ଭଞ୍ଜ ପ୍ରମୁଖ ଉପସ୍ଥିତ ଥିଲେ। ଆଲ୍‌ମୁନି ସଭାପତି କିଶୋର ଚନ୍ଦ୍ର ମହାପାତ୍ର, ଜିଲା ପରିଷଦ ସଭ୍ୟା ବିଷ୍ଣୁପ୍ରିୟା ବରାଳ, ଅଭିଭାବକ କମିଟି ସଭାପତି ଚକ୍ରଧର ମହାରଣା, ୱାର୍ଡ ସଭ୍ୟ ପ୍ରକାଶ କୁମାର ଦାସ ପ୍ରମୁଖ ଆୟୋଜିତ ଉତ୍ସବରେ ଯୋଗ ଦେଇଥିଲେ। ପ୍ରଥମ ଦିନରେ ବିଭିନ୍ନ ବିଦ୍ୟାଳୟରେ ୧୫୩ ଛାତ୍ରୀଛାତ୍ରଙ୍କ ନାମଲେଖାଯାଇଛି।

# ସ୍ମରଣୀୟ ହେବ ବିଦ୍ୟାଳୟରେ ପ୍ରଥମ ଦିନ

କାକଟପୁର/ଅସ୍ତରଙ୍ଗ,୪।୪ (ଶୁଭଦର୍ଶନ ମିଶ୍ର/ ପ୍ରଦୀପ୍ତ କୁମାର ଦୀକ୍ଷିତ/ମମତା ଜେନା)

ଅସ୍ତରଙ୍ଗ ବ୍ଲକର ୧୦୪ଟି ପ୍ରାଥମିକ ବିଦ୍ୟାଳୟ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶନିବାର ଖଡ଼ିଛୁଆଁ ଓ ପ୍ରବେଶ ଉତ୍ସବ ଆୟୋଜିତ ହୋଇଯାଇଛି। ବନ୍ତିଲୋସ୍ଥିତ ପିଏମ୍‌ଶ୍ରୀ ଜଗନ୍ନାଥ ନୋଡାଲ ଉ.ପ୍ରା. ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ନାରାୟଣ ପରିଡ଼ାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ପ୍ରିୟଦର୍ଶୀ ବିଶ୍ୱାଳ, ସାଧନ ସଂଯୋଜକ ଦୁର୍ଯ୍ୟୋଧନ ନାୟକ ଏବଂ ରାଇକଣା ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ବାବୁରାମ ବେହେରା ପ୍ରମୁଖ ଯୋଗଦେଇ ଶିଶୁବାଟିକା ଓ ପ୍ରଥମ ଶ୍ରେଣୀରେ ନାମ ଲେଖାଇଥିବା କୁନି ପିଲାଙ୍କ ହାତ ଧରି ଖଡ଼ି ଛୁଆଁଇଛନ୍ତି। ପିଲାମାନେ ସ୍କୁଲର ପ୍ରଥମ ଦିନକୁ ମନେ ରଖିବେ। ମଣ୍ଡଳ ଶିକ୍ଷାଧିକାରୀ ଶ୍ରୀକାନ୍ତ ସ୍ୱାଇଁ ବିଭିନ୍ନ ବିଦ୍ୟାଳୟ ବୁଲି ତଦାରଖ କରିଥିଲେ। ସେହିପରି ପାଟସୁନ୍ଦରପୁର ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଭବାନୀ ଶଙ୍କର ଦାଶ ଶିଶୁବାଟିକା-୩ ଶ୍ରେଣୀକୁ ଉଦ୍‌ଘାଟନ କରିବା ସହ ନାମ ଲେଖାଇଥିବା ଶିଶୁମାନଙ୍କୁ ସ୍ୱାଗତ କରିଥିଲେ। ବରିଷ୍ଠ ଶିକ୍ଷକ ହରିଶ ଚନ୍ଦ୍ର ଦଳାଇ ଏହି ପିଲାଙ୍କୁ ଖଡ଼ି ଛୁଆଁଇଥିଲେ। ବିଦ୍ୟାଳୟ ପରିଚାଳନା କମିଟି କମିଟି ସଭାନେତ୍ରୀ ଶକିନା କାଣ୍ଡି ଅତିଥିଭାବେ ଯୋଗଦେଇ ପିଲାଙ୍କୁ ପାଠ୍ୟପୁସ୍ତକ ପ୍ରଦାନ କରିଥିଲେ। ଶିକ୍ଷକ ଦିଲୀପ କୁମାର କାଣ୍ଡି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସଡାଂଶ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ମାମିନା ବେହେରା, ଶିକ୍ଷୟିତ୍ରୀ ମୋନାଲିସା ସ୍ୱାଇଁ, ପରିଚାଳନା କମିଟି ସଭାପତି ରମେଶ ଚନ୍ଦ୍ର ବେହେରାଙ୍କ ତତ୍ତ୍ୱାବଧାନରେ ଖଡ଼ିଛୁଆଁ ଓ ବିଦ୍ୟାଳୟ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି।

କୋଣାର୍କ, (ଜ୍ୟୋତିରାଜ ମହାନ୍ତି)

ଗୋପ ବ୍ଲକର ଭୈରବ ନୋଡାଲ ୟୁପିଏସ୍ କ୍ଲଷ୍ଟର ଅନ୍ତର୍ଗତ ୧୨ଟି ପ୍ରାଥମିକ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିବସରେ ଶିଶୁବାଟିକା ଓ ପ୍ରଥମଶ୍ରେଣୀରେ ୨୫ ଶିଶୁ ନାମ ଲେଖାଇଛନ୍ତି। ଆମ୍ବିଳିଗାଁ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୯ ଶିଶୁ ନାମ ଲେଖାଇଛନ୍ତି। ପ୍ରଧାନ ଶିକ୍ଷକ ଚିତ୍ତରଞ୍ଜନ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମହଲପଡ଼ା ସରପଞ୍ଚ ଶୀର୍ଷରଞ୍ଜନ ନାୟକ ମୁଖ୍ୟ ଅତିଥି, ଶିକ୍ଷାବିତ୍ ଲକ୍ଷ୍ମୀଧର ମିଶ୍ର, ସିଆର୍‌ସିସି ରବୀନ୍ଦ୍ରନାଥ ବାହିନୀପତି, ୱାର୍ଡସଭ୍ୟ ବନମାଳି ସ୍ୱାଇଁ ଓ ସ୍କୁଲ ପରିଚାଳନା କମିଟି ସଭାପତି ଦିଲୀପ ପଣ୍ଡା ସମ୍ମାନିତ ଅତିଥିରୂପେ ଯୋଗଦେଇଥିଲେ। ଶିକ୍ଷକ ଯୋଗେନ୍ଦ୍ର ନାଥ ଦାସ, ଗୋବିନ୍ଦ ଚନ୍ଦ୍ର ଛାଟୋଇ ଓ ମୋନାଲିସା ପ୍ରଧାନ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ରୁଦ୍ରାୟଣୀ ନୋଡାଲ ୟୁପିଏସ୍, ଭୈରବ ଏନ୍‌ୟୁପିଏସ୍, ସିମିଳି ପିୟୁପିଏସ୍, ମାଟିଆପଡ଼ା ଏନ୍‌ୟୁପିଏସ୍, ଶିରିପୁର ପିୟୁପିଏସ୍, ନୂଆଗାଁ ପିଏସ୍, କୁନଙ୍ଗ ପିପିଏସ୍, ପାଇକେରାପୁର ପିଏସ୍, ଖରାଗାଁ ପିଏସ୍, ବନାଖଣ୍ଡି ପିଏସ୍ ଏବଂ ବାହାରଣା ପ୍ରାଥମିକ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

# ଜିଲାରେ ଚଳିତ ବର୍ଷ ୧୯ ହଜାରରୁ ଊର୍ଦ୍ଧ୍ୱ ପିଲାଙ୍କ ନାମଲେଖା ଲକ୍ଷ୍ୟ

ପୁରୀ,୪।୪(ଅଜିତ୍ କୁମାର ମହାନ୍ତି)

ଜିଲାସ୍ତରୀୟ ଖଡ଼ିଛୁଆଁ ଓ ପ୍ରବେଶ ଉତ୍ସବ ଶନିବାର ପୂର୍ବାହ୍ନରେ ଜିଲାସ୍କୁଲଠାରେ ଜିଲା ଶିକ୍ଷାଧିକାରୀ ଦୀପକ କୁମାର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଯୋଗଦେଇ କହିଛନ୍ତି, ସମସ୍ତ ପିଲା ପଢ଼ନ୍ତୁ ଓ ପିଲାଙ୍କର ସାମଗ୍ରିକ ବିକାଶ ଘଟିଲେ ସମାଜ ସୁନ୍ଦର ଓ ଶୃଙ୍ଖଳିତ ହେବ। ସରକାର ଏଥିପାଇଁ ପିଲା ଓ ଅଭିଭାବକଙ୍କୁ ଉତ୍ସାହିତ କରିବା ଲକ୍ଷ୍ୟରେ ପ୍ରବେଶ ଉତ୍ସବ ସହ ଖଡ଼ିଛୁଆଁ କାର୍ଯ୍ୟକ୍ରମ ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

ଜିଲାରେ ଚଳିତ ବର୍ଷ ପ୍ରାୟ ୧୯ ହଜାରରୁ ଊର୍ଦ୍ଧ୍ୱ ପିଲାଙ୍କର ନାମଲେଖାର ଲକ୍ଷ୍ୟ ରଖାଯାଇଛି ବୋଲି ସୂଚନା ଦେବା ସହ ଶିକ୍ଷା ସଚେତନତା ରଥର ଶୁଭାରମ୍ଭ କରିଥିଲେ। ଏହି ରଥ ଜିଲାର ବିଭିନ୍ନ ଅଞ୍ଚଳ ପରିଭ୍ରମଣ କରିବା ସହ ଶିକ୍ଷା ପ୍ରତି ପିଲାଙ୍କୁ ଆକୃଷ୍ଟ କରିବା ଓ ଡ୍ରପ୍‌ଆଉଟ ସଂଖ୍ୟା ଶୂନ କରିବା ଲକ୍ଷ୍ୟରେ ସଚେତନତା ସୃଷ୍ଟି କରିବ ବୋଲି ଜିଲାପାଳ ପରିଡ଼ା ଅବଗତ କରାଇଥିଲେ। ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ବେହେରା ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ବ୍ୟବସ୍ଥା ଏକ ସୁନ୍ଦର ପଦକ୍ଷେପ। ଏହାଦ୍ୱାରା ପିଲା ଓ ଅଭିଭାବକମାନେ ଏକ ସୁଖଦ ଅନୁଭୂତି ପାଇବା ସହ ପାଠ ପ୍ରତି ଆଗ୍ରହୀ ହେବେ ବୋଲି କହିଥିଲେ। ଉତ୍ସବରେ ଡିଆଇଟିଇର ଅଧ୍ୟକ୍ଷ ସନ୍ତୋଷ କୁମାର ପରିଡ଼ା, ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଦ୍ୱିତୀକାନ୍ତ ପ୍ରଧାନ, ଗୋବିନ୍ଦ ହେମ୍ବ୍ରମ, ଆଲୁମ୍‌ନି ସମ୍ପାଦକ ରାଜକିଶୋର ପାତ୍ର, ଜିଲା ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ମଞ୍ଜୁଲତା ସାମନ୍ତରାୟ ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ବନ୍ଦେ ମାତରମ୍ ସଙ୍ଗୀତ ପରିବେଷଣ ସହ ନୂତନ ବିଦ୍ୟାର୍ଥୀଙ୍କୁ ଶିକ୍ଷାଦାନ ପାଇଁ ପୂଜାର୍ଚ୍ଚନା କରାଯାଇ ପାଠ୍ୟ ଉପକରଣ ପ୍ରଦାନ କରାଯାଇଥିଲା। ବିବିଧ ଶିକ୍ଷା ପ୍ରଣାଳୀ ଓ ପିଲାମାନଙ୍କୁ ବିଦ୍ୟାଳୟ ପ୍ରତି ଆକୃଷ୍ଟ ଲକ୍ଷ୍ୟରେ ଏକ ପ୍ରଦର୍ଶନୀର ଆୟୋଜନ କରାଯାଇଥିଲା। ଶିକ୍ଷୟିତ୍ରୀ, ଶିକ୍ଷକ ଅଭିଭାବକ ଓ ଛାତ୍ରୀଛାତ୍ର ଏହି ଉତ୍ସବରେ ଉପସ୍ଥିତ ଥିଲେ।

## ଶିଶୁଙ୍କୁ ଖଡ଼ି ଛୁଆଁଇଲେ ବିଧାୟକ



ବଳଙ୍ଗା,(କେଦାରେଶ୍ୱର ନନ୍ଦ)

କମାକନ୍ତିଆ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ 'ପ୍ରବେଶ ଉତ୍ସବ ଓ ଖଡିଛୁଆଁ' କାର୍ଯ୍ୟକ୍ରମ ଶନିବାର ପାଳନ କରାଯାଇଛି। ମୁଖ୍ୟ ଅତିଥିଭାବେ ବିଧାୟକ ଆଶ୍ରିତ ପଟ୍ଟନାୟକ ଯୋଗଦେଇ ନୂତନ ଛାତ୍ରଛାତ୍ରୀଙ୍କୁ ଖଡ଼ିଛୁଆଁ କରାଇଥିଲେ। ବିଧାୟକଙ୍କ ଦ୍ୱାରା ଗପ ରାଇଜ ଷ୍ଟଲ୍, ଖେଳଘର ଷ୍ଟଲ୍ ଏବଂ ରଙ୍ଗ ପସରା ଷ୍ଟଲ୍ ଉଦଘାଟିତ ହୋଇଥିଲା। ପ୍ରଧାନଶିକ୍ଷକ କୈଳାସ ଚନ୍ଦ୍ର ସେଠୀଙ୍କ ପୌରୋହିତ୍ୟରେ ସଭା ହୋଇଥିଲା। ଶିକ୍ଷୟିତ୍ରୀ ଶିକ୍ଷକମାନେ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ବିଦ୍ୟାଳୟ ଶିକ୍ଷା ପରିଚାଳନା କମିଟି ସଭାପତି ଗଙ୍ଗାଧର ପ୍ରଧାନ ଉପସ୍ଥିତ ଥିଲେ। ଶିକ୍ଷକ ସରୋଜ କୁମାର ଦେଓ ଧନ୍ୟବାଦ ଦେଇଥିଲେ।

**'ଆମ ଖାଦ୍ୟ ଆମ ପୋଷାକ'ଶୀର୍ଷକ ଆଲୋଚନାଚକ୍ର**

ଚୌଦ୍ୱାର,(ଆଶୁତୋଷ ଦାସ): ଓଡ଼ିଆ ପକ୍ଷ ପାଳନ ଅବସରରେ ଚୌଦ୍ୱାର କଲେଜ ପକ୍ଷରୁ 'ଆମ ଖାଦ୍ୟ ଆମ ପୋଷାକ' ଶୀର୍ଷକ ଏକ ଆଲୋଚନାଚକ୍ର ଆୟୋଜିତ ହୋଇଯାଇଛି। ଅଧକ୍ଷା ରଶ୍ମି ରାଉତରାୟଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ଆଲୋଚନାଚକ୍ରରେ ପ୍ରାଧାପକ ପ୍ରଭାକର ମିଶ୍ର, ଅଧାପକ ପ୍ରଫୁଲ୍ଲ କୁମାର ସାହୁ, ଡ. ହରପ୍ରିୟା ମହାପାତ୍ରଙ୍କ ସମେତ ବହୁ ଅଧାପିକା ଓ ଅଧାପକ ତଥା ଛାତ୍ରୀଛାତ୍ର ଅଂଶ ଗ୍ରହଣ କରି ଓଡ଼ିଆ ଖାଦ୍ୟ ଓ ଓଡ଼ିଶାର ପାରମ୍ପରିକ ପୋଷାକ ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଷୟବସ୍ତୁ ଆଧାରିତ ଗଳ୍ପ ଓ କବିତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅଧାପିକା ଡ. ସସ୍ମିତା କର, ଶୁଭସ୍ମିତା ଭୂୟାଁ, ଲିଜା ରଥ ଓ ସୁଚିତ୍ରା ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ଷଣ୍ଢ ଆକ୍ରମଣରେ ଜଣେ ମୃତ, ୬ ଆହତ

ନିଆଳି,୪।୪(ସୁକାନ୍ତ କୁମାର ସିଂହ)

ନିଆଳି ତହସିଲ ଅନ୍ତର୍ଗତ ସିଠାଲୋ ପଞ୍ଚାୟତ ଢିଅସିଠାଲୋ ଗ୍ରାମରେ ଶନିବାର ଏକ ଷଣ୍ଢ ଆକ୍ରମଣରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଥିବା ବେଳେ ୬ଜଣ ଗୁରୁତର ହୋଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ଢିଅସିଠାଲୋ ଗ୍ରାମର ୮୫ ବର୍ଷୀୟ ଦ୍ୱିଜବର ସ୍ୱାଇଁ ତାଙ୍କ ଗାଈକୁ ଖାଇବାକୁ ଦେଉଥିବା ସମୟରେ ବାହାରୁ ଏକ ଷଣ୍ଢ ଆସି ଆକ୍ରମଣ କରିଥିଲା। ଗୁରୁତର ଅବସ୍ଥାରେ ଦ୍ୱିଜବରଙ୍କୁ ଜଗତ୍‌ସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିବା ବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଷଣ୍ଢ ଆକ୍ରମଣରେ ୯୦ ବର୍ଷୀୟ ହରେକୃଷ୍ଣ ସ୍ୱାଇଁ, ଶାସନ ପଦାର ବିଶ୍ୱନାଥ ବଡୁ, ତାଙ୍କ ସ୍ତ୍ରୀ ମଞ୍ଜୁସା ମାଳିନୀ ବଡୁ, ଭୀମ ମଲ୍ଲିକ, ସଂଯୁକ୍ତା ନାୟକ, ଜଗନ୍ନାଥ ନାୟକଙ୍କ ସମେତ ଆଉ ୨ଜଣ ଗୁରୁତର ହୋଇ ଚିକିତ୍ସିତ ହେଉଥିବା ଜଣାଯାଇଛି। ପ୍ରଶାସନ ପକ୍ଷରୁ ଘଟଣାସ୍ଥଳରେ କେହି ପହଞ୍ଚି ନ ଥିବା ବେଳେ ସ୍ଥାନୀୟ ଅଞ୍ଚଳରେ କୋକୁଆ ଭୟ ସୃଷ୍ଟି ହୋଇଛି। ତୁରନ୍ତ ମୃତକ ଏବଂ ଗୁରୁତରଙ୍କ ପରିବାରକୁ କ୍ଷତିପୂରଣ ଦେବା ସହ ଷଣ୍ଢକୁ ଧରିବାକୁ ଦାବି ହୋଇଛି।

### ଗଞ୍ଜେଇ ଚୋରା ଚାଲାଣ, ୨ ଗିରଫ

ଫୁଲନଖରା,୪।୪(ସତ୍ୟରଞ୍ଜନ ଦାସମହାପାତ୍ର)

କଟକ ସଦର ଥାନା ଅନ୍ତର୍ଗତ କୁଆଖାଇ ବ୍ରିଜ କାଜିପାଟଣା ରୋଡ୍‌ରୁ କଟକ ଜିଲା ଅବକାରୀ ମୋବାଇଲ ୟୁନିଟ ଗଞ୍ଜେଇ ଚୋରା ଚାଲାଣ କରୁଥିବା ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ କନ୍ଧମାଳ ଜିଲାର ଅମିତ ବେହେରା ଓ ନରେଶ ଗଣ୍ଡା। ସେମାନଙ୍କ ନିକଟରୁ ୧୫ କେଜି ଗଞ୍ଜେଇ ଓ ଏକ କାର୍ ଜବତ କରାଯାଇଛି। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୧୧ ଲକ୍ଷରୁ ଊର୍ଦ୍ଧ୍ୱ ହେବ। ମିଳିଥିବା ସୂଚନା ଅନୁଯାୟୀ ଏକ ଧଳା କାର ଯୋଗେ ନରେଶ ଓ ଅମିତ ୧୫ କେଜି ଗଞ୍ଜେଇ ଧରି ଦ୍ରୁତ ଗତିରେ କଟକ ଅଭିମୁଖେ ଯାଉଥିଲେ। ପୂର୍ବରୁ ଜିଲା ଅବକାରୀ ମୋବାଇଲ ସ୍କ୍ୱାଡ କାର୍‌କୁ କାବୁ କରିଥିଲା। ପରେ ଏନ୍‌ଡିପିଏସ୍ ଆଇନରେ ଏକ ମାମଲା (ନଂ.୮/୨୬) ରୁଜୁ କରି ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

### ବରିଷ୍ଠ ଫଟୋଗ୍ରାଫର କାଦର ସମ୍ବର୍ଦ୍ଧିତ



କଟକ,୪।୪(କୁମାରଶ୍ରୀ)

କଟକରେ ୩୦ବର୍ଷ ଧରି କ୍ରୀଡ଼ା ଜଗତ, ସାମାଜିକ ସଙ୍ଗଠନ ଏବଂ ଗଣମାଧ୍ୟମ ସହ ଯୋଡ଼ି ହୋଇ ରହିଥିବା ବରିଷ୍ଠ ଫଟୋଗ୍ରାଫର କାଦର ଖାନ୍‌ଙ୍କୁ କଟକ କ୍ଲବ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ତାଙ୍କର ସେବା ଏବଂ ଅବଦାନକୁ ସ୍ୱୀକାର ସ୍ୱରୂପ ଏହି ସମ୍ମାନ ଦିଆଯାଇଥିଲା। କ୍ଲବରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କାଦରଙ୍କ କଠିନ ପରିଶ୍ରମ ଏବଂ ଦକ୍ଷତା ବାବଦରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। କଟକ କ୍ଲବ ସମ୍ପାଦକ ଶୁଭେନ୍ଦୁ ମୋହନ ପଟ୍ଟନାୟକ, ଇଞ୍ଜିନିୟର ପିକେ ରାଜଗୁରୁ, ଆଇନଜୀବୀ ଶାଶ୍ୱତା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ମା' ହାଡ଼ବାଈ ଯାତ୍ରା ଆରମ୍ଭ

ଫୁଲନଖରା,୪।୪(ସତ୍ୟରଞ୍ଜନ ଦାସ ମହାପାତ୍ର)

କଟକ ମହାନଗର ନିଗମ ୫୮ ନମ୍ବର ୱାର୍ଡ ଅନ୍ତର୍ଗତ ନୂଆଗଡ଼ର ପୁରାତନ ମା'ହାଡ଼ବାଈଙ୍କ ଯାତ୍ରା ମହୋତ୍ସବ ଆରମ୍ଭ ହୋଇଯାଇଛି। ଏହି ଉପଲକ୍ଷେ ନୂଆଗଡ଼ ଗ୍ରାମ୍ୟ ଉନ୍ନୟନ କମିଟି ସଭାପତି ବିକ୍ରମ କେଶରୀ ଶତପଥୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସଦର ବିଧାୟକ ପ୍ରକାଶଚନ୍ଦ୍ର ସେଠୀ, ୫୯ ୱାର୍ଡ କର୍ପୋରେଟର ମମତା ମହାନ୍ତି, ମୁରବି ପୀତବାସ ମହାପାତ୍ର, ତ୍ରୈଲୋକ୍ୟ ପ୍ରଧାନ, ପ୍ରସନ୍ନ ସାହୁ, କେଦାରନାଥ ସିଂ, ଦୈତାରି ସାହୁ, ପ୍ରଦୀପ ଖୁଣ୍ଟିଆ, ସଦାଶିବ ମହାନ୍ତି ଓ ଉମ୍ବରୁଧର ସାମନ୍ତରାୟ ଯୋଗଦେଇଥିଲେ। ଏହି ଅବସରରେ ମେଧାବୀ ଛାତ୍ରୀଛାତ୍ର ଓ ମାନ୍ୟଗଣ୍ୟ ବ୍ୟକ୍ତିଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ କରାଯାଇଥିଲା। ପ୍ରକାଶ ସାମନ୍ତରାୟ, ପ୍ରଶାନ୍ତ ମହାପାତ୍ର, ଦେବେନ୍ଦ୍ର ନାୟକ, ଗଣେଶଚନ୍ଦ୍ର ବରାଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# 'ଆମ ଶରୀର ଭିତରେ ଯୋଗ ଚାଲିଛି'

କଟକ,୪।୪(କାର୍ତ୍ତିକ ସାହୁ)



ନିଖିଳ ଉତ୍କଳ ଶ୍ରୀଅରବିନ୍ଦ ପାଠଚକ୍ର ସମ୍ମିଳନୀରେ ଅତିଥିଙ୍କ ଦ୍ୱାରା ସ୍ମରଣିକା ଉନ୍ମୋଚନ କରାଯାଉଛି।

**୫୫ତମ ନିଖିଳ ଉତ୍କଳ ଶ୍ରୀଅରବିନ୍ଦ ପାଠଚକ୍ର ସମ୍ମିଳନୀ ଉଦ୍‌ଘାଟିତ**

ଗୀତାରେ ୧୮ ପ୍ରକାର ଯୋଗ ରହିଛି। ଆମର ସାରା ଜୀବନ ଯୋଗ। ଆମ ଶରୀର ଭିତରେ ଯୋଗ ଚାଲିଛି। ଶ୍ରୀଅରବିନ୍ଦ କହିଛନ୍ତି, ସରଳ ହୁଅ। ଭଗବାନ ଆମ ଭିତରେ ଯୋଗ କରୁଛନ୍ତି। ଆମର ସୁଖ, ଦୁଃଖ ସବୁ ଭଗବାନ ଦେଖୁଛନ୍ତି। ଆମେ ଶାନ୍ତି ଖୋଜୁଛେ। ବାସ୍ତବରେ ସହରର କୋଳାହଳ ମଧ୍ୟରେ ବି ଶାନ୍ତି ରହିଛି ବୋଲି ମାତୃଭବନଠାରେ ଶନିବାର ସନ୍ଧ୍ୟାରେ ୫୫ତମ ନିଖିଳ ଉତ୍କଳ ଶ୍ରୀଅରବିନ୍ଦ ପାଠଚକ୍ର ସମ୍ମିଳନୀର ଉଦ୍‌ଘାଟନୀ ସମାରୋହରେ ସମ୍ମାନିତ ବକ୍ତା ଡ. ଆଲୋକ ପାଣ୍ଡେ ମତବ୍ୟକ୍ତ କରିଛନ୍ତି।

ବକ୍ତା ଲଳିତ ବର୍ମା ଉଦ୍‌ଘାଟନୀ ଭାଷଣ ପ୍ରଦାନ କରି କହିଲେ, ଜୀବନକୁ ସଂଘର୍ଷର ସହିତ ନୁହେଁ, ଆନନ୍ଦରେ ଜିଇଁବାକୁ ହେବ। ପରମସତ୍ତା ସବୁବେଳେ ଆମ ପାଖରେ ଅଛନ୍ତି। ଜୀବନର ଭିତ୍ତି ହେଉଛି ସଚ୍ଚିଦାନନ୍ଦ। ଅନ୍ୟତମ ବକ୍ତା ଡ. ଅର୍ଚ୍ଚନା ନାୟକ କହିଲେ, ପୂର୍ଣ୍ଣଯୋଗର ଅର୍ଥ ହେଲା ଯେଉଁ ସତ୍ତାଠାରୁ ବିଚ୍ଛିନ୍ନ ହୋଇଛୁ ସେଇ ସତ୍ତା ସହ ଯୁକ୍ତ ହେବା। ଗୁରୁ ହିଁ ଏଥିପାଇଁ ମାର୍ଗ ପ୍ରଦର୍ଶନ କରିଥାନ୍ତି। ଈଶ୍ୱରଙ୍କ ଯୋଗ ହେଉଛି ପୂର୍ଣ୍ଣାଙ୍ଗ ଯୋଗ। ଏହା କେବଳ ସମର୍ପଣ ଦ୍ୱାରା ସମ୍ଭବ। ହେଲେ ସମର୍ପଣ ଏତେ ସହଜ ନୁହେଁ, ଏକ କଷ୍ଟକର ବ୍ୟାପାର। ସବୁର ମୂଳ ଏକମାତ୍ର ବ୍ରହ୍ମ। ବ୍ରହ୍ମ ସତ୍ୟ ହେଲେ ଜଗତ ବି ସତ୍ୟ। ସେହିପରି ଅନ୍ୟତମ ବକ୍ତା ଡ. ସମ୍ପଦାନନ୍ଦ ମିଶ୍ର କହିଲେ, ଶ୍ରୀଅରବିନ୍ଦଙ୍କ ଯୋଗ ପୁରୁଷୋତ୍ତମଙ୍କ ଯୋଗ। ବାବାଜୀ ମହାରାଜ କହିଲେ, ଦିବ୍ୟ ମାତା (ଡିଭାଇନ୍ ମଦର) ପୁରୁଷୋତ୍ତମଙ୍କୁ ଧରି ରଖିଛନ୍ତି। ମନୁଷ୍ୟ ଅହଂକୁ ପରିତ୍ୟାଗ କଲେ ଭଗବଦ୍ ଆଡ଼କୁ ଗତି କରିବ। ଅହଂ ଭାବରୁ ମୁକ୍ତ ହେବା ପାଇଁ ନିମ୍ନ ପ୍ରକୃତି କବଳରୁ ନିଜକୁ ମୁକ୍ତ କରିବାକୁ ହେବ। ଆମେ ଭଗବଦ୍ ମୁଖୀ ହେଲେ ଅହଂ ଆମ ପଛରେ ରହିଯିବ। ଶ୍ରୀମା' ହିଁ ଆମ ଭିତରେ ରହି ସବୁ କରୁଛନ୍ତି ବୋଲି ସର୍ବଦା ମନରେ ଜାଗ୍ରତ କରିରଖିବା ଆବଶ୍ୟକ। ଉଦ୍‌ଘାଟନୀ ସମାରୋହରେ ଶ୍ରୀଅରବିନ୍ଦଙ୍କ ଯୋଗ ହିଁ ପୁରୁଷୋତ୍ତମଙ୍କ ନିଜ ଯୋଗ ଶୀର୍ଷକରେ ଆଲୋଚନା ହୋଇଥିଲା। ଆଭା କାନୁନଗୋ ସାବିତ୍ରୀ ଆବୃତ୍ତି, ବନ୍ଦିତା ରାୟ ଆବାହନୀ ସଙ୍ଗୀତ ଗାନ କରିଥିଲେ। ମାତୃଭବନ ଟ୍ରଷ୍ଟର ଚେୟାରମ୍ୟାନ ଦୀପକ ସାମନ୍ତରାୟ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରସାଦ ତ୍ରିପାଠୀ ବକ୍ତବ୍ୟ ପ୍ରଦାନ କରିଥିଲେ। ଡା. ଶ୍ୟାମା କାନୁନଗୋ ପ୍ରାରମ୍ଭିକ ସୂଚନା ସହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ସ୍ମରଣିକା, ପୁସ୍ତକ ଉନ୍ମୋଚନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

## ଟ୍ରକ୍ ପଛରେ ପିଟିଲା ବାଇକ୍: ଜଣେ ମୃତ

ଖୁଣ୍ଟୁଣୀ,୪।୪(ସଚ୍ଚିଦାନନ୍ଦ ପଣ୍ଡା)

ଖୁଣ୍ଟୁଣୀ ଥାନା ନିକଟସ୍ଥ କୃଷ୍ଣଶ୍ୟାମପୁର ଗ୍ରାମ ୫୫ ନଂ. ଜାତୀୟ ରାଜପଥ କଡରେ ଛିଡାହୋଇଥିବା ଏକ ମାଲ ବୋଝେଇ ଟ୍ରକ୍ ପଛରେ ଶନିବାର ମଧ୍ୟାହ୍ନରେ ବାଇକ୍ ପିଟି ହୋଇଯିବାରୁ ଆରୋହୀଙ୍କ ମୃତ୍ୟୁ ଘଟିଥିବା ବେଳେ ପଛରେ ବସିଥିବା ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ପୋଲିସ ଓ ସ୍ଥାନୀୟ ଲୋକେ ଆମ୍ବୁଲାନ୍ସକୁ ଫୋନ କଲେ ମଧ ସେମାନେ ନ ଉଠାଇବାରୁ ଖୁଣ୍ଟୁଣୀ ଥାନା ଏସ୍‌ଆଇ ପ୍ରିୟଦର୍ଶନ ସେଠୀ ଓ ଏଏସ୍‌ଆଇ ପ୍ରୀତିରଞ୍ଜନ ରାୟ ଗୁରୁତର ଆହତଙ୍କୁ ଉଦ୍ଧାର କରି ନିଜ ଗାଡ଼ିରେ କଟକ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରିଥିବା ଜଣାପଡିଛି। ମୃତକ ହେଲେ ଢେଙ୍କାନାଳ ଜିଲା ପରଜଙ୍ଗର ବିଶ୍ୱସେନ ଖୁଣ୍ଟିଆ (୨୭) ଓ ଗୁରୁତର ଆହତ ସତ୍ୟଜିତ ନାୟକ (୨୬) ବୋଲି ଆଇଆଇସି ଜହର ଆବେଦିନ କହିଛନ୍ତି। ସୂଚନା ମୁତାବକ ଢେଙ୍କାନାଳ ଜିଲା ପରଜଙ୍ଗର ବିଶ୍ୱସେନ ଓ ସତ୍ୟଜିତ ବାଇକ୍ ଯୋଗେ ଢେଙ୍କାନାଳରୁ କଟକ ଆସୁଥିଲେ। ଖୁଣ୍ଟୁଣୀ ଥାନା କୃଷ୍ଣଶ୍ୟାମପୁର ଗ୍ରାମ ନିକଟ ୫୫ନଂ ଜାତୀୟ ରାଜପଥ ପାର୍ଶ୍ୱ ବାମ କଡରେ ଅଟକି ଥିବା ଏକ ମାଲ ବୋଝେଇ ଟ୍ରକ୍ (ନଂ.ଏନଏଲ୦୧ଏଜି ୩୭୦୪) ପଛରେ ପିଟି ହୋଇଯିବାରୁ ବାଇକ ଆରୋହୀ ବିଶ୍ୱସେନଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ସତ୍ୟଜିତ ମୁମୂର୍ଷୁ ଅବସ୍ଥାରେ ରାସ୍ତାରେ ପଡ଼ିଥିଲେ। ଖବର ପାଇ ଖୁଣ୍ଟୁଣୀ ଥାନା ଏସ୍‌ଆଇ, ଏଏସ୍‌ଆଇ ଓ ଏନ୍‌ଏଚ୍ ପାଟ୍ରୋଲିଂ ପୋଲିସ ପହଞ୍ଚି ଗୁରୁତର ଆହତ ସତ୍ୟଜିତଙ୍କୁ ଏନ୍‌ଏଚ୍ ପୋଲିସ ପାଟ୍ରୋଲିଂ ଭ୍ୟାନରେ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରିବା ସହ ମୃତକଙ୍କ ବ୍ୟବଚ୍ଛେଦ ପାଇଁ ଆଠଗଡ଼ ଉପଖଣ୍ଡ ଡାକ୍ତରଖାନାକୁ ପଠାଇଥିଲେ। ଦୁର୍ଘଟଣାଗ୍ରସ୍ତ ବାଇକ୍ ଓ ଟ୍ରକ୍‌କୁ ଖୁଣ୍ଟୁଣୀ ପୋଲିସ ଜବତ କରି ଘଟଣାର ତଦନ୍ତ କରୁଛି।

## ଓଡ଼ିଶା ଇଣ୍ଡଷ୍ଟ୍ରିଜ ଆସୋସିଏଶନରେ ସ୍ୱାସ୍ଥ୍ୟ ଶିବିର



ଶିବିରରେ ଜଣେ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି।

କଟକ,୪।୪(କାର୍ତ୍ତିକ ସାହୁ)

ଓଡ଼ିଶା ଇଣ୍ଡଷ୍ଟ୍ରିଜ ଆସୋସିଏଶନ, ଭୁବନେଶ୍ୱର ମଣିପାଲ ହସ୍ପିଟାଲ ଏବଂ କଟକ ରିଟାୟର୍ଡ ପୋଲିସ ଅଫିସର୍ସ ୱେଲଫେୟାର୍ ଆସୋସିଏଶନ ସହଯୋଗରେ ଜଗତପୁରସ୍ଥିତ ଓଡ଼ିଶା ଇଣ୍ଡଷ୍ଟ୍ରିଜ ଆସୋସିଏଶନ ପରିସରରେ ଏକ ସ୍ୱାସ୍ଥ୍ୟ ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। ମଣିପାଲ ହସ୍ପିଟାଲର କର୍ପୋରେଟ ମ୍ୟାନେଜର ସୁକାନ୍ତ ସାହୁ, ଡା. ସୁବାସ ପାଢ଼ୀ, ଡା. ପ୍ରଜ୍ଞା ପରିମିତା ନାୟକ, ଡା. କିଶୋର ପାଣ୍ଡା ପ୍ରମୁଖ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଇଣ୍ଡଷ୍ଟ୍ରିର କର୍ମଚାରୀମାନେ ଆଖି, ଇସିଜି, ସୁଗାର୍, ଫୁସଫୁସ, ଅର୍ଥୋପେଡିକ, ଗାଇନୋକୋଲୋଜି ଓ ଅନ୍ୟାନ୍ୟ ସାଧାରଣ ପରୀକ୍ଷା ଆଦିର ସୁବିଧା ନେଇଥିଲେ। ଆସୋସିଏଶନ ଅଧ୍ୟକ୍ଷ ଅବନୀ କାନୁନଗୋ ଶିବିରକୁ ଉଦ୍‌ଘାଟନ କରିଥିଲେ। ରିଟାୟାର୍ଡ ପୋଲିସ ଅଫିସର୍ସ ୱେଲଫେୟାର୍ ଆସୋସିଏଶନର ଅଧ୍ୟକ୍ଷ ଭକ୍ତ ବଲ୍ଲଭ ଦାସ, କାର୍ଯ୍ୟକାରୀ ସଭାପତି ଜିତେନ୍ଦ୍ର କୁମାର ପାତ୍ର, ଜେନେରାଲ ସେକ୍ରେଟାରି ବିଭୂତି ଭୂଷଣ ପଟ୍ଟନାୟକ, ଉପଦେଷ୍ଟା ପ୍ରସନ୍ନ ଚନ୍ଦ୍ର ମିଶ୍ର ଓ ଅପର୍ତ୍ତି ଜାନି ଉପସ୍ଥିତ ଥିଲେ। ସଭାପତି ରାଜେଶ କାନୁନ୍‌ଗୋ, ଉପସଭାପତି ବିନୋଦ ଭୂତ, ସାଧାରଣ ସମ୍ପାଦକ ଦେବେନ୍ଦ୍ର ଶର୍ମା, ସଙ୍ଗଠନ ସମ୍ପାଦକ ରୁଦ୍ର ନାରାୟଣ ଆଚାର୍ଯ୍ୟ, ଅର୍ଥ ସମ୍ପାଦକ ଶୁଭ୍ରକାନ୍ତ ପଣ୍ଡାଙ୍କ ସମେତ ଅଜୟ ପଣ୍ଡା, ମାନସ ଦାସ, ଭବାନୀ ପଣ୍ଡିତ, ବିକାଶ ମହାପାତ୍ର, ପ୍ରଶାନ୍ତ ମହାପାତ୍ର, ଅଶୋକ ସାହୁ, ସୁଧାକର ସ୍ୱାଇଁ, ରମା ବଲ୍ଲଭ ନାୟକ, ଅନିରୁଦ୍ଧ ପୁହାଣ ଓ ପ୍ରିୟନାଥ ମହାନ୍ତି, ରେଶମା ଦାସ, କିଶୋର ମହାନ୍ତିପ୍ରମୁଖ ଶିବିର ପରିଚାଳନା କରିଥିଲେ।





କଟକ ଜିଲା ପ୍ରଶାସନ ପକ୍ଷରୁ ଓଡ଼ିଆରେ ନାମଫଳକ ଲେଖା ଅଭିଯାନ ନେଇ ଶନିବାର ନୂଆପଡ଼ାସ୍ଥିତ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟ ନିକଟରୁ ବାହାରି ଥିବା ସଚେତନତା ପଦଯାତ୍ରା। (ଫଟୋ: ରାଜକିଶୋର ମହାନ୍ତି)

## ଜେରକ୍ସ ବହିରେ ବିଦ୍ୟାଳୟ ପ୍ରବେଶ ଉତ୍ସବ ପାଳିଲେ ଛାତ୍ରୀଛାତ୍ର

କଟକ ସଦର,୪।୪ (ସୁଶାନ୍ତ କୁମାର ଜେନା)

ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ନିର୍ଦ୍ଦେଶକ୍ରମେ କଟକ ସଦର ବ୍ଲକ ଅନ୍ତର୍ଗତ ବିଭିନ୍ନ ସରକାରୀ ମାନ୍ୟତାପ୍ରାପ୍ତ ଶିଶୁ ମନ୍ଦିରରେ ଶନିବାର ବିଦ୍ୟାଳୟ ପ୍ରବେଶ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ ପାଳନ କରାଯାଇଥିଲା। ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ପାଠ୍ୟପୁସ୍ତକ ଚଳିତଶିକ୍ଷା ବର୍ଷରେ ନୂଆ କରି ମୁଦ୍ରଣ କରାଯାଉଛି। ରାଜ୍ୟ ସରକାର କେବଳ ସରକାରୀ ବିଦ୍ୟାଳୟକୁ ଅଗ୍ରାଧିକାର ଭିତ୍ତିରେ ବହି ଯୋଗାଇ ଦେଇଛନ୍ତି। ମାତ୍ର ଶିଶୁ ମନ୍ଦିର ପିଲାମାନେ ନୂଆ ବହି ପାଇବାରୁ ବଞ୍ଚିତ ହୋଇଛନ୍ତି। ତେଣୁ ଜେରକ୍ସ ବହି ଧରି ବିଦ୍ୟାଳୟ ପ୍ରବେଶ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ ପାଳନ କରାଯାଇଥିଲା। ସେଥିପାଇଁ ଜେରକ୍ସ ଦୋକାନରେ ବହିର ୨ଟି ଅଧ୍ୟାୟ ଜେରକ୍ସ ପାଇଁ ୨୦ ଟଙ୍କା ଲେଖାଏଁ ଦେବାକୁ ଅଭିଭାବକମାନଙ୍କୁ ପଡ଼ିଲା। ଅବଶ୍ୟ ନୂଆପିଲାମାନଙ୍କୁ ବ୍ୟାଗ ଯୋଗାଇ ଦିଆଯାଇଥିଲା। ସୂଚନା ଯୋଗ୍ୟ, ୨୦୨୩ ଅଗଷ୍ଟ ୧୦ରେ ସମସ୍ତ ଶିଶୁ ମନ୍ଦିରକୁ ମାଗଣା ପୁସ୍ତକ ଦେବା ପାଇଁ ରାଜ୍ୟ ସରକାର ଘୋଷଣା କରିଥିଲେ। ସେହିବର୍ଷଠାରୁ ଶିଶୁ ମନ୍ଦିର ପିଲାଙ୍କୁ ଅଗଷ୍ଟରେ ସରକାରୀ ବହି ମିଳୁଥିଲା। ଯାହା ସେମାନଙ୍କ କାର୍ଯ୍ୟରେ ଲାଗୁ ନ ଥିଲା। ଶିକ୍ଷା ବର୍ଷର ୪ ମାସ ପୂରିଯାଇଥିବାରୁ ବାହାରୁ ପିଲାମାନେ ବହି କିଣୁ ଥିଲେ। ଅଦ୍ୟାବଧି ସରକାରୀ ନିର୍ଦ୍ଦେଶନାମା ଆସି ନ ଥିବାରୁ ବହି ଶିଶୁ ମନ୍ଦିରକୁ ଯୋଗାଇ ଦିଆଯାଇ ପାରୁନାହିଁ ବୋଲି ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଅନନ୍ତ ଚରଣ ଦେହୁରୀ ସୂଚନା ଦେଇଛନ୍ତି।

## ବରିଷ୍ଠରେ ଖାନନଗର, କନିଷ୍ଠରେ ଉର୍ଦ୍ଦୁ ସ୍କୁଲ ଚାମ୍ପିୟନ

କଟକ,୪।୪(କୁମାରଶ୍ରୀ)



ଟ୍ରଫି ସହ ଚାମ୍ପିୟନ ଦଳର ଖେଳାଳି ଓ ଉପସ୍ଥିତ ଅତିଥି।

ଓଡ଼ିଶା ଭେଟେରାନ ସ୍ପୋର୍ଟ୍ସ ପର୍ସନ ଆସୋସିଏଶନ ଆନୁକୂଲ୍ୟରେ ସ୍ଥାନୀୟ ପ୍ୟାରୀମୋହନ ଏକାଡେମୀ ଖେଳ ପଡିଆରେ ଚାଲିଥିବା ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ସିନିୟର ବିଭାଗର ପ୍ରତିଯୋଗିତାରେ ଖାନନଗର ହାଇସ୍କୁଲ ଟାଇବ୍ରେକରରେ ବିଡାନାସୀ ହାଇସ୍କୁଲକୁ ହରାଇ ଚଳିତ ସଂସ୍କରଣର ବସନ୍ତ ଦାସ ସ୍ମାରକୀ ଟ୍ରଫି ହାସଲ କରିଛି। ଏହି ମ୍ୟାଚ୍ ଗୋଲଶୂନ୍ୟ ଭାବେ ଶେଷ ହୋଇଥିଲା। ପରେ ପେନାଲ୍ଟି ସୁଟଆଉଟ୍‌ରେ ଖାନନଗର ଦଳ ୩-୨ ଗୋଲରେ ବିଜୟୀ ହୋଇଥିଲା। ସେହିପରି ଜୁନିୟର ବିଭାଗରେ ସରକାରୀ ଉର୍ଦ୍ଦୁ ସ୍କୁଲ ୧-୦ ଗୋଲରେ ଭକ୍ତମଧୁ ବିଦ୍ୟାପୀଠକୁ ପରାସ୍ତ କରି ଡାକ୍ତର ଭଗବାନ ଦାସ ସ୍ମାରକୀ ଟ୍ରଫି ବିଜୟୀ ହୋଇଥିଲା। ସିନିୟର୍ ବିଭାଗରେ ଖାନନଗର ସରକାରୀ ହାଇସ୍କୁଲର ଗଣେଶ ବିନ୍ଧାଣୀ ଏବଂ ଜୁନିୟର ବିଭାଗରେ ଉର୍ଦ୍ଦୁ ସ୍କୁଲ ତଫିକ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଉଭୟ ଖେଳାଳିଙ୍କୁ ପ୍ରତି ମାସରେ ଏକ ହଜାର ଟଙ୍କା ଲେଖାଏ ଆର୍ଥିକ ପ୍ରୋତ୍ସାହନ ରାଶି ଏକ ବର୍ଷ ପର୍ଯ୍ୟନ୍ତ ପ୍ରଦାନ କରାଯିବ। ଉଦଯାପନୀ ଉତ୍ସବରେ ଓଡ଼ିଶା ଅଲିମ୍ପିକ ସଂଘ ସମ୍ପାଦକ ଅଭିଜିତ ପାଲ ମୁଖ୍ୟ ଅତିଥି, ଜିଲା ଶାରୀରିକ ଶିକ୍ଷାଧିକାରୀ ସୌଦାମିନୀ ଦାସ, ସମାଜସେବୀ କ୍ଷୀତିଶ ଚନ୍ଦ୍ର ପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସଂଘ ସଭାପତି ତଥା ଆଠଗଡ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ସଂଘର ସମ୍ପାଦକ ଶ୍ରଦ୍ଧାନନ୍ଦ ଦାସ ସଂଘର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ସମୀର ପରିଜା ଧନ୍ୟବାଦ ଅର୍ପଣ କରିଥିଲେ।

## ରେଭେନ୍‌ଶାରେ ଦୀପାଳି ସିହ୍ନାରାୟ ସ୍ମୃତି ବ୍ୟାଖ୍ୟାନ

କଟକ,୪।୪(କୁମାରଶ୍ରୀ)

ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଶିକ୍ଷା ବିଭାଗ ପକ୍ଷରୁ ୧୧ତମ ଦୀପାଳି ସିହ୍ନାରାୟ ସ୍ମୃତି ବ୍ୟାଖ୍ୟାନ ଓ ବାର୍ଷିକ ଉତ୍ସବ ସେଭେନ ପିଲାର ଅଫ ୱିଜଡମସ୍ଥିତ ଆନେକ୍ସ-୩ରେ ଆୟୋଜିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ପ୍ରଫେସର ସୁଦର୍ଶନ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରଫେସର ଗୌରାଙ୍ଗ ଚରଣ ନନ୍ଦ ଯୋଗଦେଇ ପ୍ରଫେସର ଦୀପାଳି ସିହ୍ନାରାୟଙ୍କ ଜୀବନ ଓ କୃତିତ୍ୱ ସମ୍ପର୍କରେ ସ୍ମୃତିଚାରଣ କରିଥିଲେ। ପ୍ରଫେସର ଶରତ କୁମାର ରାଉତ ସ୍ମୃତି ବ୍ୟାଖ୍ୟାନର ଉଦ୍ଦେଶ୍ୟ ଓ ପ୍ରାସଙ୍ଗିକତା ଉଲ୍ଲେଖ କରିଥିଲେ। ମଣିପୁର ବିଶ୍ୱବିଦ୍ୟାଳୟ ଶିକ୍ଷା ବିଭାଗ ମୁଖ୍ୟ ପ୍ରଫେସର କେ. ଶୀତଲଜିତ ସିଂହ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିକ୍ଷାରେ କୃତ୍ରିମ ବୁଦ୍ଧିମତ୍ତା, ଡିଜିଟାଲ ଯୁଗରେ ଶିକ୍ଷଣ ବିଷୟରେ ଆଲୋକପାତ କରିଥିଲେ। ଏଆଇ ଦ୍ୱାରା ଶିକ୍ଷାର ନୂତନ ସୁଯୋଗ ସୃଷ୍ଟି ହେଉଥିବା ସହ ମାନବ କେନ୍ଦ୍ରିତ ଶିକ୍ଷଣ ପ୍ରକ୍ରିୟାକୁ ସୁରକ୍ଷିତ ରଖିବାର ଆବଶ୍ୟକତା ବାବଦରେ ଉଲ୍ଲେଖ କରିଥିଲେ। ବରିଷ୍ଠ ପ୍ରାଧାପକ ଡ. ବିକଳି ଚରଣ ଦାସ ଧନ୍ୟବାଦ ଦେଇଥିଲେ।

## କଟକ କ୍ଲବର ୧୬୧ତମ ଜୟନ୍ତୀ ସମାରୋହ

କଟକ,୪।୪(କାର୍ତ୍ତିକ ସାହୁ)

ବାରବାଟୀ ଦୁର୍ଗ ପରିସରସ୍ଥ କଟକ କ୍ଲବର ୧୬୧ତମ ଜୟନ୍ତୀ ସମାରୋହ ତିନି ଧରି ପାଳିତ ହୋଇଯାଇଛି। ବିଶେଷ ଅତିଥି ଭାବେ କୋଲକାତାର ସଟରଡେ କ୍ଲବର ସଭାପତି କୌସ୍ତୁଭ ବୋଷ ତିନି ଦିନ ଧରି ଉପସ୍ଥିତ ଥିଲେ। ଏମ୍‌ଜିଏମ୍ ଗ୍ରୁପ୍‌ର ପଙ୍କଜ ଲୋଚନ ମହାନ୍ତି, ଫାଲକନ୍ ଗ୍ରୁପ୍‌ର ତାରା ରଞ୍ଜନ ପଟ୍ଟନାୟକ ଓ ଏସ୍.ଏନ୍. ଗ୍ରୁପର ଚେୟାରମ୍ୟାନ ମଧ ଉପସ୍ଥିତ ଥିଲେ। ପ୍ରଥମ ଦିନ ଏମ୍‌ଜିଏମ୍ ଭଏସ୍ ଅଫ୍ ବାରବାଟୀ ସିଜିନ୍ ଫୋର ପ୍ରତିଯୋଗିତା ହୋଇଥିଲା। ଏଥିରେ କଟକର ଆଦ୍ୟାଶା ସାହୁ ପ୍ରଥମ ହୋଇ ଏମ୍‌ଜିଏମ୍ ଭଏସ୍ ଅଫ ବାରବାଟୀ ଉପାଧି ସହ ନଗଦ ୫୦ ହଜାର ଟଙ୍କା ଅର୍ଥରାଶି ପାଇଥିଲେ। ସେହିପରି ଦ୍ୱିତୀୟ ସ୍ଥାନରେ ଭୁବନେଶ୍ୱରର ସଞ୍ଜୀବନୀ ନାଥ ୨୫ ହଜାର ଓ ତୃତୀୟ ସ୍ଥାନରେ କଟକର ସ୍ୱୟଂପ୍ରଭା ପାଣିଗ୍ରାହୀ ୧୫ ହଜାର ଟଙ୍କା ପୁରସ୍କାର ରାଶି ପାଇଥିଲେ। ଓଡ଼ିଶୀ ନୃତ୍ୟ ଶିଳ୍ପୀ ରୂପା ପାଲ, କଥକ ନୃତ୍ୟ ଶିଳ୍ପୀ କୁମାର ଶର୍ମା ପ୍ରମୁଖ ନୃତ୍ୟ ପରିବେଷଣ କରିଥିଲେ। ଉଦ୍‌ଯାପନୀ ସମାରୋହରେ କଣ୍ଠଶିଳ୍ପୀ ସ୍ନେହା ଶଙ୍କର ଓ ସାଥୀମାନଙ୍କ କାର୍ଯ୍ୟକ୍ରମ ଆକର୍ଷଣୀୟ ହୋଇଥିଲା।





ଆଦ୍ୟାଶା ସାହୁଙ୍କୁ ଏମ୍‌ଜିଏମ୍ ଭଏସ୍ ଅଫ ବାରବାଟୀ ଉପାଧି ସହ ଅର୍ଥରାଶି ପ୍ରଦାନ କରାଯାଉଛି।

# 'ଖଡ଼ିଛୁଆଁ ଆମ ସଂସ୍କୃତିର ପବିତ୍ର ପରମ୍ପରା'

କଟକ/କଟକ ସଦର,୪।୪ (କାର୍ତ୍ତିକ ସାହୁ/ସୁଶାନ୍ତ କୁମାର ଜେନା)



ଖଡ଼ିଛୁଆଁ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ପାଠପଢା କିଟ୍ ବଣ୍ଟନ କରୁଛନ୍ତି।

**ଜିଲାସ୍ତରୀୟ ପ୍ରବେଶ ଉତ୍ସବ**

ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଆନୁକୂଲ୍ୟରେ, ଜିଲା ପ୍ରକଳ୍ପ କାର୍ଯ୍ୟାଳୟ ସମଗ୍ର ଶିକ୍ଷା ଆୟୋଜନରେ ଜିଲାସ୍ତରୀୟ ପ୍ରବେଶ ଉତ୍ସବ, ଖଡ଼ିଛୁଆଁ ଓ ଶିଶୁ ବାଟିକାର ଉଦ୍‌ଘାଟନ ଶନିବାର ଅନୁଷ୍ଠିତ ହୋଇଯାଇଛି। ୪୨ ମୌଜାସ୍ଥିତ ପିଏମ୍‌ଶ୍ରୀ ବେଣ୍ଟକାର ହାଇସ୍କୁଲ ପରିସରରେ ଆୟୋଜିତ କାର୍ଯ୍ୟକ୍ରମ ସମ୍ପର୍କରେ ଜିଲା ଶିକ୍ଷାଧିକାରୀ ନିତ୍ୟାନନ୍ଦ ବାରିକ ସୂଚନା ଦେଇ କହିଲେ, ଓଡ଼ିଆ ଅସ୍ମିତା ଏବଂ ଓଡ଼ିଆଙ୍କ ସ୍ୱାଭିମାନ, ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖିବା ପାଇଁ ଏପ୍ରିଲ ପହିଲାଠାରୁ ଓଡ଼ିଆ ପକ୍ଷ ଆରମ୍ଭ ହୋଇଛି। ପକ୍ଷର ଚତୁର୍ଥ ଦିବସରେ ଖଡ଼ି ଛୁଆଁ ଉତ୍ସବ ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଭାବେ ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ଯୋଗଦେଇ ଖଡ଼ିଛୁଆଁ ଆମ ଓଡ଼ିଆ ସଂସ୍କୃତିର ଏକ ପବିତ୍ର ପରମ୍ପରା ଓ ବିଦ୍ୟାଳୟରେ ଉପସ୍ଥାନ ସଂଖ୍ୟା ବୃଦ୍ଧି କରିବା ଦିଗରେ ଏହା ଏକ ଉତ୍ତମ ପ୍ରୟାସ ବୋଲି କହିଥିଲେ। ଅତିରିକ୍ତ ଜିଲାପାଳ ଡ. ଇପ୍‌ସିତା ପ୍ରିୟଦର୍ଶିନୀ ମିଶ୍ର, ଉପଜିଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ମନୋରଞ୍ଜନ ବାରିକ, ସନ୍ତୋଷ କୁମାର ସେଠୀ ପ୍ରମୁଖ ଅତିଥି ଭାବରେ ଯୋଗଦେଇ ଓଡ଼ିଆ ପକ୍ଷର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କୁ ଖଡ଼ିଛୁଆଁ କରାଇବା ସହିତ ପାଠ୍ୟ ଉପକରଣ ବଣ୍ଟନ କରାଯାଇଥିଲା। ଏହି ଅବସରରେ ବିଧାୟକ ସେଠୀ ସଚେତନତା ରଥର ଶୁଭାରମ୍ଭ କରିଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ମୋନାଲିସା ଖଟୁଆ, ଏବିଓ ଅନନ୍ତ ଚରଣ ଦେହୁରୀ ଏବଂ ଅନୁସୂଚିତ ଜାତି ଓ ଜନଜାତି ଶିକ୍ଷା ସଂଯୋଜିକା ଡ. ସୁଚିସ୍ମିତା ମହାନ୍ତି, ମାନସୀ ଧଳ, ହୀରାମଣି ମହାନ୍ତି, ଚିତ୍ତରଞ୍ଜନ ପଣ୍ଡା, ହାରାମଣି ମହାନ୍ତି, ସ୍ଥାନୀୟ ସରପଞ୍ଚ ଶିବ ଶଙ୍କର ମଲ୍ଲିକ, ଅତିରିକ୍ତ ଶିକ୍ଷା ଅଧିକାରୀ ଅଭିଜିତା ଭାସ୍କର ଓ ସନ୍ତୋଷ କୁମାର ସେଠୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଚିନ୍ମୟ ମହାପାତ୍ର, ହାରାମଣି ମହାନ୍ତି ପ୍ରମୁଖଙ୍କ ସମେତ ବିଭିନ୍ନ କ୍ଲଷ୍ଟରର ସିଆର୍‌ସିସିମାନେ ଉପସ୍ଥିତ ଥିଲେ।

## ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ହାତ କାଟିଦେଲେ, ଜଣେ ଗିରଫ

ଭୁବନେଶ୍ୱର,୪।୪(ତ୍ରିନାଥ ମହାନ୍ତି): ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଶୁକ୍ରବାର ରାତିରେ ଛୁରିରେ ଜଣେ ଯୁବକ ଆକ୍ରମଣ କରିଛନ୍ତି। ଆକ୍ରମଣରେ ଜଣେ ଯୁବକଙ୍କ ହାତ ପାପୁଲି କଟିଯାଇଛି। ଏଭଳି ଘଟଣା ଚନ୍ଦ୍ରଶେଖରପୁର ଥାନା ଭୋଇସାହିରେ ଦେଖିବାକୁ ମିଳିଛି। ଆହତ ବ୍ୟକ୍ତି ହେଲେ ସୁନୀଲ ଭୋଇ। ତାଙ୍କୁ ପୋଲିସ ଉଦ୍ଧାର କରି ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଛନ୍ତି। ଏନେଇ ଏକ ମାମଲା ରୁଜୁ କରି ପୋଲିସ ଅଭିଯୁକ୍ତ ସିର୍ଦ୍ଧାର୍ଥ ନାୟକଙ୍କୁ ଗିରଫ କରିଛି।

ସୂଚନା ଅନୁସାରେ ସିଦ୍ଧାର୍ଥ ଏବଂ ସୁନୀଲଙ୍କ ମଧ୍ୟରେ ପୂର୍ବର ବିବାଦ ରହିଥିଲା। ସିଦ୍ଧାର୍ଥଙ୍କ ଏକ ଭେଣ୍ଡିଂଜୋନ୍ ଭୋଇସାହିରେ ରହିଛି। ଶୁକ୍ରବାର ରାତିରେ କୌଣସି କାମରେ ସୁନୀଲ ସେଠାକୁ ଯାଇଥିବା ବେଳେ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏଥିରେ ଉତ୍ତେଜିତ ହୋଇ ସିଦ୍ଧାର୍ଥ ଘରକୁ ଯାଇ ଏକ ଛୁରି ଆଣି ସୁନୀଲଙ୍କୁ ଭୁସିବାକୁ ଉଦ୍ୟମ କରିଥିଲେ। ହେଲେ ସୁନୀଲ ହାତ ଦେଖାଇ ଦେବାରୁ ତାଙ୍କ ପାପୁଲି କଟିଯାଇଛି।

# ରଘୁ, ଦିବାକରଙ୍କ ବଳିଦାନ ଆମକୁ ଶାନ୍ତିମୟ ଜୀବନ ଦେଇଛି

ଭୁବନେଶ୍ୱର,୪।୪ (ସୌମ୍ୟରଞ୍ଜନ ରାଉତ)


ରଘୁ, ଦିବାକରଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧ ଦିବସ ପାଳନ ଅବସରରେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦ୍ଦେବଙ୍କ ସହ ଅନ୍ୟ ଅତିଥିମାନେ।

ଇଂରେଜ ଶାସନ ଓ ଅତ୍ୟାଚାରୀ ରାଜତନ୍ତ୍ର ବିରୋଧରେ ରଣପୁର ପ୍ରଜାମଣ୍ଡଳ ଆନ୍ଦୋଳନ ଏକ ଐତିହାସିକ ଘଟଣା ଥିଲା। ଏହି ସଂଗ୍ରାମରେ ଅମର ଶହୀଦ ରଘୁନାଥ ମହାନ୍ତି ଓ ଦିବାକର ଅଦମ୍ୟ ସାହସ ଓ ଅସୀମ ତ୍ୟାଗର ପରିଚୟ ଦେଇ ନିଜ ଜୀବନ ଉତ୍ସର୍ଗ କରିଥିଲେ। ତାଙ୍କର ଏହି ବଳିଦାନ ଓ ଦେଶପ୍ରେମ ଆମ ଇତିହାସରେ ସଦା ଚିରସ୍ମରଣୀୟ ହୋଇ ରହିବ ଏବଂ ଆଗାମୀ ପିଢ଼ିକୁ ପ୍ରେରଣା ଦେଉଥିବ ବୋଲି ରାଜ୍ୟସ୍ତରୀୟ ଶ୍ରାଦ୍ଧଦିବସ ଅବସରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ସୂଚନା ଓ ଲୋକସମ୍ପର୍କ ବିଭାଗ, ରାଜ୍ୟସ୍ତରୀୟ ଶହୀଦ ରଘୁଦିବାକର ସ୍ମୃତି କମିଟି ଏବଂ ରଣପୁର ସାଂସ୍କୃତିକ ପରିଷଦର ମିଳିତ ଆନୁକୂଲ୍ୟରେ ଶନିବାର ସୂଚନା ଭବନରେ ଆୟୋଜିତ ରାଜ୍ୟସ୍ତରୀୟ ଶ୍ରାଦ୍ଧଦିବସ ସମାରୋହରେ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ ସହ ବରପୁତ୍ରଙ୍କ ପ୍ରତି ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ (ବୈଷୟିକ) ଗୁରବୀର ସିଂ ସ୍ୱାଗତ ଭାଷଣ ଦେଇ ଶହୀଦ ରଘୁ-ଦିବାକରଙ୍କ ବଳିଦାନ ଓ ଆଦର୍ଶ ଆଜିର ସମାଜ ପାଇଁ ପଥପ୍ରଦର୍ଶକ ବୋଲି କହିଥିଲେ। ମୁଖ୍ୟ ଅତିଥି ଭାବେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ଯୋଗଦେଇ କହିଲେ, ରଘୁ-ଦିବାକରଙ୍କ ତ୍ୟାଗ ଓ ବୀରତ୍ୱ ଆମ ଇତିହାସକୁ ଗୌରବମୟ କରିଛି। ଇତିହାସକୁ ସ୍ମରଣ ଓ ସୁରକ୍ଷିତ ରଖିବା ଆମ ସମସ୍ତଙ୍କ ଦାୟିତ୍ୱ ବୋଲି ସେ ଉଲ୍ଲେଖ କରିଥିଲେ। ଅତିଥି ବକ୍ତା ଭାବେ ଆଇନଜୀବୀ ନାରାୟଣ ମହାପାତ୍ର ଯୋଗଦେଇ ଶହୀଦ ରଘୁ-ଦିବାକରଙ୍କ ପରି ମହାନ ବ୍ୟକ୍ତିତ୍ୱମାନଙ୍କୁ ସଦା ସମ୍ମାନ କରିବା ଓ ସ୍ମରଣରେ ରଖିବାକୁ ଆହ୍ୱାନ କରିଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ଯାମିନୀକାନ୍ତ ନାୟକ ଯୋଗଦେଇ କହିଲେ, ରଘୁ ଓ ଦିବାକରଙ୍କ ବଳିଦାନ ଆଜି ଆମକୁ ସ୍ୱାଧୀନତା ଓ ଶାନ୍ତିମୟ ଜୀବନ ଦେଇଛି। ସୂଚନା ଓ ଲୋକସମ୍ପର୍କ ବିଭାଗର ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶନୀ, ଉପସଚିବ ସୁନନ୍ଦା ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଲୋକସମ୍ପର୍କ ଅଧିକାରୀ ରୋଜାଲିନ ସାହୁ କାର୍ଯ୍ୟକ୍ରମ ସଂଯୋଜନା, ଶହୀଦ ରଘୁଦିବାକର ସ୍ମୃତି କମିଟି ଓ ରଣପୁର ସାଂସ୍କୃତିକ ପରିଷଦର ସମ୍ପାଦକ ଗୌରାଙ୍ଗ ଚରଣ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଶ୍ୱ ଦକ୍ଷତା କେନ୍ଦ୍ର ପରିଦର୍ଶନ କଲେ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ


ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶକ୍ତିକାନ୍ତ ଦାସ ବିଶ୍ୱ ଦକ୍ଷତା କେନ୍ଦ୍ର ପରିଦର୍ଶନ କରୁଛନ୍ତି।

ଭୁବନେଶ୍ୱର, ୪।୪ (ବନ୍ଦନା ସେଠୀ)

ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶକ୍ତିକାନ୍ତ ଦାସ ଶନିବାର ଭୁବନେଶ୍ୱର ମଞ୍ଚେଶ୍ୱରସ୍ଥିତ ବିଶ୍ୱ ଦକ୍ଷତା କେନ୍ଦ୍ର ପରିଦର୍ଶନ କରିଛନ୍ତି। କେନ୍ଦ୍ରରେ ଥିବା ବିଭିନ୍ନ ଅତ୍ୟାଧୁନିକ ଲାବରେଟୋରି, ଭର୍ଟିକାଲ ଟ୍ରାନ୍ସପୋର୍ଟେଶନ, ଏୟାର କଣ୍ଡିଶନିଂ ଆଣ୍ଡ୍ ରେଫ୍ରିଜରେଶନ, ବ୍ୟୁଟି ଆଣ୍ଡ୍ ୱେଲ୍‌ନେସ୍ ଏବଂ ସ୍କୁଲ ଅଫ୍ ହସ୍ପିଟାଲିଟି ଆଦି ବିଭାଗ ବୁଲି ଦେଖିଥିଲେ। ଛାତ୍ରୀଛାତ୍ରଙ୍କ ଦକ୍ଷତା ବିକାଶ ଦିଗରେ କେନ୍ଦ୍ର ପ୍ରମୁଖ ଭୂମିକା ଗ୍ରହଣ କରୁଥିବାରୁ ସେ ଖୁସି ପ୍ରକାଶ କରିଥିଲେ। ଓଡ଼ିଶାର ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଏବଂ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ କମିଶନର ତଥା ଶାସନ ସଚିବ ଭୂପେନ୍ଦ୍ର ସିଂ ପୁନିଆ ପ୍ରମୁଖ ତାଙ୍କ ସହ ଉପସ୍ଥିତ ଥିଲେ। ଏହି ଅବସରରେ ବିଶ୍ୱ ଦକ୍ଷତା କେନ୍ଦ୍ରଠାରେ ଆୟୋଜିତ ବୈଠକରେ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶକ୍ତିକାନ୍ତ ଯୋଗଦେଇଥିଲେ। ଛାତ୍ରୀଛାତ୍ରଙ୍କୁ ଅନ୍ତର୍ଜାତୀୟ ଢାଞ୍ଚାରେ ତାଲିମ ପ୍ରଦାନ କରି ଆସନ୍ତା କାଲିର ଶିଳ୍ପସଂସ୍ଥା ପାଇଁ ଦକ୍ଷ ମାନବ ସମ୍ବଳ ସୃଷ୍ଟି କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ସେହିପରି ସରକାର, ଶିଳ୍ପ ସଂସ୍ଥା ଏବଂ ବିଭିନ୍ନ ଦକ୍ଷତା ବିକାଶ କେନ୍ଦ୍ର ମଧ୍ୟରେ ସମନ୍ୱୟ ରକ୍ଷା କରାଯାଇ ଦକ୍ଷତା ବିକାଶ କ୍ଷେତ୍ରକୁ ନୂଆ ଉଚ୍ଚତାକୁ ନେବା ଉପରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ କେନ୍ଦ୍ରର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରଶ୍ମିରଞ୍ଜନ ମହାପାତ୍ର, ବିଭାଗୀୟ ଅତିରିକ୍ତ ଶାସନ ସଚିବ ତଥା ବିଶ୍ୱ ଦକ୍ଷତା କେନ୍ଦ୍ରର ସିଓଓ ପିନାକୀ ପଟ୍ଟନାୟକ ଏବଂ ଅଧ୍ୟକ୍ଷ ଡ. ଶୁଭାଙ୍ଗ କିଶୋର ଦାସ ପ୍ରମୁଖ ଯୋଗଦେଇଥିଲେ।

## ଶିଶୁଭବନର ନାହିଁ ଫାୟାର ସେଫ୍ଟି ସାର୍ଟିଫିକେଟ

କଟକ,୪।୪(ଶିଲ୍ପା ପ୍ରିୟଦର୍ଶିନୀ)

- କାମଚଳା ପାଇଁ ଅବସରପ୍ରାପ୍ତ ଅଧିକାରୀଙ୍କୁ ଫାୟାର ସେଫ୍ଟି ସୁପରଭାଇଜର ଦାୟିତ୍ୱ
- ଆକ୍ଟିଭ ଫାୟାର ଫାଇଟିଂ ୟୁନିଟ୍ ପାଇଁ ବିଭାଗକୁ ଯାଇଛି ଚିଠି

ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଶିଶୁରୋଗ ପ୍ରତିଷ୍ଠାନ(ଶିଶୁଭବନ)ରେ ନାହିଁ ଫାୟାର ସାର୍ଟିଫିକେଟ। ମେଡିକାଲରେ ଶିଶୁ ରୋଗୀ ଓ ଅଭିଭାବକଙ୍କ ଜୀବନକୁ ମେଡିକାଲ କର୍ତ୍ତୃପକ୍ଷ ବିପଦକୁ ଠେଲି ଦେଇଛନ୍ତି। ନୂତନ କୋଠା କାର୍ଯ୍ୟକାରୀ ହେବାର ବର୍ଷେ ବିତିଥିଲେ ମଧ୍ୟ ଅଗ୍ନି ନିରାପତ୍ତାର କୌଣସି ବ୍ୟବସ୍ଥା କରାଯାଇ ନାହିଁ। ହେଲେ ଏବେ ଏସ୍‌ସିବି ଟ୍ରମା ଆଇସିୟୁ ଅଗ୍ନିକାଣ୍ଡ ଘଟଣା ପରେ ମେଡିକାଲ କର୍ତ୍ତୃପକ୍ଷଙ୍କ ଚେତା ପଶିଛି। ଗତ ମାର୍ଚ୍ଚରେ ଫାୟର ସାର୍ଟିଫିକେଟ ଓ ଏହାର ବ୍ୟବସ୍ଥା ପାଇଁ ମେଡିକାଲ ପକ୍ଷରୁ ପଞ୍ଜୀକରଣ କରାଯାଇଥିବା ସୂଚନା ମିଳିଛି। ମିଳିଥିବା ସୂଚନା ମୁତାବକ, ଶିଶୁଭବନର ନୂତନ ଜି ପ୍ଲସ-୫ କୋଠା ଗତବର୍ଷ ଏପ୍ରିଲରେ ଉଦ୍‌ଘାଟିତ ହୋଇଥିଲା। ମେଡିକାଲକୁ ହସ୍ତାନ୍ତର ହେବା ସମୟରେ କୋଠାର ଫାୟାର ସାର୍ଟିଫିକେଟ ନ ଥିଲା। ତେବେ ଏହାର ବିକଳ୍ପରେ ମେଡିକାଲରେ ଜଣେ ଅଗ୍ନିଶମ ବାହିନୀର ଅବସରପ୍ରାପ୍ତ ଅଧିକାରୀଙ୍କୁ ଫାୟାର ସେଫ୍ଟି ସୁପରଭାଇଜର ଭାବେ ନିୟୋଜିତ କରାଯାଇଛି। ସମ୍ପୃକ୍ତ ଅଧିକାରୀ ସମ୍ପୂର୍ଣ୍ଣ କୋଠାର ଦାୟିତ୍ୱ ରହିଛନ୍ତି। ଏସ୍‌ସିବି ଟ୍ରମା ଆଇସିୟୁ ଅଗ୍ନିକାଣ୍ଡ ଘଟଣା ପରେ ଫାୟାର ସେଫ୍ଟି ସାର୍ଟିଫିକେଟ ପଞ୍ଜୀକରଣ କରାଯିବା ସହ ଆକ୍ଟିଭ ଫାୟାର ଫାଇଟିଂ ୟୁନିଟ୍ ସିଷ୍ଟମର ବ୍ୟବସ୍ଥା ପାଇଁ ମେଡିକାଲ ପକ୍ଷରୁ ଅଗ୍ନିଶମ ବିଭାଗକୁ ଚିଠି ଲେଖାଯାଇଛି। ତେବେ ଏକବର୍ଷ ହେବ କାହିଁକି ମେଡିକାଲ କର୍ତ୍ତୃପକ୍ଷ ଏଦିଗରେ ତତ୍ପରତା ନ ଦେଖାଇ ବିପଦକୁ ଆମନ୍ତ୍ରଣ କରି ରହିଛନ୍ତି। ଅନ୍ୟପଟେ ଏସ୍‌ସିବି ଅଗ୍ନିକାଣ୍ଡ ଘଟଣା ପରେ ସମସ୍ତ ମେଡିକାଲରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନେଇ ତନାଘନା ହେବାରୁ ମେଡିକାଲ କର୍ତ୍ତୃପକ୍ଷଙ୍କ ଚେତା ପଶିଥିବା କୁହାଯାଉଛି। ଏସମ୍ପର୍କରେ ମେଡିକାଲ ଅଧୀକ୍ଷକ ପ୍ରଫେସର ଡା. ପ୍ରଭାକର ମିଶ୍ର କହିଛନ୍ତି, କୋଠା ହସ୍ତାନ୍ତର ସମୟରେ ବିଭାଗ ପକ୍ଷରୁ ଜଣେ ଅବସରପ୍ରାପ୍ତ ଅଧିକାରୀଙ୍କୁ ନିୟୋଜିତ କରିବାକୁ କୁହାଯାଇଥିଲା। ଏହାସହ ପୂର୍ବରୁ ଥରେ ପଞ୍ଜୀକରଣ କରାଯାଇଥିଲା କିନ୍ତୁ ସାର୍ଟିଫିକେଟ ମିଳି ପାରିନଥିଲା। ଏବେ ପୁନର୍ବାର ପଞ୍ଜୀକରଣ କରାଯାଇଛି ବୋଲି ସେ କହିଛନ୍ତି।

## ରୋଗୀଙ୍କ ସ୍ପିରିଟ୍ ୱାଶ୍ ଯୋଗୁ ବାଜିଲା ଆଲାର୍ମ, ଭୟରେ ଦୌଡ଼ିଲେ ଲୋକେ

କଟକ,୪।୪(ଶିଲ୍ପା ପ୍ରିୟଦର୍ଶିନୀ)

**ଏସ୍‌ସିବି ବର୍ନ ଆଇସିୟୁ**

ଏସ୍‌ସିବି ମେଡିକାଲକୁ ଘାରିଛି ନିଆଁର ଭୟ। କେଉଁଠି ଧୂଆଁ ବାହାରିଲେ ତ ଆଉ କେଉଁଠି ଫାୟାର ଆଲାର୍ମ ବାଜିଲେ ଜୀବନ ବଞ୍ଚାଇ ବିଭାଗରୁ ବାହାରକୁ ଧାଉଁଛନ୍ତି ଲୋକେ। ଏଭଳି ସ୍ଥିତି ଏବେ ନିତିଦିନ ଏସ୍‌ସିବିର ବିଭିନ୍ନ ବିଭାଗରେ ଦେଖିବାକୁ ମିଳିଛି। ଫାୟାର ଆଲାର୍ମ ବାଜିବାରୁ ଲୋକ ଭୟଭୀତ ହେଉଛନ୍ତି ଏବଂ ପରେ ନିଆଁ ଲାଗି ନ ଥିବା ସ୍ପଷ୍ଟ କରାଯାଉଛି। ଏଭଳି ଘଟଣା ମେଡିକାଲର ବର୍ନ ଆଇସିୟୁରେ ଶନିବାର ଘଟିଛି। ପୂର୍ବାହ୍ନ ପ୍ରାୟ ୧୧ଟାରେ ଉକ୍ତ ଆଇସିୟୁରେ ଫାୟାର ଆଲାର୍ମ ବାଜିବାରୁ ଭୟଭୀତ ହୋଇ ଲୋକେ ବାହାରକୁ ଚାଲିଆସିଥିଲେ। ସଙ୍ଗେ ସଙ୍ଗେ ଅଗ୍ନିଶମ ବାହିନୀକୁ ଅବଗତ କରାଯିବା ମାତ୍ରେ ଘଟଣାସ୍ଥଳରେ ଟିମ୍ ପହଞ୍ଚି ଯାଞ୍ଚ କରିଥିଲା। ତେବେ ଏହା ଫଲ୍ସ ବା ମିଛ ଆଲାର୍ମ ବାଜିଥିବା ଜଣାପଡ଼ିଛି। ଆଇସିୟୁରେ ରୋଗୀଙ୍କ ସ୍ପିରିଟ୍‌ରେ ୱାଶ୍ କରାଯିବା ସମୟରେ ଏହାର ଧୂଆଁ ଯୋଗୁ ଏଭଳି ଆଲାରାମ ବାଜିଥିବା ଅଗ୍ନିଶମ ବିଭାଗ ଅଧିକାରୀ ପ୍ରକାଶ କୁମାର ପରିଡା ସୂଚନା ଦେଇଛନ୍ତି। ସୂଚନାଥାଉକି, ଗତ ୧୫ ତାରିଖ ବିଳମ୍ବିତ ରାତିରେ ଏସ୍‌ସିବି ମେଡିକାଲର ଟ୍ରମା ଆଇସିୟୁରେ ଅଗ୍ନିକାଣ୍ଡ ଘଟଣାରେ ୧୩ଜଣଙ୍କ ମୃତ୍ୟୁ ହୋଇଥିଲା। ଏହି ଘଟଣାର ବିଚାର ବିଭାଗୀୟ ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ତେବେ ଏସ୍‌ସିବିର ଏହି ଆଇସିୟୁରେ ଅଗ୍ନିକାଣ୍ଡ ପରେ ମେଡିକାଲର ନ୍ୟୁମେଡିସିନ ବହିର୍ବିଭାଗ, ନନ୍‌ଟ୍ରମା କାଜୁଆଲ୍‌ଟି, ଦନ୍ତ ବହିର୍ବିଭାଗ, ପ୍ଲାଷ୍ଟିକ ସର୍ଜରି ବହିର୍ବିଭାଗରେ ନିଆଁ ଲାଗିଥିଲା।


ବନଲତା କ୍ରିଏଟିଭ୍ ପକ୍ଷରୁ ଶନିବାର ଭୁବନେଶ୍ୱର ଭଞ୍ଜକଳା ମଣ୍ଡପରେ ପରିବେଷିତ ନାଟକ 'ଅଶାନ୍ତର ଅବବୋଧ'ର ଏକ ଦୃଶ୍ୟ।

## ମେଡିସିନ ଦେବାକୁ କହି ୩୭ ଲକ୍ଷ ଠକେଇ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୪।୪(ତ୍ରିନାଥ ମହାନ୍ତି): ମେଡିସିନ ଦେବାକୁ କହି ୩୭ଲକ୍ଷ ଟଙ୍କାଠକେଇ କରିବା ଅଭିଯୋଗରେ କ୍ୟାପିଟାଲ ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଡେଲାଙ୍ଗର ବବୁଲ ମହାରଣା। ଅଭିଯୋଗ ଅନୁସାରେ, ଅଶୋକ ନଗରରେ ବବୁଲଙ୍କ ଏକ ମେଡିସିନ୍ ଷ୍ଟୋର ରହିଛି। ଏହି ସମୟରେ ପ୍ରକାଶ ଟିବିରବାଲଙ୍କ ସହ ପରିଚୟ ହେବାପରେ ତାଙ୍କୁ ଶସ୍ତାରେ ମେଡିସିନ୍ ଦେବାକୁ କହିଥିଲେ। ଏପରିକି ତାଙ୍କ ନାମରେ ଜାଲ୍ କାଗଜପତ୍ର ମଧ୍ୟ ଦେଇଥିଲେ। ପ୍ରକାଶ ବିଶ୍ୱାସ କରି ୨୦୨୧ରେ ୩୭ଲକ୍ଷ ଟଙ୍କା ଦେଇଥିଲେ। ହେଲେ ଟଙ୍କା ନେବା ପରେ ଆଉ ମେଡିସିନ୍ ଦେଇ ନ ଥିଲେ କି ଟଙ୍କା ଫେରାଇ ନ ଥିଲେ। ଏନେଇ ପ୍ରକାଶ ଥାନାର ଦ୍ୱାରସ୍ଥ ହୋଇଥିଲେ।

# ସାହିଯାତରେ ସେତୁବନ୍ଧ ନୀତି ସମ୍ପନ୍ନ

ପୁରୀ,୪।୪(ଅଜିତ୍ କୁମାର ମହାନ୍ତି)


ସେତୁବନ୍ଧ ପ୍ରତିଷ୍ଠା ପାଇଁ ବାଲିସାହିର ବଧରାବଣ ଜଗନ୍ନାଥବଲ୍ଲଭକୁ ନୀତି ପାଇଁ ଯାଉଛନ୍ତି।

ପବିତ୍ର ରାମ ନବମୀଠାରୁ ଶ୍ରୀକ୍ଷେତ୍ରରେ ସାହିଯାତ ଆରମ୍ଭ ହୋଇଛି। ସାହିଯାତ କ୍ରମରେ ବାଲିସାହି ଆଖଡ଼ା ପକ୍ଷରୁ ସେତୁବନ୍ଧ ନୀତି ସମ୍ପନ୍ନ ହୋଇଛି। ରାମାୟଣର ଧାରା ଅନୁଯାୟୀ, ବିଭିନ୍ନ ସାହି ପକ୍ଷରୁ ଯଥାକ୍ରମେ ରାମଜନ୍ମ, ପର୍ଶୁରାମଙ୍କ ଯଜ୍ଞରକ୍ଷା ପ୍ରସ୍ତାବ, ସୀତା ବିବାହ, ବନବାସ ଓ ସୀତାଚୋରି ନୀତି ସହ ଲଙ୍କାପୋଡ଼ି ନୀତି ସମ୍ପନ୍ନ କରିଛନ୍ତି। ହନୁମାନଙ୍କଠାରୁ ସୀତାଙ୍କ ଠିକଣା ପାଇବା ପରେ ପ୍ରଭୁ ଶ୍ରୀରାମ ସମୁଦ୍ରରେ ସେତୁ ବାନ୍ଧି ଲଙ୍କାରେ ପହଞ୍ଚିଛନ୍ତି। ଏହି ସେତୁକୁ ନୀତି ମୁତାବକ ପ୍ରତିଷ୍ଠା କରିବା ପାଇଁ ଶ୍ରୀରାମଙ୍କ ପ୍ରସ୍ତାବକୁ ରକ୍ଷା କରି ମହାଜ୍ଞାନୀ ରାବଣ ଜଗନ୍ନାଥବଲ୍ଲଭ ପରିସରରେ ସେତୁବନ୍ଧ ପ୍ରତିଷ୍ଠା କରିଛନ୍ତି। ତେବେ ପରମ୍ପରା ଅନୁଯାୟୀ, ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ସନ୍ଧ୍ୟାଧୂପ ସରିବା ପରେ ଦକ୍ଷିଣୀ ଘରୁ ଶ୍ରୀରାମଚନ୍ଦ୍ର ଓ ଶ୍ରୀଲକ୍ଷ୍ମଣଙ୍କ ପ୍ରତିମୂର୍ତ୍ତିକୁ ମହାଜନ ସେବକମାନେ ରତ୍ନସିଂହାସନ ନିକଟକୁ ନେଇଥିଲେ। ପାଳିଆ ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କଠାରୁ ଆଜ୍ଞାମାଳ ଆଣି ଚଳନ୍ତି ପ୍ରତିମା ଶ୍ରୀରାମ ଓ ଲକ୍ଷ୍ମଣଙ୍କୁ ପ୍ରଦାନ କରିଥିଲେ। ଠାକୁରଙ୍କୁ ମୁକ୍ତିମଣ୍ଡପ ନିକଟ ପାଲିଙ୍କିରେ ବିଜେ କରାଯାଇଥିଲା। ଠାକୁର ସାହିଯାତ ନୀତି ପାଇଁ ଜଗନ୍ନାଥବଲ୍ଲଭକୁ ବିଜେ କରିଥିଲେ। ଠାକୁରଙ୍କୁ ମଠ ଖଟଶେଯ ଉପରକୁ ବିଜେ କରାଯାଇଥିଲା। ପରେ ବାଲିସାହି ଆଖଡ଼ା ପକ୍ଷରୁ ସେତୁବନ୍ଧ ପ୍ରତିଷ୍ଠା ନୀତି ପ୍ରସ୍ତାବ ଆଗତ କରାଯାଇଥିଲା। ରାବଣ ଭୂମିକାରେ ବାଲିସାହି ପକ୍ଷରୁ ନରସିଂହ ସୁଆର ସାହି ପରିକ୍ରମା କରି ହରଚଣ୍ଡୀ ସାହିରେ ନୃତ୍ୟ ପରିବେଷଣ କରିଥିଲେ। ପରେ ଯମେଶ୍ୱର ମହାଦେବଙ୍କୁ ପୂଜା କରି ଜଗନ୍ନାଥବଲ୍ଲଭ ଆସିଥିଲେ। ସେଠାରେ ରାବଣ ପକ୍ଷରୁ ସେତୁ ବନ୍ଧ ପ୍ରତିଷ୍ଠା ନୀତି ସମ୍ପାଦନ କରିଥିଲେ। ଶୀତଳଭୋଗ ମଣୋହି ପରେ ଠାକୁର ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ। ଶ୍ରୀମନ୍ଦିରରେ ରାମନବମୀରେ ରାମଜନ୍ମ ନୀତି ଠାରୁ ଶ୍ରୀକ୍ଷେତ୍ରରେ ଆରମ୍ଭ ହୋଇଥିବା ସାହିଯାତ ରାମ ଅଭିଷେକ ନୀତିରେ ଶେଷ ହେବ।

ସେଲ୍‌ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ବିଜୟ


@ ପ୍ରିୟଙ୍କା


@ ହୋଲିଆ


@ ବାପୁ


@ ଓମ୍‌ପ୍ରସାଦ


@ ଶିବପ୍ରସାଦ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ନୂଆପାଟଣାରୁ ୩୬ ବେଆଇନ ଗ୍ୟାସ୍ ସିଲିଣ୍ଡର ଜବତ

ଟିଗିରିଆ,୪।୪(ଜାଫର ଖାଁ)

ମଧ୍ୟପ୍ରାଚ୍ୟରେ ଦେଖାଦେଇଥିବା ଯୁଦ୍ଧର ବିଭୀଷିକା ମଧ୍ୟରେ ରାଜ୍ୟରେ ଏଲପିଜି ସିଲିଣ୍ଡରର ଅଭାବ ଦେଖାଦେଇଛି। କଟକ ଜିଲା ଟିଗିରିଆ ବ୍ଲକ ମଧ୍ୟ ଏଥିରୁ ବାଦ ପଡ଼ି ନାହିଁ। ଏହି ପରିପ୍ରେକ୍ଷୀରେ କଳାବଜାରୀମାନେ ସକ୍ରିୟ ହୋଇ ଗ୍ୟାସ ସିଲିଣ୍ଡରକୁ ୨ ଗୁଣାରୁ ଅଧିକ ମୂଲ୍ୟରେ ବିକ୍ରି କରୁଥିବା ଅଭିଯୋଗ ହୋଇଛି। ଏହିକ୍ରମରେ ଶନିବାର ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଆଠଗଡ଼ ଉପଖଣ୍ଡ ସହକାରୀ ଯୋଗାଣ ଅଧିକାରୀ ବିଷ୍ଣୁଚରଣ ପରିଡାଙ୍କ ନେତୃତ୍ୱରେ ନୂଆପାଟଣାରେ ଚଢ଼ାଉ କରାଯାଇ ୩୬ ଗ୍ୟାସ ସିଲିଣ୍ଡର ଜବତ କରାଯାଇଛି। ଜବତ ସିଲିଣ୍ଡର ମଧ୍ୟରେ ୩୪ଟି ଘରୋଇ ହୋଇଥିବା ବେଳେ ୨ ଟି ବାଣିଜ୍ୟିକ ଥିବା ଜଣାପଡିଛି। ୩୪ଟି ଘରୋଇ ସିଲିଣ୍ଡର ମଧ୍ୟରୁ ୧୮ ଗ୍ୟାସ ପୂର୍ଣ୍ଣ ଥିବାବେଳେ ୧୬ ଖାଲି ରହିଛି। ସେହିପରି ଜବତ ୨ଟି ବାଣିଜ୍ୟିକ ସିଲିଣ୍ଡର ଖାଲି ଅଛି।

ଜାନୁଆରୀ ୭ରେ କୈଳାସ ଦାସଙ୍କ ଦୋକାନରେ ଚଢ଼ାଉ କରାଯାଇ ୧୬୩ଟି ଜବତ ହୋଇଥିବା ବେଳେ ଶନିବାର ମଧ୍ୟ ଚଢ଼ାଉ କରାଯାଇ ୧୨ ଘରୋଇ ଓ ଗୋଟିଏ ବାଣିଜ୍ୟିକ ସିଲିଣ୍ଡର ଜବତ କରାଯାଇଛି। ବିଶେଷ ସୂତ୍ରରୁ ସୂଚନାପାଇ ନିକଟସ୍ଥ ୨ଟି ତାଲା ପଡିଥିବା ଘରେ ବେଆଇନ ଗ୍ୟାସ ସିଲିଣ୍ଡର ଗଚ୍ଛିତ ଥିବା ଯୋଗାଣ ଅଧିକାରୀ ପରିଡା, ଅତିରିକ୍ତ ତହସିଲଦାର ଗଙ୍ଗାଧର ନାୟକ ଓ ସ୍ଥାନୀୟ ପୋଲିସ କର୍ମଚାରୀଙ୍କ ଉପସ୍ଥିତିରେ ଘରର ତାଲା ଭାଙ୍ଗି ଭିତରୁ ୨୨ ଘରୋଇ ଓ ୧ଟି ବାଣିଜ୍ୟିକ ସିଲିଣ୍ଡର ଜବତ ହୋଇଥିବା ଉପଖଣ୍ଡ ସହକାରୀ ଯୋଗାଣ ଅଧିକାରୀ ପରିଡା ସୂଚନା ଦେଇଛନ୍ତି।

### ପୁରୀରୁ ୮୭ ସିଲିଣ୍ଡର ଜବତ

ପୁରୀ,୪।୪(ଅଜିତ୍ କୁମାର ମହାନ୍ତି) ଗ୍ୟାସ ଯୋଗାଣକୁ ସୁନିୟନ୍ତ୍ରିତ କରିବା ସହ କଳାବଜାର କରୁଥିବା ଅସାଧୁଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଯୋଗାଣ ବିଭାଗ ତତ୍ପରତା ପ୍ରକାଶ କରିଛି। ଜିଲା ପ୍ରଶାସନ ପୋଲିସ ପ୍ରଶାସନ ପକ୍ଷରୁ କଡ଼ା ନଜର ଦିଆଯାଉଛି। ଏହି ପରିପ୍ରେକ୍ଷୀରେ ବାଟମଙ୍ଗଳା ନିକଟରେ ଥିବା ଏକ ଗାଡ଼ି ଶୋ ରୁମ ସମ୍ମୁଖରୁ ୮୭ଟି ଗ୍ୟାସ ସିଲିଣ୍ଡର ଜବତ କରାଯାଇଛି। ଏଥିମଧ୍ୟରେ ଘରୋଇ ସିଲିଣ୍ଡର ୩୫ଟି, ବାଣିଜ୍ୟିକ ସିଲିଣ୍ଡର ୨ଟି, ୫ କି.ଗ୍ରା ଲୋଗ୍ରାମ ସିଲିଣ୍ଡର ୪୫ଟି, ୪ କି.ଗ୍ରା. ସିଲିଣ୍ଡର ଗୋଟିଏ ଓ ୨ କିଲୋ ସିଲିଣ୍ଡର ୪ଟି ରହିଛି। ଏହିପରି ବଡ ସିଲଣ୍ଡର ୩୭ ଓ ଛୋଟ ସିଲିଣ୍ଡର ୫୦ଟି ମୋଟ ୮୭ ନମ୍ବର ସିଲିଣ୍ଡର ଜବତ କରାଯାଇଛି।

# ଓଡ଼ିଆରେ ନାମଫଳକ ପାଇଁ ସଚେତନତା ପଦଯାତ୍ରା

ଭୁବନେଶ୍ୱର,୪।୪(ବନ୍ଦନା ସେଠୀ)

ଓଡ଼ିଆ ପକ୍ଷ ପାଳନ ଅବସରରେ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ପକ୍ଷରୁ ସମସ୍ତ ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନଗୁଡ଼ିକରେ ଓଡ଼ିଆ ଭାଷାରେ ସ୍ପଷ୍ଟ ଭାବେ ନାମଫଳକ ପ୍ରଦର୍ଶନ ପାଇଁ ବ୍ୟାପକ ସଚେତନତା ଅଭିଯାନ ଓ ପଦଯାତ୍ରା ଶନିବାର ଅନୁଷ୍ଠିତ ହୋଇଯାଇଛି। ଲୋୟର ପିଏମ୍‌ଜିଠାରୁ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆୟୋଜିତ ଏହି ପଦଯାତ୍ରାରେ ୨୦୦ରୁ ଅଧିକ ବ୍ୟକ୍ତି ସାମିଲ ହୋଇ ଓଡ଼ିଆ ଭାଷାର ପ୍ରସାର ପାଇଁ ସଂକଳ୍ପ ନେବା ସହ ଅନ୍ୟମାନଙ୍କୁ ସଚେତନ କରାଇଥିଲେ। ପଦଯାତ୍ରାକୁ ଶ୍ରମ ଆୟୁକ୍ତ ଇନ୍ଦ୍ରମଣି ତ୍ରିପାଠୀ ଉଦ୍‌ଘାଟନ କରି କହିଲେ, ଶନିବାରରୁ ମଙ୍ଗଳବାର ପର୍ଯ୍ୟନ୍ତ ୪ଦିନ ଧରି ବିଭାଗୀୟ ଅଧିକାରୀମାନେ ବିଭିନ୍ନ ଦୋକାନ ଓ ବ୍ୟବସାୟିକ ଅନୁଷ୍ଠାନ ପରିଦର୍ଶନ କରିବେ। ଓଡ଼ିଆରେ ନାମଫଳକ ସ୍ପଷ୍ଟ ଭାବେ ଲଗାଯାଇ ନ ଥିବା ପ୍ରତିଷ୍ଠାନରେ ବ୍ୟବସାୟୀମାନଙ୍କୁ ନିର୍ଭୁଲ୍ ଭାବେ ଓଡ଼ିଆ ନାମଫଳକ ଲେଖିବାକୁ ଅନୁରୋଧ କରାଯିବ। ଆମ ଭାଷା ଆମର ପରିଚୟ ଓ ଗର୍ବ ହୋଇଥିବାରୁ ପ୍ରତ୍ୟେକ ବ୍ୟବସାୟ ସ୍ଥଳରେ ଏହାର ବ୍ୟବହାରକୁ ସୁନିଶ୍ଚିତ କରିବା ଆମ ସମସ୍ତଙ୍କର ସାମୂହିକ ଦାୟିତ୍ୱ ବୋଲି ସେ ପ୍ରକାଶ କରିଥିଲେ। ଅତିରିକ୍ତ ଶ୍ରମ ଆୟୁକ୍ତ ମଦନ ମୋହନ ପାଇକ, ଯୁଗ୍ମ ଶ୍ରମ ଆୟୁକ୍ତ ବିଶ୍ୱଜିତ ମହନ୍ତ ମହାପାତ୍ର ଓ ଭାରତୀ ସିଥା, ପ୍ରଭାଗୀୟ ଶ୍ରମ ଆୟୁକ୍ତ ବନାନୀ ମହାପାତ୍ର, ଖୋର୍ଦ୍ଧା ପ୍ରଭାଗୀୟ ଶ୍ରମ ଆୟୁକ୍ତ ଅଜୟ ପ୍ରଧାନ, ଜିଲା ଶ୍ରମ ଅଧିକାରୀ ପ୍ରଭାକର ବିଶ୍ୱାଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଓଡ଼ିଶା ଦୋକାନ ଏବଂ ବାଣିଜ୍ୟ ପ୍ରତିଷ୍ଠାନ ଆଇନ ଅନୁଯାୟୀ ପ୍ରତ୍ୟେକ ବ୍ୟବସାୟିକ ଅନୁଷ୍ଠାନରେ ଓଡ଼ିଆ ଭାଷାରେ ସ୍ପଷ୍ଟ ଓ ନିର୍ଭୁଲ୍ ଭାବେ ନାମଫଳକ ଲେଖିବା ବାଧ୍ୟତାମୂଳକ। ଏହି ଆଇନର ଧାରା ୩୫ ଅନୁଯାୟୀ, କୌଣସି ପ୍ରତିଷ୍ଠାନ ନିୟମ ଉଲ୍ଲଂଘନ କଲେ ସେମାନଙ୍କୁ କଠୋର ଆର୍ଥିକ ଜରିମାନାର ସମ୍ମୁଖୀନ ହେବାକୁ ପଡ଼ିବ। ପ୍ରଥମଥର ନିୟମ ଖିଲାପ ପାଇଁ ୫,୦୦୦ରୁ ୧୦,୦୦୦ ଟଙ୍କା ଏବଂ ଦ୍ୱିତୀୟ ବା ପରବର୍ତ୍ତୀ ଉଲ୍ଲଂଘନ ପାଇଁ ୧୦,୦୦୦ ଟଙ୍କାରୁ ୨୦,୦୦୦ ଟଙ୍କା ପର୍ଯ୍ୟନ୍ତ ଜରିମାନା ବ୍ୟବସ୍ଥା ରହିଛି। ଏହି ସଚେତନତା ଅଭିଯାନ ମାଧ୍ୟମରେ ସହରର ବ୍ୟବସାୟୀଙ୍କୁ ଆଇନ ସମ୍ପର୍କରେ ଅବଗତ କରାଯିବା ସହ ଓଡ଼ିଆ ଭାଷାର ମର୍ଯ୍ୟାଦା ରକ୍ଷା ପାଇଁ ଆହ୍ୱାନ ଦିଆଯାଇଛି।



ସଚେତନତା ପଦଯାତ୍ରାକୁ ଶ୍ରମ ଆୟୁକ୍ତ ଇନ୍ଦ୍ରମଣି ତ୍ରିପାଠୀ ଉଦ୍‌ଘାଟନ କରୁଛନ୍ତି।

## ସମସ୍ତ ଅନୁଷ୍ଠାନକୁ ଓଡ଼ିଆରେ ନାମଫଳକ ଲେଖିବାକୁ ଆହ୍ୱାନ ଦେଲେ ମନ୍ତ୍ରୀ

ଭୁବନେଶ୍ୱର,୪।୪ (ସୌମ୍ୟରଞ୍ଜନ ରାଉତ)

ଓଡ଼ିଆରେ ସ୍ପଷ୍ଟ ଭାବେ ନାମ ଫଳକ ଲେଖିବାକୁ ସମସ୍ତ ବ୍ୟବସାୟିକ ପ୍ରତିଷ୍ଠାନ, ସରକାରୀ ଓ ବେସରକାରୀ ଅନୁଷ୍ଠାନକୁ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଆହ୍ୱାନ ଦେଇଛନ୍ତି। ସେ କହିଛନ୍ତି, ଏପ୍ରିଲ ୧ରୁ ୧୪ ତାରିଖ ପର୍ଯ୍ୟନ୍ତ ଓଡ଼ିଆ ପକ୍ଷ ପାଳନ ହେଉଛି। ଏଥିସହ ପ୍ରତ୍ୟେକ ଦିନ ଆମେ ଓଡ଼ିଆତ୍ୱ ଆଧାରିତ ବିଷୟବସ୍ତୁକୁ ସମର୍ପିତ କରୁଛୁ। ଏହି ପରିପ୍ରେକ୍ଷୀରେ ଶନିବାର ପାଳନ ହୋଇଛି 'ଓଡ଼ିଆରେ ନାମଫଳକ ଲେଖା ଅଭିଯାନ' ସଚେତନତା ପଦଯାତ୍ରା। ସାରା ରାଜ୍ୟରେ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ଏହାର ନେତୃତ୍ୱ ନେଉଛି। ଓଡ଼ିଆରେ ନାମ ଫଳକ ଲେଖିବାକୁ ସମସ୍ତେ ସଚେତନ ହୁଅନ୍ତୁ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ଏହି ଆହ୍ୱାନ ଦେଇଛନ୍ତି। ତେଣୁ ସମସ୍ତେ ଏହାକୁ ପାଳନ କରିବାକୁ ସଂସ୍କୃତି ମନ୍ତ୍ରୀ ଅନୁରୋଧ କରିଛନ୍ତି। ସବୁ କଥାକୁ ଆମେ ନାଲିଆଖି ଦେଖେଇ କାଗଜରେ ନାଲିଗାର ପକାଇ କରିବା ନାହିଁ। ଯେ ପର୍ଯ୍ୟନ୍ତ ଆମର ଏହି ସଚେତନତା ଜନ ଆନ୍ଦୋଳନରେ ପରିଣତ ନ ହୋଇଛି ବା ସମାଜରେ ସହଯୋଗ ନ ମିଳିଛି, ସେପର୍ଯ୍ୟନ୍ତ ଏପରି ଅଭିଯାନ ଜାରି ରହିବ ବୋଲି ମନ୍ତ୍ରୀ ସୂର୍ଯ୍ୟବଂଶୀ କହିଛନ୍ତି।



ସୂର୍ଯ୍ୟବଂଶୀ ସୂରଜ



ଓଡ଼ିଆ ନବବର୍ଷ ଉପଲକ୍ଷେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପ୍ରକାଶିତ ମହାପ୍ରଭୁଙ୍କ ଯାନିଯାତ୍ରା ଓ ପର୍ବପର୍ବାଣି ସମ୍ପର୍କିତ କ୍ୟାଲେଣ୍ଡର ଦେବାର୍ପଣ ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ଲୋକସେବା ଭବନରେ ଲୋକାର୍ପଣ କରୁଛନ୍ତି। ନିକଟରେ ଅଛନ୍ତି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ପ୍ରଭାତୀ ପରିଡ଼ା, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଉନ୍ନୟନ କମିଶନର ଦେଓରଞ୍ଜନ କୁମାର ସିଂ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ।

# ନିର୍ଦ୍ଦିଷ୍ଟ ଶିଳ୍ପପତିଙ୍କୁ ଲାଭ ଦେବାକୁ ଯୋଜନା: ଶ୍ରୀକାନ୍ତ

## ପଲାସା-ଇଚ୍ଛାପୁରମ୍ ସେକ୍ସନକୁ ବାଦ୍‌ଦେବା ନେଇ ତେଜିଲା ବିରୋଧ

- ଏକାଠି ହେଲେ ବିରୋଧୀ, ପୂର୍ବତଟ ରେଳପଥ ଘେରିବେ
- ଖୋର୍ଦ୍ଧା ଡିଭିଜନର କିଛି କ୍ଷତି ହେବନାହିଁ: ମନ୍ତ୍ରୀ

ଭୁବନେଶ୍ୱର, ୪।୪ (ବନ୍ଦନା ସେଠୀ)

ପଲାସା-ଇଚ୍ଛାପୁରମ୍ ସେକ୍ସନକୁ ପୂର୍ବତଟ ରେଳପଥରୁ କାଢି ଦକ୍ଷିଣତଟ ରେଳପଥରେ ସାମିଲ କରିବା ନେଇ ଭାରତ ସରକାରଙ୍କ ନିଷ୍ପତ୍ତି ନିନ୍ଦନୀୟ। ପୂର୍ବତଟ ରେଳପଥରୁ ୱାଲ୍‌ଟିଅର ଡିଭିଜନକୁ ଅଲଗା କରି ଦକ୍ଷିଣତଟ ରେଳପଥରେ ସାମିଲ କରାଯିବା ଯୋଗୁ ଓଡ଼ିଶାର ବ୍ୟାପକ କ୍ଷତି ହେଲା। ଦେଶର ୧୯ଟି ଜୋନ୍‌ରେ ଏକ ନମ୍ବର ସ୍ଥାନରେ ରହିଥିବା ପୂର୍ବତଟ ରେଳପଥ ଏବେ ତଳକୁ ଖସି ୧୦ ନମ୍ବର ସ୍ଥାନକୁ ଆସିଲା। ୨୫ବର୍ଷ ଭିତରେ ପୂର୍ବତଟ ରେଳପଥ ଅଧୀନରେ ଥିବା ୱାଲ୍‌ଟିୟର ଡିଭିଜନ୍ ୩ଲକ୍ଷ କୋଟିର ଲାଭ ଭାରତୀୟ ରେଳକୁ ଦେଇଥିଲା, ତାକୁ ଏବେ ହତ୍ୟା କରାଯାଇଛି। କେନ୍ଦ୍ର ସରକାରଙ୍କ ଏହି ନିଷ୍ପତ୍ତିରୁ ଲାଗୁଛି ଭାରତୀୟ ରେଳକୁ ରାଜ୍ୟକୈନ୍ଦ୍ରିକ କରିବାର ପ୍ରୟାସ ଆରମ୍ଭ ହୋଇଛି। ନିର୍ଦ୍ଦିଷ୍ଟ ଶିଳ୍ପପତିଙ୍କୁ ଲାଭ ଦେବା ଲାଗି ଏପରି ଯୋଜନା ନିନ୍ଦନୀୟ ବୋଲି ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା କହିଛନ୍ତି। ପଲାସା-ଇଚ୍ଛାପୁରମ୍ ରେଳ ସେକ୍ସନକୁ ପୂର୍ବତଟ ରେଳପଥ ଜୋନ୍‌ରୁ ଦକ୍ଷିଣତଟ ରେଳପଥକୁ ସ୍ଥାନାନ୍ତରଣକୁ ନେଇ ବିରୋଧ ତେଜିବା ସହ ରାଜନୀତି ଆରମ୍ଭ ହୋଇଛି। ରେଳ ମନ୍ତ୍ରଣାଳୟର ଏହି ନିଷ୍ପତ୍ତିକୁ ବିରୋଧ କରି ବିରୋଧୀ ଦଳଗୁଡିକ ଏକଜୁଟ୍ ହୋଇଛନ୍ତି। ଶନିବାର ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ରାଜ୍ୟର ୧୦ ବିରୋଧୀ ଦଳର ମିଳିତ ବୈଠକରେ ଶ୍ରୀକାନ୍ତ ଏହି ପ୍ରସଙ୍ଗକୁ ନେଇ ସିଧା ସରକାରଙ୍କୁ ଟାର୍ଗେଟ କରିଛନ୍ତି। ଏଥିସହ ଅନ୍ୟ ଦଳର ନେତୃବୃନ୍ଦ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିବାବେଳେ ଏହା ବିରୋଧରେ ବଡ଼ ଆନ୍ଦୋଳନ ପାଇଁ ନିଷ୍ପତ୍ତି ନିଆଯାଇଛି।

ନେତୃବୃନ୍ଦଙ୍କ ଅଭିଯୋଗ ହେଲା, ୨୦୧୯ରେ କେନ୍ଦ୍ର ସରକାର ଦକ୍ଷିଣତଟ ରେଳପଥ ଜୋନ୍ ଗଠନ ନେଇ ଘୋଷଣା କରିଥିଲେ। ଗତ ୨ ତାରିଖରେ ରେଳ ବୋର୍ଡ ପଲାସା-ଇଚ୍ଛାପୁରମ୍ (ପ୍ରାୟ ୫୦ କି.ମି.) ରେଳ ସେକ୍ସନକୁ ପୂର୍ବତଟ ରେଳପଥର ଖୋର୍ଦ୍ଧା ରୋଡ୍ ଡିଭିଜନରୁ ଦକ୍ଷିଣତଟ ରେଳପଥର ବିଶାଖାପାଟଣା ଡିଭିଜନକୁ ସ୍ଥାନାନ୍ତର କରିବା ପାଇଁ ନୋଟିସ ଜାରି କରିଛନ୍ତି। ଏହି ବିଭାଗ ହାଓଡ଼ା-ଚେନ୍ନାଇ ମୁଖ୍ୟ ରେଳପଥର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଂଶ। ତେବେ ଏହି ସ୍ଥାନାନ୍ତରଣ ଫଳରେ ପୂର୍ବତଟ ରେଳପଥର ଆକାର କମିବା ସହ ରାଜସ୍ୱ ହ୍ରାସ ହେବ। ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର ଭାରତୀୟ ରେଳପଥକୁ ରାଜ୍ୟଭିତ୍ତିକ କରିବା ପାଇଁ ଯୋଜନା କରିବା ନିନ୍ଦନୀୟ। ଏହାକୁ ବିରୋଧ କରି ପୂର୍ବତଟ ରେଳପଥ ଜୋନ୍ ଅଫିସ ସମ୍ମୁଖରେ ଖୁବ୍‌ଶୀଘ୍ର ଗଣଧାରଣା ଦିଆଯିବ ବୋଲି ମିଳିତ ବିରୋଧୀ ଦଳ ଘୋଷଣା କରିଛି। ଏଥିସହିତ ଦକ୍ଷିଣ-ପୂର୍ବ ଏବଂ ଦକ୍ଷିଣ ପୂର୍ବ-କେନ୍ଦ୍ରୀୟ ରେଳପଥ ସହିତ ଥିବା ସୁନ୍ଦରଗଡ଼, ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର ଓ ଝାରସୁଗୁଡ଼ା ଜିଲାର ରେଳ ସେକ୍ସନଗୁଡ଼ିକୁ ପୂର୍ବତଟ ରେଳପଥ ଜୋନ୍‌ରେ ଅନ୍ତର୍ଭୁକ୍ତ କରିବା, ରାଉରକେଲାରେ ନୂତନ ରେଳ ଡିଭିଜନ ତୁରନ୍ତ ଘୋଷଣା କରିବା ଏବଂ ପଲାସା-ଇଚ୍ଛାପୁରମ୍ ବିଭାଗ ସ୍ଥାନାନ୍ତରଣ ପାଇଁ ଓଡ଼ିଶାକୁ ଯଥୋଚିତ କ୍ଷତିପୂରଣ ଘୋଷଣା ପାଇଁ ଦାବି କରାଯାଇଛି। ବୈଠକରେ କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି, ବିଜେଡିର ବରିଷ୍ଠ ନେତା ଲେନିନ ମହାନ୍ତି, ସିପିଆଇ ରାଜ୍ୟ ସହ ସମ୍ପାଦକ କ୍ଷୀରୋଦ କୁମାର ସିଂଦେଓ, ଜୟନ୍ତ ଦାସ, ସିପିଆଇ(ଏମ୍) ରାଜ୍ୟ ସମ୍ପାଦକ ସୁରେଶ ଚନ୍ଦ୍ର ପାଣିଗ୍ରାହୀ, ବରିଷ୍ଠ ନେତା ଅଳି କିଶୋର ପଟ୍ଟନାୟକ, ବଦ୍ରି ନାରାୟଣ ଦାଶ, ସିପିଆଇ(ଏମ୍‌ଏଲ୍)-ଲିବରେଶନ ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର, କଂଗ୍ରେସ ମିଡିଆ ସେଲ୍ ଅଧ୍ୟକ୍ଷ ଅରବିନ୍ଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

ଏହି ପ୍ରସଙ୍ଗକୁ ନେଇ ରାଜ୍ୟ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତିଭୂଷଣ ଜେନା କହିଛନ୍ତି, ଯାହା କରାଯାଇଛି ସେଥିରେ ସମସ୍ତଙ୍କ ସୁବିଧା ହେବ। ସେହି ସେକ୍ସନ ଯେହେତୁ ଆନ୍ଧ୍ର ପ୍ରଦେଶରେ ୱାଲ୍‌ଟିୟର ଡିଭିଜନ ଅଧୀନରେ ଥିଲା ସେଥିଲାଗି ଏହି ନିଷ୍ପତ୍ତି ନିଆଯାଇଛି। ଏହାଦ୍ୱାରା ଖୋର୍ଦ୍ଧା ଡିଭିଜନର କିଛି କ୍ଷତି ହେବନାହିଁ। ବରଂ ଓଡିଶା ପାଇଁ ଅଧିକ ସୁବିଧା ହେବ ବୋଲି ମନ୍ତ୍ରୀ କହିଛନ୍ତି। ଭାଜପା ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ କହିଛନ୍ତି, ଓଡ଼ିଶାର କ୍ଷତିକୁ ଟିକେ ହେଲେ ବରଦାସ୍ତ କରାଯିବ ନାହିଁ।



ବୈଠକରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନାଙ୍କ ସହ ୧୦ ବିରୋଧୀ ଦଳର ନେତୃବୃନ୍ଦ।

# ଆଇଗଟ୍ ମୂଲ୍ୟାଙ୍କନ ତଥ୍ୟ ନ ଥିଲେ ପିଏଆର୍ ଅସମ୍ପୂର୍ଣ୍ଣ

## ଅଧିକାରୀଙ୍କୁ ସରକାରଙ୍କ ତାଗିଦ

ଭୁବନେଶ୍ୱର,୪।୪ (ରବିନାରାୟଣ ଜେନା)

ରାଜ୍ୟର ସମସ୍ତ ବିଭାଗ ଅଧିକାରୀଙ୍କୁ ଇଣ୍ଟିଗ୍ରେଟେଡ୍ ଗର୍ଭନମେଣ୍ଟ ଅନ୍‌ଲାଇନ୍ ଟ୍ରେନିଂ (ଆଇଗଟ୍) କୋର୍ସ ମୂଲ୍ୟାଙ୍କନ ନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶନାମା ଜାରି କରାଯାଇଛି। ଯେଉଁମାନେ ଏପ୍ରିଲ ୩୦ ସୁଦ୍ଧା ଏହି କୋର୍ସ ଶେଷ ନ କରିବେ, ସେମାନଙ୍କ ବାର୍ଷିକ କାର୍ଯ୍ୟଦକ୍ଷତା ବିବରଣୀ(ପିଏଆର)ରେ ପ୍ରଭାବ ପଡ଼ିବ ବୋଲି ସାଧାରଣ ପ୍ରଶାସନ ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ମାର୍ଚ୍ଚ ୩୧ରେ ସବୁ ବିଭାଗର ମୁଖ୍ୟ, ଜିଲାପାଳ ଏବଂ ଆର୍‌ଡିସିଙ୍କୁ ଅବଗତ କରାଇଛନ୍ତି। ପୂର୍ବରୁ ୧୮ ମାର୍ଚ୍ଚ ସୁଦ୍ଧା ଏହି କୋର୍ସ ସାରିବା ନେଇ ନିର୍ଦ୍ଦେଶ ଦିଆଯାଇଥିଲା। ମାତ୍ର କେତେଜଣ ଅଧିକାରୀ କୋର୍ସ ଶେଷ କରି ନ ଥିବାରୁ ଏପ୍ରିଲ ୩୦ ଯାଏ ଅବଧି ବୃଦ୍ଧି କରାଯାଇଛି। ସର୍ବଭାରତୀୟ ସେବା ନିୟମ ୨୦୦୭(ସଂଶୋଧିତ ନିୟମ) ଅନୁଯାୟୀ ଅଧିକାରୀମାନଙ୍କୁ ଉକ୍ତ କୋର୍ସ କରିବାକୁ ହେବ। ସେହି ଅନୁସାରେ ଅଧିକାରୀଙ୍କ କୁଶଳତା ଏବଂ ଦକ୍ଷତାର ମୂଲ୍ୟାୟନ କରାଯିବ। ବିଭାଗୀୟ ମୁଖ୍ୟମାନେ ସେମାନଙ୍କ ପ୍ରଶାସନିକ ନିୟନ୍ତ୍ରଣ ଅଧୀନରେ ଥିବା ସମସ୍ତ ସର୍ବଭାରତୀୟ ସେବା ଅଧିକାରୀଙ୍କୁ ଆଇଗଟ୍ କୋର୍ସ ସମାପ୍ତ କରିବାକୁ ନିର୍ଦ୍ଦେଶ ଦେବେ। ଯଦି କୌଣସି ଅଧିକାରୀ ଏହାକୁ ଅନୁସରଣ ନ କରନ୍ତି, ତେବେ ତାଙ୍କ ବାର୍ଷିକ କାର୍ଯ୍ୟଦକ୍ଷତା ବିବରଣୀରେ ପ୍ରଭାବ ପଡ଼ିବ। ସେହି ଅନୁଯାୟୀ ଅଧିକାରୀଙ୍କ ପିଏଆର ମୂଲ୍ୟାଙ୍କନରେ ଲେଖାଯିବ ବୋଲି ସ୍ୱତନ୍ତ୍ର ସଚିବ ପତ୍ରରେ ଦର୍ଶାଇଛନ୍ତି। ପ୍ରତ୍ୟେକ ଅଧିକାରୀଙ୍କ ୨୦୨୫-୨୬ ବର୍ଷର ପିଏଆର୍‌ରେ ଏହାର ମୂଲ୍ୟାଙ୍କନ ଲେଖାଯିବା ବାଧ୍ୟତାମୂଳକ କରାଯାଇଛି। ଯଦି କୌଣସି ଅଧିକାରୀଙ୍କ ଆଇଗଟ୍ ମୂଲ୍ୟାଙ୍କନ ତଥ୍ୟ ତାଙ୍କ ପିଏଆର୍ ରିପୋର୍ଟରେ ନ ଥିବ ତେବେ ତାହାକୁ ଅସମ୍ପୂର୍ଣ୍ଣ ବୋଲି ଧରାଯିବ। ଏହାକୁ ପ୍ରାଥମିକତା ଦେଇ କାର୍ଯ୍ୟ କରିବାକୁ ସ୍ୱତନ୍ତ୍ର ସଚିବ ବିଭାଗୀୟ ମୁଖ୍ୟଙ୍କୁ ଅବଗତ ଦେଇଛନ୍ତି।

# ଟ୍ରାକ୍ଟର-ବାଇକ୍ ଧକ୍କା: ୨ ମୃତ, ଜଣେ ଗୁରୁତର

ଧାମନଗର,୪।୪(ସନ୍ତୋଷ କୁମାର ମହାପାତ୍ର/ଦେବେନ୍ଦ୍ର ଆନ୍ଦିଆ)

ଭଦ୍ରକ ଜିଲା ଧାମନଗର ଥାନା ଅଧୀନ ଭଣ୍ଡାରିପଦୀ ଛକ ନିକଟ ମୁଖ୍ୟରାସ୍ତାରେ ଶନିବାର ଏକ ଟ୍ରାକ୍ଟର ସହ ବାଇକ୍ ଧକ୍କାରେ ୨ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ଧାମନଗର ହବିବିନଗର ଅଞ୍ଚଳର ସେକ୍ କଲିମୁଦ୍ଦିନଙ୍କ ପୁଅ ସେକ୍ ଅରମାନ୍(୧୭) ଓ ସେକ୍ ତାଲୋଙ୍କ ପୁଅ ସେକ୍ ଅଜମେର(୧୮)। ଗୁରୁତର ଥିବା ସେକ୍ ପ୍ରେମ୍(୧୭)ଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଧାମନଗର ଥାନା ପୋଲିସ ବାଇକ୍, ଟ୍ରାକ୍ଟରକୁ ଜବତ କରି ଥାନାକୁ ନେଇଛନ୍ତି। ଏନେଇ ଥାନାରେ ଏକ ମାମଲା (ନଂ.୧୫୨/୨୬) ରୁଜୁ ହୋଇଛି।

ସୂଚନା ଅନୁଯାୟୀ, ଧାମନଗରରୁ ଏକ ବାଲି ବୋଝେଇ ଟ୍ରାକ୍ଟର(ଓଡି ୨୨ଏମ୍ ୦୭୮୩) ଭଦ୍ରକ ଅଭିମୁଖେ ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ବାଇକ୍ (ଓଡି ଏସ୍ ୬୫୩୦) ସହ ଧକ୍କା ହୋଇଥିଲା। ଫଳରେ ବାଇକ୍‌ରେ ବସିଥିବା ୩ଜଣ ରାସ୍ତା ଉପରେ ଛିଟିକି ପଡ଼ିଥିଲେ। ସେମାନଙ୍କୁ ଉଦ୍ଧାର କରି ପ୍ରଥମେ ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ୨ଜଣଙ୍କୁ ମୃତ ଘୋଷଣା କରିଥିଲେ।

# ଗ୍ୟାସ୍ ସିଲିଣ୍ଡର ଫାଟି ୩ ବଖରା ନଷ୍ଟ, ୩ ଆହତ

ଖଇରା, ୪।୪(ଉତ୍କଳବନ୍ଧୁ ପଣ୍ଡା)

ବାଲେଶର ଜିଲା ଖଇରା ବ୍ଲକ ସାରଡାଙ୍ଗ ଗ୍ରାମରେ ଗ୍ୟାସ ସିଲିଣ୍ଡର ଫାଟି ୩ ବଖରା ପୋଡ଼ିଯାଇଥିବା ବେଳେ ୩ଜଣ ଆହତ ହୋଇଛନ୍ତି। ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଛି। ଆହତଙ୍କ ମଧ୍ୟରେ ଚନ୍ଦ୍ରଶେଖର ପଣ୍ଡା, ମନୋରଞ୍ଜନ ପଣ୍ଡା ଓ ମନୋରଞ୍ଜନଙ୍କ ପୁଅ ବିସ୍ମିତଶେଖର ପଣ୍ଡା ଅଛନ୍ତି। ବିସ୍ମିତଙ୍କୁ ସିମୁଳିଆ ମେଡିକାଲ ଓ ମନୋରଞ୍ଜନଙ୍କୁ ଖଇରା ମେଡିକାଲରେ ଭର୍ତ୍ତି କରାଯାଇଛି। ଅଗ୍ନିକାଣ୍ଡରେ ବାଇକ, ସାଇକେଲ ସମେତ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଯାଇଛି। ଅଡା ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ୧ ଘଣ୍ଟାରୁ ଅଧିକ ପରିଶ୍ରମ ପରେ ନିଆଁକୁ ଆୟତ୍ତ କରାଯାଇଥିଲା। ଗ୍ୟାସରେ ରୋଷେଇ ବେଳେ ଏହି ଦୁର୍ଘଟଣା ଘଟିଥିବା କୁହାଯାଉଛି।

# ପାରିବାରିକ କଳହ: ବିଷ ପିଇ ଜୀବନ ହାରିଲେ ସ୍ୱାମୀ

ସୋର, ୪।୪(ଜନ୍ମେଜୟ ମିଶ୍ର)

ସୋର ବ୍ଲକ ଅନନ୍ତପୁର ପଞ୍ଚାୟତ ପୁରୁଷୋତ୍ତମପୁର ଗ୍ରାମରେ ଦମ୍ପତିଙ୍କ ମଧ୍ୟରେ କଳହରୁ ସ୍ୱାମୀ ବିଷ ପିଇ ଜୀବନ ହାରିଛନ୍ତି। ସୋର ଥାନା ଅନନ୍ତପୁର ପଞ୍ଚାୟତ ପୁରୁଷୋତ୍ତମପୁର ଗ୍ରାମର ଧୁଶା ମଲିକ ଓ ତାଙ୍କ ସ୍ତ୍ରୀ କଣ୍ଢେଇଙ୍କ ମଧ୍ୟରେ ଶୁକ୍ରବାର ମଧ୍ୟାହ୍ନରେ କଳହ ହୋଇଥିଲା। ଏଥିରେ ଧୁଶା ବିଷ ପିଇ ଗୁରୁତର ହେବାରୁ ପରିବାର ଲୋକେ ତାଙ୍କୁ ପ୍ରଥମେ ସୋର ଓ ପରେ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ଅବସ୍ଥା ଗୁରୁତର ହେବାରୁ ଶନିବାର ମଧ୍ୟାହ୍ନରେ ତାଙ୍କୁ କଟକ ବଡ ଡ଼ାକ୍ତରଖାନାକୁ ସ୍ଥାନାନ୍ତରିତ କରାଯିବା ବେଳେ ସୋର ନିକଟରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ସୋର ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅନନ୍ତପୁର ଥାନା ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।


**NOTIFIED AREA COUNCIL, DIGAPAHANDI**
GANJAM, ODISHA, PIN-761012, PH : 06814-295053, E-mail : dgp_nac@yahoo.com
Letter No. : 1263/DIGNAC Date : 25.03.2026
No.13001/11/2627
**E-Procurement Notice**

| 01 | Bid Identification No | Tender Id | Project Name | Estimated Cost (Without GST) |
|---|---|---|---|---|
| 02 | DIGNAC-09/2025-26 | 2026_ORULB_127591_1 | Renovation and Beautification of Bada Bandha, Digapahandi NAC, Ganjam District, Odisha | 32948350.00 |
| 03 | DIGNAC-10/2025-26 | 2026_ORULB_127592_1 | Construction of Boundary Wall & Fixing of M.S. Gate At Charidham Park, Digapahandi NAC, Ganjam | 10464892.00 |
| 04 | PROCUREMENT OFFICER-PUBLISHER / OFFICER INVITING THE TENDER / BIDS (OIT) | | EXECUTIVE OFFICER NAC, DIGAPAHANDI | |
| 05 | NOS. OF WORKS | | 2 NO'S | |
| 06 | DATE & TIME OF AVAILABILITY OF BID IN THE PORTAL | | FROM 11.00 HOURS OF DTD 27.03.2026 TO 17.30 HOURS OF DTD.16.04.2026 | |
| 07 | LAST DATE/TIME FOR RECEIPT OF BIDS IN THE PORTAL (SUBMISSION OF TECHNICAL BIDS & FINANCIAL BIDS) THROUGH ONLINE | | 17.30 HOURS OF 16.04.2026 | |
| 08 | LAST DATE/TIME FOR RECEIPT OF PHYSICAL DOCUMENTS THROUGH SPEED POST/ REGD POST | | 17.30 HOURS OF 17.04.2026 | |
| 09 | DATE & TIME OF OPENING OF THE BIDS | | TECHNICAL BID-11.00 A.M HOURS OF DTD. 18.04.2026 FINANCIAL BID-TO BE INTIMATED IN THE CONFERENCE HALL OF NAC DIGAPAHANDI (IF ANY HOLIDAY, THEN THE TENDER WILL OPEN IN NEXT WORKING DAY) | |

N.B : Further more details can be seen in the DTCN available in the e-Procurement portal i.e. https://tendersodisha.gov.in
OIPR-13001/13117/1/26-27/0001 Sd./- Executive Officer, NAC, Digapahandi, Ganjam



No.32001/5/2627
Govt. of Odisha
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER, MAHANADI NORTH DIVISION-I, JAGATPUR, CUTTACK**
E-mail ID : exengr.mnd@gmail.com
**'e' Procurement Notice No. - MND-14/2025-26**
1. Nature of Work : Works in River embankments & Canals
2. Total No. of Works : 18 (Eighteen) Nos
3. Tender Cost : Sl. No-1-9 between Rs.52.00 Lakh to Rs.84.00 Lakh
   : Sl No-10 to 18 between Rs.3.00 Lakh to Rs.41.00 Lakh
4. Class of Contractor : "D", "C" and "B" Class
5. Period of completion : 1 (One) to 6 (Six) months
6. EMD required : As mentioned in DTCN
7. On-line for bidding : Sl No-1-9 from 10.00 Hrs of 08.04.2026 to 17.30 Hrs of 22.04.2026
   : Sl No-10-18-from 10.00 Hrs of 08.04.2026 to 17.30 Hrs of 17.04.2026
8. Date and time of Opening of Tender : Sl No-1-9 on 23.04.2026 at 11.30 Hours
   : Sl No-10-18 on 18.04.2026 at 11.30 Hours
Further details can be seen from the Govt. website https://tendersodisha.gov.in. All corrigendum/ cancellation of tender if any will only be uploaded in the above website.
Sd./- Superintending Engineer
Mahanadi North Division-I, Jagatpur
OIPR-32001/32003/1/26-27/0001



No.34001/11/2627
GOVERNMENT OF ODISHA
**OFFICE OF THE SUPERINTENDING ENGINEER, GANJAM (R&B) DIVISION NO. I, BERHAMPUR**
Phone / Fax : (0680) 2233683, e-mail : sernb1.ganjam@yahoo.com
"e" Procurement Notice
Bid Identification No. SE R&B Divn. No.I Bam. 01/2026-27
Lr. No. 4283 Dated : 02.04.2026
Name of work : E.I. Works
No. of works : 06 (Six) No's
Estimated Cost : Approximately Rs.9.92 to 33.10 Lakh
Period of Completion : One to Three Calendar Months
Date and time of Availability of bid document in the portal : From 10.00 hours of 07.04.2026 to 16.00 hours of 14.04.2026
Last date / time for receipt of bids in the portal : Upto 16.00 hours of 14.04.2026
Name and address of the Officer inviting Bid : Superintending Engineer, Ganjam (R&B) Division No.I, Berhampur
Further details can be seen from the e-Procurement portal https://tendersodisha.gov.in
Sd./- Superintending Engineer
Ganjam (R&B) Division No.I
Berhampur
OIPR-34001/34109/1/26-27/0001



GOVERNMENT OF ODISHA
**OFFICE OF THE SUPERINTENDING ENGINEER, JHARSUGUDA (R&B) DIVISION, JHARSUGUDA**
ଓଡ଼ିଶା ସରକାର
E-mail ID : eepwdjsg2014@gmail.com, Telephone : 06645-271242, Kalimandir Road, Jharsuguda - 768202
No.34001/9/2627
**"e"-Procurement Notice**
Bid Identification No.-SE-R&B-JSG-23 OF 2025-26

| | | | |
|---|---|---|---|
| 1. | The Superintending Engineer, Jharsuguda (R&B) Division on behalf of Governor of Odisha inviting percentage rate bid in **Single Cover** system on ON-LINE mode from eligible contractors for Construction of **Electrical Works as detailed in DTCN**. | | |
| 2. | Nature of Work | : | **Electrical Works** |
| 3. | Estimated cost | : | Rs.16.11 Lakhs to Rs.34.40 Lakhs |
| 4. | No. of work | : | 02 (Two) Nos |
| 5. | Tender Cost | : | Rs.6000.00 (as per DTCN) |
| 6. | Class of Contractor | : | Sl No - 1 & 2 - HT |
| 7. | Availability of bid document in the website | : | **10.00 A.M. of 08.04.2026 to 05.00 P.M. of 17.04.2026** |
| 8. | Date of opening of Technical Bid (Cover-I) | : | **11.00 A.M. on Dt.18.04.2026** |
| 9. | The bidders have to participate in ON-LINE bidding only. Further details can be seen from the website https://tendersodisha.gov.in. Any addendum/corrigendum/cancellation of tender can also be seen in the said website. | | |

Sd./- Superintending Engineer
Jharsuguda (R&B) Division
OIPR-34001/34094/1/26-27/0001



ବିଏସ୍‌ଇ ସେନ୍‌ସେକ୍ସ
୭୩,୩୧୯.୫୫(+୧୮୫.୨୩)



୧ ଡଲାର = ୯୨.୬୫ ଟଙ୍କା



ବ୍ରେଣ୍ଟ କ୍ରୁଡ୍ ଅଏଲ୍ (ପ୍ରତି ବ୍ୟାରେଲ୍) ୧୦୯.୦୩ ଡଲାର

# ଇରାନ୍‌ରୁ ତୈଳ ଆମଦାନୀରେ ଅସୁବିଧା ନାହିଁ



**ନୂଆଦିଲ୍ଲୀ , ୪।୪**

ପଶ୍ଚିମ ଏସିଆ ଯୁଦ୍ଧ ପରିସ୍ଥିତିରେ ଏବେ ଇରାନ୍‌ରୁ ତୈଳ ଆମଦାନୀ କରିବା ନେଇ କୌଣସି ସମସ୍ୟା ନାହିଁ ବୋଲି କେନ୍ଦ୍ର ସରକାର ଶନିବାର ସ୍ପଷ୍ଟ କରିଛନ୍ତି। ଇରାନ୍ ଉପରେ ଆମେରିକା ଆର୍ଥିକ କଟକଣା ଲାଗୁକରିବା ପରେ ମେ’୨୦୧୯ରୁ ଭାରତ ଇରାନ୍‌ରୁ ତୈଳ ଆମଦାନୀ କରିବା ବନ୍ଦ କରିଦେଇଥିଲା। କିନ୍ତୁ ଯୁଦ୍ଧ ପରିପ୍ରେକ୍ଷୀରେ ଗତ ମାସରେ ଆମେରିକା କଟକଣା ପ୍ରତ୍ୟାହାର କରିବା ପରେ ବର୍ତ୍ତମାନ ଇରାନ୍‌ରୁ ଭାରତ ତୈଳ ଆମଦାନୀ କରିବା ନେଇ କୌଣସି ସମସ୍ୟା ନାହିଁ। ଇରାନ୍‌ରୁ ତୈଳ ଆମଦାନୀ କରିବାକୁ ନେଇ ପେମେଣ୍ଟ ସମସ୍ୟା ରହିଛି ବୋଲି ଯାହା କୁହାଯାଇଥିଲା ତାହାକୁ ପେଟ୍ରୋଲିୟମ ମନ୍ତ୍ରଣାଳୟ ଖଣ୍ଡନକରିବା ସହ ଭାରତୀୟ ରିଫାଇନେରି କମ୍ପାନୀ ଇରାନ୍‌ରୁ ତୈଳ ଓ ଗ୍ୟାସ୍ ଆମଦାନୀକୁ ନିଶ୍ଚିତ କରିଛନ୍ତି ବୋଲି କହିଛି। ଆଗାମୀ ଦିନ ପାଇଁ ଭାରତର ଆବଶ୍ୟକତା ଅନୁସାରେ ଇରାନ୍‌ରୁ ତୈଳ ଆମଦାନୀ କରାଯିବ ବୋଲି ମନ୍ତ୍ରଣାଳୟ କହିଛି। ଇରାନ୍‌ରୁ ୪୪,୦୦୦ ଟନ୍ ଏଲ୍‌ପିଜି ନେଇ ଆସିଥିବା କଣ୍ଟେନର ଗତ ବୁଧବାର ମାଙ୍ଗାଲୋର ବନ୍ଦରରେ ପହଞ୍ଚିସାରିଥିବା ପେଟ୍ରୋଲିୟମ ମନ୍ତ୍ରଣାଳୟ କହିଛି।

ଉଲ୍ଲେଖଯୋଗ୍ୟ, ଇରାନ୍‌ରୁ ତୈଳ ନେଇ ଆସିଥିବା ଏକ ଜାହାଜ ପେମେଣ୍ଟଜନିତ ସମସ୍ୟାକୁ ନେଇ ଭାଡିନାରରୁ ଚାଇନା ପଳାଇଥିବା କେତେକ ମହଲରେ ଦାବି କରାଯାଇଥିଲା। କିନ୍ତୁ ସେଭଳି କିଛି ସମସ୍ୟା ଉପୁଜିନାହିଁ ବୋଲି ପେଟ୍ରୋଲିୟମ ମନ୍ତ୍ରଣାଳୟ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଭାରତର ନିଜର ତୈଳ ଓ ଗ୍ୟାସ୍ ଆବଶ୍ୟକତା ପୂରଣ କରିବାକୁ ୪୦ଟି ଦେଶରୁ ଆମଦାନୀ କରୁଥିବାବେଳେ ଇରାନ୍‌ରୁ ମଧ୍ୟ ପେଟ୍ରୋଲିୟମଜାତ ଦ୍ରବ୍ୟ ଆମଦାନୀ ଲାଗି ଭାରତୀୟ ରିଫାଇନେରିଗୁଡ଼ିକ ପାଇଁ କୌଣସି ସମସ୍ୟା ନ ଥିବା କେନ୍ଦ୍ର ସରକାର କହିଛନ୍ତି।

# ପ୍ରକୃତ ଉଦ୍ୟୋଗୀ କେବଳ ନିଜ ପାଇଁ ସମ୍ପତ୍ତି ସୃଷ୍ଟି କରନ୍ତି ନାହିଁ



ଭାଲଚନ୍ଦ୍ର ମହାନ୍ତି

**ଭାଲଚନ୍ଦ୍ର ମହାନ୍ତି ଜଣେ ପ୍ରଥମ ପିଢ଼ିର ଓଡ଼ିଆ ଉଦ୍ୟୋଗୀ ଏବଂ ଓରିକ୍ଲିନ୍ ପ୍ରାଇଭେଟ୍ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ। ୧୯୯୦ ମସିହାରେ କମ୍ପାନୀ ପ୍ରତିଷ୍ଠା ହେବା ପରଠାରୁ ସେ କଟକର ଏକ କ୍ଷୁଦ୍ର ୟୁନିଟ୍‌କୁ ବହୁ କୋଟି ଟଙ୍କାର ଉତ୍ପାଦନ ପାୱାରହାଉସରେ ପରିଣତ କରିଛନ୍ତି। ତାଙ୍କ ନେତୃତ୍ୱରେ, ଓରିକ୍ଲିନ ବିଶ୍ୱବ୍ୟାପୀ ବିଶାଳ ହିନ୍ଦୁସ୍ତାନ ୟୁନିଲିଭରର ଏକ ଗୁରୁତ୍ୱପୂର୍ଣ୍ଣ ରଣନୈତିକ ଅଂଶୀଦାର ପାଲଟିଛି, ଯାହା ସର୍ଫ ଏକ୍ସେଲ୍ ଇଜି ୱାଶ୍, ଏବଂ ଆକ୍ଟିଭ ହ୍ୱିଲ ଭଳି ଘରୋଇ ସାମଗ୍ରୀ ଉତ୍ପାଦନ କରୁଛି। ଓଡ଼ିଶାର ଶିଳ୍ପ ଅଭିବୃଦ୍ଧି ପ୍ରତି ତାଙ୍କର କାର୍ଯ୍ୟଦକ୍ଷତା ଏବଂ ପ୍ରତିବଦ୍ଧତା ପାଇଁ ସେ ଜଣାଶୁଣା। ଏହାସହ ସେ ବିଭିନ୍ନ ଶିକ୍ଷାନୁଷ୍ଠାନ ସହ ଓତପ୍ରୋତଃ ଭାବେ ଜଡିତ। ଭାଲଚନ୍ଦ୍ରଙ୍କ ସମଗ୍ର ଯାତ୍ରା ସମ୍ପର୍କରେ ସ୍ୱତନ୍ତ୍ର ସାକ୍ଷାତ୍‌କାର...**

ଧରିତ୍ରୀ | OrissaPOST BUSINESS EMINENCE AWARDS

**ପ୍ର- ଓରିକ୍ଲିନ୍ ପ୍ରାଇଭେଟ ଲିମିଟେଡ ହିନ୍ଦୁସ୍ତାନ ୟୁନିଲିଭର (ଏଚ୍‌ୟୁଏଲ)ର ମାନ୍ୟତାପ୍ରାପ୍ତ ଯୋଗାଣକାରୀମାନଙ୍କଠାରୁ କଞ୍ଚାମାଲ ନେଇଥାଏ। ତେଣୁ କୌଣସି ବଡ଼ ଏଫ୍‌ଏମ୍‌ସିଜି କ୍ଲାଏଣ୍ଟର ନିର୍ଦ୍ଧାରିତ ସମୟରେ ଡେଲିଭରି ତଥା ଯୋଗାଣ ଶୃଙ୍ଖଳକୁ ନିର୍ବିଘ୍ନ କିପରି ପରିଚାଳନା କରିଥା’ନ୍ତି?**

ଉ- ଓରିକ୍ଲିନ୍ ପାଖରେ ଏଚ୍‌ୟୁଏଲ୍ ଅନୁମୋଦିତ ବିକ୍ରେତାଙ୍କ ସହିତ ସମାନ ନିୟମ ଏବଂ ସର୍ତ୍ତାବଳୀ ସହିତ ଇନ୍‌ପୁଟ୍ ସଂଗ୍ରହ କରିବାର ଏକକାଳୀନ ବିକଳ୍ପ ଅଛି। ଓରିକ୍ଲିନ୍ ଏବଂ ଏଚ୍‌ୟୁଏଲ୍ ମଧ୍ୟରେ ପ୍ରିନ୍ସିପାଲ ଟୁ ପ୍ରିନ୍ସିପାଲ ବ୍ୟବସ୍ଥା ରହିଛି। ଉଭୟଙ୍କ ମଧ୍ୟରେ ସମ୍ପର୍କ ୩ ଦଶନ୍ଧିରୁ ଅଧିକ ପୁରୁଣା ଏବଂ ଏହା ସୁରୁଖୁରୁରେ କାର୍ଯ୍ୟ କରୁଛି।

**ପ୍ର- ଅନ୍ୟ ବ୍ରାଣ୍ଡ ଭଳି ଓରିକ୍ଲିନ୍ ମଧ ଲିକ୍ୱିଡ୍ ଡିଟରଜେଣ୍ଟ କିମ୍ବା ବିଶେଷ ଶିଳ୍ପଭିତ୍ତିକ ସଫେଇ ଉତ୍ପାଦରେ ବ୍ୟବସାୟ ବିସ୍ତାର କରିବାର କୌଣସି ଯୋଜନା ଅଛି କି?**

ଉ- ବର୍ତ୍ତମାନ ଓରିକ୍ଲିନ୍ ସର୍ଫ ଏକ୍ସେଲ, ସନ୍‌ଲାଇଟ, ହ୍ୱିଲ ଏବଂ ଡୋମେକ୍ସ ଭଳି ବ୍ରାଣ୍ଡ ଉତ୍ପାଦନ କରୁଛି। ଏଚ୍‌ୟୁଏଲ୍ ଏବଂ ଲିକ୍ୱିଡ୍ ଡିଟରଜେଣ୍ଟ ସମେତ ହୋମ୍ କେୟାର ବର୍ଗରେ ଅନ୍ୟାନ୍ୟ ବଡ଼ ଜାତୀୟ ତଥା ବହୁରାଷ୍ଟ୍ରୀୟ ବ୍ରାଣ୍ଡ ସହିତ ଆଲୋଚନା ଚାଲିଛି।

**ପ୍ର-ବିଶ୍ୱସ୍ତରୀୟ ଇଏସ୍‌ଜି ମାନଦଣ୍ଡ ସହିତ ସମନ୍ୱୟ ରଖିବା ପାଇଁ ଆପଣଙ୍କର କଟକ ୟୁନିଟ୍‌ରେ କେଉଁ ନିର୍ଦ୍ଦିଷ୍ଟ ପରିବେଶ ଅନୁକୂଳ ଉତ୍ପାଦନ ପ୍ରକ୍ରିୟା କିମ୍ବା ବର୍ଜ୍ୟବସ୍ତୁ ପରିଚାଳନା ପ୍ରୋଟୋକଲ କାର୍ଯ୍ୟକାରୀ କରାଯାଇଛି?**

ଉ- ଓରିକ୍ଲିନ୍ ହେଉଛି ଏକ ସମ୍ପୂର୍ଣ୍ଣ ଏସ୍‌ଏଚ୍‌ଇ ଅନୁପାଳନକାରୀ ସଂଗଠନ। ଏହା ଆଇଏସ୍‌ଓ ୯୦୦୧:୨୦୧୫, ଆଇଏସ୍‌ଓ ୧୪୦୦୧:୨୦୧୫ ଏବଂ ଆଇଏସ୍‌ଓ ୪୫୦୦୧:୨୦୧୮ ଇତ୍ୟାଦି ଜାତୀୟ ଏବଂ ଅନ୍ତର୍ଜାତୀୟ ପ୍ରମାଣପତ୍ର ସଂସ୍ଥାଗୁଡ଼ିକରୁ ସ୍ୱୀକୃତିପ୍ରାପ୍ତ।

**ପ୍ର-ଆପଣ ସମ୍ପ୍ରତି ୮୮ କୋଟି ଟଙ୍କାର ସସ୍, ଜାମ୍ ଏବଂ ଜେଲି ଉତ୍ପାଦନ ପାଇଁ ଏକ ପ୍ରକଳ୍ପ ପାଇଁ ଅନୁମୋଦନ ପାଇଛନ୍ତି। କେତେ ଦିନ ମଧ୍ୟରେ ଟାଙ୍ଗୀ-ଚୌଦ୍ୱାରରେ ଏହି ସୁବିଧା କାର୍ଯ୍ୟକ୍ଷମ ହେବ?**

ଉ- କିଛି ଟେକ୍ନୋଲୋଜି ତଥା ବାଣିଜ୍ୟିକ ତ୍ରୁଟି ଯୋଗୁ ସସ୍, ଜାମ୍ ଏବଂ ଜେଲି ଉତ୍ପାଦନ ପ୍ରକଳ୍ପକୁ ବର୍ତ୍ତମାନ ପାଇଁ ସ୍ଥଗିତ ରଖାଯାଇଛି। ଏହାର ସମ୍ପ୍ରସାରିତ ଶାଖାରେ ଥିବା ଗୋଷ୍ଠୀଟି ୪୫୦୦ ଟନ୍ ପରମ କ୍ଷମତା ବିଶିଷ୍ଟ ବିସ୍କୁଟ ଏବଂ ବେକେରି ଉତ୍ପାଦ ଉତ୍ପାଦନ ପାଇଁ ଓରିବେକ୍ ପ୍ରାଇଭେଟ୍ ଲିମିଟେଡ୍ ନାମରେ ଏକ ଉତ୍ପାଦନ ୟୁନିଟ୍ ସ୍ଥାପନ କରିଛି। ପୂର୍ବ ଭାରତର ଆବଶ୍ୟକତା ପୂରଣ କରିବା ପାଇଁ ପ୍ରସିଦ୍ଧ ବ୍ରାଣ୍ଡଗୁଡ଼ିକ ସହିତ ଉତ୍ପାଦନ ଚୁକ୍ତି ପ୍ରକ୍ରିୟା ଚାଲିଛି। ପ୍ରକଳ୍ପଟି ଶେଷ ପର୍ଯ୍ୟାୟରେ ପହଞ୍ଚିଛି ଏବଂ ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଉତ୍ପାଦନ ଆରମ୍ଭ ହେବାର ଆଶା କରାଯାଉଛି।

**ପ୍ର-ଜଣେ ଉଦ୍ୟୋଗୀ ଭାବରେ ଆପଣ ଏହି ବ୍ୟବସାୟ କ୍ଷେତ୍ରରେ କାହିଁକି ପ୍ରବେଶ କରିବାକୁ ଚିନ୍ତା କଲେ। ଏହି ଉଦ୍ୟୋଗରେ ଭବିଷ୍ୟତ ଗଢ଼ିବାକୁ ଚାହୁଁଥିବା ପିଢ଼ିଙ୍କୁ କ’ଣ ପରାମର୍ଶ ଦେବେ?**

ଉ- ଉଦ୍ୟୋଗୀ ନିଜେ ଏକ ପ୍ରତିଷ୍ଠାନ, ଯଦି ଈଶ୍ୱରୀୟ କୃପା ନ ଥାଏ, ତେବେ କେହି ଅନ୍ୟର ସେବା କରିବାର ସୁଯୋଗ ପାଇପାରିବେ ନାହିଁ। ଜଣେ ପ୍ରକୃତ ଉଦ୍ୟୋଗୀ କେବଳ ନିଜ ପାଇଁ ସମ୍ପତ୍ତି ସୃଷ୍ଟି କରନ୍ତି ନାହିଁ ବରଂ ଦେଶର ସାମାଜିକ-ଆର୍ଥିକ ବିକାଶରେ ଯୋଗଦାନ ମଧ ଦିଅନ୍ତି। ଜଣେ ସଫଳ ଉଦ୍ୟୋଗୀ ହେବା ପାଇଁ ୩ଡି ଅର୍ଥାତ୍ ଡ୍ରିମ୍ (ସ୍ୱପ୍ନ), ଡିଟରମିନେଶନ(ଦୃଢ଼ ନିଷ୍ଠା) ଏବଂ (ଡେଡିକେଶନ) ସମର୍ପଣ ମନୋଭାବ ରହିବା ଆବଶ୍ୟକ।

# ଟାଟା ଟ୍ରଷ୍ଟ ବିବାଦ : ଇସ୍ତଫା ଦେଲେ ଭେନୁ ଶ୍ରୀନିବାସନ



ଭେନୁ ଶ୍ରୀନିବାସନ

**ନୂଆଦିଲ୍ଲୀ , ୪।୪**

ଟାଟା ଟ୍ରଷ୍ଟ ବୋର୍ଡ ସଦସ୍ୟତାକୁ ନେଇ ଉଠିଥିବା ବିବାଦ ଏବେ ନୂଆ ମୋଡ଼ ନେଇଛି। ଟାଟା ଟ୍ରଷ୍ଟରେ ସାମିଲ ଥିବା ଭେନୁ ଶ୍ରୀନିବାସନ ଶନିବାର ତାଙ୍କ ପଦବୀରୁ ଇସ୍ତଫା ଦେଇଛନ୍ତି। ୭ଟି ଟାଟା ଗ୍ରୁପ୍‌ର ଉପାଧ୍ୟକ୍ଷ ରହିଥିବା ଶ୍ରୀନିବାସନ ବାଇ ହୀରାବାଇ ଟ୍ରଷ୍ଟରୁ ଇସ୍ତଫା ଦେଇଛନ୍ତି। ଜଣେ ଅଣ ପାର୍ସୀ ଭାବେ ଟାଟା ଟ୍ରଷ୍ଟରେ ସଦସ୍ୟ ହେବାକୁ ତାଙ୍କର ଯୋଗ୍ୟତା ନାହିଁ ବୋଲି ଚ୍ୟାଲେଞ୍ଜ କରାଯିବା ପରେ ସେ ତାଙ୍କ ପଦବୀରୁ ଇସ୍ତଫା ଦେଇଥିବା କୁହାଯାଇଛି। ଟାଟା ଟ୍ରଷ୍ଟର ପୂର୍ବତନ ଟ୍ରଷ୍ଟି ମେହଲି ମିସ୍ତ୍ରି ଏଭଳି ଅଭିଯୋଗ ଉଠାଇ ଟ୍ରଷ୍ଟ ବୋର୍ଡରେ ଭେନୁ ଶ୍ରୀନିବାସନ ଏବଂ ବିଜୟ ସିଂଙ୍କ ସଦସ୍ୟତାକୁ ଚ୍ୟାଲେଞ୍ଜ କରିବା ସହ ମହାରାଷ୍ଟ୍ର ଚାରିଟି କମିଶନରଙ୍କ ଦ୍ୱାରସ୍ଥ ହୋଇଥିଲେ। ଟାଟା ଟ୍ରଷ୍ଟରେ ସଦସ୍ୟ ହେବାକୁ ହେଲେ ଜଣେ ବ୍ୟକ୍ତି ପାର୍ସୀ ଜୋରାଷ୍ଟ୍ରିଆନ୍ ଧର୍ମରେ ବିଶ୍ୱାସ ରଖିବା ସହ ମୁମ୍ବାଇର ସ୍ଥାୟୀ ବାସିନ୍ଦା ହେବା ବାଧ୍ୟତାମୂଳକ। କିନ୍ତୁ ଏହି ୨ ବ୍ୟକ୍ତି ଏହାକୁ ପୂରଣ କରୁ ନ ଥିବାରୁ ସେମାନେ ଟ୍ରଷ୍ଟରେ ସଦସ୍ୟ ରହିପାରିବେ ନାହିଁ ବୋଲି ମେହିଲ ଯୁକ୍ତି ରଖିଥିଲେ। ଏହାପରେ ଶ୍ରୀନିବାସନ ବାଇ ହୀରାବାଇ ଚାରିଟେବୁଲ ଟ୍ରଷ୍ଟରୁ ଇସ୍ତଫା ଦେଇଛନ୍ତି। ଉଲ୍ଲେଖଯୋଗ୍ୟ, ପାର୍ସୀ ସମ୍ପ୍ରଦାୟ କଲ୍ୟାଣ ନିମନ୍ତେ ୧୯୨୩ରେ ଗୁଜରାଟରେ ଏହି ଟ୍ରଷ୍ଟ ଗଠନ କରାଯାଇଥିଲା।

# ରେକର୍ଡ ସ୍ତରରୁ ସୁନା ୫୦ ହଜାର, ରୁପା ୨ ଲକ୍ଷ ଶସ୍ତା

**ନୂଆଦିଲ୍ଲୀ , ୪।୪**

ଇରାନ୍-ଆମେରିକା ଯୁଦ୍ଧ ୫ମ ସପ୍ତାହରେ ପହଞ୍ଚିବା ସହ ମଧ୍ୟପ୍ରାଚ୍ୟ ସ୍ଥିତି ଗମ୍ଭୀର ରହିଥିଲାବେଳେ ପେଟ୍ରୋଲିୟମଜାତ ସାମଗ୍ରୀର ଅଭାବକୁ ନେଇ ବିଭିନ୍ନ କ୍ଷେତ୍ରରେ ଉତ୍ପାଦନ ହ୍ରାସ ପାଇଛି। ଏହାକୁ ନେଇ କେତେକ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ମୂଲ୍ୟ ମଧ୍ୟ ପୂର୍ବ ତୁଳନାରେ ବୃଦ୍ଧି ଘଟିଛି। କିନ୍ତୁ ଏହା ମଧ୍ୟରେ ସୁନା ଏବଂ ରୁପା ଭଳି ଦୁଇ ମୂଲ୍ୟବାନ୍ ଧାତୁ ମୂଲ୍ୟରେ ହ୍ରାସ ପରିଲକ୍ଷିତ ହୋଇଛି। ବର୍ତ୍ତମାନ ସୁଦ୍ଧା ସୁନା ମୂଲ୍ୟ ଏହାର ସର୍ବୋଚ୍ଚ ସ୍ତର ମୂଲ୍ୟ ତୁଳନାରେ ୫୦ ହଜାର ଟଙ୍କା ହ୍ରାସ ପାଇଥିଲାବେଳେ ରୁପା ମୂଲ୍ୟରେ ଅନ୍ୟୂନ ୨ ଲକ୍ଷ ଟଙ୍କା ହ୍ରାସ ଘଟିଥିବା ଜଣାପଡ଼ିଛି। ଚଳିତ ସପ୍ତାହର ଶେଷ କାରବାର ସୁଦ୍ଧା ସୁନା ମୂଲ୍ୟ ୨.୨ ପ୍ରତିଶତ ଏବଂ ରୁପା ମୂଲ୍ୟରେ ୩.୮ ପ୍ରତିଶତ ହ୍ରାସ ଘଟିଛି। ଗତ କିଛିଦିନ ମଧ୍ୟରେ ସୁନା ମୂଲ୍ୟରେ ସାମାନ୍ୟ ବୃଦ୍ଧି ହୋଇଥିଲେ ହେଁ ହାରାହାରି ଭାବେ ମୂଲ୍ୟରେ ୨.୨ ପ୍ରତିଶତ ହ୍ରାସ ଘଟିଥିବା କୁହାଯାଇଛି। ଶେଷ କାରବାର ଦିବସ ସୁଦ୍ଧା ଅନ୍ତର୍ଜାତୀୟ କମୋଡିଟି ଏକ୍ସଚେଞ୍ଜରେ ସୁନା ମୂଲ୍ୟ ୨.୨୯ ପ୍ରତିଶତ ହ୍ରାସରେ ପ୍ରତି ଆଉନ୍ସ ମୂଲ୍ୟ ୪୭୦୨ ଡଲାର ରହିଥିଲାବେଳେ ରୁପା ମୂଲ୍ୟ ୩.୮୨ ପ୍ରତିଶତ ହ୍ରାସ ଘଟି ପ୍ରତି ଆଉନ୍ସ ମୂଲ୍ୟ ୭୩. ୧୭ ଡଲାର ରହିଥିବା ଜଣାପଡ଼ିଛି। ପୂର୍ବ ତୁଳନାରେ ବର୍ତ୍ତମାନ ସୁନା ଏବଂ ରୁପାର ଚାହିଦା ହ୍ରାସ ପାଇଥିବାରୁ ମୂଲ୍ୟ କ୍ରମଶଃ ହ୍ରାସ ପାଉଥିବା ବଜାର ବିଶେଷଜ୍ଞମାନେ ମତ ଦେଇଛନ୍ତି। ମଧ୍ୟପ୍ରାଚ୍ୟ ଯୁଦ୍ଧ ଆରମ୍ଭ ବେଳେ ନିବେଶକମାନେ ଶେୟାର ବଜାରରୁ ପୁଞ୍ଜି ପ୍ରତ୍ୟାହାରକରି ସୁନାରେ ନିବେଶ କରିବାକୁ ଉଚିତ ମଣିଥିଲେ। କିନ୍ତୁ ଏବେ ଯୁଦ୍ଧବିରତିକୁ ନେଇ ଅନିଶ୍ଚିତତା ଲାଗି ରହିଥିବାରୁ ସୁନାରେ ନିବେଶ କରିବା ଆଗ୍ରହ କମିଛି ବୋଲି ସେମାନେ କହିଛନ୍ତି।

# ବରଗଡ଼ରେ ଖୋଲିଲା ଚାନ୍ଦି ଭଣ୍ଡାର ଷ୍ଟୋର

## ଗଢ଼ା ମଜୁରିରେ ୩୦% ପର୍ଯ୍ୟନ୍ତ ରିହାତି





ଚାନ୍ଦି ଭଣ୍ଡାର ବରଗଡ଼ ଷ୍ଟୋରକୁ ଉଦ୍‌ଘାଟନ କରାଯାଉଛି।

**ବରଗଡ଼,୪।୪(ପ୍ରେମାନନ୍ଦ ଖମାରୀ)**

ପବିତ୍ର ଅକ୍ଷୟ ତୃତୀୟା ଅବସରରେ ରୁପା ଗହଣା ବ୍ରାଣ୍ଡ ଚାନ୍ଦି ଭଣ୍ଡାରର ନୂଆ ଷ୍ଟୋର ବରଗଡ଼ ସହରସ୍ଥିତ ଭଟଲି ଛକ ନିକଟରେ ଖୋଲିଛି। ଏହାକୁ ମିଶାଇ ଓଡ଼ିଶାରେ ଚାନ୍ଦିଭଣ୍ଡାରର ମୋଟ ଷ୍ଟୋର ସଂଖ୍ୟା ୨୮ରେ ପହଞ୍ଚିଛି। ଚାନ୍ଦି ଭଣ୍ଡାରର ନିର୍ଦ୍ଦେଶକ ମାନିକ ହଂସ ଶନିବାର ଷ୍ଟୋରର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଚାନ୍ଦି ଭଣ୍ଡାର ଷ୍ଟୋର ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ନିର୍ଦ୍ଦେଶକ ହଂସ କହିଥିଲେ, ଚାନ୍ଦି ଭଣ୍ଡାର ବ୍ରାଣ୍ଡର ୧୨ବର୍ଷର ଯାତ୍ରାରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। ରୁପା କାରିଗରି ଏବଂ ଶୁଦ୍ଧତା ଓ ଡିଜାଇନ କ୍ଷେତ୍ରରେ ନୂଆ ମାନଦଣ୍ଡ ସ୍ଥାପନକୁ ମଜଭୁତ କରିଛି। ୨୦୦୦ ବର୍ଗଫୁଟ ସ୍ଥାନରେ ନିର୍ମିତ ଏହି ଷ୍ଟୋର ଗ୍ରାହକଙ୍କ ପାଇଁ ଷ୍ଟର୍ଲିଂ ରୁପାର ଉତ୍କୃଷ୍ଟ ସମ୍ଭାର ପ୍ରଦାନ କରୁଛି । ୯୨.୫% ଶୁଦ୍ଧ ରୁପା ବାସନରୁ ଆରମ୍ଭକରି ପ୍ରିମିୟମ ଗହଣା ପର୍ଯ୍ୟନ୍ତ ଷ୍ଟୋରରେ ମହିଳା, ପୁରୁଷ ଏବଂ ପିଲାମାନଙ୍କ ପାଇଁ ବ୍ୟାପକ ରେଞ୍ଜ ରହିଛି। ସ୍ୱତନ୍ତ୍ର ଲଞ୍ଚ ଅଫର ଭାବେ ଚାନ୍ଦି ଭଣ୍ଡାର ଗଢ଼ା ମଜୁରିରେ ୩୦% ପର୍ଯ୍ୟନ୍ତ ରିହାତି ପ୍ରଦାନ କରାଯାଉଛି ଏବଂ ଏହା ଏପ୍ରିଲ ୧୯ ତାରିଖ ପର୍ଯ୍ୟନ୍ତ ଉପଲବ୍ଧ ବୋଲି ସୂଚନା ରହିଛି। ସୂଚନା ଥାଉକି, ୨୦୧୩ ମସିହାରୁ ଏହି ଷ୍ଟୋର ଓଡ଼ିଶାରେ ସ୍ଥାପନ ହୋଇଥିଲା। ରାଜ୍ୟ ବାହାରେ ରାୟପୁରରେ ୨ଟି ଷ୍ଟୋର ଥିବାବେଳେ ଇତିମଧ୍ୟରେ ଚାନ୍ଦି ଭଣ୍ଡାରର ଷ୍ଟୋର ସଂଖ୍ୟା ୩୦ରେ ପହଞ୍ଚିଛି। ଫ୍ରି କ୍ଲିନ୍ ସର୍ଭିସ୍, ଏକ୍ସଚେଞ୍ଜ ଅଫର, ଟ୍ରାଏ ବିଫୋର ବାଏ ଭଳି ସେବା ଚାନ୍ଦି ଭଣ୍ଡାର ଗ୍ରାହକଙ୍କୁ ଯୋଗାଇଦେଉଛି।

# ଟିପିସିଓଡିଏଲ୍‌ର ଓଡ଼ିଆ ପକ୍ଷ ପାଳନ





**ଭୁବନେଶ୍ୱର, ୪।୪**

ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ଓଡ଼ିଶା ଦିବସ ଉତ୍ସାହ ଓ ଉଲ୍ଲାସର ସହ ପାଳନ ହୋଇଯାଇଛି। ଏହି ଅବସରରେ ରାଜ୍ୟର ସମୃଦ୍ଧ କଳା, ସଂସ୍କୃତି, ଐତିହ୍ୟ ଓ ପାରମ୍ପରାକୁ ସ୍ମରଣ କରାଯିବା ସହ ଓଡ଼ିଶାକୁ ଏକ ସ୍ୱତନ୍ତ୍ର ଭାଷାଭିତ୍ତିକ ରାଜ୍ୟ ଭାବେ ଗଠନରେ ବଦାନ୍ୟତା ପ୍ରତିପାଦନ କରିଥିବା ନେତୃତ୍ୱଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଏହାବ୍ୟତୀତ ଟିପିସିଓଡିଏଲ୍ ପକ୍ଷରୁ ଏପ୍ରିଲ ୧ ରୁ ୧୪ ପର୍ଯ୍ୟନ୍ତ ଓଡ଼ିଆ ପକ୍ଷ ପାଳନ କରାଯାଉଛି। କର୍ମଚାରୀ ଓ ସାଧାରଣ ଲୋକଙ୍କ ମଧ୍ୟରେ ଓଡ଼ିଆ ଭାଷା, ସଂସ୍କୃତି ଓ ପାରମ୍ପରା ପ୍ରତି ସଚେତନତା ବୃଦ୍ଧି କରିବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ । ଏହି ଅବସରରେ ଟିପିସିଓଡିଏଲ୍‌ର ସିଇଓ ଅରଭିନ୍ଦ ସିଂହ କହିଛନ୍ତି , ଓଡ଼ିଶା ଦିବସ ପାଳନ ଆମ ସମସ୍ତଙ୍କ ପାଇଁ ଗର୍ବ ଓ ଗୌରବର ମୁହୂର୍ତ୍ତ। ଏହା ଆମକୁ ସେହି ମହାନ୍ ମହାପୁରୁଷ ଓ ନେତୃତ୍ୱର ସାହସ, ଦୃଷ୍ଟିକୋଣ ଓ ଦୃଢ଼ ସଙ୍କଳ୍ପକୁ ସ୍ମରଣ କରାଏ, ଯେଉଁମାନେ ସ୍ୱତନ୍ତ୍ର ପ୍ରଦେଶ ଭାବେ ଓଡ଼ିଶାକୁ ପ୍ରତିଷ୍ଠା କରିବାକୁ ଯୋଗଦାନ କରିଥିଲେ। ସିଇଓ ଅରଭିନ୍ଦ ସିଂହଙ୍କ ସହିତ ଅନ୍ୟ ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିଲେ।

# ଇଫ୍‌କୋର ଟିକସ ଦେୟ ପୂର୍ବ ଲାଭ ୪୧୦୬ କୋଟି

**ମୁମ୍ବାଇ,୪।୪**

ଭାରତୀୟ କିଷାନ ଫର୍ଟିଲାଇଜର କୋଅପରେଟିଭ ଲିମିଟେଡ୍ (ଇଫ୍‌କୋ) ୨୦୨୫-୨୬ ଆର୍ଥିକ ବର୍ଷରେ ଟିକସ ଦେୟ ପୂର୍ବରୁ ୪୧୦୬ କୋଟିରୁ ଅଧିକ ଲାଭ ହାସଲକରିଛି। ଇଫ୍‌କୋ ଅଧ୍ୟକ୍ଷ ଦିଲୀପ ସଂଘାଣି ଏହି ଅବସରରେ କହିଛନ୍ତି, ଇଫ୍‌କୋ ଉତ୍ପାଦନ ଓ ବିକ୍ରୟରେ ମଧ ନୂଆ ମାଇଲଖୁଣ୍ଟ ସ୍ଥାପନ କରିଛି। ଏହି ଆର୍ଥିକ ବର୍ଷରେ ୧୧୮.୭୫ ଲକ୍ଷ ମେଟ୍ରିକ ଟନ୍ ସାର ବିକ୍ରୟ ହେବା ସହ ଜାତୀୟ ସ୍ତରରେ ୧୧୯.୬୮ ଲକ୍ଷ ମେଟ୍ରିକ ଟନ ସାର ଯୋଗାଣ କରାଯାଇଛି। ୨୦୨୫-୨୬ ଆର୍ଥିକ ବର୍ଷରେ ନାନୋ ସାରର ଲୋକପ୍ରିୟତା ବୃଦ୍ଧି ପାଇଛି। ୩୦.୧ ଲକ୍ଷ ବୋତଲରୁ ଅଧିକ ନାନୋ ସାର ବିକ୍ରୟ ହୋଇଛି। ୧ ନଭେମ୍ବର ୨୦୨୫ରୁ ଠିକା କର୍ମଚାରୀଙ୍କ ପାଇଁ ସର୍ବନିମ୍ନ ମାସିକ ଦରମା ୨୦,୦୦୦ ଟଙ୍କା କରାଯାଇଛି। ଇଫ୍‌କୋର କାର୍ଯ୍ୟକଳାପ ଭାରତ ସହ ୪୦ରୁ ଅଧିକ ଦେଶରେ ପ୍ରସାରିତ ହୋଇଥିଲାବେଳେ ବ୍ରାଜିଲରେ ନାନୋ ସାର ଉତ୍ପାଦନ ପାଇଁ ଉଦ୍ୟମ ଚାଲିଛି ବୋଲି ସଂଘାଣି କହିଛନ୍ତି ।

# ପିଏନ୍‌ବି ଭୁବନେଶ୍ୱର ମଣ୍ଡଳର ନୂତନ ମଣ୍ଡଳ ମୁଖ୍ୟ



ରମେଶ କୁମାର ସାମଲ

**ଭୁବନେଶ୍ୱର, ୪।୪**

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି) ଭୁବନେଶ୍ୱର ମଣ୍ଡଳର ନୂତନ ମୁଖ୍ୟ ଭାବେ ରମେଶ କୁମାର ସାମଲ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହାପୂର୍ବରୁ ସେ ପଶ୍ଚିମବଙ୍ଗ ଦକ୍ଷିଣ ୨୪ ପ୍ରଗଣା ମଣ୍ଡଳ ମୁଖ୍ୟ ଭାବେ କାର୍ଯ୍ୟ କରୁଥିଲେ। ତାଙ୍କ କାର୍ଯ୍ୟକାଳ ମଧ୍ୟରେ ସେ ପଶ୍ଚିମବଙ୍ଗ ସମେତ ଛତିଶଗଡ଼ ଏବଂ ଓଡ଼ିଶାର ବିଭିନ୍ନ ସ୍ଥାନରେ କାର୍ଯ୍ୟକରି ବହୁ ଅଭିଜ୍ଞତା ହାସଲ କରିଛନ୍ତି। କେନ୍ଦୁଝର ଜିଲା ଶାଳବଣି ପଞ୍ଚାୟତ ନିବାସୀ ସାମଲ ୨୦୦୦ ମସିହାରେ ପ୍ରୋବେସନାରି ଅଫିସର ଭାବେ ବ୍ୟାଙ୍କିଙ୍ଗ୍ ସେବାରେ ଯୋଗ ଦେଇଥିଲେ। ତାଙ୍କର ୨୬ ବର୍ଷର କାର୍ଯ୍ୟକାଳ ମଧ୍ୟରେ ସେ ୧୫ ବର୍ଷରୁ ଅଧିକ ସମୟ ଧରି ଶାଖା ଏବଂ ୫ ବର୍ଷ ଟ୍ରେଜେରି ବିଭାଗରେ କାର୍ଯ୍ୟ କରିଛନ୍ତି। ନିକଟରେ ସେ ଉପ ମହାପ୍ରବନ୍ଧକ ପଦବୀକୁ ପଦୋନ୍ନତି ପାଇବା ପରେ ଭୁବନେଶ୍ୱର ମଣ୍ଡଳ ମୁଖ୍ୟ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି।

# ଟାଟା ଷ୍ଟିଲ୍ ଉପରେ ୧୭୫୫ କୋଟିର ଡିମାଣ୍ଡ ନୋଟିସ

**ନୂଆଦିଲ୍ଲୀ , ୪।୪**

TATA
TATA STEEL

ବେଆଇନ ଭାବେ ଆବଶ୍ୟକଠାରୁ ଅଧିକ ଖଣି ଖନନ କରିଥିବାରୁ ଟାଟା ଷ୍ଟିଲ୍‌କୁ ଝାଡ଼ଖଣ୍ଡର ରାମଗଡ଼ ଜିଲା ଖଣି କାର୍ଯ୍ୟାଳୟ ୧୭୫୫ କୋଟି ଟଙ୍କାର ଡିମାଣ୍ଡ ନୋଟିସ ଜାରି କରିଛି। କମ୍ପାନୀକୁ ଯେତିକି ପରିମାଣର କୋଇଲା ଖଣିରେ ଖନନ କରିବାକୁ ଅନୁମତି ଦିଆଯାଇଥିଲା କମ୍ପାନୀ ତା’ଠାରୁ ଅଧିକ ଖନନକରି ୧.୬୨ କୋଟି ଟନ୍‌ର କୋଇଲା ଉତ୍ତୋଳନ କରଥିବା ସମ୍ପୃକ୍ତ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ଟାଟା ଷ୍ଟିଲ୍ ବିରୋଧରେ ଅଣାଯାଇଥିବା ଅଭିଯୋଗ ଅନୁସାରେ ଝାଡ଼ଖଣ୍ଡର ୱେଷ୍ଟ ବୋକାରୋ କୋଇଲା ଖଣିରେ କୋଇଲା ଖନନ ପାଇଁ କମ୍ପାନୀକୁ ଅନୁମତି ମିଳିଥିଲା। ୨୦୦୦-୨୦୦୧ରୁ ୨୦୦୬-୦୭ ଆର୍ଥିକ ବର୍ଷ ମଧ୍ୟରେ ଟାଟା ଷ୍ଟିଲ୍ ଉପରୋକ୍ତ ପରିମାଣର ଅଧିକ କୋଇଲା ଉତ୍ପାଦନ କରିଥିବା ଜଣାପଡ଼ିବା ପରେ ରାମଗଡ଼ ଜିଲା ଖଣି ଅଧିକାରୀ କମ୍ପାନୀକୁ ୧୭୫୫ କୋଟି ଟଙ୍କା ପୈଠ କରିବାକୁ ଡିମାଣ୍ଡ ନୋଟିସ ପଠାଇଛନ୍ତି। ବେଆଇନ ଖଣି ଖନନ ପ୍ରସଙ୍ଗରେ ସୁପ୍ରିମକୋର୍ଟ ୨୦୧୭ରେ ଦେଇଥିବା ରାୟ ଆଧାରରେ ଟାଟା ଷ୍ଟିଲ୍‌କୁ ନୋଟିସ ଜାରି କରାଯାଇଥିବା କୁହାଯାଇଛି। ଖଣି ଲିଜ୍ ପାଇଥିବା

## ବେଆଇନ ଖଣି ଖନନ

କୌଣସି କମ୍ପାନୀ ଅନୁମତିପ୍ରାପ୍ତ ଲିଜ୍ ତୁଳନାରେ ଅଧିକ ଜମିରେ ଖଣି ଖନନ କଲେ ତାହାକୁ ୧୯୫୭ ଖଣି ଓ ଖଣିଜ ଦ୍ରବ୍ୟ ଆଇନ ଧାରା ୨୧(୫) ଅନୁସାରେ ବେଆଇନ କୁହାଯିବ ବୋଲି ସୁପ୍ରିମକୋର୍ଟ ରାୟ ଦେଇଥିଲେ। ଖଣି ଲିଜ୍ ପାଇବା ସମୟରେ କମ୍ପାନୀକୁ ଖନନ ଅଞ୍ଚଳ, ପରିବେଶଗତ ସ୍ୱୀକୃତି ଏବଂ ଜଙ୍ଗଲଜନିତ ସ୍ୱୀକୃତି ଆଦିକୁ ନେଇ ସୂଚାଇଥାଏ। କମ୍ପାନୀ ଯଦି ଏହାକୁ ଉଲ୍ଲଂଘନକରି ଅଧିକ ଜମିରେ ଖନନ କରେ ତେବେ ତାହାକୁ ବେଆଇନ କୁହାଯିବା ସହ ଅତିରିକ୍ତ ଖନନ ପାଇଁ ପେନାଲ୍ଟି ଭାବେ କମ୍ପାନୀକୁ ଉକ୍ତ ଖଣିଜ ମୂଲ୍ୟ ଦେବାକୁ ପଡ଼ିବ ବୋଲି ସର୍ବୋଚ୍ଚ ନ୍ୟାୟାଳୟ ସ୍ପଷ୍ଟ କରିଥିଲେ। ସୁପ୍ରିମକୋର୍ଟଙ୍କ ଏହି ରାୟକୁ ଆଧାର କରି ଟାଟା ଷ୍ଟିଲ୍‌କୁ ନୋଟିସ ଜାରି କରାଯାଇଛି।

# ନୂଆ ରଙ୍ଗ ସହ ହଣ୍ଟର ୩୫୦ର ନୂଆ ଭାରିଆଣ୍ଟ



**ଲକ୍ଷ୍ନୌ , ୪।୪**

ବୈଶ୍ୱିକ ସ୍ତରରେ ମଧ୍ୟମ ଶ୍ରେଣୀର ମୋଟର ସାଇକେଲ ନିର୍ମାଣ କ୍ଷେତ୍ରରେ ଅଗ୍ରଣୀ ରହିଥିବା ରୟାଲ ଏନ୍‌ଫିଲ୍ଡ ଏହାର ହଣ୍ଟର-୩୫୦ ପୋର୍ଟଫୋଲିଓ ସମ୍ପ୍ରସାରଣ ନେଇ ଘୋଷଣା କରିଛି। ଭିନ୍ନ ଏବଂ ରୁଚିସମ୍ପନ୍ନ ରଙ୍ଗରେ ପ୍ରସ୍ତୁତ ନୂଆ ଭାରିଆଣ୍ଟ ହଣ୍ଟରର ବଜାର ପ୍ରବେଶ ନେଇ କମ୍ପାନୀ ଘୋଷଣା କରିଛି। ବର୍ତ୍ତମାନ ଟାର୍‌ମାକ୍ ବ୍ଲାକ୍ ରଙ୍ଗରେ ହଣ୍ଟର-୩୫୦ ବେସ୍ ପ୍ରିମିୟମ ଭାରିଆଣ୍ଟ ସହ ମୁମ୍ବାଇ ୟେଲୋ ଓ ମୁନ୍‌ସଟ୍ ହ୍ୱାଇଟ୍ ରଙ୍ଗରେ ଉପଲବ୍ଧ ହେବ। ଏହି ୩ଟି ନୂଆ ଭର୍ସନ ହଣ୍ଟରର ବଜାର ପ୍ରବେଶ ଲକ୍ଷ୍ନୌରେ ହୋଇଛି। ୨୦୨୨ରେ ଲଞ୍ଚ ହୋଇଥିବା ହଣ୍ଟର ମୋଟରସାଇକେଲ ଦେଶର ପ୍ରତ୍ୟେକ ଭାଗରେ ଆଦୃତ ହୋଇସାରିଥିଲାବେଳେ ଗ୍ରାହକ ମହଲରେ ଏହାକୁ ଆହୁରି ରୁଚିସମ୍ପନ୍ନ କରିବାକୁ କମ୍ପାନୀ ଉଦ୍ୟମ ଜାରି ରଖିଛି। କେବଳ ସହର କିମ୍ବା ମେଟ୍ରୋ ଅଞ୍ଚଳ ନୁହେଁ, ଗ୍ରାମାଞ୍ଚଳରେ ମଧ ହଣ୍ଟରର ଚାହିଦା ଗ୍ରାହକ ମହଲରେ ବୃଦ୍ଧି ପାଇଥିବା କମ୍ପାନୀ ପକ୍ଷରୁ କୁହାଯାଇଛି।

# ପାରିବାରିକ କଳହ ନେଉଛି ଜୀବନ

■୭୨.୧ ପ୍ରତିଶତ ଆତ୍ମହତ୍ୟା ପାରିବାରିକ ସମସ୍ୟାଜନିତ
■୪ ବର୍ଷରେ ଭୁବନେଶ୍ୱରରେ ସର୍ବାଧିକ ୪୯୦ ଆତ୍ମହତ୍ୟା
■ଲୋକଙ୍କ ମଧ୍ୟରେ ସଚେତନତାର ଅଭାବ ରହିଛି: ପୋଲିସ

ଭୁବନେଶ୍ୱର,୪।୪(ତ୍ରିନାଥ ମହାନ୍ତି)

ପାରିବାରିକ କଳହ ପାଇଁ ଏକାଧିକ ବ୍ୟକ୍ତିଙ୍କ ଜୀବନ ଯାଉଛି। କିଏ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଉଥିବାବେଳେ ଆଉ କିଏ ବେକରେ ରଶୀ ଲଗାଇ ଝୁଲି ପଡୁଛନ୍ତି। ଅନେକ ସ୍ଥାନରେ ପାରିବାରିକ କଳହ ପାଇଁ ହତ୍ୟା ମଧ୍ୟ କରିବାକୁ ପଛାଉ ନାହାନ୍ତି। ବଡ଼ କଥା ହେଲା ଅନ୍ୟ ସହର ଅପେକ୍ଷା ସର୍ବାଧିକ ଆତ୍ମହତ୍ୟା ମାମଲା ରାଜଧାନୀ ଭୁବନେଶ୍ୱରରେ ଦେଖିବାକୁ ମିଳୁଛି।

ନ୍ୟାଶନାଲ କ୍ରାଇମ୍ ରେକର୍ଡ ବ୍ୟୁରୋ(ଏନ୍‌ସିଆର୍‌ବି) ତଥ୍ୟ ଅନୁସାରେ, ୨୦୨୧ରେ ସମୁଦାୟ ୫,୨୦୦ ଆତ୍ମହତ୍ୟା କରିଥିବାବେଳେ ସେଥିରୁ ୧,୮୦୦ ଲୋକ ପାରିବାରିକ ଝଗଡ଼ା ପାଇଁ ଆତ୍ମହତ୍ୟା କରିଛନ୍ତି। ୨୦୨୨ରେ ୫,୪୦୦ ଆତ୍ମହତ୍ୟା କରିଥିବାବେଳେ ସେଥିରୁ ୧,୯୦୦ ପାରିବାରିକ ସମସ୍ୟା ପାଇଁ ଆତ୍ମହତ୍ୟା କରିଛନ୍ତି। ୨୦୨୩ରେ ୫ହଜାର ୯୮୯ ଜଣ ଆତ୍ମହତ୍ୟା କରିଥିବାବେଳେ ସେଥିରୁ ୪,୩୧୯ କେବଳ ପାରିବାରିକ କଳହ ପାଇଁ ଆତ୍ମହତ୍ୟା କରିଛନ୍ତି। ୨୦୨୪ର ଏନ୍‌ସିଆର୍‌ବି ତଥ୍ୟ ପ୍ରକାଶ ପାଇ ନ ଥିବାବେଳେ ରାଜ୍ୟ ପୋଲିସର ତଥ୍ୟ ଅନୁସାରେ ୬ ହଜାରରୁ ଉର୍ଦ୍ଧ୍ୱ ଆତ୍ମହତ୍ୟା କରିଥିବାବେଳେ ସେଥିରୁ ସାଢେ ୪ହଜାର ପାରିବାରିକ ସମସ୍ୟା ପାଇଁ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ସେହିପରି କମିଶନରେଟ୍ ପୋଲିସ ତଥ୍ୟ ଅନୁସାରେ ୨୦୨୦ରେ ୨୦୦ ଆତ୍ମହତ୍ୟା କରିଥିବାବେଳେ ୨୦୨୧ରେ ୨୨୦ଜଣ ଆତ୍ମହତ୍ୟା କରିଥିଲେ। ସେହିପରି ୨୦୨୨ରେ ୨୫୦ ଏବଂ ୨୦୨୩ରେ ୨୭୦ ଜଣ ଆତ୍ମହତ୍ୟା କରିଥିଲେ। ବଡ଼ କଥା ହେଲା ସେମାନଙ୍କ ମଧ୍ୟରୁ ୪୯୦ଜଣ କେବଳ ପାରିବାରିକ କଳହ ପାଇଁ ଆତ୍ମହତ୍ୟା କରିଥିବା ପୋଲିସ ତଥ୍ୟରୁ ଜଣାପଡ଼ିଛି।

ଗତ ୩୧ ତାରିଖରେ ପାରିବାରିକ କଳହ ପାଇଁ ବଡ଼ଗଡ଼ ଥାନା ବାଙ୍କୁଆଳରେ ସ୍ତ୍ରୀ ଅମ୍ବିକା ସ୍ୱାଇଁଙ୍କୁ କାଠ ଫାଳିଆରେ ପିଟି ହତ୍ୟା କରିଥିଲେ ସ୍ୱାମୀ ସୁଶାନ୍ତ ସ୍ୱାଇଁ। ଗତ ୨୭ ତାରିଖରେ ପାରିବାରିକ କଳହକୁ କେନ୍ଦ୍ରକରି କ୍ୟାପିଟାଲ ଥାନା ରାଜମହଲ ଛକ କଟକ ସୁଇଟ୍ସ ଦୋକାନ ସମ୍ମୁଖରେ କେଦାରପଲ୍ଲୀ ବସ୍ତିର ସୁଶାନ୍ତ ନାୟକ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ସେ ଦେହରେ ପେଟ୍ରୋଲ ପକାଇ ନିଆଁ ଲଗାଇ ଦେଇଥିଲେ। ଗତ ୩୦ତାରିଖରେ ଚନ୍ଦକାରେ ରହୁଥିବା ସ୍ୱାମୀଙ୍କ ସହ ଝଗଡ଼ା କରି ବଙ୍ଗୀୟ ମହିଳା ରାତିରେ ଘରୁ ବାହାରି ପଳାଇ ଆସିଥିଲେ। ତାଙ୍କୁ ଜଣେ ଯୁବକ ଷ୍ଟେଶନରେ ଛାଡ଼ି ଦେବାକୁ କହି ବଳାତ୍କାର କରିଥିଲେ। ସେହିପରି ଗତ ମାସ ୨୦ତାରିଖରେ ଲକ୍ଷ୍ମୀସାଗର ଥାନା ମଣ୍ଡପସାହିରେ ସୁନା ଦାଶ ପାରିବାରିକ କଳହ ପାଇଁ ନିଜ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲେ।

ଏନେଇ ମାନସିକ ଡାକ୍ତର ଡା.ଉମାପ୍ରସାଦ ବିଶ୍ୱାଳ କହିଛନ୍ତି, ସ୍ତ୍ରୀସ୍ୱାମୀ କେହି କାହାକୁ ସମୟ ଦେଉନାହାନ୍ତି। ଘରକୁ ଫେରିବା ପରେ ସେମାନେ ମୋବାଇଲ୍ ଧରି ବସୁଛନ୍ତି। ଯେଉଁଥିପାଇଁ ମୋବାଇଲରୁ ଖରାପ କଥାକୁ ଗ୍ରହଣ କରୁଛନ୍ତି। ଆଉ ଛୋଟ ଛୋଟ କଥାକୁ ନେଇ ଉଭୟ ଝଗଡ଼ା କରୁଛନ୍ତି। ସେମାନଙ୍କ ମଧ୍ୟରେ ସହ୍ୟ କରିବା ଶକ୍ତିର ଅଭାବ ରହୁଛି। ପରସ୍ପର ମଧ୍ୟରେ ବୁଝାମଣାର ଅଭାବ ପାରିବାରିକ କଳହର ମୁଖ୍ୟ କାରଣ ବୋଲି ବିଶ୍ୱାଳ କହିଛନ୍ତି। ଏନେଇ ଡିସିପି ଜଗମୋହନ ମୀନା କହିଛନ୍ତି, ଲୋକଙ୍କ ମଧ୍ୟରେ ସଚେତନତାର ଅଭାବ ରହିଛି। ଯେଉଁମାନେ ପାରିବାରିକ କଳହ ପାଇଁ ମାନସିକ ଚାପରେ ଆସୁଛନ୍ତି, ସେମାନେ ଆତ୍ମହତ୍ୟା ନ କରି ମାନସିକ ଡାକ୍ତରଙ୍କୁ ଦେଖାନ୍ତୁ ବୋଲି ମୀନା କହିଛନ୍ତି।

## ଗ୍ରାମ୍ୟ ଜଙ୍ଗଲରୁ ମଣିଷ ଖପୁରି, ହାଡ଼ ଜବତ

ପାଟଣା,୪।୪(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ଥାନା ଦାମାହୁଦା ପଞ୍ଚାୟତ ଅନ୍ତର୍ଗତ ସୁନାପଶି ଗ୍ରାମ ହୁଡ଼ିର ଶାଳ ଜଙ୍ଗଲରୁ ଶନିବାର ପୋଲିସ ମଣିଷ ଖପୁରି ଓ କଙ୍କାଳର ହାଡ଼କୁ ଜବତ କରିଛି। ଖପୁରି ଓ ହାଡ ପାଖରେ ପଡ଼ିଥିବା ଶାଢ଼ି ଗ୍ରାମର ନିଖୋଜ ଥିବା ଜଣେ ମହିଳାଙ୍କର ବୋଲି ଅନୁମାନ କରାଯାଉଛି। ଏ ନେଇ ମହିଳାଙ୍କ ଝିଅ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଅଭିଯୋଗ ଆଧାରରେ ପ୍ରାଥମିକି ତଦନ୍ତ ଆରମ୍ଭ କରିଛି।


ଘଟଣାସ୍ଥଳରେ ପୋଲିସ ତଦନ୍ତ ଚଳାଇଛି।

ସୂଚନା ଅନୁଯାୟୀ, ଗ୍ରାମର କେତେଜଣ ଲୋକ ଶୁକ୍ରବାର ହୁଡ଼ିକୁ କାଠ ସଂଗ୍ରହ କରିବାକୁ ଯାଇଥିଲେ। ସେଠାରେ ଖପୁରି ଓ ଶାଢ଼ି ଦେଖି ତାହା ମାର୍ଚ୍ଚ ୧୨ରୁ ଗ୍ରାମର ନିଖୋଜ ଥିବା ସାଲଗେ ମାଝୀ(୬୨)ଙ୍କ ବୋଲି ଅନୁମାନକରି ତାଙ୍କ ଝିଅ ଘୁମି ମାଝୀ ଓ ପୋଲିସକୁ ଖବର ଦେଇଥିଲେ। ଖବର ପାଇ ମାଜିଷ୍ଟ୍ରେଟ୍ ଭାବେ ସାହାରପଡ଼ା ଅତିରିକ୍ତ ତହସିଲଦାର ଚରଣ କୁମାର ନାଏକ, ସାଇଣ୍ଟିଫିକ୍ ଟିମ୍‌ର ମୁଖ୍ୟ ଲଗ୍ନା ବେବର୍ତ୍ତା, ଡା. ଶୁଭେନ୍ଦୁ ସାଗର ନାଏକ, ପାଟଣା ଥାନା ଅଧିକାରୀ କିରଣ ପ୍ରସାଦ ସାହୁ, ମାମଲାର ଆଇଓ ଏସ୍‌ଆଇ ଲକ୍ଷ୍ମଣ ମାଝୀ ପହଞ୍ଚି ଖପୁରି, ହାଡ଼, ଏକ ବ୍ୟାଗ୍, ଶାଢ଼ି, ଝିଅର ଡ୍ରେସ୍ ଆଦି ଜବତ କରିଥିଲେ। ଏସବୁକୁ ପୋଲିସ କେନ୍ଦୁଝର ଧରଣୀଧର ମେଡିକାଲ କଲେଜକୁ ପଠାଇଥିବା ବେଳେ ସେଠାରୁ ଫୋରେନସିକ ଲାବରେଟୋରି ଭୁବନେଶ୍ୱରକୁ ପଠାଯିବା ସହ ଡିଏନ୍‌ଏ ଟେଷ୍ଟ ପାଇଁ ପଠାଯାଇପାରେ ବୋଲି ଡା. ଶୁଭେନ୍ଦୁ ସାଗର କୁମାର ନାଏକ କହିଛନ୍ତି। ଅନ୍ୟପକ୍ଷେ ଖପୁରି ପାଖରେ ପଡ଼ିଥିବା ଶାଢ଼ି ଓ ଘୁମିଙ୍କର ଡ୍ରେସ୍‌କୁ ଦେଖି ଜବତ ଖପୁରି ଓ ହାଡ଼ ତାଙ୍କ ମାଆ ସାଲଗେ ମାଝୀଙ୍କର ବୋଲି ସନ୍ଦେହକରି ଘୁମି ଶୁକ୍ରବାର ସନ୍ଧ୍ୟାରେ ପାଟଣା ଥାନାରେ ଅଭିଯୋଗ କରିଛନ୍ତି। ଏହାର ନିରପେକ୍ଷ ତଦନ୍ତ ଦାବି କରିଛନ୍ତି। ପ୍ରାଥମିକ ଭାବେ ଏକ ଅପମୃତ୍ୟୁ ମାମଲା(ନଂ.୧୨/୨୬)ରୁଜୁ ହୋଇଥିବା ପାଟଣା ଥାନା ଅଧିକାରୀ ସାହୁ କହିଛନ୍ତି।

## ବୃଦ୍ଧଙ୍କୁ ହତ୍ୟା, ଅଭିଯୁକ୍ତ ଗିରଫ

ସମ୍ବଲପୁର,୪।୪(ପ୍ରମୋଦ ବହିଦାର)


ଗିରଫ ଅଭିଯୁକ୍ତ।

ସମ୍ବଲପୁର ଜିଲା ଧନୁପାଲି ଥାନା ଅନ୍ତର୍ଗତ ସରଲାକାନୀ ଓରାମପଡ଼ାରେ ଜଣେ ବୃଦ୍ଧଙ୍କୁ ପଟିପିଟି ହତ୍ୟା କରାଯାଇଛି। ହତ୍ୟାର ଶିକାର ହୋଇଛନ୍ତି ମାଲିଆ ମୁଣ୍ଡା(୬୦)। ଏ ନେଇ ତାଙ୍କ ପୁଅ କଳାକାହ୍ନୁ ମୁଣ୍ଡା ଶନିବାର ଧନୁପାଲି ଥାନାରେ ଏତଲା ଦେଇଛନ୍ତି। ତାଙ୍କ ଏତଲା ଆଧାରରେ ଏକ ମାମଲା(ନଂ.୧୩୬/୨୬) ରୁଜୁ କରି ପୋଲିସ ସେହି ପଡ଼ାର ଚାନ୍ଦ ଓରାମ(୩୦)ଙ୍କୁ ଗିରଫ କରିଛି।

ଏତଲା ଅନୁସାରେ ଶୁକ୍ରବାର ବିଳମ୍ବିତ ରାତିରେ ମାଲିଆ ମୁଣ୍ଡା ତାଙ୍କ ଘର ବାରଣ୍ଡାରେ ଶୋଇଥିଲେ। ବିଳମ୍ବିତ ରାତିରେ ସେହି ପଡ଼ାର ଚାନ୍ଦ ଓରାମ ଅନ୍ୟ ୨ଜଣଙ୍କ ସହ ସେଠାରେ ପହଞ୍ଚି ମାଲିଆଙ୍କୁ ଗାଳିଗୁଲଜ କରିଥିଲେ। ଏହାର ପ୍ରତିବାଦ କରିବାରୁ ଚାନ୍ଦ ଓରାମ ତାଙ୍କ ଛାତି ଓ ମୁଣ୍ଡକୁ ମୁଥ ଓ ଗୋଇଠା ମାରିଥିଲେ। ମାଲିଆ ରକ୍ତବାନ୍ତି କରି ଚେତାଶୂନ୍ୟ ହୋଇ ପଡ଼ିଥିଲେ। ପାଟିତୁଣ୍ଡ ଶୁଣି ଗ୍ରାମର କେତେଜଣ ସେଠାରେ ପହଞ୍ଚିବା ପରେ ଅଭିଯୁକ୍ତମାନେ ସେଠାରୁ ଫେରାର ହୋଇଯାଇଥିଲେ। ମାଲିଆଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟ ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅପରପକ୍ଷରେ ମାଲିଆଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ଅପରାହ୍ନରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଘଟଣାର ସତ୍ୟାସତ୍ୟ ଯାଞ୍ଚ ପୂର୍ବକ ତଦନ୍ତ ଜାରି ରହିଥିବା ଧନୁପାଲି ଥାନା ଅଧିକାରୀ ଆଦିତ୍ୟ ମହାକୁଡ଼ କହିଛନ୍ତି।

## ବାଣ ବିସ୍ଫୋରଣରେ ୬ ଗୁରୁତର ଘଟଣା
## ଜଣେ ମୃତ, ୪ ଗିରଫ

ନୂଆଗାଁ, ୪।୪ (ଧନେଶ୍ୱର ସାହୁ)



ନୟାଗଡ଼ ଜିଲା ନୂଆଗାଁ ଥାନା କୋରଡ଼ା ଗ୍ରାମରେ ଶୁକ୍ରବାର ବାଣ ବିସ୍ଫୋରଣ ଘଟଣାରେ ଗୁରୁତର ୬ ଜଣଙ୍କ ମଧ୍ୟରୁ ଜଣଙ୍କ ଏମ୍‌ସରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ମୃତ୍ୟୁବରଣ କରିଥିବା ଯୁବକ ହେଲେ ମୀନାଗାଡ଼ିଆ ଗ୍ରାମର ବାପି ନାୟକ। ଅନ୍ୟ ୪ଜଣ ଏମ୍‌ସରେ ଚିକିତ୍ସିତ ହେଉଥିବାବେଳେ ଜଣେ ନୟାଗଡ଼ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଏହି ଘଟଣାରେ ଶନିବାର ପୋଲିସ ୪ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ କୋରଡା ଗ୍ରାମର ହାଡିବନ୍ଧୁ ସେଠୀଙ୍କ ସ୍ତ୍ରୀ କୁନି ଦେଇ, ପଡ଼ୋଶୀ ରମେଶ ସେଠୀ, ଖୋର୍ଦ୍ଧା ଥାନା ଅନ୍ତର୍ଗତ ଡାକ୍ତରସାହିର ନିର୍ମଳ ପ୍ରସାଦ ରାମ (୩୩) ଏବଂ ତେଲେଙ୍ଗାସାହିର ବଳଦେବ ଦୋରା (୩୦)।

ପ୍ରକାଶ ଯେ, ନୂଆଗାଁ ଥାନା କୋରଡ଼ା ଗ୍ରାମରେ ହାଡ଼ିବନ୍ଧୁ ବାଣ ବ୍ୟବସାୟ କରୁଥିବା ବେଳେ ଏହାକୁ ସ୍ଥାନୀୟ ଲୋକେ ବିରୋଧକରି ଆସୁଥିଲେ। ହେଲେ ସେ ଏହାକୁ ଖାତିର ନ କରି ନିଜ ଘର ବାରିପଟେ ବାଣ ପ୍ରସ୍ତୁତ କରି ବିକ୍ରି କରୁଥିଲେ। ଶୁକ୍ରବାର ବିସ୍ଫୋରଣ ପରେ ନୂଆଗାଁ ପୋଲିସ ଏକ ମାମଲା(ନଂ. ୬୭/୨୬) ରୁଜୁକରି ତଦନ୍ତ ଚଳାଇଛି। ଏଥିସହ ହାଡ଼ିବନ୍ଧୁ କେଉଁଠାରୁ ବାରୁଦ ଆଣି ବାଣ ପ୍ରସ୍ତୁତ କରୁଥିଲେ, ତାକୁ ନେଇ ପୋଲିସ ଅଟକଙ୍କୁ ପଚରାଉଚରାରେ ଖୋର୍ଦ୍ଧା ଥାନା ଅନ୍ତର୍ଗତ ଡାକ୍ତରସାହିର ନିର୍ମଳ ପ୍ରସାଦ ରାମ ଏବଂ ତେଲେଙ୍ଗାସାହିର ବଳଦେବ ଦୋରା ବାରୁଦ ଯୋଗାଉଥିବା ପୋଲିସ ଜାଣିବାକୁ ପାଇ ତାଙ୍କୁ ମଧ୍ୟ ଗିରଫ କରିଛି। ସେମାନଙ୍କଠାରୁ ୫୦ କେଜିରୁ ଉର୍ଦ୍ଧ୍ୱ ବାରୁଦ, ବାଣ ଏବଂ ପ୍ରସ୍ତୁତିରେ ବ୍ୟବହୃତ ସରଞ୍ଜାମ ଜବତ କରାଯାଇଛି। ଏମାନଙ୍କୁ ଗିରଫ ପରେ ଶନିବାର କୋର୍ଟ ଚାଲାଣ କରାଯାଇଥିବା ନୂଆଗାଁ ଥାନା ଅଧିକାରୀ ରଶ୍ମିରଞ୍ଜନ ସାହୁ ସୂଚନା ଦେଇଛନ୍ତି।

## ୨ ଜଣଙ୍କୁ ପଚରାଉଚରା, ପରେ ଛାଡ଼ି ଦିଆଗଲା

**କେସିଙ୍ଗା ରେଲ୍‌ୱେ ଷ୍ଟେଶନରୁ ୪୦ ଲକ୍ଷ ଜବତ ଘଟଣା**

ଟିଟିଲାଗଡ଼,୪।୪(ଶରତ ମିଶ୍ର)

କଳାହାଣ୍ଡି ଜିଲା କେସିଙ୍ଗା ରେଲୱେ ଷ୍ଟେଶନରେ ଜଣେ ଯୁବକଙ୍କଠାରୁ ଶୁକ୍ରବାର ଟିଟିଲାଗଡ ରେଲୱେ ପୋଲିସ ୪୦ ଲକ୍ଷ ଟଙ୍କା ଜବତ କରିଥିଲା । ଯୁବକ ଜଣକ ଗୋଟିଏ ବ୍ୟାଗରେ ଏହି ଟଙ୍କା ନେଉଥିବାର ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ରେଲବାଇ ପୋଲିସ ଉକ୍ତ ଷ୍ଟେଶନରେ ଛାନ୍‌ଭିନ୍ କରିଥିଲା । ଏହି ଘଟଣାରେ ସମ୍ପୃକ୍ତ ଯୁବକଙ୍କୁ ଅଟକ ରଖାଯାଇ ପଚରାଉଚରା କରାଯାଇଥିଲା । ତେବେ ଯୁବକ ଜଣକ କେସିଙ୍ଗା ଅଞ୍ଚଳର ଜଣେ ବ୍ୟବସାୟୀଙ୍କଠାରୁ ଏହି ଟଙ୍କା ନେଇ ରାୟପୁର ଯାଉଥିବା କହିଥିଲେ । ପରେ ସମ୍ବଲପୁରରୁ ଇନକମ ଟ୍ୟାକ୍ସ ବିଭାଗର ୩ ଜଣିଆ ଦଳ ଟିଟିଲାଗଡ ଆସି ଘଟଣାର ଖୋଳତାଡ କରିଥିଲେ । ଏହି ଘଟଣାରେ ଧରାପଡ଼ିଥିବା ଯୁବକ ପ୍ରଭାତ ସାମୁଏଲଙ୍କୁ ଶନିବାର ଇନକମ୍ ଟ୍ୟାକ୍ସ କମିଶନର ପଚରାଉଚରା କରି ଛାଡି ଦେଇଥିବା ଜଣାପଡ଼ିଛି । ସେ କେସିଙ୍ଗାର ବ୍ୟବସାୟୀ ଅଜୟ ସୋନିଙ୍କଠାରୁ ଟଙ୍କା ଆଣିଥିବା ନେଇ ସୂଚନା ଦେବା ପରେ ତାଙ୍କୁ ମଧ୍ୟ ଇନ୍‌କମ୍ ଟ୍ୟାକ୍ସ କମିଶନର ପଚରାଉଚରା କରିଥିଲେ । କିନ୍ତୁ ପରେ ଏନେଇ ତଦନ୍ତ କରାଯାଇ ଅଜୟଙ୍କୁ ମଧ୍ୟ ଛାଡ଼ି ଦିଆଯାଇଛି ।

ଖେଳ ଖବର

# ସେମିଫାଇନାଲରେ ପାରାମାଉଣ୍ଟ

**ରାମକୃଷ୍ଣ ମହାପାତ୍ର ସ୍ମାରକୀ**

ଭୁବନେଶ୍ୱର, ୪।୪ (ତପନ ସ୍ୱାଇଁ)



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।

ଶ୍ରୀ ଜୟଦେବ କ୍ରୀଡ଼ା ସଂଘ ଆନୁକୂଲ୍ୟରେ ପଣ୍ଡିତ ରାମକୃଷ୍ଣ ମହାପାତ୍ର ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଶନିବାର ହାଇ-ଟେକ୍ ମେଡିକାଲ କଲେଜ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓସ୍କାର ସ୍ପୋର୍ଟିଂକୁ ୧୨୧ ରନରେ ହରାଇ ପାରାମାଉଣ୍ଟ ସ୍ପୋର୍ଟିଂ ସେମିଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିବା ପାରାମାଉଣ୍ଟ ନିର୍ଦ୍ଧାରିତ ୩୦ ଓଭରରେ ୯ ଉଇକେଟ ହରାଇ ୧୬୪ ରନ କରିଥିଲା। ଦଳ ପକ୍ଷରୁ କ୍ରିଷ୍ଣା ସାସମଲ ୪୫, ସ୍ୱାଗତ ମିଶ୍ର ୨୮ ରନ ସଂଗ୍ରହ କରିଥିଲେ। ବିପକ୍ଷ ଦଳର ଲୋକେଶ କୁମାର, କୌଶିକ ଦତ୍ତ ଓ ଆର୍ଯ୍ୟବୀର ଲେଙ୍କା ୨ଟି ଲେଖାଏ ଉଇକେଟ ନେଇଥିଲେ। ୧୬୫ ରନ ବିଜୟ ଲକ୍ଷ୍ୟରେ ଓସ୍କାର ସ୍ପୋର୍ଟିଂ ୧୪.୨ ଓଭରରେ ମାତ୍ର ୪୩ ରନକରି ଅଲ୍‌ଆଉଟ ହୋଇଯାଇଥିଲା। ବିଜୟୀ ଦଳର ସ୍ୱାଗତ ମିଶ୍ର ଓ ଏମ.ଡି. ଶହଜାଇଁ ଆଲମ୍ ୪ ଗୋଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ସ୍ୱାଗତ ମିଶ୍ର ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ ହୋଇଥିଲେ। ମେଟ୍ରୋ ଗ୍ରୁପ ଅଧ୍ୟକ୍ଷ ପୀୟୂଷ ମହାନ୍ତି, ପୂର୍ବତନ କ୍ରିକେଟ ଖେଳାଳି ପ୍ରକାଶ କୁମାର ଜେନା ଓ ଓସିଏ ଅମ୍ପାୟର ସତ୍ୟବ୍ରତ ମହାପାତ୍ର ଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଶ୍ରୀ ଜୟଦେବ କ୍ରୀଡ଼ା ସଂଘର ସଦସ୍ୟ ବିନୋଦ ବାରିକ, କୋଷାଧ୍ୟକ୍ଷ ଜଗମୋହନ ସ୍ୱାଇଁ, ସହ ସମ୍ପାଦକ ଦୀପ୍ତି ରଞ୍ଜନ ପଣ୍ଡା ଓ ଉପ ସଭାପତି, ବଲ୍ଲଭ ଚରଣ ସାହୁ ଉପସ୍ଥିତ ଥିଲେ।

## ସ୍ୱଦେଶ ଫେରିଲେ କୁମିନ୍ସ

ହାଇଦ୍ରାବାଦ,୪।୪(ପି.ଟି.)

ସନ୍‌ରାଇଜର୍ସ ହାଇଦ୍ରାବାଦ (ଏସ୍‌ଆର୍‌ଏଚ୍) ଅଧିନାୟକ ପ୍ୟାଟ କୁମିନ୍ସ ଶନିବାର ସ୍ୱଦେଶ ଫେରିଯାଇଛନ୍ତି। କ୍ରିକେଟ ଅଷ୍ଟ୍ରେଲିଆ (ସିଏ)ର ମେଡିକାଲ ଟିମ୍ ଦ୍ୱାରା ଅନ୍ତିମ ଥର ତାଙ୍କ ଅଣ୍ଟାର ସ୍କାନ କରାଇବା ପାଇଁ ଅଷ୍ଟ୍ରେଲିଆ ଯାଇଛନ୍ତି। ଏହି ସ୍କାନର ରିପୋର୍ଟ ଆଧାରରେ ତାଙ୍କୁ ଚଳିତ ଆଇପିଏଲ୍‌ର ଦ୍ୱିତୀୟ ଭାଗରେ ଖେଳିବାକୁ ଅନୁମତି ମିଳିପାରେ। ଏକ ଗଣମାଧ୍ୟମ ରିପୋର୍ଟ ମୁତାବକ, କୋଲକାତା ନାଇଟ ରାଇଡର୍ସ (କେକେଆର) ଓ ଏସ୍‌ଆର୍‌ଏଚ୍ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍ ପରେ କୁମିନ୍ସ ଭାରତ ଛାଡ଼ିଥିଲେ। ଯଦି ତାଙ୍କୁ ସିଏ ପକ୍ଷରୁ ଅନୁମତି ଦିଆଯାଏ, ତେବେ ସେ ଆସନ୍ତା ୧୭ ତାରିଖରେ ଦଳ ସହ ଯୋଡ଼ି ହେବେ। ପ୍ରକାଶଯୋଗ୍ୟ ଯେ, କୁମିନ୍ସ ଏସ୍‌ଆର୍‌ଏଚ୍ ନେଟ୍ସରେ ବୋଲିଂ କରୁଛନ୍ତି, ଯାହାକି ତାଙ୍କ ଫିଟନେସକୁ ଦର୍ଶାଉଛି। ତେବେ କୁମିନ୍ସ ଆଇପିଏଲର ଦ୍ୱିତୀୟ ଭାଗରେ ଖେଳିବେ ବୋଲିସିଏପକ୍ଷରୁପୂର୍ବରୁସ୍ପଷ୍ଟକରାଯାଇଥିଲା।

## କନ୍ଧମାଳକୁ ଜିତାଇଲେ ଦୀପଙ୍କର

**୧୬ ବର୍ଷରୁ କମ୍ ବାଳକ ଆନ୍ତଃଜିଲା କ୍ରିକେଟ**

କଟକ, ୪।୪(କୁମାରଶ୍ରୀ)

ଓଡ଼ିଶା କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ ଚାଲିଥିବା ୧୬ବର୍ଷରୁ କମ୍ ବାଳକ ଆନ୍ତଃଜିଲା କ୍ରିକେଟ ଟୁର୍ଣ୍ଣାମେଣ୍ଟର ଏକ ମ୍ୟାଚ୍‌ରେ କନ୍ଧମାଳ ୧୦ ଉଇକେଟରେ ନୂଆପଡାକୁ ପରାସ୍ତ କରିଛି। ନିମପୁର ଗ୍ରାଉଣ୍ଡରେ ଏହି ମ୍ୟାଚ୍ ଖେଳାଯାଇଥିଲା। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ନୂଆପଡା ମାତ୍ର ୫୫ରନରେ ଅଲଆଉଟ ହୋଇଥିଲା। କନ୍ଧମାଳର ଦୀପଙ୍କର ଧଳ ୪ଟି ଉଇକେଟ ଦଖଲ କରିଥିଲେ। କୌଣସି ଉଇକେଟ ନହରାଇ ୧୫.୨ ଓଭରରେ କନ୍ଧମାଳ ବିଜୟୀ ହୋଇଥିବା ବେଳେ ଦୀପଙ୍କର ୩୦ରନର ଅପରାଜିତ ପାଳି ଖେଳିଥିଲେ। ମ୍ୟାଚ୍ ବିଜୟୀ ଅଲରାଉଣ୍ଡ ପ୍ରଦର୍ଶନ କରିଥିବା ଦୀପଙ୍କରଙ୍କୁ ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା। ଅନ୍ୟ ମ୍ୟାଚ୍ ଗୁଡିକରେ ପୁରୀ ୭ ଉଇକେଟରେ ଢ଼େଙ୍କାନାଳକୁ, କିଟ ୧୩୫ରନରେ ଗଜପତିକୁ, ଖୋର୍ଦ୍ଧା ୯୦ରନରେ କଟକ-ବିକୁ, ଭୁବନେଶ୍ୱର-ଏ ୧୪୧ରନରେ ଦେବଗଡକୁ, ରାଉରକେଲା ୬ ଉଇକେଟରେ ସମ୍ବଲପୁର-ବିକୁ ହରାଇଛି।

## ଲିଭରପୁଲ୍‌କୁ ହରାଇଲା ମିନର୍ଭା ଏକାଡେମୀ

ଚେନ୍ନାଇ,୪।୪(ପି.ଟି.)

ସ୍ପେନରେ ଚାଲିଥିବା ମେଡିଟେରାନିଆନ ଇଣ୍ଟରନ୍ୟାଶନାଲ କପ୍ (ଏମ୍‌ଆଇସି) ଯୁଥ ଫୁଟବଲ ଟୁର୍ନାମେଣ୍ଟରେ ଭାରତର ମିନର୍ଭା ଏକାଡେମୀ ୬-୦ ଗୋଲରେ ଲିଭରପୁଲକୁ ପରାସ୍ତ କରିଛି। ଏହି ଐତିହାସିକ ସଫଳତା ସହ ପଞ୍ଜାବସ୍ଥିତ ମିନର୍ଭା ଏକାଡେମୀ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଲିଭରପୁଲ ଦଳର ଡିଫେନ୍ସ ଭାଗର ପ୍ରତ୍ୟେକ ତ୍ରୁଟିକୁ ରାଜ ସିଂ ଗୋଲରେ କନଭର୍ଟ କରି ହ୍ୟାଟ୍ରିକ ପୂରଣ କରିଥିଲେ। ମହମ୍ମଦ ଆଜମ ଖାନ ଦୁଇଟି ଗୋଲ ଦେଇଥିବା ବେଳେ ଲିଶାମ ଆମାରସଦ ଗୋଟିଏ ଗୋଲ ଦେଇଥିଲେ। ପ୍ରଥମ ଭାରତୀୟ କ୍ଲବ ଭାବେ ଏହି ଟୁର୍ନାମେଣ୍ଟରେ ଖେଳୁଥିବା ମିନର୍ଭା ଏକାଡେମୀ ଜବରଦସ୍ତ ପ୍ରଦର୍ଶନ କରି ନିଜ ଗ୍ରୁପ୍‌ରେ ଶୀର୍ଷ ସ୍ଥାନରେ ରହିଥିଲା। ପ୍ରକାଶଯୋଗ୍ୟ, ମେଡିଟେରାନିଆନ ଇଣ୍ଟରନ୍ୟାଶନାଲ କପ୍ ହେଉଛି ବିଶ୍ୱର ଅନ୍ୟତମ ସମ୍ମାନଜନକ ଯୁଥ ଫୁଟବଲ ଟୁର୍ନାମେଣ୍ଟ ଏବଂ ଏହାକୁ ପ୍ରତ୍ୟେକ ବର୍ଷ ଇଷ୍ଟର ସପ୍ତାହରେ ସ୍ପେନର କୋଷ୍ଟା ବ୍ରାଭା ଅଞ୍ଚଳରେ ଆୟୋଜନ କରାଯାଏ। ଏହି ଟୁର୍ନାମେଣ୍ଟରେ ଏଫ୍‌ସି ବାର୍ସିଲୋନା, ରିଅଲ ମାଡ୍ରିଡ, ମାଞ୍ଚେଷ୍ଟର ୟୁନାଇଟେଡ ଭଳି ବିଶ୍ୱର ଅଗ୍ରଣୀ କ୍ଲବ ଭାଗ ନିଅନ୍ତି। ଲାୟୋନେଲ ମେସି, ନେମାର, କାସେମିରୋଙ୍କ ଭଳି ଆଇକନ ଖେଳାଳି ପୂର୍ବରୁ ଏହି ଟୁର୍ନାମେଣ୍ଟରେ ଖେଳିଛନ୍ତି।

## ସୟଦ, ସମ୍ବିତ ଓ ପ୍ରିୟାଂଶୁଙ୍କୁ ଡକରା


ସୟଦ ଟି. ଅହମ୍ମଦ


ସମ୍ବିତ କୁମାର ବେଜା


ପ୍ରିୟାଂଶୁ ମହାନ୍ତି

**୧୯ ବର୍ଷରୁ କମ୍ ବାଳକ ଏନ୍‌ସିଏ ଶିବିର**

କଟକ, ୪।୪(କୁମାରଶ୍ରୀ)

ଜାତୀୟ କ୍ରିକେଟ ଏକାଡେମୀ(ଏନସିଏ) ପକ୍ଷରୁ ୧୯ ବର୍ଷରୁ କମ୍ ବାଳକ ବର୍ଗର ଏଲିଟ୍ ଶିବିର ଆସନ୍ତା ମେ ୧୧ରୁ ଆରମ୍ଭ ହେବ। ଭିନୁ ମଙ୍କଡ ଟ୍ରଫି ଏବଂ କୁଚ ବିହାର ଟ୍ରଫିରେ ପ୍ରଦର୍ଶନ ଦୃଷ୍ଟିରୁ ଖେଳାଳି ଚୟନ କରାଯାଇ ଶିବିରରେ ସାମିଲ କରାଯିବ। ଏହି ପରିପ୍ରେକ୍ଷୀରେ ଓଡ଼ିଶାର ୩ଜଣ ଖେଳାଳିଙ୍କୁ ଡକରା ଆସିଛି। ମୋହାଲିରେ ହେବାକୁ ଥିବା ଶିବିରରେ ସୟଦ ଟି. ଅହମ୍ମଦ ଏବଂ ସମ୍ବିତ କୁମାର ବେଜା, ପଣ୍ଡିଚେରୀ ଶିବିରରେ ପ୍ରିୟାଂଶୁ ମହାନ୍ତି ସାମିଲ ହେବେ। ଜୁନ ୬ ତାରିଖ ପର୍ଯ୍ୟନ୍ତ ଶିବିର ଜାରି ରହିବ। ଏନସିଏ ଶିବିରରେ ସ୍ଥାନ ପାଇଥିବା ଉପରୋକ୍ତ ତିନି ଖେଳାଳିଙ୍କୁ ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ସଭାପତି ପଙ୍କଜ ଲୋଚନ ମହାନ୍ତି ଏବଂ ସମ୍ପାଦକ ସଞ୍ଜୟ ବେହେରା ଶୁଭେଚ୍ଛା ଜଣାଇଛନ୍ତି।

## ବିଶ୍ୱ ଚାମ୍ପିୟନଙ୍କୁ ହରାଇଲେ ସୁରେଶ

**ଏସିଆନ ବକ୍ସିଂ ଚାମ୍ପିୟନଶିପ୍**

ଉଲାନବାତାର (ମଙ୍ଗୋଲିଆ), ୪।୪ (ପି.ଟି.)


ବିଶ୍ୱନାଥ ସୁରେଶ ଓ ସାନ୍‌ଝାର ତସ୍କେନବେଙ୍କ ମଧ୍ୟରେ ଲଢ଼େଇ।

ବିଶ୍ୱ ଚାମ୍ପିୟନ ତଥା ବିଶ୍ୱର ନମ୍ବର.୧ କାଜାଖସ୍ତାନର ସାନ୍‌ଝାର ତସ୍କେନବେଙ୍କୁ ପରାସ୍ତ କରି ଭାରତର ଉଦୀୟମାନ ବକ୍ସର ବିଶ୍ୱନାଥ ସୁରେଶ ଏଠାରେ ଚାଲିଥିବା ଏସିଆନ ବକ୍ସିଂ ଚାମ୍ପିୟନଶିପ୍‌ର ପୁରୁଷ ୫୦କେଜି ଶ୍ରେଣୀ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଶନିବାର ଏହି ବିପର୍ଯ୍ୟୟ ବିଜୟ ପୂର୍ବରୁ ଜଜ୍‌ମାନଙ୍କ ସର୍ବସମ୍ମତି ନିଷ୍ପତ୍ତିରେ କିରଗିଜସ୍ତାନର ବେକ୍‌ଜାତ ଏର୍ଜେସୋଭଙ୍କୁ ୫-୦ରେ ହରାଇ ଦେଇଥିଲେ। ସୁରେଶ ବର୍ତ୍ତମାନ ଆର୍ମି ସ୍ପୋର୍ଟ୍ସ ଇନ୍‌ଷ୍ଟିଚ୍ୟୁଟ୍‌ରେ ଟ୍ରେନିଂ ନେଉଛନ୍ତି। ସ୍ୱଳ୍ପ ସମୟ ମଧ୍ୟରେ ସେ ନିଜକୁ ଜଣେ ଦକ୍ଷ ବକ୍ସର ଭାବେ ଗଢ଼ିତୋଳିବାରେ ସମର୍ଥ ହୋଇଛନ୍ତି। ଚେନ୍ନାଇ ବାସିନ୍ଦା ସୁରେଶ ହେଉଛନ୍ତି ବର୍ତ୍ତମାନର ଜାତୀୟ ଚାମ୍ପିୟନ। ସେ ୨୦୨୬ ଜାତୀୟ ଏଲିଟ ପୁରୁଷ ବକ୍ସିଂ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ବିଜେତା।

## 'ବୋଲିଂ ବିଭାଗ ସିଏସ୍‌କେର ବଡ଼ ସମସ୍ୟା'

ଚେନ୍ନାଇ,୪।୪(ପି.ଟି.)

ଭାରତର କିମ୍ବଦନ୍ତୀ କ୍ରିକେଟର ସୁନୀଲ ଗାଭାସ୍କରଙ୍କ ମତରେ ୫ ଥରର ଚାମ୍ପିୟନ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ପାଇଁ ସେମାନଙ୍କର ବୋଲିଂ ସବୁଠୁ ବଡ଼ ସମସ୍ୟା। ବୋଲିଂ ବିଭାଗର ପ୍ରଦର୍ଶନରେ ସୁଧାର ଦ୍ୱାରା ହିଁ ଦଳର ଭାଗ୍ୟ ପରିବର୍ତ୍ତନ ହୋଇପାରିବ। ସିଏସ୍‌କେ ଏପର୍ଯ୍ୟନ୍ତ ଖେଳିଥିବା ଦୁଇଟି ମ୍ୟାଚ୍‌ରେ ପରାଜିତ ହୋଇଛି।

"ଆମେ ଏପର୍ଯ୍ୟନ୍ତ ଯାହା ଦେଖିଛୁ, ସିଏସ୍‌କେର ସବୁଠୁ ବଡ଼ ସମସ୍ୟା ହେଉଛି ସେମାନଙ୍କ ବୋଲିଂ। ଏହାର ଅର୍ଥ ବୋଲରଙ୍କୁ ସୁଯୋଗ ଦେବା ପାଇଁ ସେମାନଙ୍କୁ ନିୟମିତ ୨୨୫-୨୩୦ ରନ କରିବାକୁ ପଡ଼ିବ। ପ୍ରାୟତଃ ଦଳ ପାଖରେ ବ୍ୟାଟିଂ ଗଭୀରତା ରହିଛି। ଉଦାହରଣ ସ୍ୱରୂପ ପଞ୍ଜାବ କିଙ୍ଗ୍ସ ପାଇଁ ନଂ-୭ରେ ମାର୍କସ ଷ୍ଟୋଇନିସ ବ୍ୟାଟିଂ କରୁଛନ୍ତି। ଅନେକ ଦଳ ପାଖରେ ଗଭୀର ବ୍ୟାଟିଂ ଲାଇନଅପ୍ ଥିବାରୁ ଚେନ୍ନାଇକୁ ତା'ର ବୋଲିଂ ଅର୍ଡରରେ ସୁଧାର ଆଣିବାକୁ ପଡ଼ିବ" ବୋଲି ଗାଭାସ୍କର ଷ୍ଟାର ସ୍ପୋର୍ଟ୍ସକୁ କହିଛନ୍ତି। ଏହାବାଦ୍ ସେ ଆୟୁଷ ମାହାତ୍ରେଙ୍କ ସମ୍ପର୍କରେ ପ୍ରକାଶ କରିଛନ୍ତି, ମୋ ମତରେ ନଂ-୩ ମାହାତ୍ରେଙ୍କ ଲାଗି ଭଲ ପୋଜିଶନ। ସେ ୧୯ ବର୍ଷରୁ କମ୍ କ୍ରିକେଟରେ ଲୋୟର ଅର୍ଡରରେ ବ୍ୟାଟିଂ କରିଛନ୍ତି।

# କଣ୍ଟେଣ୍ଟ କ୍ରିଏଟିଂ

## ବଢୁଛି କ୍ୟାରିୟର ଅପ୍ସନ

ଇଣ୍ଟରନେଟ୍ ମିଡିଆ ବର୍ତ୍ତମାନ ଅଧିକାଂଶ ବିଶେଷକରି ଜେନ୍-ଜୀଙ୍କ ପାଇଁ କେବଳ ପାଠପଢ଼ା ଅବା ମନୋରଞ୍ଜନ ନୁହେଁ ବରଂ ନିଜ ଚିନ୍ତାଧାରା, ଟାଲେଣ୍ଟ ଏବଂ ପରିଚୟକୁ ଲୋକଲୋଚନକୁ ଆଣିବାର ଏକ ପ୍ରମୁଖ ତଥା ସଶକ୍ତ ମାଧ୍ୟମ ପାଲଟିଛି। ତେଣୁ କାହା ଅଧୀନରେ କାମ କରିବା ଅପେକ୍ଷା ସ୍ୱତନ୍ତ୍ର ଭାବେ ଅଧିକ ରୋଜଗାର କରିବା ଲାଗି ଡିଜିଟାଲ୍ କଣ୍ଟେଣ୍ଟ କ୍ରିଏଟର ହେବା ସେମାନଙ୍କ ପାଇଁ ଏକ ଭଲ କ୍ୟାରିୟର ଅପ୍ସନ ପାଲଟିବାରେ ଲାଗିଛି ...



ଦିନଥିଲା, ନିଜ ରୁଚି ପାଇଁ କେହି କେହି ବିଭିନ୍ନ କଳାତ୍ମକ ଅବା ରଚନାତ୍ମକ କାର୍ଯ୍ୟ କରୁଥିଲେ। ହେଲେ ବର୍ତ୍ତମାନ ସେହି ରୁଚି ହିଁ ଅନେକଙ୍କ ପାଇଁ ରୋଜଗାରର ମାଧ୍ୟମ ପାଲଟିଛି। କାରଣ ଏହିଭଳି ନୂଆ ନୂଆ କଣ୍ଟେଣ୍ଟର ଦର୍ଶକ ସଂଖ୍ୟା ସାରା ଦେଶରେ ଲଗାତର ବୃଦ୍ଧି ପାଉଛି। ୟୁଟ୍ୟୁବ୍, ଫେସ୍‌ବୁକ୍, ଇନ୍‌ଷ୍ଟାଗ୍ରାମ ଭଳି ସୋସିଆଲ୍ ମିଡିଆ ପ୍ଲାଟ୍‌ଫର୍ମରେ ସମଗ୍ର ପୃଥିବୀରେ ଆମ ଦେଶ ବର୍ତ୍ତମାନ ଡିଜିଟାଲ୍ କଣ୍ଟେଣ୍ଟ କ୍ରିଏଶନ୍ କ୍ଷେତ୍ରରେ ବେଶ୍ ଆଗକୁ ବଢୁଛି। ଆଉ ଦିନକୁ ଦିନ ଡିଜିଟାଲ୍ କଣ୍ଟେଣ୍ଟର ବଢୁଥିବା ଡିମାଣ୍ଡକୁ ଦେଖି ଏହା ଯୁବପିଢ଼ିଙ୍କ ପାଇଁ ଏକ ଭଲ କ୍ୟାରିୟର ଅପ୍ସନ ମଧ୍ୟ ପାଲଟିବାରେ ଲାଗିଛି।

**ବଢୁଛି କ୍ୟାରିୟର ଅପ୍ସନ:** ଆମ ଦେଶର ସମୁଦାୟ ଜନସଂଖ୍ୟା ୧୪୭ କୋଟି ହୋଇଥିବା ବେଳେ ପ୍ରାୟ ୧୦୦ କୋଟି ଲୋକଙ୍କ ପାଖରେ ସ୍ମାର୍ଟଫୋନ୍ ଏବଂ ଇଣ୍ଟରନେଟ୍ ସୁବିଧା ରହିଛି, ଯାହାଙ୍କ ମଧ୍ୟରୁ ପ୍ରାୟ ୬୦ ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ପ୍ରତିଦିନ ଡିଜିଟାଲ୍ କଣ୍ଟେଣ୍ଟ ଦେଖିଥା'ନ୍ତି। ତେଣୁ ଅନେକ କ୍ରିଏଟର ଲକ୍ଷ ଲକ୍ଷ ଟଙ୍କା ରୋଜଗାର ବି କରୁଛନ୍ତି, ଯେଉଁଥିପାଇଁ ଅଧିକାଂଶ ଯୁବତୀଯୁବକ ଏହାକୁ ଏକ ଫୁଲ୍‌ଟାଇମ୍ କ୍ୟାରିୟର ଅପ୍ସନ ଭାବେ ବାଛିବାକୁ ବି ପଛାଉନାହାନ୍ତି। ଚଳିତବର୍ଷ ବଜେଟ ଅଧିବେଶନରେ ମଧ୍ୟ ଏହି ଇଣ୍ଡଷ୍ଟ୍ରିକୁ ବୃଦ୍ଧି କରିବା ଲାଗି ଅଧିକ ଗୁରୁତ୍ୱ ଦିଆଯାଇଛି। ତେଣୁ ଅନୁମାନ କରାଯାଉଛି ଯେ, ଆଗାମୀ ଚାରି ବର୍ଷ ମଧ୍ୟରେ ଅର୍ଥାତ୍ ୨୦୩୦ ସୁଦ୍ଧା ଏ କ୍ଷେତ୍ରରେ ପ୍ରାୟ ୨୦ଲକ୍ଷ ଅଧିକ ଫୁଲ୍‌ଟାଇମ୍ କଣ୍ଟେଣ୍ଟ କ୍ରିଏଟରଙ୍କ ଡିମାଣ୍ଡ ବଢ଼ିବ।

କଣ୍ଟେଣ୍ଟ କ୍ରିଏଟରମାନଙ୍କୁ ବଡ଼ ପ୍ଲାଟ୍‌ଫର୍ମ, ଅପ୍ଟିମାଇଜେସନ୍ ଏବଂ ରୋଜଗାର ଯୋଗାଇ ଦେବାଲାଗି ଆମ ଦେଶରେ ବର୍ତ୍ତମାନ ସୁଦ୍ଧା ସେଭଳି କୌଣସି ନିଜସ୍ୱ ବଡ଼ ପ୍ଲାଟଫର୍ମ ନାହିଁ। ତେଣୁ ମୁମ୍ବାଇସ୍ଥିତ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଶନ୍ ଅଫ୍ କ୍ରିଏଟିଭ୍ ଟେକ୍ନୋଲୋଜି ସହାୟତାରେ ଆଗାମୀ ସମୟରେ ୧୫ ହଜାର ସେକେଣ୍ଡାରୀ ସ୍କୁଲ୍ ଏବଂ ୫୦୦ କଲେଜରେ କଣ୍ଟେଣ୍ଟ କ୍ରିଏଟର୍ ଲ୍ୟାବ୍ ସ୍ଥାପନା କରାଯାଇ ଛାତ୍ରୀଛାତ୍ରମାନଙ୍କୁ ଆଧୁନିକ, ଡିଜିଟାଲ୍ ଏବଂ କ୍ରିଏଟିଭ୍ ଟେକ୍‌ନିକ୍‌ର ପ୍ରଶିକ୍ଷଣ ଯୋଗାଇ ଦିଆଯିବାର ଯୋଜନା ରହିଛି। ଏଥିପାଇଁ ସରକାରଙ୍କ ତରଫରୁ ୨୫୦ କୋଟି ଟଙ୍କାର ବଜେଟ ଧାର୍ଯ୍ୟ କରାଯାଇଛି।







**କେଉଁ କଣ୍ଟେଣ୍ଟର ଅଧିକ ଚାହିଦା ରହିଛି:** ବର୍ତ୍ତମାନ ଡେଲି ଲାଇଫ୍, ଟ୍ରାଭେଲ୍, ବ୍ୟୁଟି ଆଣ୍ଡ ଫ୍ୟାଶନ୍, ଆର୍ଟ ଆଣ୍ଡ କ୍ରାଫ୍ଟ, ଏଜୁକେଶନ୍ ବା ଟ୍ୟୁଟରିଆଲ୍, ହେଲ୍‌ଥ୍ ଆଣ୍ଡ ଫିଟ୍‌ନେସ୍, ପୋଡ୍‌କାଷ୍ଟ, କୁକିଂ, ଗେମିଂ, ସିଙ୍ଗିଙ୍ଗ୍, ଡାନ୍ସିଂ, ଷ୍ଟୋରିଟେଲିଂ, ଗାର୍ଡେନିଂ, କାର୍ଟୁନ୍, ମ୍ୟୁଜିକ୍ ଭଳି ବିଭିନ୍ନ ପ୍ରକାରର କଣ୍ଟେଣ୍ଟ ୟୁଟ୍ୟୁବ୍, ଫେସ୍‌ବୁକ୍, ଇନ୍‌ଷ୍ଟାଗ୍ରାମ୍ ଆଦି ସୋସିଆଲ୍ ମିଡିଆରେ ଦେଖିବାକୁ ମିଳୁଛି। ତେବେ ୟୁଟ୍ୟୁବ୍‌ର ଗ୍ଲୋବାଲ୍ କଲ୍‌ଚର ଆଣ୍ଡ ଟ୍ରେଣ୍ଡ୍‌ସ ରିପୋର୍ଟ-୨୦୨୫ ଅନୁଯାୟୀ ଭାରତରେ ପର୍ସନାଲ୍, ଏଣ୍ଟରଟେନ୍‌ମେଣ୍ଟ ଏବଂ ହେଲ୍‌ଥ ଭଳି ତିନୋଟି କଣ୍ଟେଣ୍ଟର ସର୍ବାଧିକ ଦର୍ଶକ ଅଛନ୍ତି।

**ଆବଶ୍ୟକ ନାହିଁ କୌଣସି ଡିଗ୍ରୀ:** ବର୍ତ୍ତମାନ ସମସ୍ତଙ୍କର କିଛି ନୂଆ କରି ରୋଜଗାର କରିବାର ଲକ୍ଷ୍ୟ ରହିଛି। ଏଥିପାଇଁ କୌଣସି ବୟସ ସୀମା କିମ୍ବା ଡିଗ୍ରୀର ଆବଶ୍ୟକତା ନ ଥିବାରୁ ଏହାର ଡିମାଣ୍ଡ ବଢ଼ିବାରେ ଲାଗିଛି। ଏଥିପାଇଁ ନିଜ ଭିତରେ ଆଗ୍ରହ, ଧୈର୍ଯ୍ୟ ଏବଂ ରୁଚି ଥିବା ଦରକାର।

**ରୋଜଗାରର ବଳିଷ୍ଠ ମାଧ୍ୟମ:** ବର୍ତ୍ତମାନ ଡିଜିଟାଲ୍ କଣ୍ଟେଣ୍ଟର ଡିମାଣ୍ଡ ଏତେ ଅଧିକ ଯେ କେହି କେହି ପର୍ସନାଲ୍ ଚ୍ୟାନେଲ୍‌ରେ ବିଭିନ୍ନ କଣ୍ଟେଣ୍ଟ ପୋଷ୍ଟ କରି ହେଉ ଅବା ଅନ୍ୟ କେହି ବିଭିନ୍ନ ଡିଜିଟାଲ୍ କଣ୍ଟେଣ୍ଟ ପ୍ରସ୍ତୁତ କରୁଥିବା କମ୍ପାନୀ ଅଧୀନରେ କାର୍ଯ୍ୟକରି ଲକ୍ଷାଧିକ ଟଙ୍କା ରୋଜଗାର କରିପାରୁଛନ୍ତି। ଏହା ବ୍ୟତୀତ ଆଫିଲିଏଟ୍ ମାର୍କେଟିଂ, ସ୍ପନ୍ସର୍ଡ କଣ୍ଟେଣ୍ଟ ଏବଂ ଡିଜିଟାଲ୍ ପ୍ରଡକ୍ଟ ବିକ୍ରି ଆଦି କାର୍ଯ୍ୟ ଦ୍ୱାରା ମଧ୍ୟ ଅନେକେ ଭଲ ରୋଜଗାର କରୁଥିବା ଦେଖିବାକୁ ମିଳୁଛି।

**ରହିଛି ଭରପୂର କ୍ୟାରିୟର ଅପ୍ସନ:** ଏଥିରେ ଯେ ଜଣେ କେବଳ ପର୍ସନାଲ୍ କଣ୍ଟେଣ୍ଟ କ୍ରିଏଟର ଭାବେ କାମ କରିପାରିବ ତା' ନୁହେଁ, ବରଂ ବିଭିନ୍ନ ଡିଜିଟାଲ୍ କଣ୍ଟେଣ୍ଟ ପ୍ରସ୍ତୁତ କରୁଥିବା କମ୍ପାନୀ ଅଧୀନରେ କ୍ୟାମେରା ପର୍ସନ, ଭିଜୁଆଲ୍ ଏଡିଟର୍, କଣ୍ଟେଣ୍ଟ ରାଇଟର୍, ପୋଡ୍‌କାଷ୍ଟର, ବ୍ରାଣ୍ଡ କୋଲାବରେଟର୍, କଣ୍ଟେଣ୍ଟ ଷ୍ଟ୍ରାଟେଜିଷ୍ଟ, କଣ୍ଟେଣ୍ଟ ମ୍ୟାନେଜର୍ ଭଳି ବିଭିନ୍ନ ଦିଗରେ କ୍ୟାରିୟର କରିପାରିବେ।

– ପୌର୍ଣ୍ଣମାସୀ

### କ'ଣ କୁହନ୍ତି ଏମାନେ...



**ସନ୍ତୋଷ କୁମାର କାଣ୍ଡି**(କଣ୍ଟେଣ୍ଟ କ୍ରିଏଟର୍)– ବର୍ତ୍ତମାନ ଡିଜିଟାଲ୍ କଣ୍ଟେଣ୍ଟ କ୍ରିଏଟର୍ ଭାବେ କାର୍ଯ୍ୟକରି ଭଲ ରୋଜଗାର କରିବା ସହ ସମାଜରେ ନିଜର ଏକ ପରିଚୟ ସୃଷ୍ଟି କରିବାର ବେଷ୍ଟ ପ୍ଲାଟଫର୍ମ ସାଜିଛି ସୋସିଆଲ୍ ମିଡିଆ। ନିଜ ଅନୁଭୂତି କହିବି–ଜଣେ ଆର୍ଟିଷ୍ଟ ହେବାର ଲକ୍ଷ୍ୟ ନେଇ ବିଭିନ୍ନ ସ୍ଥାନରେ ଅଡିଶନ୍ ଦେଇ ବିଫଳ ହୋଇଥିଲି। ହେଲେ ଯେବେଠୁ ସୋସିଆଲ୍ ମିଡିଆରେ ନିଜର ଭିଡିଓ କରି ପୋଷ୍ଟ କରିବା ଆରମ୍ଭ କଲି ନା କେବଳ ଏହା ରୋଜଗାରର ଏକ ବାଟ ଦେଖାଇଲା ବରଂ ଲୋକେ ମୋତେ ଚିହ୍ନିଲେ ଏବଂ ବଡ ପରଦାରୁ ବି ଅଫର ଆସିବା ମୋ ପାଇଁ ସୌଭାଗ୍ୟର କଥା ହୋଇପାରିଲା। ୫ବର୍ଷ ହେବ ନିଜେ ଏହି ଫିଲ୍ଡରେ କାମ କରୁଛି ଏବଂ ବର୍ତ୍ତମାନ ସୁଦ୍ଧା ନିଜ ଟିମ୍‌ରେ ୧୦ ଜଣଙ୍କୁ ସାମିଲ୍ କରିପାରିଥିବାରୁ ଖୁସି ଲାଗୁଛି। ମୋ ମତରେ ଆକ୍ଟିଂ ଲାଇନ୍‌ରେ କାମ କରିବାକୁ ଇଚ୍ଛୁକ ଯୁବପିଢି କୌଣସି ସଂସ୍ଥାରେ ଅଡିଶନ୍ ଦେବା ଅପେକ୍ଷା କଣ୍ଟେଣ୍ଟ କ୍ରିଏଟର ଭାବେ ନିଜସ୍ୱ ଟ୍ୟାଲେଣ୍ଟ ଦେଖାଇପାରିଲେ ଏହା ଅଧିକ ଲୋକାଦୃତ ହେବା ସହ ଲାଇଭ୍ ଅଡିଶନ୍ ଭଳି କାମ କରିବ। ତେଣୁ ଫୁଲ୍‌ଟାଇମ୍ ହେଉ ଅବା ପାର୍ଟଟାଇମ୍ ଇନ୍‌କମ୍ ପାଇଁ ରୁଚି ଥିବା ବିଭିନ୍ନ କ୍ଷେତ୍ରରେ କଣ୍ଟେଣ୍ଟ କ୍ରିଏଟର ଭାବେ କାର୍ଯ୍ୟ କରିବା ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ ପଦକ୍ଷେପ।



**ପୂର୍ଣ୍ଣିମା ବରାଳ**(ଗେମର୍, ଷ୍ଟ୍ରିମର୍)– ପିଲାବେଳୁ ଗେମିଂରେ ବହୁତ ଆଗ୍ରହ ଥିଲା। ତେଣୁ ଏହି ପ୍ୟାଶନ୍‌କୁ ପ୍ରଫେଶନ୍‌ରେ ପରିଣତ କରିବାର ଇଚ୍ଛା ଏବେ ମୋତେ ଜଣେ ଗେମର୍ ଭାବେ ପରିଚୟ ଦେଇପାରିଛି। ଗେମିଂ କ୍ଷେତ୍ରରେ ଭଲ ଭଲ କଣ୍ଟେଣ୍ଟ, ଲାଇଭ୍ ଷ୍ଟ୍ରିମିଂ ଆଦି କରି ବର୍ତ୍ତମାନ କେବଳ ପୁଅମାନେ ନୁହନ୍ତି ଝିଅମାନେ ବି ବହୁତ ଭଲ ଇନ୍‌କମ୍ କରୁଛନ୍ତି। ଯେକୌଣସି କ୍ଷେତ୍ରରେ ଦୃଢ ଇଚ୍ଛା, କିଛି ନୂଆ କରିବାର ନିଶା ଏବଂ ଲଗାତର୍ ଉଦ୍ୟମ କଲେ ଜଣେ ସଫଳ ହୋଇପାରିବ ସେଥିରେ ସନ୍ଦେହ ନାହିଁ। ବିଶେଷ କରି ଯେଉଁ ଝିଅମାନେ ବାହାରକୁ ଯାଇ କାମ ନ କରିପାରୁଛନ୍ତି ସେମାନଙ୍କ ପାଇଁ ଘରେ ରହି ନିଜ ରୁଚି ଥିବା ଦିଗରେ କଣ୍ଟେଣ୍ଟ କ୍ରିଏଟର ଭାବେ କାର୍ଯ୍ୟ କରିବା ଏକ ଭଲ କ୍ୟାରିୟର ଅପ୍ସନ ଓ ଇନ୍‌କମ୍ ସୋର୍ସ ହୋଇପାରିବ ବୋଲି ମୋର ବିଶ୍ୱାସ।



### ଏ ସପ୍ତାହର ପ୍ରଶ୍ନ ?

୧– ଷ୍ଟକ୍‌ହୋମ୍ ୱାଟର ପ୍ରାଇଜ୍ ୨୦୨୬ର ବିଜେତା .............................. ?
୨– କଟନ୍ କର୍ପୋରେଟ୍ ଅଫ୍ ଇଣ୍ଡିଆ ............. ପକ୍ଷରୁ କାର୍ଯ୍ୟକାରୀ କରାଯାଉଛି ?
୩– ୱାର୍ଲ୍ଡ ହାପିନେସ୍ ରିପୋର୍ଟ ୨୦୨୬ ଅନୁଯାୟୀ ଭାରତର ର୍‍ୟାଙ୍କ୍ .......... ?
୪– ପାନାମା କେନାଲ୍ ...... ଏବଂ ......... ମହାସାଗରକୁ ସଂଯୋଗ କରିଥାଏ ?
୫– ନ୍ୟାଶନାଲ୍ ବାୟୋଡାଇଭର୍ସିଟି ଅଥରିଟି ....... ଦ୍ୱାରା କାର୍ଯ୍ୟକରୀ ହେଉଛି ?

### ଗତ ଥରର ଉତ୍ତର

୧ ନୂଆଦିଲ୍ଲୀ
୨ ନୀଳଗିରି ପର୍ବତ
୩ ମାର୍ଚ୍ଚ ୧୬ ତାରଖ
୪ ସାହିତ୍ୟ କ୍ଷେତ୍ର
୫ ଠେକୁଆ

### ଉତ୍ତରଦାତା


ଅନ୍ନଦା ପ୍ରସନ୍ନ ପଟ୍ଟନାୟକ
କଟକ


ଗଣେଶ ବେହେରା
ଗଞ୍ଜାମ

**ସୂଚନା:** ଆଗାମୀ ଆଶା ପୃଷ୍ଠାରେ ଦିଆଯାଇଥିବା ପ୍ରଶ୍ନର ଉତ୍ତର ସହ ନିଜ ନାମ, ଠିକଣା, ଫଟୋ ଏବଂ ମତାମତ ଲେଖି ପଠାନ୍ତୁ। ଇ-ମେଲ୍ ଠିକଣା: dharitriagamiasha@gmail.com

### ଟପ୍ ଟେନ୍ ୧୦

**ସବୁଠୁ ଲୋକପ୍ରିୟ କଫି ବ୍ରାଣ୍ଡ**



୧.............................ଷ୍ଟାରବକ୍ସ
୨.............................କିଉରିଗ୍ ଡ. ପିପର୍
୩.............................ନେସ୍କାଫେ
୪.............................ପିଟ୍ସ କଫି
୫.............................ଗ୍ଲୋରିଆ ଜିନ୍ସ କଫିଜ୍
୬.............................ଟିମ୍ ହର୍ଟନ୍ସ
୭.............................କୋଷ୍ଟା କଫି
୮.............................ଫଲ୍‌ଗର୍ସ
୯.............................ଲାଭାଜା
୧୦.............................ଡଙ୍କିନ୍

### ୟୁଥ୍ ଆଲର୍ଟ

## ହେବନାହିଁ ହାର୍ଟ ଆଟାକ୍

ବର୍ତ୍ତମାନ ଯୁବାବସ୍ଥାରେ ଅନେକଙ୍କର ହୃଦ୍‌ଘାତ ବା ହାର୍ଟ ଆଟାକ୍‌ରେ ଜୀବନ ଚାଲିଯିବା ଏକ ଚିନ୍ତାର ବିଷୟ ପାଲଟିଛି। ହେଲେ କେତେକ ଦିଗ ପ୍ରତି ବିଶେଷ ଧ୍ୟାନ ଦେଲେ ହୃଦ୍‌ଘାତଜନିତ ଅକାଳ ମୃତ୍ୟୁକୁ ରୋକାଯାଇପାରିବ। ଜାଣି ରଖନ୍ତୁ ସେ ସମ୍ପର୍କରେ...



- ଯୁବାବସ୍ଥାରେ ହୃଦ୍‌ଘାତର ମୁଖ୍ୟ କାରଣ ହେଉଛି ପରିବର୍ତ୍ତିତ ଜୀବନଶୈଳୀ ଏବଂ ଅସନ୍ତୁଳିତ ଖାଦ୍ୟାଭ୍ୟାସ। ତେଣୁ ସବୁବେଳେ ସବୁଜ ପନିପରିବା, ଫଳ, ଗଜାମୁଗ, ବୁଟ ଏବଂ ଓମେଗା ୩ଯୁକ୍ତ ସନ୍ତୁଳିତ ଖାଦ୍ୟ ଖାଆନ୍ତୁ। ହାଇ କ୍ୟାଲୋରିଯୁକ୍ତ ଖାଦ୍ୟ, ଫାଷ୍ଟ ଫୁଡ୍, ଜଙ୍କ୍‌ଫୁଡ୍, ପ୍ରୋସେସ୍ଡ ଫୁଡ୍, ଅଧିକ ଲୁଣଥିବା ଖାଦ୍ୟ ଏବଂ ଛଣାଛଣି ଜାତୀୟ ଖାଦ୍ୟ ଯଥାସମ୍ଭବ କମ୍ ଖାଆନ୍ତୁ।
- ଧୂମପାନ, ଆଲ୍‌କହଲ୍ ପିଇବା, ସିଗାରେଟ୍ ଟାଣିବା, ତମାଖୁ ଖାଇବା ଭଳି କୌଣସି ନିଶାଦ୍ରବ୍ୟ ସେବନ ଅଭ୍ୟାସ ଥିଲେ ତୁରନ୍ତ ଛାଡ଼ନ୍ତୁ। ଏହାମଧ୍ୟ ହୃଦ୍‌ଘାତର ଅନ୍ୟତମ ପ୍ରମୁଖ କାରଣ।
- ପାଠପଢ଼ା, ଜବ୍ ଆଦି ପାଇଁ ଦୀର୍ଘ ସମୟ ବସି ରହିବା ଦ୍ୱାରା ଶାରୀରିକ ପରିଶ୍ରମ ହୋଇ ନ ଥାଏ, ଯଦ୍ୱାରା ଫ୍ୟାଟ୍ ଓ କୋଲେଷ୍ଟରଲ୍ ବଢ଼ିବା ସହ ହୃଦ୍‌ରୋଗ ଆଶଙ୍କା ବୃଦ୍ଧି ପାଇଥାଏ। ତେଣୁ ହୃତ୍‌ପିଣ୍ଡକୁ ସୁସ୍ଥ ରଖିବା ଲାଗି ପ୍ରତିଦିନ ଚାଲିବା ସହ ଅତି କମ୍‌ରେ ଅଧଘଣ୍ଟା ଯୋଗ, ବ୍ୟାୟାମ କରିବାକୁ ଭୁଲନ୍ତୁ ନାହିଁ।
- ସର୍ବୋପରି ନିଜକୁ ସବୁବେଳେ ଷ୍ଟ୍ରେସ୍ ଫ୍ରି ରଖନ୍ତୁ ଏବଂ ପ୍ରତିଦିନ ୭-୮ଘଣ୍ଟା ଭଲ ଭାବେ ଶୁଅନ୍ତୁ।
- ମଝିରେ ମଝିରେ ଡାକ୍ତରଙ୍କ ପରାମର୍ଶ କ୍ରମେ ବ୍ଲଡ୍‌ସୁଗାର, ବ୍ଲଡ୍‌ପ୍ରେସର ଏବଂ କୋଲେଷ୍ଟରଲ୍ ଚେକ୍ କରନ୍ତୁ ଏବଂ ଏହାକୁ ସର୍ବଦା ନିୟନ୍ତ୍ରଣରେ ରଖିବାକୁ ଚେଷ୍ଟା କରନ୍ତୁ।

### ଜାଣନ୍ତୁ ଦୁନିଆ

## ସୁଇସାଇଡ୍ ଫରେଷ୍ଟ

ଜାପାନର ରାଜଧାନୀ ଟୋକିଓଠାରୁ ଅଳ୍ପ ଦୂରରେ ଅବସ୍ଥିତ ମାଉଣ୍ଟ ଫୁଜିର ଉତ୍ତର-ପଶ୍ଚିମରେ ରହିଛି ଏକ ୩୫ବର୍ଗ କି.ମି. ବ୍ୟାପ୍ତ ଘଞ୍ଚ ଜଙ୍ଗଲ ଓକିଗହାରା। ଯାହା ଭିତରକୁ ଥରେ ଗଲେ କେହି ଫେରି ଆସୁ ନ ଥିବାରୁ ଏହାକୁ ସୁଇସାଇଡ୍ ଫରେଷ୍ଟ ବୋଲି କୁହାଯାଇଥାଏ। ଜାଣନ୍ତୁ ଏ ସମ୍ପର୍କରେ କିଛି ରୋଚକ ତଥ୍ୟ...

- କୁହାଯାଏ, ଏହି ଜଙ୍ଗଲ ଭିତର ଏତେ ଘଞ୍ଚ ଯେ, ଯଦି କେହି ଅଜାଣରେ ଏହା ଭିତରକୁ ଚାଲିଯାଆନ୍ତି, ତେବେ ସେଠାରୁ ଫେରିବା ଏକ ପ୍ରକାରର ଅସମ୍ଭବ କହିଲେ ଅତ୍ୟୁକ୍ତି ହେବ ନାହିଁ। କାରଣ ଏଠାକୁ ଆସିବା ପରେ ଲୋକେ ଆତ୍ମହତ୍ୟା କରିଦିଅନ୍ତି, ଯେଉଁଥିପାଇଁ ଏହାକୁ ସୁଇସାଇଡ୍ ଫରେଷ୍ଟ ବା ସୁଇସାଇଡ୍ ପଏଣ୍ଟ ବୋଲି କୁହାଯାଏ।
- ଏହି ଜଙ୍ଗଲ ପ୍ରାକୃତିକ ଶୋଭାରେ ଖୁବ୍ ସୁନ୍ଦର। ଏହା ମଧ୍ୟରେ ପ୍ରାୟ ୩୦୦ ବର୍ଷ ପୁରୁଣା ଗଛ ରହିଛି। ଅଧିକ ଘଞ୍ଚ ହୋଇଥିବାରୁ ଏହି ଜଙ୍ଗଲକୁ ଗଛର ସାଗର ବି କୁହାଯାଏ।
- ଆତ୍ମହତ୍ୟା ପାଇଁ ଏହା ଦୁନିଆର ସବୁଠୁ ଚର୍ଚ୍ଚିତ ସ୍ଥାନ। କେବଳ ୨୦୦୩ ମସିହାରେ ଏଠାରେ ୧୦୫ ଜଣ ଲୋକ ଆତ୍ମହତ୍ୟା କରିଥିବା ଏକ ରିପୋର୍ଟ ଅନୁଯାୟୀ ଜଣାପଡ଼ିଥିଲା। ଏକ ପୁରାତନ କାହାଣୀ ଅନୁଯାୟୀ, ଦୀର୍ଘ ବର୍ଷ ତଳେ ନିଜ ଭରଣପୋଷଣ ପାଇଁ ଅସମର୍ଥ କିଛି ଲୋକଙ୍କୁ ଏହି ଜଙ୍ଗଲରେ ଛାଡ଼ିଦିଆଯାଇଥିଲା। ସେଠାରେ ସେମାନେ ଭୋକ ଉପାସରେ ମୃତ୍ୟୁବରଣ କରିଥିଲେ। ସେବେଠୁ ସେମାନଙ୍କ ପ୍ରେତାତ୍ମା ଏବଂ ଆତ୍ମହତ୍ୟା କରୁଥିବା ଲୋକମାନଙ୍କ ଭୂତ ସେହି ଜଙ୍ଗଲରେ ରହି ଆସୁଛନ୍ତି। ଆଉ ସେହି ଭୂତ ହିଁ ଅନ୍ୟମାନଙ୍କ ମୃତ୍ୟୁ ପାଇଁ ଦାୟୀ ବୋଲି ଜାପାନର ଜ୍ୟୋତିଷମାନେ ମତ ଦିଅନ୍ତି।
- ଆଶ୍ଚର୍ଯ୍ୟର କଥା ଯେ, ଏହି ଜଙ୍ଗଲ ଭିତରକୁ ଗଲେ କମ୍ପାସ୍, ମୋବାଇଲ୍ ଫୋନ୍ ଭଳି କୌଣସି ଗେଜେଟ୍ସ କାମ କରି ନ ଥାଏ।
- ଏହି ଜଙ୍ଗଲକୁ ପ୍ରବେଶ କରିବା ରାସ୍ତାରେ ଲଗାଯାଇଥିବା ଏକ ବୋର୍ଡରେ ଲେଖାଯାଇଛି– ଧ୍ୟାନର ସହ ନିଜ ପିଲା, ପରିବାର ଏବଂ ନିଜ ଜୀବନ ବିଷୟରେ ଚିନ୍ତା କରନ୍ତୁ, ଯାହାକି ତୁମକୁ ମାତାପିତାଙ୍କ ଦ୍ୱାରା ମିଳିଥିବା ସବୁଠୁ ଅମୂଲ୍ୟ ଉପହାର।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ରବିବାର, ୫ ଏପ୍ରିଲ୍, ୨୦୨୬ Bhubaneswar, Sunday, 5 April, 2026

# ମୁମ୍ବାଇକୁ ହରାଇଲା ଦିଲ୍ଲୀ

**ନୂଆଦିଲ୍ଲୀ,୪।୪**

ସମୀର ରିଜ୍‌ଭୀଙ୍କ ବିସ୍ଫୋରକ ବ୍ୟାଟିଂ ବଳରେ ଦିଲ୍ଲୀ କ୍ୟାପିଟାଲ୍ସ (ଡିସି) ଶନିବାର ଅପରାହ୍ନରେ ଖେଳାଯାଇଥିବା ଆଇପିଏଲ୍ ମ୍ୟାଚ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ (ଏମ୍‌ଆଇ)କୁ ୬ ଉଇକେଟରେ ପରାସ୍ତ କରିଛି। ଏହା ଦିଲ୍ଲୀର କ୍ରମାଗତ ଦ୍ୱିତୀୟ ବିଜୟ ହୋଇଥିବା ବେଳେ ମୁମ୍ବାଇର ଏହା ପ୍ରଥମ ପରାଜୟ।

ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ମୁମ୍ବାଇ ଆରମ୍ଭରୁ ରିଆନ ରିକଲଟନ(୯) ଓ ତିଲକ ବର୍ମା(୦)ଙ୍କ ଉଇକେଟ ହରାଇଥିଲା। ଭେଟେରାନ ଓପନର ରୋହିତ ଶର୍ମା କାମଚଳା ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କ ସହ ମିଶି ତୃତୀୟ ଉଇକେଟରେ ୫୩ ରନ ଯୋଡ଼ିଥିଲେ। ଏହାପରେ ଦଳ କ୍ରମାଗତ ବ୍ୟବଧାନରେ ରୋହିତ (୨୬ ବଲ, ୩୫ ରନ, ୫ ଚୌକା ଓ ୧ ଛକା), ଶେର୍ଫାନେ ରଦରଫୋର୍ଡ (୫) ଓ ସୂର୍ଯ୍ୟକୁମାର (୩୬ ବଲ ୫୧ ରନ, ୩ ଚୌକା ଓ ୨ ଛକା)ଙ୍କ ଉଇକେଟ ହରାଇଥିଲା। ଶେଷଆଡ଼କୁ ନମନ ଧୀର ୨୮ (୨ ଚୌକା ଓ ୧ ଛକା) ଓ ମିଚେଲ ସାଣ୍ଟନର ୧୮(୨ ଚୌକା) ରନ କରିଥିଲେ। ଫଳରେ ମୁମ୍ବାଇ ୨୦ ଓଭରରେ ୬ ଉଇକେଟ ହରାଇ ୧୬୨ ରନ କରିଥିଲା। ଦିଲ୍ଲୀ ପାଇଁ ମୁକେଶ କୁମାର ୨ ଉଇକେଟ ନେଇଥିଲେ। ଜବାବରେ ଦିଲ୍ଲୀ ମାତ୍ର ୭ ରନ ମଧ୍ୟରେ ଲୋକେଶ ରାହୁଲ(୧) ଓ ନୀତୀଶ



ଅର୍ଦ୍ଧଶତକୀୟ ଇନିଂସ ଅବସରରେ ସମୀର ରିଜ୍‌ଭୀ।

ରାଣା(୦)ଙ୍କ ଉଇକେଟ ହରାଇଥିଲା। ଅନ୍ୟତମ ଓପନର ପଥୁମ ନିଶଙ୍କା ଓ ସମୀର ରିଜ୍‌ଭୀ ଦାୟିତ୍ୱ ସମ୍ଭାଳିଥିଲେ। ଦୁହେଁ ୬୬ ରନ ଯୋଡ଼ି ଦଳୀୟ ସ୍କୋରକୁ ଆଗେଇ ନେଇଥିଲେ। ଆଟାକିଂ ବ୍ୟାଟିଂ କରୁଥିବା ନିଶଙ୍କା ୩୦ ବଲରେ ୪୪ (୬ ଚୌକା ଓ ୧ ଛକା) ରନ କରି ଦଶମ ଓଭରରେ ମିଚେଲ ସାଣ୍ଟନରଙ୍କ ବଲରେ

## ରିଜ୍‌ଭୀଙ୍କ ବିସ୍ଫୋରକ ଅର୍ଦ୍ଧଶତକ

ଆଉଟ୍ ହୋଇଥିଲେ। ଏହିଠାରୁ ରିଜ୍‌ଭୀ ଆଟାକିଂ ବ୍ୟାଟିଂ କରିଥିବା ବେଳେ ଡେଭିଡ୍ ମିଲର ତାଙ୍କୁ ଆବଶ୍ୟକୀୟ ସମର୍ଥନ ପ୍ରଦାନ କରିଥିଲେ। ଦୁଇ ବ୍ୟାଟର ଚତୁର୍ଥ ଉଇକେଟରେ ୩୯ ବଲରେ ୭୮ ରନ ଯୋଡ଼ି ଦଳର ବିଜୟ ନିଶ୍ଚିତ କରିଥିଲେ। ଶତକ ଅଭିମୁଖେ ଅଗ୍ରସର ହେଉଥିବା ରିଜ୍‌ଭୀ ୫୧ ବଲରେ ୭ ଲେଖାଏ ଚୌକା ଓ ଛକା ସହିତ ୯୦ ରନ କରି ଆଉଟ୍ ହୋଇଥିଲେ। ଏହା ତାଙ୍କର ଲଗାତର ଦ୍ୱିତୀୟ ଅର୍ଦ୍ଧଶତକ ଥିଲା। ଏହାପରେ ମିଲର (୨୧ ରନ, ୪ ଚୌକା) ଓ ଟ୍ରିଷ୍ଟାନ ଷ୍ଟବ୍ସ (୩) ଅପରାଜିତ ରହି ମ୍ୟାଚ୍ ଫିନିଶ କରିଥିଲେ। ଦିଲ୍ଲୀ ୧୮.୧ ଓଭରରେ ୪ ଉଇକେଟ ହରାଇ ୧୬୪ ରନ କରି ନେଇଥିଲା।

**ସଂକ୍ଷିପ୍ତ ସ୍କୋର**

ମୁମ୍ବାଇ ଇଣ୍ଡିଆନ୍ସ: ୨୦ ଓଭରରେ ୧୬୨/୬(ସୂର୍ଯ୍ୟକୁମାର ଯାଦବ-୫୧, ରୋହିତ ଶର୍ମା-୩୫, ନମନ ଧୀର-୨୮, ମୁକେଶ କୁମାର-୨/୨୬, ଅକ୍ଷର ପଟେଲ-୧/୨୨)। ଦିଲ୍ଲୀ କ୍ୟାପିଟାଲ୍ସ: ୧୮.୧ ଓଭରରେ ୧୬୪/୪(ସମୀର ରିଜଭୀ-୯୦, ପଥୁମ ନିଶଙ୍କା-୪୪, ଦୀପକ ଚହର-୧/୨୦, ମିଚେଲ ସାଣ୍ଟନର-୧/୨୨)।

# ମୁଖ୍ୟମନ୍ତ୍ରୀଙ୍କୁ ୱାର୍ଲ୍ଡ ଆଥ୍‌ଲେଟିକ୍ସ ପତାକା ପ୍ରଦାନ



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ୱାର୍ଲ୍ଡ ଆଥ୍‌ଲେଟିକ୍ସ ପତାକା ପ୍ରଦାନ କରୁଛନ୍ତି କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ।

**ଭୁବନେଶ୍ୱର, ୪।୪ (ବିଜୟ ରଣା)**

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଶନିବାର ଆନୁଷ୍ଠାନିକ ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ୱାର୍ଲ୍ଡ ଆଥ୍‌ଲେଟିକ୍ସ ପତାକା ପ୍ରଦାନ କରିଛନ୍ତି। ରାଜ୍ୟ ପାଇଁ ଏହା ଏକ ଗୌରବର ମୁହୂର୍ତ୍ତ। ସହରରେ ୨୦୨୮ରେ ୱାର୍ଲ୍ଡ ଇନ୍‌ଡୋର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ଆୟୋଜନ କରିବା ପାଇଁ ପ୍ରସ୍ତୁତିର ଏକ ପ୍ରତିଫଳନ ବୋଲି କୁହାଯାଇପାରେ। ପୁନଶ୍ଚ ଏକ ବିଶ୍ୱ ଶ୍ରେଣୀୟ ଇଭେଣ୍ଟର ଆୟୋଜନ ପାଇଁ ରାଜ୍ୟ ପ୍ରତିଶ୍ରୁତିବଦ୍ଧ ବୋଲି ଏହା ସୂଚିତ କରୁଛି। ପୂର୍ବରୁ ପୋଲାଣ୍ଡରେ ଆଥ୍‌ଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ ଏବଂ କ୍ରୀଡ଼ା ସଚିବ ଭୂପେନ୍ଦ୍ର ସିଂ ପୁନିଆଙ୍କୁ ବିଧିବଦ୍ଧ ପତାକା ପ୍ରଦାନ କରାଯାଇଥିଲା। ଇଭେଣ୍ଟ ଆୟୋଜନ ପାଇଁ ଭାରତକୁ ଆନୁଷ୍ଠାନିକ ଅଧିକାର ପ୍ରଦାନ କରାଯାଇଥିଲା। ପତାକା ଗ୍ରହଣ କରିବା ପରେ ମୁଖ୍ୟମନ୍ତ୍ରୀ କହିଥିଲେ, ଏହା କେବଳ ଏକ ଘଟଣା ନୁହେଁ, ଏହା ଐତିହ୍ୟର ଏକ ମୁହୂର୍ତ୍ତ। ୨୦୨୮ ପାଇଁ କାଉଣ୍ଟଡାଉନ ଆରମ୍ଭ ହୋଇଛି। ଭାରତ ଓ ଓଡ଼ିଶା ଇଭେଣ୍ଟର ଆୟୋଜନ ପାଇଁ ପ୍ରସ୍ତୁତ। ସୂଚନାଯୋଗ୍ୟ, ସେବାଷ୍ଟିଆନ କୋ' ୨୦୨୮ ୱାର୍ଲ୍ଡ ଇନ୍‌ଡୋର ଚାମ୍ପିୟନଶିପ୍ ପାଇଁ ଆୟୋଜନ ଅଧିକାର ଘୋଷଣା କରିବା ଦ୍ୱାରା ଗ୍ଲୋବାଲ ଆଥ୍‌ଲେଟିକ୍ସ ମଞ୍ଚରେ ଓଡ଼ିଶାର ଆଗମନକୁ ସୂଚିତ କରିଥିଲା। ବିଶ୍ୱ ଟ୍ରାକ୍ ଆଣ୍ଡ୍ ଫିଲ୍ଡରେ ୱାର୍ଲ୍ଡ ଆଥ୍‌ଲେଟିକ୍ସ ଇନ୍‌ଡୋର ଚାମ୍ପିୟନଶିପ୍ ହେଉଛି ଅନ୍ୟତମ ସମ୍ମାନଜନକ ଇଭେଣ୍ଟ। ଏହା ବିଶ୍ୱର ଆଗଧାଡ଼ି ଆଥ୍‌ଲେଟମାନେ ଇନ୍‌ଡୋର କଣ୍ଡିଶନରେ ଭାଗ ନେବା ଲାଗି ଏକତ୍ରିତ କରିଥାଏ। ଓଡ଼ିଶାରେ ଏହାର ଆଗମନ କେବଳ ଆୟୋଜନ କରିବାର ଏକ ସୁଯୋଗ ନୁହେଁ, ବରଂ ଭାରତରେ ବର୍ଦ୍ଧିତ କ୍ରୀଡ଼ା ଇକୋସିଷ୍ଟମ, ଭିତ୍ତିଭୂମି ଏବଂ ସାଂଗଠନିକ ଉତ୍କର୍ଷତା ପ୍ରଦର୍ଶନ କରିବାର ଏକ ସୁଯୋଗ।

# ରାଜସ୍ଥାନର ରୋମାଞ୍ଚକ ବିଜୟ

**ଅହମଦାବାଦ,୪।୪**

ଯଶସ୍ୱୀ ଜୟସ୍ୱାଲ ଓ ଧ୍ରୁବ ଜୁରେଲଙ୍କ ଅର୍ଦ୍ଧଶତକ ପରେ ରବି ବିଷ୍ଣୋଇଙ୍କ ୪ ଉଇକେଟ ସଫଳତା ଯୋଗୁ ରାଜସ୍ଥାନ ରୟାଲ୍ସ ୬ ରନରେ ଗୁଜରାଟ ଟାଇଟନ୍ସକୁ ପରାସ୍ତ କରିଛି। ଏହା ରାଜସ୍ଥାନର ଲଗାତର ଦ୍ୱିତୀୟ ବିଜୟ ହୋଇଥିବା ବେଳେ ଗୁଜରାଟ ଦ୍ୱିତୀୟ ପରାଜୟ ବରଣ କରିଛି। ଏହି ମ୍ୟାଚ୍ ଜରିଆରେ ବିଷ୍ଣୋଇ ଟି୨୦ କ୍ରିକେଟରେ ୨୦୦ ଉଇକେଟ ପୂରଣ କରିଛନ୍ତି।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ରାଜସ୍ଥାନ ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ହରାଇ ୨୧୦ ରନ କରିଥିଲା। ଦଳ ପାଇଁ ଧ୍ରୁବ ଜୁରେଲ ୪୨ ବଲରେ ସର୍ବାଧିକ ୭୫ (୫ ଲେଖାଏ ଚୌକା ଓ ଛକା) ଓ ଯଶସ୍ୱୀ ଜୟସ୍ୱାଲ ୩୬ ବଲରେ ୫୫ (୬ ଚୌକା ଓ ୩ ଛକା) ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବୈଭବ ସୂର୍ଯ୍ୟବଂଶୀ ୧୮ ବଲରେ ୩୧ (୫ ଚୌକା ଓ ୧ ଛକା) ଓ ଶିମରନ ହେଟମାୟର ୧୮ (୧ ଚୌକା ଓ ୨ ଛକା) ରନ କରିଥିଲେ। ଗୁଜରାଟ ପାଇଁ କାଗିସୋ ରାବାଡା ୨ ଉଇକେଟ ନେଇଥିଲେ। ଜବାବରେ ଗୁଜରାଟକୁ ସାଇ ସୁଦର୍ଶନ ଓ କୁମାର କୁଶାଗ୍ର ଭଲ ଆରମ୍ଭ ଦେଇଥିଲେ। ଦୁହେଁ ୮ ଓଭରରେ ଦଳୀୟ ସ୍କୋରକୁ ୭୮ ରନରେ ପହଞ୍ଚାଇଥିଲେ। କୁଶାଗ୍ର ୧୮ (୩ ଚୌକା) ରନ କରି ପ୍ରଥମ ବ୍ୟାଟର ଭାବେ ଆଉଟ୍ ହୋଇଥିଲେ। ଏହିଠାରୁ ସୁଦର୍ଶନ ଓ ଜୋଶ ବଟଲର ଦଳୀୟ ସ୍କୋରକୁ ୧୦୦ ଅତିକ୍ରମ କରାଇଥିଲେ। ହେଲେ ଏହାପରେ ଦଳ କ୍ରମାଗତ ବ୍ୟବଧାନରେ ଉଇକେଟ ହରାଇଥିଲା। ଏକଦା ୧୦୭/୧ ସ୍କୋର କରିଥିବା ଗୁଜରାଟ ପରବର୍ତ୍ତୀ ୫୪ ରନ ମଧ୍ୟରେ ୬ ଉଇକେଟ ହରାଇ ଦିଗହରା ହୋଇଯାଇଥିଲା। ସୁଦର୍ଶନ ୪୪ ବଲରେ ୭୩ (୯ ଚୌକା ଓ ୩ ଛକା), ଗ୍ଲେନ ଫିଲିପ୍ସ (୩), ୱାଶିଂଟନ ସୁନ୍ଦର (୪), ଜୋଶ ବଟଲର ୧୪ ବଲରେ ୨୬ (୫ ଚୌକା), ରାହୁଲ ତେୱାଟିଆ (୧୨) ଆଉଟ୍ ହୋଇଥିଲେ। ଏଭଳି ସଙ୍କଟଜନକ ପରିସ୍ଥିତିରେ କାମଚଳା ଅଧିନାୟକ ରଶିଦ ଖାନ ଓ ରାବାଡା ଅଷ୍ଟମ ଉଇକେଟରେ ୨୯ ବଲରେ ୪୩ ରନ ଯୋଡ଼ିଥିଲେ। ହେଲେ ତାହା ଦଳକୁ ଜିତାଇବା ପାଇଁ ଯଥେଷ୍ଟ ନ ଥିଲା। ଗୁଜରାଟ ଶେଷ ପର୍ଯ୍ୟନ୍ତ ଖେଳିବା ସତ୍ତ୍ୱେ ୮ ଉଇକେଟ ହରାଇ ୨୦୪ ରନ କରିବାକୁ ସକ୍ଷମ ହୋଇଥିଲା। ରଶିଦ ୧୬ ବଲରେ ୨୪ (୩ ଚୌକା) ରନ କରି ଆଉଟ୍ ହୋଇଥିବା ବେଳେ ରାବାଡା ୧୬ ବଲରେ ୨୩ (୧ ଚୌକା ଓ ୨ ଛକା) ରନ କରି ଅପରାଜିତ ରହିଥିଲେ। ବିଜୟୀ ରାଜସ୍ଥାନ ଲାଗି ବିଷ୍ଣୋଇ ୪ ଉଇକେଟ ନେଇଥିବା ବେଳେ ନାନ୍ଦ୍ରେ ବର୍ଗର, ତୁଷାର ଦେଶପାଣ୍ଡେ ଓ ଅଧିନାୟକ ରିୟାନ ପରାଗ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ରାଜସ୍ଥାନ ରୟାଲ୍ସ: ୨୦ ଓଭରରେ ୨୧୦/୬ (ଧ୍ରୁବ ଜୁରେଲ-୭୫, ଯଶସ୍ୱି ଜୟସ୍ୱାଲ-୫୫, ବୈଭବ ସୂର୍ଯ୍ୟବଂଶୀ-୩୧, କାଗିସୋ ରାବାଡା-୨/୪୨, ଅଶୋକ କୁମାର-୧/୩୭)। ଗୁଜରାଟ ଟାଇଟନ୍ସ: ୨୦ ଓଭରରେ ୨୦୪/୮ (ସାଇ ସୁଦର୍ଶନ-୭୩, ଜୋସ ବଟଲର-୨୬, ରବି ବିଷ୍ଣୋଇ-୪/୪୧, ରିୟାନ ପରାଗ-୧/୧୧)।

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)

ହାଇଦ୍ରାବାଦ ବନାମ ଲକ୍ଷ୍ନୌ
ସ୍ଥାନ: ହାଇଦ୍ରାବାଦ
ସମୟ: ଅପରାହ୍ନ ୩ଟା ୩୦

ବେଙ୍ଗାଲୁରୁ ବନାମ ଚେନ୍ନାଇ
ସ୍ଥାନ: ବେଙ୍ଗାଲୁରୁ
ସମୟ: ସନ୍ଧ୍ୟା ୭ଟା ୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

# ହାର୍ଦ୍ଦିକ ଅସୁସ୍ଥ

**ନୂଆଦିଲ୍ଲୀ,୪।୪**

ଦିଲ୍ଲୀ କ୍ୟାପିଟାଲ୍ସ (ଡିସି) ବିପକ୍ଷରେ ଶନିବାର ଖେଳାଯାଇଥିବା ଆଇପିଏଲ୍ ମ୍ୟାଚ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ (ଏମ୍‌ଆଇ) ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ଖେଳି ନ ଥିଲେ। ସେ ଅସୁସ୍ଥତା କାରଣରୁ ଉପଲବ୍ଧ ନ ଥିବା ଟସ୍ ପୂର୍ବରୁ ଘୋଷଣା କରାଯାଇଥିଲା। ତାଙ୍କ ଅନୁପସ୍ଥିତିରେ ଭାରତୀୟ ଟି୨୦ ଦଳର ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଦଳର ଦାୟିତ୍ୱ ତୁଲାଇଥିଲେ।

## ବିସିସିଆଇ ସହ ସମ୍ପର୍କରେ ସୁଧାର ଆଣିବାକୁ ବିସିବିର ଉଦ୍ୟମ

**ଢାକା, ୪।୪ (ପି.ଟି.)**

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସହିତ ସମ୍ପର୍କରେ ସୁଧାର ଆଣିବା ଲାଗି ବାଂଲାଦେଶ କ୍ରିକେଟ ବୋର୍ଡ (ବିସିବି) ତରଫରୁ ଉଦ୍ୟମ ଆରମ୍ଭ ହୋଇଛି। ଭାରତରେ ଅନୁଷ୍ଠିତ ଟି୨୦ ବିଶ୍ୱକପ୍‌ରୁ ଓହରିଯିବା ପରେ ଦୁଇ କ୍ରିକେଟ ବୋର୍ଡ ମଧ୍ୟରେ ରହିଥିବା ସମ୍ପର୍କରେ ତିକ୍ତତା ଦେଖା ଦେଇଥିଲା। ସେପ୍ଟେମ୍ବରରେ ପ୍ରସ୍ତାବିତ ବାଂଲାଦେଶକୁ ଭାରତର ହ୍ୱାଇଟ୍ ବଲ ଟୁର୍‌କୁ କାର୍ଯ୍ୟକାରୀ କରିବା ଲାଗି ବିସିବି କଥାବାର୍ତ୍ତା ଆରମ୍ଭ କରିବ। ଖବର ଅନୁସାରେ ବିସିବି ସଭାପତି ଅମିନୁଲ ଇସ୍‌ଲାମ ବୁଲ୍‌ବୁଲ୍‌ଙ୍କ କାର୍ଯ୍ୟକାଳ ଖୁବ୍ ଶୀଘ୍ର ଶେଷ ହୋଇଯିବ। ତାଙ୍କ ପରେ ଏକ ଅନ୍ତରୀଣ ବୋର୍ଡ ଭାରତୀୟ କ୍ରିକେଟ ବୋର୍ଡ ସହିତ କଥାବାର୍ତ୍ତା ଆରମ୍ଭ କରିପାରେ। ବିଶ୍ୱାସ କରାଯାଏ ଯେ, ବିସିସିଆଇ ମୁସ୍ତାଫିଜୁର ରହମନଙ୍କୁ ଆଇପିଏଲ୍‌ରେ ଖେଳିବା ଲାଗି ଅନୁମତି ନ ଦେବାରୁ କ୍ରୀଡ଼ା ମନ୍ତ୍ରଣାଳୟର ଉପଦେଷ୍ଟା ଏବଂ ଭାରତ ବିରୋଧୀ କଠୋରପନ୍ଥୀ ଅସିଫ ନଜରୁଲ୍ ସୁରକ୍ଷାଗତ କାରଣ ଦର୍ଶାଇ ଭାରତକୁ ଦଳ ନ ପଠାଇବା ଲାଗି ନିଷ୍ପତ୍ତି ନେଇଥିଲେ। ବିସିବି ଏହାର ମ୍ୟାଚଗୁଡ଼ିକୁ ଶ୍ରୀଲଙ୍କା ସ୍ଥାନାନ୍ତର କରିବା ଲାଗି ନିଷ୍ପତ୍ତି ନେଇଥିଲା, କିନ୍ତୁ ଆଇସିସି ଏହାକୁ ଯଥାର୍ଥ ବୋଲି ମନେକରି ନ ଥିଲା। ଭାରତରେ ସୁରକ୍ଷାଜନିତ କୌଣସି ସମସ୍ୟା ନ ଥିବା ଦର୍ଶାଇଥିଲା। ଭାରତ-ବାଂଲାଦେଶ କ୍ରିକେଟ ସମ୍ପର୍କ ପାରମ୍ପରିକ ଭାବେ ସୌହାର୍ଦ୍ଦପୂର୍ଣ୍ଣ ରହି ଆସିଛି। ମାତ୍ର ସାମ୍ପ୍ରତିକ ଘଟଣାକ୍ରମରେ ଏଥିରେ ଅବନତି ପରିଲକ୍ଷିତ ହୋଇଛି। ବିସିସିଆଇର ଏକ ସୂତ୍ରରୁ ଜଣାପଡ଼ିଛି ଯେ, ବିସିବି ଇତିମଧ୍ୟରେ ଏକ ଚିଠି ଭାରତୀୟ କ୍ରିକେଟ ବୋର୍ଡକୁ ପଠାଇଛି। କେବଳ ସେପ୍ଟେମ୍ବରରେ ଭାରତୀୟ ପୁରୁଷ ଦଳର ବାଂଲାଦେଶକୁ ଏକ ହ୍ୱାଇଟ୍ ବଲ୍ ଟୁର୍ ନୁହେଁ, ଆସନ୍ତାବର୍ଷ ବିସିବି ଆୟୋଜନ କରୁଥିବା ପୁରୁଷ ୫୦-ଓଭର ଏସିଆ କପ୍‌ରେ ଭାରତର ଅଂଶଗ୍ରହଣ ପ୍ରସଙ୍ଗ ସମ୍ପର୍କରେ ଏଥିରେ ଉଲ୍ଲେଖ ରହିଛି। ଖବର ଅନୁସାରେ ବିସିବି ଏହାର ଆର୍ଥିକ ଅବସ୍ଥାରେ ସୁଧାର ଆଣିବା ଅଭିପ୍ରାୟ ନେଇ ଭାରତ ବିପକ୍ଷ ୬ ହ୍ୱାଇଟ ବଲ୍ ମ୍ୟାଚ ଆୟୋଜନ କରିବା ଲାଗି ଖୁବ୍ ଆଗ୍ରହୀ। ଡିଜିଟାଲ ବ୍ରଡ୍‌କାଷ୍ଟ ଅଧିକାର ବିକ୍ରି ଦ୍ୱାରା ବୋର୍ଡ ଅର୍ଥ ଉପାର୍ଜନ କରିପାରିବ।



ବ୍ୟାଙ୍କକ୍‌ରେ ଆୟୋଜିତ ବିଶ୍ୱ ତୀରନ୍ଦାଜୀ ପାରା ସିରିଜ୍-୨୦୨୬ରେ ସ୍ୱର୍ଣ୍ଣପଦକ ବିଜୟିନୀ ପାୟଲ ନାଗଙ୍କ ସହ କୋଚ୍ ଅଭିଳାଷା ଚୌଧୁରୀ।

# ଭେଟେରାନ ସ୍ପୋର୍ଟ୍ସ ଜର୍ନାଲିଷ୍ଟ ସନ୍ତୋଷ ସୁରିଙ୍କ ପରଲୋକ

**ଭୁବନେଶ୍ୱର, ୪।୪ (ବିଜୟ ରଣା)**

ଲକ୍ଷ୍ନୌର ଭେଟେରାନ ସ୍ପୋର୍ଟ୍ସ ଜର୍ନାଲିଷ୍ଟ ସନ୍ତୋଷ ସୁରିଙ୍କର ଶନିବାର ସକାଳେ ହୃଦ୍‌ଘାତରେ ପରଲୋକ ଘଟିଛି। ତାଙ୍କୁ ୬୮ବର୍ଷ ବୟସ ହୋଇଥିଲା। ସୁରିଙ୍କ ବିୟୋଗରେ ସ୍ପୋର୍ଟ୍ସ ଜର୍ନାଲିଷ୍ଟ ଆସୋସିଏଶନ ଅଫ୍ ଇଣ୍ଡିଆ (ଏସ୍‌ଜେଏଫ୍‌ଆଇ) ତରଫରୁ ଗଭୀର ଶୋକ ପ୍ରକାଶ କରିଛି। ତାଙ୍କ ଆତ୍ମାର ସଦ୍‌ଗତି କାମନା କରିବା ସହ ତାଙ୍କ ଶୋକସନ୍ତପ୍ତ ପରିବାରପ୍ରତି ସମବେଦନା ଜ୍ଞାପନ କରିଛି। ସୁରି ଅବସର ନେବା ପର୍ଯ୍ୟନ୍ତ ଟାଇମ୍ସ ଅଫ୍ ଇଣ୍ଡିଆରେ କାର୍ଯ୍ୟକରୁଥିଲେ। ପରେ ସେ ମିଡ୍-ଡେ' ସହିତ ଜଡ଼ିତ ଥିଲେ। ସେ ଜଣେ ଭଲ କ୍ରିକେଟର ଥିଲେ। ସେ ନିୟମିତ ଜେକେ ବୋଷ କ୍ରିକେଟରେ ଅଂଶଗ୍ରହଣ କରୁଥିଲେ। ସେ ଉତ୍ତରାଞ୍ଚଳ ଦଳରୁ ପ୍ରତିନିଧିତ୍ୱ କରିଥିଲେ। ଦଳର ସେ ଇନ୍‌ସୁଇଙ୍ଗ ଓପନିଂ ବୋଲର ଥିଲେ।

# ଶ୍ରେୟଶ ଆୟରଙ୍କୁ ଜରିମାନା

**ଚେନ୍ନାଇ, ୪।୪ (ପି.ଟି.)**

ସ୍ଥାନୀୟ ଏମ୍.ଏ. ଚିଦାମ୍ବରମ ଷ୍ଟାଡିୟମରେ ଚେନ୍ନାଇ ସୁପର କିଙ୍ଗ୍ସ ବିପକ୍ଷ ଆଇପିଏଲ୍ ମ୍ୟାଚରେ ଏକ ସ୍ଲୋ-ଓଭର ରେଟ୍ ପାଇଁ ପଞ୍ଜାବ କିଙ୍ଗ୍ସ ଅଧିନାୟକ ଶ୍ରେୟସ ଆୟରଙ୍କୁ ୨୪ ଲକ୍ଷ ଟଙ୍କା ଜରିମାନା କରାଯାଇଛି। ଶୁକ୍ରବାର ଅନୁଷ୍ଠିତ ଏହି ମ୍ୟାଚରେ ଗତ ସିଜନର ରନରଅପ୍ ପଞ୍ଜାବ ୫ଥର ଚାମ୍ପିୟନ ଚେନ୍ନାଇ ସୁପର କିଙ୍ଗ୍ସକୁ ୫ ଉଇକେଟରେ ହରାଇ ଚଳିତ ସିଜନରେ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ପଞ୍ଜାବ ଚଳିତ ସିଜନରେ ଆଇପିଏଲ୍ ଆଚରଣବିଧି ଧାରା ୨.୨୨ ଅଧୀନରେ ଦ୍ୱିତୀୟ ଅପରାଧ କରିଥିବାରୁ ଅଧିକ ଦଣ୍ଡ ବିଧାନ କରାଯାଇଛି। ଆୟରଙ୍କୁ ୨୪ ଲକ୍ଷ ଟଙ୍କା ଜରିମାନା କରାଯାଇଥିବା ଆପିଏଲ ତରଫରୁ ଗଣମାଧ୍ୟମକୁ ସୂଚନା ଦିଆଯାଇଛି। ଇମ୍ପାକ୍ଟ ଖେଳାଳିଙ୍କ ସମେତ ଚୂଡ଼ାନ୍ତ ଏକାଦଶର ସମସ୍ତ ସଦସ୍ୟ ଭାରତୀୟ ମୁଦ୍ରାରେ ୬ ଲକ୍ଷ ଟଙ୍କା କିମ୍ବା ସେମାନଙ୍କ ମ୍ୟାଚ୍ ଫି'ର ୨୫ ପ୍ରତିଶତ ଯାହା କମ୍ ହେବ ତାହା ଜରିମାନା କରାଯିବ ବୋଲି କୁହାଯାଇଛି।

# ୟୁନିଟ୍-୬ ଫୁଟ୍‌ବଲ ଗ୍ରାଉଣ୍ଡ ପରିଦର୍ଶନ କଲେ କ୍ରୀଡ଼ାମନ୍ତ୍ରୀ

**ଭୁବନେଶ୍ୱର, ୪।୪ (ତପନ ସ୍ୱାଇଁ)**

ରାଜ୍ୟର ଅନ୍ୟତମ ଅଗ୍ରଣୀ କ୍ରୀଡ଼ାନୁଷ୍ଠାନ ୟୁନିଟ୍-୬ର ଫୁଟବଲ୍ ଗ୍ରାଉଣ୍ଡକୁ ଶନିବାର ପରିଦର୍ଶନ କରିଛନ୍ତି କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ଭାଜପା ନେତା ଜଗନ୍ନାଥ ପ୍ରଧାନ। ଏହି ଅବସରରେ ଅନୁଷ୍ଠିତ ବୈଠକରେ ପୂର୍ବତନ କର୍ପୋରେଟର ପ୍ରଣବ କୁମାର ସ୍ୱାଇଁ, କ୍ଲବର ସମ୍ପାଦକ ଦିଲ୍ଲୀପ କୁମାର ଦାସ, ବରିଷ୍ଠ ସଦସ୍ୟ ମଧୁସୂଦନ ରେଡ୍ଡୀ ଏବଂ ଅନ୍ୟାନ୍ୟ ସଦସ୍ୟ ଉପସ୍ଥିତ ଥିଲେ। ଆଲୋଚନା ସମୟରେ କ୍ରୀଡ଼ାମନ୍ତ୍ରୀ ୟୁନିଟ-୬ ଗ୍ରାଉଣ୍ଡର ବିକାଶ ଏବଂ ଏଥିପାଇଁ ଆବଶ୍ୟକ ସୁବିଧା ପାଇଁ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି। ସମ୍ପ୍ରତି ଚାଲୁ ରହିଥିବା ଗ୍ରାଉଣ୍ଡ କାର୍ଯ୍ୟ, ଚାରିପାଖରେ ପାଚେରି, ପର୍ଯ୍ୟାପ୍ତ ଆଲୋକୀକରଣ ଏବଂ ନିର୍ମାଣାଧୀନ କ୍ଲବ ଘରର କାର୍ଯ୍ୟ ଠିକ୍ ସମୟରେ ସରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏହା ବ୍ୟତୀତ ନିରାପତ୍ତା ପାଇଁ ଜଣେ ଉତ୍ସର୍ଗୀକୃତ ସିକ୍ୟୁରିଟି ଗାର୍ଡ ବ୍ୟବସ୍ଥା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା। କ୍ରୀଡ଼ାପ୍ରେମୀ ଏବଂ ସ୍ଥାନୀୟ ଲୋକଙ୍କ ବ୍ୟବହାର ପାଇଁ ଗ୍ରାଉଣ୍ଡ ଚାରିପାଖରେ ଦୌଡ଼ିବା ଲାଗି ଏକ ପାଥ୍‌ୱେ ପାଇଁ ପ୍ରସ୍ତାବ ଦିଆଯାଇଥିଲା। କ୍ରୀଡ଼ାମନ୍ତ୍ରୀଙ୍କ ଏହି ପରିଦର୍ଶନ କ୍ରୀଡ଼ା ଭିତ୍ତିଭୂମିକୁ ମଜଭୁତ କରିବା ଦିଗରେ ଏକ ସକାରାତ୍ମକ ପଦକ୍ଷେପ ହେବ ବୋଲି କ୍ଲବ ପକ୍ଷରୁ ଆଶା ପ୍ରକାଶ କରାଯାଇଛି।


ୟୁନିଟ୍-୬ ଫୁଟ୍‌ବଲ ଗ୍ରାଉଣ୍ଡ ପରିଦର୍ଶନ ଅବସରରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ଅନ୍ୟମାନେ।

# ଭାରତୀୟ ଦଳରେ କିସ୍‌ର ୪ ଆଦିବାସୀ ଖେଳାଳି


ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବାକୁ ମନୋନୀତ ହୋଇଥିବା କିସ୍‌ର ୪ ଖେଳାଳିଙ୍କ ସହ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ।

**ଭୁବନେଶ୍ୱର, ୪।୪ (ତପନ ସ୍ୱାଇଁ)**

## ୧୪ ବର୍ଷରୁ କମ୍ ଫିଡେ ୱାର୍ଲ୍ଡ ଚେସ୍

କାଜାଖସ୍ତାନର ଅଲ୍‌ମାଟିଠାରେ ୧୪ ବର୍ଷରୁ କମ୍ ଫିଡେ ଆଇଏସ୍‌ସିଏଫ୍ ବିଶ୍ୱ ସ୍କୁଲ ଟିମ୍ ଚେସ୍ ଚାମ୍ପିୟନଶିପ୍ ଚଳିତ ମାସ ୬ରୁ ୧୧ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ସମ୍ମାନଜନକ ପ୍ରତିଯୋଗିତା ପାଇଁ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ ଅଫ୍ ସୋସିଆଲ ସାଇନ୍ସେସ (କିସ୍)ର ୪ ଆଦିବାସୀ ଖେଳାଳି ଭାରତୀୟ ମହିଳା ଦଳରେ ସ୍ଥାନ ପାଇଛନ୍ତି। ଏହି ଖେଳାଳିମାନେ ହେଲେ ମୋହିନୀ ନାଏକ, ମୋନାଲିସା ଭୋଇ, ଶ୍ରେୟା ନାୟକ ଓ ହୁମେଶ୍ୱରୀ ମଲିକ। ମହିଳା ବର୍ଗରେ ଗୋଟିଏ ଅନୁଷ୍ଠାନରୁ ସମସ୍ତ ୪ ଜଣ ଯାକ ଖେଳାଳି ଭାରତୀୟ ଦଳ ପକ୍ଷରୁ ପ୍ରତିନିଧିତ୍ୱ କରିବା ଏକ ବଡ଼ ସଫଳତା ବୋଲି ବିବେଚନା କରାଯାଉଛି। କିଟ୍ ଓ କିସ୍‌ର ଚେସ୍ କୋଚ୍ ଗୌରହରି ମହାପାତ୍ରଙ୍କୁ ଭାରତୀୟ ଦଳର ପ୍ରଶିକ୍ଷକ ନିଯୁକ୍ତ କରାଯାଇଛି। ଏହା ବ୍ୟତୀତ କିଟ୍ ବିଶ୍ୱବିଦ୍ୟାଳୟର ଯୁଗ୍ମ କ୍ରୀଡ଼ା ନିର୍ଦ୍ଦେଶକ ରଶ୍ମିତା ମହାନ୍ତି ପ୍ରତିନିଧି ଦଳର ମୁଖ୍ୟ ରହିବେ। ପ୍ରକାଶଯୋଗ୍ୟ ଯେ, ବର୍ଷ ଆରମ୍ଭରେ କିଟ୍‌ରେ ସାମାଜିକ ଏବଂ ଶିକ୍ଷାଗତ ଚେସ୍ ଉପରେ ଅନୁଷ୍ଠିତ ଫିଡେର ଗ୍ଲୋବାଲ୍ ସମ୍ମିଳନୀ ଭାରତୀୟ ମହିଳା ଦଳର ସାମିଲ ସୁଯୋଗକୁ ସୁଦୃଢ଼ କରିଥିଲା। ତୃଣମୂଳ ସ୍ତରରେ ଚେସର ପ୍ରୋତ୍ସାହନରେ ଏହାର ଗୁରୁତ୍ୱପୂର୍ଣ୍ଣ ଅବଦାନକୁ ସ୍ୱୀକୃତି ଦେଇ ଫିଡେ ଚାମ୍ପିୟନଶିପରେ ଅଂଶଗ୍ରହଣ ପାଇଁ ଭାରତୀୟ ମହିଳା ସ୍କୁଲ ଦଳକୁ ୱାଇଲ୍ଡକାର୍ଡ ପ୍ରଦାନ କରିଛି। ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବାକୁ ମନୋନୀତ ହୋଇଥିବା ଖେଳାଳି ଓ କୋଚ୍‌ଙ୍କୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି।

1-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ